# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ (୨୦ ପୃଷ୍ଠା) Bhubaneswar, Tuesday, April 16/2019 ★★★★★★

୪୫ଶ ଭାଗ ୧୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଜିଲ୍ଲାର ସ୍ୱତନ୍ତ୍ର ବିକାଶ ପାଇଁ ପ୍ରତିବଦ୍ଧତା

# ଜୁହାର

## ବରଗଡ, ଝାରସୁଗୁଡା, ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ ବୌଦ୍ଧ

ଜିଲ୍ଲା ପାଇଁ ୫୦% ମହିଳା ସଦସ୍ୟଙ୍କୁ ନେଇ

## 'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'।



ବିକାଶର ପ୍ରକୃତ **ଡବଲ ଇଂଜିନ୍**

ମହିଳାଙ୍କ ସଶକ୍ତିକରଣ ପାଇଁ ପ୍ରତିବଦ୍ଧତା

- 'ମିଶନ ଶକ୍ତି' ମହିଳାଙ୍କୁ ୫ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ
- ବିନା ସୁଧରେ ୫ଲକ୍ଷ ଟଙ୍କାର ଋଣ
- କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା
- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା

**ନବୀନ ଓଡ଼ିଶା**
**ସଶକ୍ତ ଓଡ଼ିଶା**

ବିଜୁ ଜନତା ଦଳ
ପ୍ରତିଶ୍ରୁତି ନୁହେଁ ପ୍ରତିବଦ୍ଧତା

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।



ଭାଜପା କିମ୍ବା କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବା ସମ୍ଭାବନା ନ ଥିବାରୁ ଦେଶ ମେଣ୍ଟ ସରକାର ଆଡ଼କୁ ମୁହାଁଉଛି।
- ସିଦ୍ଧାରାମାୟା, ବରିଷ୍ଠ କଂଗ୍ରେସ ନେତା

# ବିଗୁଡ଼ୁଛି ନେତାଙ୍କ ତୁଣ୍ଡ

ସାଧାରଣ ନିର୍ବାଚନ ପାଇଁ ପ୍ରଚାର ସରଗରମ। କ୍ଷମତା ପାଇଁ ମଇଦାନରେ ପ୍ରାର୍ଥୀ। ମତଦାତାଙ୍କୁ ଆକର୍ଷିତ କରିବା ଲାଗି ସବୁ ଦଳ ଓହ୍ଲାଇଛନ୍ତି ଷ୍ଟାର୍ କ୍ୟାମ୍ପେନରଙ୍କୁ। ହେଲେ ରାଜନୀତିର କାଦୁଅଫିଙ୍ଗା ଏଭଳି ନିମ୍ନସ୍ତରକୁ ଚାଲିଯାଇଛି ଯେ ବଡ଼ ବଡ଼ ନେତାଙ୍କ ପାଟିରେ ବି ଲଗାମ ରହୁନାହିଁ। ମୂଳ ପ୍ରସଙ୍ଗରୁ ଓହରି ବିବାଦୀୟ ତଥା ଆପତ୍ତିଜନକ ମନ୍ତବ୍ୟ ଦେବା ଏବେ ଏକ ଟ୍ରେଣ୍ଡ (ଧାରା)ରେ ପରିଣତ ହୋଇଯାଇଛି। ଏପରି କି ନିର୍ବାଚନ କମିଶନ ଓ ଅଦାଲତି ଅଙ୍କୁଶ ବି କାମ କରୁନି ଏମାନଙ୍କ ଉପରେ। ଫଳରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କରିବାରେ ଦ୍ୱନ୍ଦ୍ୱରେ ପଡ଼ୁଛନ୍ତି ଭୋଟର।

■ ରାଫାଲ ରାୟ ପରେ 'ଚୋର' ମନ୍ତବ୍ୟ

## ରାହୁଲଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୫।୪(ପି.ଟି./ଆଇଏଏନ୍ଏସ୍)**

ରାଫାଲ ରାୟରେ ସୁପ୍ରିମକୋର୍ଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଚୋର' କହି ନ ଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହାର ଭୁଲ୍ ବ୍ୟାଖ୍ୟା କରି ଅଡୁଆରେ ଫସିଛନ୍ତି। ସର୍ବୋଚ୍ଚ ଅଦାଲତ ଏଥିପାଇଁ ଆସନ୍ତା ୨୨ ସୁଦ୍ଧା ସ୍ୱଷ୍ଟୀକରଣ ଦେବାକୁ ରାହୁଲଙ୍କୁ ନୋଟିସ କରିଛନ୍ତି।

ରାଫାଲ ଯୁଦ୍ଧବିମାନ ଚୁକ୍ତି ପ୍ରସଙ୍ଗରେ ୨୦୧୮ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନର୍ବିଚାର କରିବା ସମୟରେ 'ପ୍ରଘଟ' ଦସ୍ତାବିଜକୁ ଗ୍ରହଣ କରାଯିବ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ଏହାକୁ ନେଇ ରାହୁଲ କହିଥିଲେ, ରାଫାଲ ଦୁର୍ନୀତି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି ଏବଂ ଚୁକ୍ତିକୁ ନେଇ ଏବେ ତଦନ୍ତ ହେବ। 'ଚୌକିଦାର ଚୋର ହେ' ବୋଲି ସୁପ୍ରିମକୋର୍ଟ ମାନିଛନ୍ତି। ପ୍ରଧାନମନ୍ତ୍ରୀ ରାଫାଲ ଦୁର୍ନୀତି ପ୍ରସଙ୍ଗରେ ତାଙ୍କ ସହ ବିତର୍କ ପାଇଁ ସ୍ଥାନ ଓ ତାରିଖ ବାଛନ୍ତୁ ବୋଲି ରାହୁଲ ଚ୍ୟାଲେଞ୍ଜ ଦେଇଥିଲେ। ଏହାକୁ ନେଇ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଇସିଙ୍କୁ ଭେଟିଥିଲେ। ଏହାସହ ବରିଷ୍ଠ ଭାଜପା ନେତା ମୀନାକ୍ଷୀ ଲେଖି ସୁପ୍ରିମକୋର୍ଟରେ ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସୋମବାର ଏହାର ଶୁଣାଣି କରି କହିଛନ୍ତି, ରାଫାଲ ରାୟର ପୁନର୍ବିଚାର ପାଇଁ ଅଦାଲତ ରାଜି ହେବାବେଳେ କେଉଁଠାରେ ବି ଏପରି କହିନାହାନ୍ତି। ତେଣୁ ରାହୁଲ ୨୨ ତାରିଖ ସୁଦ୍ଧା ନିଜର ସ୍ୱଷ୍ଟୀକରଣ ଦିଅନ୍ତୁ। ୨୩ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ରାହୁଲଙ୍କୁ ପୁଣି ଟାର୍ଗେଟ କରିଛି ଭାଜପା। ରାହୁଲ ପ୍ରଧାନମନ୍ତ୍ରୀଙ୍କ ମାନହାନି କରିଥିବାରୁ କ୍ଷମାମାଗନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଦାବି କରିଛନ୍ତି।

■ ଜୟପ୍ରଦାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

## ଆଜମ୍ ଖାନ୍‌ଙ୍କ ନାଁରେ ମାମଲା

**ନୂଆଦିଲ୍ଲୀ,୧୫।୪(ପି.ଟି.)**

ଉତ୍ତରପ୍ରଦେଶର ରାମପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଜୟପ୍ରଦାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଛନ୍ତି ମେଣ୍ଟ ପ୍ରାର୍ଥୀ ଆଜମ୍ ଖାନ୍। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଆଜମ୍‌ଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାଚନ କମିଶନ (ଇସି)ଙ୍କୁ ଅନୁରୋଧ କରିଥିଲେ। ଇସି ଆଜମ୍‌ଙ୍କ ନିର୍ବାଚନୀ ପ୍ରଚାର ଉପରେ ୭୨ ଘଣ୍ଟା ପାଇଁ କଟକଣା ଜାରି କରିଛନ୍ତି। ଫଳରେ ସେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ୩ ଦିନ ଯାଏ କୌଣସି ସଭାସମିତିରେ ଯୋଗଦେଇ ପାରିବେ ନାହିଁ।

ରାମପୁରର ଏକ ନିର୍ବାଚନୀ ସଭାରେ ରବିବାର ସମାଜବାଦୀ ପାର୍ଟି (ଏସ୍‌ପି)ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଆଜମ୍ ଖାନ୍ ଜୟପ୍ରଦାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେ ଲୋକଙ୍କୁ କହିଥିଲେ, ରାମପୁରବାସୀ ଓ ଭାରତର ଲୋକଙ୍କୁ ତାଙ୍କ ପ୍ରକୃତ ରୂପ ଜାଣିବା ପାଇଁ ୧୭ ବର୍ଷ ଲାଗିଗଲା। କିନ୍ତୁ ସେ ଖାକି ଅଣ୍ଡରୱେର ପିନ୍ଧନ୍ତି ବୋଲି ମୁଁ ୧୭ ଦିନରେ ଜାଣିପାରିଥିଲି। ଏହାକୁ ନେଇ ଏନ୍‌ସିଡବ୍ଲ୍ୟୁ କହିଛନ୍ତି, ଆଜମ୍ ଖାନ୍‌ଙ୍କ ମନ୍ତବ୍ୟ ଅପମାନଜନକ, ଅନୈତିକ ଓ ମହିଳାଙ୍କ ମର୍ଯ୍ୟାଦା ପ୍ରତି ଅସମ୍ମାନ। ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ରାମପୁର ଥାନାରେ ମଧ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଜୟପ୍ରଦା କହିଛନ୍ତି, ସେ ଏଥିରେ ଭୟଭୀତ ହୋଇ ରାମପୁର ଛାଡ଼ି ଯିବେନାହିଁ। ଆଜମ୍ ଖାନ୍ ତାଙ୍କ ପରିବାରର ମହିଳାଙ୍କ ପ୍ରତି ମଧ୍ୟ ଏପରି ଭାଷା ପ୍ରୟୋଗ କରନ୍ତି କି ବୋଲି ଜୟପ୍ରଦା ପ୍ରଶ୍ନ କରିଛନ୍ତି। ବିବାଦ ସୃଷ୍ଟି ହେବା ପରେ ଆଜମ୍ ଖାନ୍ କହିଛନ୍ତି, ସେ ଭାଷଣ ଦେବାବେଳେ କାହା ନାମ ଧରିନାହାନ୍ତି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଆଜମ୍‌ଙ୍କ ମନ୍ତବ୍ୟକୁ ନେଇ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀ ନୀରବ ରହିବା ସେମାନଙ୍କ ପାଇଁ ଲଜ୍ଜାଜନକ କଥା। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ ଓ ସ୍ମୃତି ଇରାନୀ ଏବଂ ରାଜ୍ୟ ସଭା ସଦସ୍ୟ ଅମର ସିଂ ମଧ୍ୟ ଆଜମ୍‌ଙ୍କ ମନ୍ତବ୍ୟକୁ ନେଇ କଡ଼ାନିନ୍ଦା କରିବା ସହ ତାଙ୍କୁ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା ପାଇଁ ଦାବି କରିଛନ୍ତି।

**ପ୍ରଚାର ଉପରେ ୭୨ ଘଣ୍ଟିଆ କଟକଣା ଜାରି କଲେ ଇସି**



ପାଟନାରେ ଆଜମ୍ ଖାନ୍‌ଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି ଭାଜପା ମହିଳା ମୋର୍ଚ୍ଚା କର୍ମୀ।

■ ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ବାୟୋପିକ୍ ଦେଖି ରିପୋର୍ଟ ଦିଅ

**ନୂଆଦିଲ୍ଲୀ,୧୫।୪**



ନିର୍ବାଚନ କମିଶନ 'ପିଏମ୍ ନରେନ୍ଦ୍ର ମୋଦି' ଫିଲ୍ମ ଦେଖି ସପ୍ତାହେ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଫିଲ୍ମ ପ୍ରଯୋଜକ ସନ୍ଦୀପ ସିଂଙ୍କ ଦ୍ୱାରା ଦାଏର ଆବେଦନ ବିଚାରକୁ ନେଇ ଏହି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨ରେ ହେବ।


ନିର୍ବାଚନ କମିଶନ ଉକ୍ତ ଫିଲ୍ମ ଦେଖିଛନ୍ତି କି ନାହିଁ ସେ ସମ୍ପର୍କରେ ଅଦାଲତ କମିଶନଙ୍କ ଓକିଲଙ୍କୁ ପ୍ରଶ୍ନ କରିଥିଲେ। ପ୍ରଯୋଜକଙ୍କ ପକ୍ଷରୁ ଆଇନଜୀବୀ ମୁକୁଲ ରୋହତ୍‌ଗୀ ଏକ ସତ୍ୟପାଠ ଦାଖଲକରି ଦର୍ଶାଇଥିଲେ, ଇସି ଫିଲ୍ମକୁ ଆଦୌ ନ ଦେଖି ରିଲିଜ ଉପରେ କଟକଣା ଜାରି କରିଛନ୍ତି। ଏହାପରେ ଖଣ୍ଡପୀଠ ଫିଲ୍ମ ଦେଖି ରିପୋର୍ଟ ଦାଖଲ କରିବାକୁ ସମ୍ପୃକ୍ତ ଓକିଲଙ୍କୁ ପରାମର୍ଶ ଦେଇଥିଲେ।

ଆବେଦନକାରୀ ଦର୍ଶାଇଛନ୍ତି ଯେ, ଫିଲ୍ମ ରିଲିଜ ବନ୍ଦ ଲାଗି କମିଶନଙ୍କ ନିର୍ଦ୍ଦେଶ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ବାକ୍ ସ୍ୱାଧୀନତାର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ବର୍ତ୍ତମାନ ନିର୍ବାଚନ ଚାଲିଥିବାବେଳେ ମୋଦିଙ୍କ ବାୟୋପିକ୍ ରିଲିଜ୍ ବନ୍ଦ ପାଇଁ ଗତ ସପ୍ତାହରେ ନିର୍ବାଚନ କମିଶନ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ବିବେକ ଓବେରୟଙ୍କ ଅଭିନୀତ ଏହି ଫିଲ୍ମ ୧୧ରେ ରିଲିଜ ହେବାର ଥିଲା।

## ଜୋଷୀଙ୍କ ନାଁରେ ଜାଲ୍ ଚିଠି

**ମୁମ୍ବାଇ,୧୫।୪(ପି.ଟି.)**

**ଇସି ତଦନ୍ତ ଦାବି**



ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀଙ୍କ ନାମରେ ମିଥ୍ୟା ଚିଠି ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ନିର୍ବାଚନ କମିଶନ (ଇସି) ଏହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଦଳର ସର୍ବବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଲେଖାଯାଇଥିବା ଏହି ଜାଲ୍ ଚିଠି କିଛିଦିନ ହେଲା ପ୍ରସାରିତ ହେଉଛି। ଜୋଷୀ ଏଭଳି ଚିଠି ଲେଖି ନ ଥିବା ମୁଖ୍ୟ ନିର୍ବାଚନ କମିଶନ ସୁନୀଲ ଅରୋରାଙ୍କୁ ଜଣାଇବା ସହ ତଦନ୍ତ ଦାବି କରିଛନ୍ତି।

ଜୋଷୀ ଓ ଆଡଭାନୀ ଭାଜପାର ପ୍ରତିଷ୍ଠାତା ଏବଂ ୨୦୧୪ ନିର୍ବାଚନରେ ଉଭୟ କାନପୁର ଓ ଗାନ୍ଧୀନଗର ଆସନରୁ ଜିତିଥିଲେ। ଏଥର ଦୁହିଁଙ୍କୁ ଟିକେଟ ମିଳିନାହିଁ।

## ରାହୁଲଙ୍କୁ ଅଶ୍ଳୀଳ ଭାଷାରେ ଗାଳି କଲେ ହିମାଚଳ ପ୍ରଦେଶ ଭାଜପା ସଭାପତି

**ଶିମ୍‌ଲା,୧୫।୪**

**ଭିଡିଓ ଭାଇରାଲ**



ସତ୍‌ପାଲ ସିଂ ସତ୍ତୀ

କ୍ଷମତା ରାଜନୀତିରେ ଅରୋପ-ପ୍ରତ୍ୟାରୋପ କେତେ ନିମ୍ନସ୍ତରକୁ ଚାଲିଯାଇଛି ତା'ର ଏକ ଜ୍ୱଳନ୍ତ ଉଦାହରଣ ହିମାଚଳ ପ୍ରଦେଶ ଭାଜପା ସଭାପତି ସତ୍‌ପାଲ ସିଂ ସତ୍ତୀଙ୍କ ସଦ୍ୟ ମନ୍ତବ୍ୟରୁ ବୁଝିହେଉଛି। ସତ୍‌ପାଲ କ୍ଷମାମାଗନ୍ତୁ ବୋଲି ହିମାଚଳ କଂଗ୍ରେସ ଦାବି କରିଛି। କ୍ଷମା ନ ମାଗିଲେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ହିମାଚଳପ୍ରଦେଶର ଶିମ୍‌ଲା ଲୋକ ସଭା ଆସନ ଅନ୍ତର୍ଗତ ବଡ୍‌ଡି ସହରରେ ଭାଜପାର ଏକ ନିର୍ବାଚନୀ ସଭାରେ ସତ୍‌ପାଲ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଭାରତର ଚୌକିଦାର ବୋଲି କହୁଛନ୍ତି। ରାହୁଲ ଯଦି ତାଙ୍କୁ ଚୋର ବୋଲି କହୁଛନ୍ତି, ତେବେ ସେ ନିଜେ '*****'। ରାହୁଲ ଜାମିନରେ ଅଛନ୍ତି, ତାଙ୍କ ମା' ଓ ଭିଣୋଇ ମଧ୍ୟ ବେଲ୍‌ରେ ଅଛନ୍ତି। ଏହାସତ୍ତ୍ୱେ ସେ ପ୍ରଧାନମନ୍ତ୍ରୀଙ୍କୁ 'ଚୋର' କହୁଥିବାରୁ ଜଣେ ପଞ୍ଜାବୀ ଏହି ସନ୍ଦେଶ ପ୍ରେରଣ କରିବା ପାଇଁ ମୋତେ ଅନୁରୋଧ କରିଥିଲେ ବୋଲି ସତ୍‌ପାଲ କହିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିବାଦ ଉଠିଛି। ଜଣେ ବରିଷ୍ଠ ରାଜନେତାଙ୍କଠାରୁ ଏଭଳି ଅଭଦ୍ର ଭାଷା ଆଶା କରାଯାଇ ନ ପାରେ ବୋଲି ରାଜ୍ୟ କଂଗ୍ରେସ ମୁଖ୍ୟ କୁଳଦୀପ ରାଠୋଡ୍ ସମାଲୋଚନା କରିଛନ୍ତି।

ସାମ୍ପ୍ରଦାୟିକ ମନ୍ତବ୍ୟ ପାଇଁ ନିର୍ବାଚନ ପ୍ରଚାର ମନା

## ମାୟାବତୀଙ୍କୁ ୨, ଯୋଗୀଙ୍କୁ ୩ ଦିନ

**ନୂଆଦିଲ୍ଲୀ,୧୫।୪(ପି.ଟି.)**





ଭୋଟ ମାଗିବାବେଳେ ସାମ୍ପ୍ରଦାୟିକ ମନ୍ତବ୍ୟ ମହଙ୍ଗା ପଡ଼ିଛି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କୁ। ନିର୍ବାଚନ କମିଶନ (ଇସି) ମାୟାବତୀଙ୍କୁ ୪୮ ଘଣ୍ଟା ଓ ଯୋଗୀଙ୍କୁ ୭୨ ଘଣ୍ଟା ପାଇଁ ନିର୍ବାଚନ ପ୍ରଚାର କରିବାକୁ ବାରଣ କରିଛନ୍ତି। ଉଭୟଙ୍କ ନିର୍ବାଚନ ପ୍ରଚାର ଉପରେ କଟକଣା ମଙ୍ଗଳବାର ସକାଳ ୬ଟାରୁ ଲାଗୁ ହୋଇଛି। ଉଭୟଙ୍କ ସକାଶେ ଇସି ଦୁଇଟି ପୃଥକ୍ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ନିକଟରେ ଦେଓବନ୍ଦଠାରେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ବେଳେ ମାୟାବତୀ ମୁସଲମାନ ସମ୍ପ୍ରଦାୟର ମତଦାତାଙ୍କୁ ଭୋଟ ମାଗିଥିଲେ। ସଂଖ୍ୟାଲଘୁ ଭୋଟର ମେଣ୍ଟକୁ ଏକତରଫା ଭୋଟ ଦିଅନ୍ତୁ ବୋଲି ମାୟାବତୀ କହିଥିଲେ। ଏହା ପରେ ମିରଟରେ ଭାଜପାର ଏକ ନିର୍ବାଚନୀ ସଭାରେ ଯୋଗୀ କହିଥିଲେ, ଏଥର ଲୋକ ସଭା ନିର୍ବାଚନ 'ଅଲି ବନାମ ବଜରଙ୍ଗବଲୀ' ହେଉଛି। ସେମାନେ ଅଲି (ମହମ୍ମଦଙ୍କ ବଂଶଧର)ଙ୍କ ଉପରେ ଭରସା କରୁଥିବାବେଳେ ବଜରଙ୍ଗବଲୀ (ହନୁମାନ)ଙ୍କ ଉପରେ ଆମର ଆସ୍ଥା ରହିଛି ବୋଲି ଭୋଟ ଧ୍ରୁବୀକରଣ ଉଦ୍ଦେଶ୍ୟରେ ଯୋଗୀ ମନ୍ତବ୍ୟ ଦେଇଥିଲେ। ଏହାର ଜବାବରେ ମାୟାବତୀ ପୁନଶ୍ଚ କହିଥିଲେ, ଆମକୁ ଉଭୟ 'ଅଲି ଓ ବଜରଙ୍ଗବଲୀ'ଙ୍କ ଭୋଟ ମିଳିବ। ନିର୍ବାଚନ କମିଶନ ଏଥିଲାଗି ସମ୍ବିଧାନର ଅନୁଚ୍ଛେଦ ୩୨୪ ବଳରେ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗକରି ମାୟାବତୀଙ୍କୁ ମଙ୍ଗଳବାର ସକାଳ ୬ଟାରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରଚାରରୁ ବାରଣ କରିଛନ୍ତି। ସେହିପରି ଯୋଗୀ ମଧ୍ୟ ୭୨ ଘଣ୍ଟା ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାର କରିପାରିବେ ନାହିଁ ବୋଲି ଇସି କଟକଣା ଜାରି କରିଛନ୍ତି। ଫଳରେ ଉଭୟେ ନିର୍ଦ୍ଧାରିତ ଅବଧି ମଧ୍ୟରେ କୌଣସି ସଭାସମିତି, ଶୋଭାଯାତ୍ରା ଓ ରୋଡ୍ ଶୋ, କରିପାରିବେ ନାହିଁ। ସେହିପରି ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଓ ସୋସିଆଲ ମିଡିଆକୁ ମଧ୍ୟ ସାକ୍ଷାତ୍‌କାର ଦେଇପାରିବେ ନାହିଁ। ଉଭୟ ନେତାଙ୍କ ମନ୍ତବ୍ୟ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ। ଏଭଳି ମନ୍ତବ୍ୟ ବିଭିନ୍ନ ଧର୍ମାବଲମ୍ବୀ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଥିବା ବିଭେଦକୁ ଆହୁରି ବୃଦ୍ଧି କରିବା ସହ ଘୃଣାଭାବ ସୃଷ୍ଟି କରିବ। ଦୁଇନେତା ଧର୍ମ ନାମରେ ଭୋଟ ମାଗି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବୋଲି ଇସି କହିଛନ୍ତି। ପ୍ରକାଶ ଯେ, ଗତ ୧୧ ତାରିଖରେ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଯୋଗୀ ଓ ମାୟାବତୀଙ୍କୁ ନୋଟିସ ଜାରି କରିଥିଲେ।

## ଖବର ଚୁମ୍ବକରେ

❑ ଭାଜପା ସୋମବାର ଉତ୍ତରପ୍ରଦେଶର ୭ ଲୋକ ସଭା ଆସନର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବିଶିଷ୍ଟ ଭୋଜପୁରୀ ଅଭିନେତା ରବି କିଷନଙ୍କୁ ଗୋରଖପୁର ଆସନରୁ ପ୍ରାର୍ଥୀ କରାଯାଇଛି। ବର୍ତ୍ତମାନ ଏମ୍‌ପି ଥିବା ପ୍ରବୀଣ ନିଶାଦଙ୍କୁ ସନ୍ଥ କବୀର ନଗର ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ଶରଦ ତ୍ରିପାଠୀଙ୍କୁ ବାଦ୍ ଦିଆଯାଇଛି। ଏମାନଙ୍କୁ ମିଶାଇ ଭାଜପା ବର୍ତ୍ତମାନ ସୁଦ୍ଧା ୪୨୦ ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଲାଣି।

❑ କଂଗ୍ରେସ ନିର୍ବାଚନ ଜିତିବା ପାଇଁ ଆର୍‌ଏସ୍‌ଏସ୍‌ଠାରୁ ସାହାଯ୍ୟ ନେଉଛି। ତେଣୁ ପଶ୍ଚିମବଙ୍ଗରେ କଂଗ୍ରେସ, ଭାଜପା ଓ ବାମପନ୍ଥୀଙ୍କ 'ଘାତକ ମେଣ୍ଟ'କୁ ହରାଇବା ପାଇଁ ଟିଏମ୍‌ସିକୁ ଭୋଟ ଦିଅନ୍ତୁ ବୋଲି ମୁସଲମାନ ବହୁଳ ମୁର୍ଶିଦାବାଦର ଏକ ସଭାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମତଦାତାଙ୍କୁ ଅନୁରୋଧ କରିଛନ୍ତି।

❑ ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ସ୍ୱର୍ଗତ ମନୋହର ପାରିକର ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତି ପାଇଁ ସହମତ ନ ଥିଲେ। ଏଥିପାଇଁ ସେ କେନ୍ଦ୍ରମନ୍ତ୍ରୀ ପଦ ଛାଡ଼ି ଗୋଆକୁ ଫେରିଥିଲେ ବୋଲି ଏନ୍‌ସିପି ମୁଖ୍ୟ ଶରଦ ପାୱାର କହିଛନ୍ତି। ଏହି ମନ୍ତବ୍ୟକୁ ପାରିକରଙ୍କ ପୁଅ ଉତ୍ପଳ ପାରିକର ଅସମ୍ବେଦନଶୀଳ ଓ ଦୁର୍ଭାଗ୍ୟଜନକ ବୋଲି ସମାଲୋଚନା କରିଛନ୍ତି।

❑ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଲ୍‌ୱାମା ଆକ୍ରମଣ ଓ ବାଲାକୋଟ ପ୍ରତିଆକ୍ରମଣକୁ ନେଇ ରାଜନୀତି କରୁଥିବାବେଳେ ଜାତୀୟ ସୁରକ୍ଷା ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢ଼ାଯିବା ଉଚିତ ନୁହେଁ ବୋଲି ବିରୋଧୀ ଦଳଗୁଡିକ ଯୁକ୍ତି ବାଢ଼ୁଛନ୍ତି। ବିରୋଧୀଙ୍କ ସମାଲୋଚନାକୁ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଖଣ୍ଡନ କରିଛନ୍ତି। ଦେଶ ସମ୍ମୁଖୀନ ହେଉଥିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ଜାତୀୟ ସୁରକ୍ଷା ବୋଲି ଜେଟଲୀ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

❑ ଭାଜପା ସତ୍ୟ ପଥରୁ ବିଚ୍ୟୁତ ହୋଇଛି। ଏହି ଦଳର ଗଣତନ୍ତ୍ର କିମ୍ବା ଜନସାଧାରଣଙ୍କ ଉପରେ ବିଶ୍ୱାସ ନାହିଁ ବୋଲି ସୋମବାର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ଗୈରିକ ଦଳ ଭାରତ ଏବଂ ଏହାର ଯୁବପିଢ଼ିଙ୍କ ଲାଗି କ'ଣ କରିଛି ତାହା ନ କହି ପାକିସ୍ତାନ ସମ୍ପର୍କରେ କହୁଛି ବୋଲି ପ୍ରିୟଙ୍କା ଫତେପୁର ସିକ୍ରି ଲୋକ ସଭା ଆସନର ପ୍ରାର୍ଥୀ ରାଜ ବବରଙ୍କ ପାଇଁ ପ୍ରଚାରବେଳେ ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଗଣମାଧ୍ୟମରେ ଖର୍ଚ୍ଚ କରୁଥିବା କୋଟି କୋଟି ଟଙ୍କା କେଉଁଠୁ ଆଣୁଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଶ୍ନ କରିଛନ୍ତି।

## ଇତିହାସର ଆଇନାରେ

### ଏପ୍ରିଲ ୧୬ର ପ୍ରମୁଖ ଘଟଣା

### ଜାହାଜରେ ଅଗ୍ନିକାଣ୍ଡ

୧୯୪୭ ଏପ୍ରିଲ ୧୬ରେ ଟେକ୍ସାସ ବନ୍ଦରରେ ଏକ ମାଲବାହୀ ଜାହାଜରେ ନିଆଁ ଲାଗିବା ଯୋଗୁ ପାଖାପାଖି ୬୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଟେକ୍ସାସ୍ ନଗରୀ ଆମେରିକାର ଗାଲ୍‌ଭେଷ୍ଟନ୍ ଅଞ୍ଚଳରେ ଅବସ୍ଥିତ। ଏହା ଗାଲ୍‌ଭେଷ୍ଟନ୍ ଉପସାଗରର ଦକ୍ଷିଣ-ପଶ୍ଚିମ ଭାଗରେ ଅବସ୍ଥିତ। ଟେକ୍ସାସ ବନ୍ଦର ହେଉଛି ଏକ ଗଭୀର ପୋତାଶ୍ରୟ। ଏଠାରେ ପେଟ୍ରୋଲିୟମ ବିଶୋଧନାଗାର ଏବଂ ପେଟ୍ରୋକେମିକାଲ ନିର୍ମାଣକେନ୍ଦ୍ର ରହିଛି।

### ଆପୋଲୋ ୧୬ ଲଞ୍ଚ୍

୧୯୭୨ ଏପ୍ରିଲ ୧୬ରେ ଫ୍ଲୋରିଡାର କେପ୍ କାନାଭେରାଲ୍ ଉତ୍କ୍ଷେପଣ ସ୍ଥଳରୁ ଆପୋଲୋ ୧୬ ମହାକାଶଯାନ ଲଞ୍ଚ୍ କରାଯାଇଥିଲା। ଆପୋଲୋ ପ୍ରୋଗ୍ରାମକୁ ପ୍ରୋଜେକ୍ଟ ଆପୋଲୋ ମଧ୍ୟ କୁହାଯାଏ। ଏହା ଆମେରିକାର ମହାକାଶ ଗବେଷଣା କେନ୍ଦ୍ର 'ନାସା' ଦ୍ୱାରା ପରିଚାଳିତ ହୁଏ। ନାସା ୧୯୬୯ରୁ ୧୯୭୨ ମଧ୍ୟରେ ଚନ୍ଦ୍ରରେ ପ୍ରଥମକରି ମାନବ ଅବତରଣ କରାଇବାରେ ସଫଳ ହୋଇଥିଲା।

## ମାନେକା ଗାନ୍ଧୀଙ୍କୁ ବି ଝଟକା



**ନୂଆଦିଲ୍ଲୀ,୧୫।୪(ପି.ଟି.)**-ନିର୍ବାଚନ କମିଶନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ମଧ୍ୟ ଝଟକା ଦେଇଛନ୍ତି। ସୁଲତାନପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ମାନେକା ଗୁରୁବାର ତୁରାବଖାନିରେ ଏକ ନିର୍ବାଚନୀ ସଭାରେ ମୁସଲମାନ ମତଦାତାଙ୍କୁ କହିଥିଲେ, ମୁଁ ଏହି ନିର୍ବାଚନ ଜିତୁଛି, ଏଥିରେ ଦ୍ୱିମତ ନାହିଁ। କିନ୍ତୁ ମୁସଲିମ୍ ଭୋଟରଙ୍କ ବିନା ସହାୟତାରେ ଜିତିଲେ ମୋତେ ଭଲ ଲାଗିବ ନାହିଁ। ମୁଁ ଯଦି ମୁସଲମାନମାନଙ୍କ ବିନା ସହାୟତାରେ ଜିତେ ଏବଂ ସେମାନେ ମୋ ପାଖକୁ କୌଣସି କାମ ନେଇ ଆସନ୍ତି ତେବେ ସେମାନଙ୍କ ପ୍ରତି ମୋ ଅଭିମୁଖ୍ୟ ସେଭଳି ରହିବ। ମାନେକାଙ୍କ ଏହି ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସୁଲତାନ୍‌ପୁର ଜିଲାପାଳ ତାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଥିଲେ। ନିର୍ବାଚନ କମିଶନ ରିପୋର୍ଟ ପାଇବା ପରେ ମାନେକାଙ୍କ ନିର୍ବାଚନୀ ପ୍ରଚାର ଉପରେ ୪୮ ଘଣ୍ଟା ପାଇଁ ରୋକେ ଲଗାଇଛନ୍ତି।

## ୩ ଭାରତୀୟ ଟିମ୍‌କୁ ପୁରସ୍କୃତ କଲା ନାସା

**ୱାଶିଂଟନ,୧୫।୪(ପି.ଟି.)**- ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାର ବାର୍ଷିକ ମାନବ ଅନ୍ୱେଷଣ ରୋଭର ଚ୍ୟାଲେଞ୍ଜ୍‌ରେ ଭାରତରୁ ଯାଇଥିବା ତିନୋଟି ଟିମ୍‌କୁ ପୁରସ୍କୃତ କରାଯାଇଛି। ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ରୋଭିଂ ଯାନ ନିର୍ମାଣ ଓ ପରୀକ୍ଷା ଲାଗି ଆମନ୍ତ୍ରଣ କରାଯାଇଥିଲା। ଉତ୍ତରପ୍ରଦେଶ ଗାଜିଆବାଦର କେଆଇଇଟି ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଶନ୍ସରୁ ଯାଇଥିବା ଟିମ୍‌କୁ 'ଏଆଇଏଏ ନିଲ ଆର୍ମଷ୍ଟ୍ରଙ୍ଗ ବେଷ୍ଟ ଡିଜାଇନ ଆୱାର୍ଡ' ମିଳିଥିବାବେଳେ ମୁମ୍ବାଇର ମୁକେଶ ପଟେଲ ସ୍କୁଲ୍ ଅଫ ଟେକ୍‌ନୋଲୋଜି ମ୍ୟାନେଜମେଣ୍ଟ ଆଣ୍ଡ ଇଞ୍ଜିନିୟରିଂ ଟିମ୍‌କୁ 'ଫ୍ରାଙ୍କ ଜୋଏ ସେକ୍ସଟନ ମେମୋରିଆଲ ପିଟ୍ କ୍ରିଉ ଆୱାର୍ଡ' ଏବଂ ପଞ୍ଜାବ ଫଗୱାରାର ଲଭ୍‌ଲି ପ୍ରଫେଶନାଲ୍ ୟୁନିଭର୍ସିଟି ଟିମ୍‌କୁ 'ଏସ୍‌ଟିଇଏମ୍ ଏନ୍‌ଗେଜମେଣ୍ଟ ଆୱାର୍ଡ' ମିଳିଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ପାଖାପାଖି ୧୦୦ ଟିମ୍ ଭାଗ ନେଇଥିଲେ।

## ଉର୍ମିଳାଙ୍କ ପ୍ରଚାର ବେଳେ କଂଗ୍ରେସ-ଭାଜପା କର୍ମୀ ସଂଘର୍ଷ



**ମୁମ୍ବାଇ,୧୫।୪(ପି.ଟି.)**

କଂଗ୍ରେସ ପ୍ରାର୍ଥୀ ତଥା ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ଉତ୍ତର ମୁମ୍ବାଇରେ ନିର୍ବାଚନ ପ୍ରଚାର କରୁଥିବାବେଳେ ଭାଜପା ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ପରେ ଉର୍ମିଳାଙ୍କ ଅନୁରୋଧକ୍ରମେ ତାଙ୍କୁ ପୋଲିସ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ଉତ୍ତର ମୁମ୍ବାଇ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା ଉର୍ମିଳା ବୋରିଭାଲି ଷ୍ଟେଶନ ନିକଟରେ ପ୍ରଚାର କରୁଥିବା ବେଳେ କେତେଜଣ ଭାଜପା କର୍ମୀ 'ମୋଦି, ମୋଦି' ସ୍ଲୋଗାନ ଦେବାରୁ ସେମାନଙ୍କ ସହ କଂଗ୍ରେସ କର୍ମୀଙ୍କର ସଂଘର୍ଷ ଘଟିଥିଲା। ଉର୍ମିଳା ଥାନାରେ ଏତଲା ଦେବା ସହ ତାଙ୍କ ଜୀବନ ପ୍ରତି ବିପଦ ଥିବା କହିଥିଲେ।

## ମିଥ୍ୟା ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ ବଳାତ୍କାର

**ନୂଆଦିଲ୍ଲୀ,୧୫।୪(ପି.ଟି.)**

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ ରଖିବା ବଳାତ୍କାର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ ଏଲ୍. ନାଗେଶ୍ୱର ରାଓ ଏବଂ ଏମ୍.ଆର୍. ଶାହଙ୍କ ଖଣ୍ଡପୀଠ ସେମାନଙ୍କର ରାୟରେ କହିଛନ୍ତି, ବଳାତ୍କାର ଜଣେ ମହିଳାଙ୍କ ସମ୍ମାନ ଓ ମର୍ଯ୍ୟାଦା ହାନି କରିଥାଏ। ଯଦି ପୀଡିତା ଓ ବଳାତ୍କାରୀ ଆପୋସରେ ସମାଧାନ କରି ପରିବାରର ଦେଖାଶୁଣା କରୁଥାନ୍ତି ତେବେ ଏହାକୁ ଅପରାଧରୁ ମୁକ୍ତି ପାଇଁ ଆଧାର ଭାବେ ଗ୍ରହଣ କରାଯିବ ନାହିଁ। ଆଧୁନିକ ସମାଜରେ ଏଭଳି ଘଟଣା ବଢୁଥିବା ଅଦାଲତ ମତ ଦେଇଛନ୍ତି।

୨୦୧୩ରେ ଛତିଶଗଡ଼ର ଜଣେ ଡାକ୍ତରଙ୍କ ବିରୋଧରେ ଦାଏର ବଳାତ୍କାର ମାମଲାର ଶୁଣାଣି ବେଳେ କୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି। ବିଳାସପୁରର କୋନି ଅଞ୍ଚଳରେ ରହୁଥିବା ମହିଳାଙ୍କୁ ଡାକ୍ତର ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଡାକ୍ତରଙ୍କ ସହ ମହିଳାଙ୍କର ୨୦୦୯ରୁ ପ୍ରେମ ସମ୍ପର୍କ ରହିଥିଲା। ଅଭିଯୁକ୍ତ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ସେମାନଙ୍କ ପରିବାର ମଧ୍ୟ ଅବଗତ ଥିଲେ। ତେବେ ପୀଡିତାଙ୍କ ସହ ପ୍ରେମ ସମ୍ପର୍କ ସତ୍ତ୍ୱେ ଅଭିଯୁକ୍ତ ତାଙ୍କୁ ଦେଇଥିବା ପ୍ରତିଶ୍ରୁତି ଭାଙ୍ଗି ଅନ୍ୟତ୍ର ବିବାହ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା ଏବଂ ସେ ଦୋଷୀସାବ୍ୟସ୍ତ ହୋଇଥିଲେ। ହାଇକୋର୍ଟ ମଧ୍ୟ ତଳକୋର୍ଟଙ୍କ ରାୟକୁ କାଏମ ରଖିବା ସହ ୧୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଥିଲେ। ଅଭିଯୁକ୍ତ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।



ବଳାତ୍କାର ହେଉଛି ସମାଜରେ ସବୁଠୁ ନିନ୍ଦନୀୟ ନୈତିକ ଏବଂ ଶାରୀରିକ ଅପରାଧ। ଏହା ପୀଡିତାଙ୍କ ଶରୀର, ମନ ଏବଂ ଗୋପନୀୟତା ଉପରେ ଆକ୍ରମଣ। ହତ୍ୟାକାରୀ ଜଣକର ଶରୀରକୁ ନଷ୍ଟ କରୁଥିବାବେଳେ ବଳାତ୍କାରୀ ଅସହାୟା ମହିଳାଙ୍କ ଆତ୍ମାକୁ ନଷ୍ଟ ଓ ଅଶୁଦ୍ଧ କରିଥାନ୍ତି। ଏହା ମହିଳାଙ୍କ ଅନ୍ତରାତ୍ମାକୁ ଦୋହଲାଇଦେଇଥାଏ ବୋଲି ଖଣ୍ଡପୀଠ କହିଛନ୍ତି। ଅଭିଯୁକ୍ତ ବିବାହ ପ୍ରତିଶ୍ରୁତି ଦେଇ ଯୌନସମ୍ପର୍କ ରଖିଥିଲେ ମଧ୍ୟ ବିବାହ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ଏହା ବଳାତ୍କାର ହୋଇଥିବାରୁ ଅପରାଧୀଙ୍କୁ ଏହାର ପରିଣାମ ଭୋଗିବାକୁ ପଡିବ ବୋଲି ଖଣ୍ଡପୀଠ କହିଛନ୍ତି।

# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ | Bhubaneswar, Tuesday, April 16/2019 | ପୃଷ୍ଠା-୧




## ନିଜକୁ ଭାଗ୍ୟବତୀ ମନେକରନ୍ତି ବିପାଶା

ଅଭିନେତ୍ରୀ ବିପାଶା ବସୁ ସ୍ୱାମୀ କରନ୍ ସିଂ ଗ୍ରୋଭରଙ୍କ ପାଇଁ ନିଜକୁ ଭାଗ୍ୟବତୀ ମନେକରନ୍ତି ବୋଲି ପ୍ରକାଶ କରିଛନ୍ତି।

୦୨

୧୫

## ସର୍ବୋଚ୍ଚ ସ୍ତର ଛୁଇଁଛି ରପ୍ତାନି : ପ୍ରଭୁ

ଦେଶର ରପ୍ତାନି ଗତ ଆର୍ଥିକ ବର୍ଷରେ ସର୍ବୋଚ୍ଚ ସ୍ତର ଛୁଇଁଛି। ଏହି ଅବଧିରେ ରପ୍ତାନି ୫୪୦ ବିଲିୟନ ଡଲାର ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି।





# ଆଇସିସି ବିଶ୍ୱକପ୍: ଭାରତୀୟ ଦଳ ଘୋଷିତ

**ମୁମ୍ବାଇ, ୧୫ା୪(ପି.ଟି.)**

ଆଇସିସି କ୍ରିକେଟ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏହା ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲିବ। କ୍ରିକେଟର ମହାକୁମ୍ଭ ଭାବେ ପରିଚିତ ଏହି ମେଗା ଇଭେଣ୍ଟ ପାଇଁ ସୋମବାର ୧୫ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ବିରାଟ କୋହଲି ପ୍ରଥମଥର ପାଇଁ ବିଶ୍ୱକପରେ ଭାରତୀୟ ଦଳର ନେତୃତ୍ୱ ନେବାକୁ ଯାଉଥିବାବେଳେ ରୋହିତ ଶର୍ମାଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତ କରାଯାଇଛି। ବିଶ୍ୱକପରେ ଆୟୋଜକ ଇଂଲଣ୍ଡ ସମେତ ଦକ୍ଷିଣ ଆଫ୍ରିକା, ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ଅଂଶଗ୍ରହଣ କରିବେ। ଜୁନ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ବିଶ୍ୱକପ ଅଭିଯାନ ଆରମ୍ଭ କରିବ। ଭାରତୀୟ ଦଳରେ ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ୍ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ୍‌କିପର), କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ, ରବୀନ୍ଦ୍ର ଜାଡେଜା ସାମିଲ ହୋଇଛନ୍ତି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)

# ସ୍ୱାଭାବିକ ହେବ ମୌସୁମୀ ବର୍ଷା

**ନୂଆଦିଲ୍ଲୀ, ୧୫ା୪ (ପି.ଟି.)**



କୃଷକମାନଙ୍କ ଲାଗି ଖୁସି ଖବର। ଚଳିତ ବର୍ଷ ମୌସୁମୀ ବର୍ଷା ପାଖାପାଖି ସ୍ୱାଭାବିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୋମବାର ପୂର୍ବାନୁମାନ କରିଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଦେଶର ସବୁ ଭାଗରେ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି। ଦୀର୍ଘମିଆଦୀ ହାରାହାରି (ଏଲ୍‌ପିଏ) ବୃଷ୍ଟିପାତ ହାର ୯୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିବାବେଳେ ଏହାଠାରୁ ୫ ପ୍ରତିଶତ କମ୍ କିମ୍ବା ବେଶି ହୋଇପାରେ ବୋଲି କୁହାଯାଇଛି।

୧୯୫୧ରୁ ୨୦୦୦ ପର୍ଯ୍ୟନ୍ତ ୫୦ ବର୍ଷର ଏଲ୍‌ପିଏକୁ ଅନୁଧ୍ୟାନ କଲେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ୮୯ ସେଣ୍ଟିମିଟର ରହୁଛି। ମୌସୁମୀ ବର୍ଷା ଏଲ୍‌ପିଏର ୯୬ରୁ ୧୦୪ ପ୍ରତିଶତ ମଧ୍ୟରେ ରହିଲେ ଏହାକୁ ସ୍ୱାଭାବିକ ଧରାଯାଇଥାଏ। ସେହିପରି ୯୦ରୁ ୯୬ ପ୍ରତିଶତ ବୃଷ୍ଟିପାତକୁ ସ୍ୱାଭାବିକ୍‌ରୁ କମ୍ ବୋଲି କୁହାଯାଇଥାଏ। ସ୍ୱାଭାବିକ ବର୍ଷା ସାଙ୍ଗକୁ ସବୁ ଅଞ୍ଚଳରେ ବୃଷ୍ଟିର ଉତ୍ତମ ବଣ୍ଟନ ସମ୍ଭାବନା ଥିବାରୁ କୃଷି ସେକ୍ଟର ପାଇଁ ଭଲ ଖବର ବୋଲି ମୌସୁମୀ ବର୍ଷା ସମ୍ପର୍କିତ ପୂର୍ବାନୁମାନ ଜାରି କରିବା ଅବସରରେ ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରାଜୀବନ ଏବଂ ଆଇଏମ୍‌ଡି ମହାନିର୍ଦ୍ଦେଶକ କେ.ଜେ. ରମେଶ କହିଛନ୍ତି। ପୂର୍ବ ଦୁଇ ବର୍ଷରେ ମୌସୁମୀ ବର୍ଷା ସ୍ୱାଭାବିକ୍‌ଠାରୁ କମ୍ ଥିଲା। ଗତବର୍ଷ ୯୭ ପ୍ରତିଶତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲେ ହେଁ ଏହା ପାଖାପାଖି ୯୧ ପ୍ରତିଶତ ହୋଇଥିଲା। ଚଳିତ ବର୍ଷ ମରୁଡ଼ି ସମ୍ଭାବନା ମାତ୍ର ୧୭ ପ୍ରତିଶତ ରହିଥିବାବେଳେ ପାଖାପାଖି ସ୍ୱାଭାବିକ୍ ବୃଷ୍ଟିପାତ ସମ୍ଭାବନା ୩୯ ପ୍ରତିଶତ ରହୁଛି। ୨୦୧୪-୧୫ ଏବଂ ୨୦୧୫-୧୬ରେ ସ୍ୱାଭାବିକଠାରୁ ୧୦ ପ୍ରତିଶତ କମ୍ ବର୍ଷା ହେବାରୁ କେତେକ ଅଞ୍ଚଳରେ ମରୁଡ଼ି ଦେଖାଦେଇଥିଲା। ୨୦୧୬-୧୭ରେ ସ୍ୱାଭାବିକ ବର୍ଷା ହେବାରୁ ଖାଦ୍ୟଶସ୍ୟ ଉତ୍ପାଦନ ୨୭୫.୧୧ ନିୟୁତ ଟନ୍‌ରେ ପହଞ୍ଚିଥିଲା। ୨୦୧୭-୧୮ ଏବଂ ୨୦୧୮-୧୯ରେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହୋଇଥିଲେ ମଧ୍ୟ ଖାଦ୍ୟଶସ୍ୟ ଉତ୍ପାଦନ ଯଥାକ୍ରମେ ୨୮୪.୮୩ ନିୟୁତ ଟନ୍ ଏବଂ ୨୮୧.୩୭ ନିୟୁତ ଟନ୍ ରହିଥିଲା।

ଏଲ୍ ନିନୋ ପ୍ରଭାବରୁ ଚଳିତ ବର୍ଷ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହେବ ବୋଲି ଗତ ୩ ତାରିଖରେ ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ୍ ୱେଦର ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା। ଏଥିରେ ବୃଷ୍ଟିପାତ ହାର ଏଲ୍‌ପିଏର ୯୩% ରହିବ ବୋଲି କୁହାଯାଇଥିଲା। ତେବେ ଏଲ୍ ନିନୋ ସ୍ଥିତି ଦୁର୍ବଳ ରହିବା ସମ୍ଭାବନା ଥିବାରୁ ମୌସୁମୀ ବର୍ଷାକୁ ପ୍ରଭାବିତ କରିବ ନାହିଁ ବୋଲି ଉଭୟ ରମେଶ ଓ ରାଜୀବନ କହିଛନ୍ତି।

**ଆଜିର ସମ୍ପାଦକୀୟ**

## ସମାଧାନକାରୀ ନୁହେଁ, ସୃଷ୍ଟିକର୍ତ୍ତା

**ଆଜିର ମନ୍ତବ୍ୟ**

"ରାଫାଲ ପ୍ରସଙ୍ଗରେ ସୁପ୍ରିମକୋର୍ଟ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ମିଛ ଧରାପକାଇ ଦେଇଛନ୍ତି।

—ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ


NECC NATIONAL EGG CO-ORDINATION COMMITTEE 15.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 88 | 142 | 152 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


■ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣା

# ଖୋର୍ଦ୍ଧାରେ ଉତ୍ତେଜନା, ୬ ଘଣ୍ଟିଆ ବନ୍ଦ

**ଖୋର୍ଦ୍ଧା ଅଫିସ,୧୫ା୪**

**ପ୍ରାକ୍ ନିର୍ବାଚନୀ ହିଂସା**

- ହତ୍ୟାକାରୀଙ୍କ ଗିରଫ ଦାବିରେ ଥାନା ଘେରାଉ
- ଜାତୀୟ ରାଜପଥ ସମେତ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ
- ଆଇଜିଙ୍କ ସମୀକ୍ଷା, ସାଇବର ସେଲ୍ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ଘଟଣାକୁ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ
- ବିଜେଡି, ନବୀନଙ୍କୁ ସମାଲୋଚନା କଲେ ନିରଞ୍ଜନ ଓ ଧର୍ମେନ୍ଦ୍ର

ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଆସନ୍ତା ୨୩ ତାରିଖରେ ହେବ ନିର୍ବାଚନ। ଏହାପୂର୍ବରୁ ଦେଖିବାକୁ ମିଳିଛି ପ୍ରାକ୍ ନିର୍ବାଚନୀ ହିଂସା। ଗଡ଼ିଛି ଜଣେ ଭାଜପା ନେତାଙ୍କ ମୁଣ୍ଡ। ସେ ହେଉଛନ୍ତି ଏହି ନିର୍ବାଚନମଣ୍ଡଳୀର ୯ନଂ. ଜୋନ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡ଼ପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଳି ଜେନା। ତାଙ୍କୁ ରବିବାର ରାତିରେ ଗୁଳିକରି ହତ୍ୟା କରାଯାଇଛି। ଖୋର୍ଦ୍ଧା ଆଦର୍ଶଥାନା ଅନ୍ତର୍ଗତ ନବୀନାବାଗରେ ଘଟିଥିବା ଏହି ଘଟଣାକୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ଉତ୍ତେଜନା ଦେଖାଦେଇଛି। ହତ୍ୟାକାରୀ ଓ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ ଦାବିରେ ଜିଲାର ଏକାଧିକ ସ୍ଥାନରେ ରାସ୍ତାରୋକୋ ସହ ଥାନା ଘେରାଉ କରାଯାଇଥିଲା। ସେହିଭଳି ଘଟଣାର ପ୍ରତିବାଦରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ସୋମବାର ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଅନ୍ୟପକ୍ଷରେ ଖୋର୍ଦ୍ଧା ଆଦର୍ଶ ଥାନାରେ ଆଇପିସି ଦଫା ୩୦୨, ୩୪ ସହ ୨୫ ଓ ୨୭ ଆର୍ମସ ଆକ୍ଟ ଅନୁଯାୟୀ ମାମଲା (ନଂ. ୧୧୯/୧୯) ରୁଜୁ ହୋଇଛି। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ତଦାରଖରେ ଥାନାଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି। ଏସ୍‌ପି ଅମୂଲ୍ୟ ଦାସ ଓ ଏସ୍‌ଡିପିଓ ସୁଶୀଲ ମିଶ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ୪ଟି ଟିମ୍ ଗଠନ କରାଯାଇଥିବାବେଳେ ସାଇବର ସେଲ୍ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତରେ ସହଯୋଗ କରୁଥିବା ଆଇଜି ପ୍ରିୟଦର୍ଶୀ କହିଛନ୍ତି। ମିଳିଥିବା ସୂଚନାନୁସାରେ, ହତ୍ୟାକାଣ୍ଡ ପରଠାରୁ ରବିବାର ରାତି ୨ଟାରୁ ଖୋର୍ଦ୍ଧା ଆଦର୍ଶ ଥାନା ଘେରାଉ କରାଯିବା ସହ ଏହା ସମ୍ମୁଖରେ ଭାଜପା କର୍ମୀମାନେ ରାସ୍ତାରୋକୋ ଓ ଧାରଣା ଦେଇଥିଲେ। ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ଓ ଭାଜପା ପ୍ରାର୍ଥୀ କାଳୁ ଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣା ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ସେହିଭଳି ସକାଳ ୮ଟାରୁ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ☞ପୃଷ୍ଠା-୨




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଙ୍କିତ୍
ପରିବାରବର୍ଗ


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିଜକୁ ଭାଗ୍ୟବତୀ ମନେକରନ୍ତି ବିପାଶା

**ନୂଆଦିଲ୍ଲୀ**



୩ ବର୍ଷ ତଳେ ବିବାହ କରିଥିବା ଅଭିନେତ୍ରୀ ବିପାଶା ବସୁ ସ୍ୱାମୀ କରନ୍ ସିଂ ଗ୍ରୋଭରଙ୍କ ପାଇଁ ନିଜକୁ ଭାଗ୍ୟବତୀ ମନେକରନ୍ତି ବୋଲି ପ୍ରକାଶ କରିଛନ୍ତି। କାରଣ କରନ୍ ମହିଳା-ପୁରୁଷ ମଧ୍ୟରେ ପାତରଅନ୍ତରକୁ ବିଶ୍ୱାସ କରନ୍ତି ନାହିଁ। ୨୦୧୫ରେ ସେ କରନ୍‌ଙ୍କ ସହିତ ପ୍ରଥମେ ଡେଟିଂ ଆରମ୍ଭ କରିଥିଲେ। ୨୦୧୬ ଏପ୍ରିଲ ୩୦ରେ ଦୁହିଁଙ୍କର ବିବାହ ହୋଇଥିଲା। ଉକ୍ତ ବାହାଘର ନେଇ ଖୁବ୍ ଖୁସି ପ୍ରକାଶ କରନ୍ତି ବିପାଶା। ସେ କହନ୍ତି, ଜୀବନସାଥୀ ସବୁଠୁ ଭଲ ହେବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଉଭୟ ଦୁଃଖସୁଖରେ ସମଭାଗୀ ହେଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ସ୍ତ୍ରୀସ୍ୱାମୀଙ୍କ ମଧ୍ୟରୁ କେହି ଜଣେ ଘରକୁ ଫେରିବା ବେଳକୁ ଅନ୍ୟଜଣେ ତା' ବାଟକୁ ଚାହିଁ ବସିଥିଲେ ଏହା ଖୁବ୍ ଆନନ୍ଦ ଦେଇଥାଏ ବୋଲି ବିପାଶା ପ୍ରକାଶ କରିଛନ୍ତି।

୪୦ବର୍ଷ ବୟସ୍କା ବିପାଶା ତାଙ୍କ ସ୍ୱାମୀଙ୍କୁ ପ୍ରଶଂସା ନ କରି ରହିପାରନ୍ତି ନାହିଁ। କାରଣ ପ୍ରତ୍ୟେକ କାର୍ଯ୍ୟରେ କରନ୍ ତାଙ୍କୁ ସହାୟତା କରନ୍ତି ବୋଲି ବିପାଶା କହିଛନ୍ତି। ସେ ୨୦୧୫ରେ ହରର୍ ଫିଲ୍ମ 'ଆଲନ୍' ଶୁଟିଂସେଟ୍‌ରେ କରନ୍‌ଙ୍କୁ ପ୍ରଥମକରି ଭେଟିଥିଲେ। ଉଭୟ ଆଗାମୀ ଫିଲ୍ମ 'ଆଦତ'ରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି।

# ଝାଡ଼ଖଣ୍ଡରେ ଏନ୍‌କାଉଣ୍ଟର


ଏନ୍‌କାଉଣ୍ଟର ବେଳେ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନ ବିଶ୍ୱଜିତ ଚୌହାନଙ୍କୁ ବରିଷ୍ଠ ଅଧିକାରୀମାନେ ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ୧୩୩ ସିଆର୍‌ପିଏଫ୍ ବାଟାଲିୟନ୍ ମୁଖ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

- ୩ ମାଓବାଦୀ ନିହତ
- ସିଆର୍‌ପିଏଫ୍ ଯବାନ ଶହୀଦ

**ରାଞ୍ଚି, ୧୫ା୪(ପି.ଟି.)**

ଝାଡ଼ଖଣ୍ଡର ଗିରିଡିହ ଜିଲାରେ ସୋମବାର ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବାବେଳେ ସିଆର୍‌ପିଏଫ୍‌ର ଜଣେ ଯବାନ ଶହୀଦ ହୋଇଛନ୍ତି। ସିଆର୍‌ପିଏଫ୍‌ର ସପ୍ତମ ବାଟାଲିୟନ ପକ୍ଷରୁ ମାଓବାଦୀ ଦମନ କାର୍ଯ୍ୟାନୁଷ୍ଠାନ ଚାଲିଥିବାବେଳେ ସୋମବାର ସକାଳ ୬ଟାରେ ବେଲଭା ଘାଟ ଜଙ୍ଗଲ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ତିନି ମାଓବାଦୀଙ୍କ ମୃତଦେହ, ଗୋଟିଏ ଏକେ-୪୭ ରାଇଫଲ, ତିନୋଟି ମାଗାଜିନ, ୪ ପାଇପ୍ ବୋମା ଉଦ୍ଧାର ହୋଇଛି। ଶହୀଦ ହୋଇଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ବିଶ୍ୱଜିତ ଚୌହାନଙ୍କ ଘର ଆସାମର ଉଦାଲଗୁରିରେ ବୋଲି ଜଣାପଡିଛି। ଝାଡ଼ଖଣ୍ଡରେ ଶେଷ ୪ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଖଦି ସାମଗ୍ରୀ ବିକ୍ରି ୨୮% ବଢି ୩୨୧୫ କୋଟି ଟଙ୍କା ଛୁଇଁଛି।
**- ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ**

# ପ୍ରଚଣ୍ଡ ଗ୍ରୀଷ୍ମ: ୪୦ ଡିଗ୍ରୀ ଉପରେ ୧୨ ସହର

**ଭୁବନେଶ୍ୱର, ୧୫ା୪(ବ୍ୟୁରୋ)**

ରାଜ୍ୟରେ ତାତି ଅସହ୍ୟ ହେଲାଣି । ସବୁଠି ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ତତଲା ହାୱା ସାଙ୍ଗକୁ ଗୁଳୁଗୁଳି ପରିବେଶକୁ ଉତ୍ତପ୍ତ କରି ପକାଇଛି। କେବଳ ପଶ୍ଚିମ କିମ୍ବା ଆଭ୍ୟନ୍ତରୀଣ ଓଡ଼ିଶା ନୁହେଁ ଉପକୂଳ ଓ ଦକ୍ଷିଣ ଓଡ଼ିଶା ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମରେ ତ୍ରାହି ତ୍ରାହି ଡାକୁଛି। ଗତ ଦୁଇଦିନରେ ପାରଦ ୩ରୁ ୪ ଡିଗ୍ରୀ ସେଲସିୟସ ବଢିଗଲାଣି। ରାଜ୍ୟର ୧୨ଟି ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୩ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ତାଳଚେରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

# ଖୋର୍ଦ୍ଧାରେ ଉତ୍ତେଜନା...

ସମ୍ମୁଖରେ ଆନ୍ଦୋଳନକାରୀମାନେ ଟାୟାର ଜାଳିବା ସହ ରାସ୍ତା ଉପରେ ବାଇକ ରଖି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ରୋଡ଼ସ୍ଥିତ ଚଣ୍ଡିଗୁଆଠାରେ ରାଜପଥକୁ ମଧ୍ୟ ଦୀର୍ଘ ସମୟ ଧରି ଅବରୋଧ କରାଯାଇଥିଲା। ଫଳରେ ନୂଆ ବସ୍‌ଷ୍ଟାଣ୍ଡ ରାସ୍ତା ସମେତ ସହରର ବିଭିନ୍ନ ରାସ୍ତାରେ ଯାନବାହନ ସହ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ନ ପାରି ହଟହଟା ହୋଇଥିଲେ। ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାକାରୀମାନେ ବିଜେଡି ବିରୋଧରେ ନାନା ନାରା ଦେଇ ବନ୍ଦ ଡାକରା ଦେଇଥିଲେ। ଫଳରେ ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। କୋଲକାତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ନିରାକାରପୁର ଥାନା ବଡ଼ପୋଖରିଆ ଅଞ୍ଚଳରେ ଅନୁରୂପ ଭାବେ ସକାଳୁ ରାସ୍ତାରୋକୋ ଚାଲୁ ରହିଥିଲା। ୪ଦିନ ଭିତରେ ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଦାସ ପ୍ରତିଶ୍ରୁତି ଦେବା ପରେ ଅପରାହ୍ଣ ୪ଟା ୧୫ରେ ରାସ୍ତା ଅବରୋଧ ହଟିଥିଲା।

ଅନ୍ୟପକ୍ଷରେ ଘଟଣାକୁ ନେଇ ମୃତକଙ୍କ ଭାଇ ବିଷ୍ଣୁ ଚରଣ ଜେନା ଖୋର୍ଦ୍ଧା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାରେ ଉଲ୍ଲେଖ ରହିଛି ଯେ, ମଙ୍ଗୁଲିଙ୍କ ସହ ବିଷ୍ଣୁ ରବିବାର ରାତିରେ ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ନବୀନାବାଗ ଗାନ୍ଧୀପଡିଆସ୍ଥିତ ବାସଭବନରେ ପହଞ୍ଚି କଥାବାର୍ତ୍ତା ହୋଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରିବାକୁ ସେମାନେ ଦଳର ଜଣେ କର୍ମୀ ପ୍ରଫୁଲ୍ଲ ଖଣ୍ଡେଇତରାୟଙ୍କ ସହ ବୋଲେରୋରେ ବସିଥିଲେ। ଏହି ସମୟରେ ଆଉ ଏକ ବୋଲେରୋ ଆସି ନିକଟରେ ଅଟକିଥିଲା। ସେଥିରେ କେତେଜଣ ଲୋକ ବସିଥିବାବେଳେ ଗାଡିରୁ ସଚିନ୍ ବଳିୟାରସିଂ ଓ ସରପଞ୍ଚ ସାଗର ବିଳିୟାରସିଂ ବାହାରିଥିଲେ। ଏହି ସମୟରେ ଜଣେ ଯୁବକ ଏକ ବାଇକ୍‌ରେ ଆସି ସଚିନ୍ ଓ ଅନ୍ୟମାନଙ୍କ ସହ କଥା ହୋଇଥିଲେ। ସେଠାରୁ ଉକ୍ତ ଯୁବକ ଜଣକ ଆସି ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ଉପରକୁ ଗୁଳି କରିଥିଲେ। ମାତ୍ର ସେ ଖସିଯିବା ପରେ ତାଙ୍କ ବୋଲେରୋ ଉପରକୁ ୩ରୁ ୪ରାଉଣ୍ଡ ଗୁଳିମାଡ଼ ହୋଇଥିଲା। ସେଥିରୁ ୨ଟି ଗୁଳି ମଙ୍ଗୁଲିଙ୍କ ବାମ ପିଞ୍ଜରା ଓ ବାହୁରେ ବାଜିଥିଲା। ଅନ୍ୟ ଏକ ଗୁଳି ବିଷ୍ଣୁ ବସିଥିବା ଗାଡି ସିଟ୍‌ରେ ବାଜିଥିଲା। ପରେ ଗୁଳି ଚଳାଇଥିବା ଯୁବକ ଅନ୍ୟ ବୋଲେରୋରେ ଥିବା ଲୋକଙ୍କୁ ଇସାରା ଦେଇ ଘଟଣାସ୍ଥଳରୁ ପଳାଇଥିଲେ। ସେହି ବୋଲେରୋଟି ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଛି।


ମଙ୍ଗୁଳି ଜେନାଙ୍କ ହତ୍ୟା ପ୍ରତିବାଦରେ ଖୋର୍ଦ୍ଧା ଥାନା ସମ୍ମୁଖରେ ଧାରଣାରେ ବସିଥିବା ଭାଜପା କର୍ମୀ।

ପୂର୍ବରାଗ ଓ ରାଜନୈତିକ ଶତ୍ରୁତାକୁ ନେଇ ମଙ୍ଗୁଳିଙ୍କୁ ହତ୍ୟା କରାଯାଇଥିବା ବିଷ୍ଣୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଘଟଣା ସଂକ୍ରାନ୍ତରେ ଖୋର୍ଦ୍ଧା ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟ ଗଣମାଧ୍ୟମରେ ଭିନ୍ନ ଭିନ୍ନ ବିବୃତି ଦେଇଛନ୍ତି। ହତ୍ୟାକାରୀ ଗାମୁଛା ଘୋଡାଇ ଆସିଥିବା ସେ କହୁଥିବାବେଳେ ଅନ୍ୟ ଏକ ବିବୃତିରେ ହେଲମେଟ ପିନ୍ଧି ଗାଡିରେ ଆସିଥିବା କହିଛନ୍ତି। ସେ କହିଛନ୍ତି, 'ରବିବାର ରାତି ପ୍ରାୟ ୧୧ଟା ୨୦ରେ ଗାନ୍ଧୀପଡିଆସ୍ଥିତ ମୋ ଘରର ଉପର ମହଲାରେ ଆମେ ବସିଥିଲୁ। ପରେ ତଳକୁ ଆସି ମଙ୍ଗୁଳିଙ୍କ ସହ ମୁଁ କଥା ହେଉଥିଲି। ଏହି ସମୟରେ ସେଠାରେ ପ୍ରାୟ ୧୦ରୁ ୧୫ଜଣ ଲୋକ ଥିଲେ। ମଙ୍ଗୁଳିଙ୍କ ସହ ଟାଙ୍ଗୀ ଅଞ୍ଚଳର ମୋର ଜଣେ ସହଯୋଗୀ ଯାଇଥାନ୍ତେ। ଏହି ସମୟରେ ମୁହଁରେ ଗାମୁଛା ପକାଇ ଦୁଇ ଜଣ ବାଇକରେ ଆସିଲେ। ସେମାନଙ୍କ ମଧ୍ୟରୁ ଜଣେ ଗୁଳି ଚଳାଇଥିଲେ। ଗୁଳିଟା ମୋ ପାର୍ଶ୍ୱଦେଇ ପଳାଇଲା। ମୁଁ ବୋଉଲୋ କହି ପଳାଇ ଆସିଲି। ସେହି ସମୟରେ ଗାଡି ଭିତରେ ମଙ୍ଗୁଳି ଜେନାଙ୍କୁ ୨ ରାଉଣ୍ଡ ଗୁଳି ହୋଇଥିଲା। ସେ ଗାଡି ଭିତରେ ଟଳି ପଡିଥିଲେ।'

ହତ୍ୟାକାଣ୍ଡକୁ ନେଇ ସୋମବାର ଦିନତମାମ ଉତ୍ତେଜନା ଲାଗି ରହିଥିବାବେଳେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିବା ସହ ଭୁବନେଶ୍ୱରରେ ଡିଜିପିଙ୍କ କ୍ୟାମ୍ପ ଅଫିସ୍‌ରେ ଖବରଦାତା ସମ୍ମିଳନୀ କରି ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଭିଯୋଗରେ ନିର୍ଦ୍ଦିଷ୍ଟ ଲୋକଙ୍କ ନାଁ ରହିଛି। ପୋଲିସର ପ୍ରଥମ ଲକ୍ଷ୍ୟ ହତ୍ୟାକାରୀ ଓ ଆତତାୟୀଙ୍କୁ ଗିରଫ କରିବା। ଏଥପାଇଁ ଖୋର୍ଦ୍ଧା ଆଦର୍ଶ ଥାନାର ଆଇଆଇସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଆଇଆଇସିଙ୍କୁ ସହାୟତା ପାଇଁ ୪ ଟିମ ଗଠନ ହୋଇଛି। କଟକ କ୍ରାଇମବ୍ରାଞ୍ଚର ସାଇବର ସେଲ ଟିମ୍ ଓ ସାଇଣ୍ଟିଫିକ୍ ଟିମ ତଦନ୍ତରେ ସହଯୋଗ କରୁଛି। ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ଘଟଣାରେ ରାଜନୈତିକ ସମ୍ପୃକ୍ତି ଥିବା ଅଭିଯୋଗ ରହିଥିବାରୁ ତାହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଘଟଣାସ୍ଥଳରେ ଲାଗିଥିବା ୨ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଛି। ତେବେ ଗୋଟିଏ ଫୁଟେଜ୍ କ୍ଲିଅର ନାହିଁ। ତୁରନ୍ତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହେବ ବୋଲି ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ଖୋର୍ଦ୍ଧାରେ ହୋଇଥିବା ହିଂସାକୁ ସେ ଦୃଢ଼ ନିନ୍ଦା କରି ଟୁଇଟ୍ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବାକୁ ନିର୍ବାଚନ କମିଶନରଙ୍କୁ ଅନୁରୋଧ କରିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏହା ବିଜେଡିର ହତାଶାର ପରିଭାଷା। ଶାସକ ଦଳ ପରାଜୟ ଭୟରେ ଏଭଳି କରୁଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପା ପାର୍ଟି ଅଫିସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶୋକ ପ୍ରକାଶ କରି କହିଛନ୍ତି ଯେ, ଦଳୀୟ କାର୍ଯ୍ୟକ୍ରମ ନେଇ ଆଲୋଚନା ବେଳେ ହୋଇଛି ଗୁଳିକାଣ୍ଡ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। କିଛି ଲୋକ ହାରିବା ଭୟରେ ହିଂସାର ବାଟ ଆପଣାଇଛନ୍ତି। ଗଣତନ୍ତ୍ରରେ ବାଲଟ୍‌ର ଲଢେଇ ବୁଲେଟ୍‌ର ନୁହେଁ। ମୁଖ୍ୟମନ୍ତ୍ରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କାର୍ଯ୍ୟାନୁଷ୍ଠାନ ନେବା ପୋଲିସର କାମ, ନିର୍ବାଚନ କମିଶନଙ୍କ ନୁହେଁ। ଶାସକ ଦଳ ଭାଜପା କର୍ମୀଙ୍କୁ ହତ୍ୟା କରି ବିଜୟୀ ହେବାକୁ ଚେଷ୍ଟା କରୁଛି। ଲୋକେ ୧୧ରେ ଏହାର ଜବାବ ଦେଇଛନ୍ତି, ଆଗାମୀ ୧୮, ୨୩ ଓ ୨୯ ତାରିଖରେ ମଧ୍ୟ ଦେବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ବିଜେଡିର ସମ୍ପୃକ୍ତି ଅଭିଯୋଗ ଆଣିଲା ଭାଜପା

ରାଜନୈତିକ ବିବାଦ ଓ ଶତ୍ରୁତାରୁ ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଥିବାବେଳେ ଏ ନେଇ ମଧ୍ୟ ମୃତକଙ୍କ ଭାଇ ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡରେ ବିଜେଡିର ହାତ ରହିଥିବା ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କାଳୁ ଖଣ୍ଡେଇତରାୟ ଅଭିଯୋଗ ଆଣିଛନ୍ତି। ମାତ୍ର ବିଜେଡି ପ୍ରାର୍ଥୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏହାକୁ ଖଣ୍ଡନ କରିଛନ୍ତି। ମିତ୍ରଙ୍କ କହିବାନୁସାରେ, ବିଜେଡି ଭଲ ସ୍ଥିତିରେ ଅଛି। ଭୋଟରଙ୍କୁ ବିଭ୍ରାନ୍ତ ଓ ବିଜେଡିକୁ ବଦନାମ କରିବାକୁ ଯୋଜନାବଦ୍ଧ ଭାବେ ଭାଜପା ଷଡ଼ଯନ୍ତ୍ର କରିଛି। ତେବେ ଏହା ଏକ ନିନ୍ଦନୀୟ ଘଟଣା। ସବୁ ପ୍ରକାରର ତଦନ୍ତକୁ ବିଜେଡି ସ୍ୱାଗତ କରୁଛି। ଏଥିରେ ଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ମିତ୍ର ଦାବି କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଏକାଦଶ ସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଆପଣଙ୍କୁ ଅର୍ଥପ୍ରାପ୍ତି, ବନ୍ଧୁ ସମ୍ପର୍କ, ସଭାସମିତି ଓ ଫଳପ୍ରଦ ଆଲୋଚନା ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବ। କିନ୍ତୁ ରବି ଅଶ୍ୱିନୀ ନକ୍ଷତ୍ରରେ ରହିଥିବାରୁ ଉଚ୍ଚବର୍ଗର ବ୍ୟକ୍ତି, ଗୁରୁଜନଙ୍କୁ କେନ୍ଦ୍ରକରି ପାରିବାରିକ କଳହର ଆଶଙ୍କା ଦେଖାଦେବ। କର୍ମବିଗତି ଭଲ ରହିଲେ ମଧ୍ୟ ପରିଚାଳନା ସମସ୍ୟାରେ ଚିନ୍ତିତ ହେବେ।

**ବୃଷ** ଚନ୍ଦ୍ର କେନ୍ଦ୍ରରେ ଶୁକ୍ରଙ୍କ ନକ୍ଷତ୍ର ପୂର୍ବଫାଲଗୁନୀରେ ରହି ଆପଣଙ୍କୁ କାର୍ଯ୍ୟସିଦ୍ଧି, ଅଭିଳଷିତ ଦ୍ରବ୍ୟ ପ୍ରାପ୍ତି, ମିତ୍ରବର୍ଗଙ୍କ ସହାୟତା ପ୍ରଦାନ କରିପାରେ। ଆର୍ଥିକ ଉନ୍ନତି ସହ ବିଳାସ ଉପକରଣ,ନୂତନ କର୍ମାରମ୍ଭ ଓ ଧାର୍ମିକ ବାତାବରଣ ମଧ୍ୟ ସୃଷ୍ଟି କରିବ। ସଭାସମିତିରେ, ରାଜନୈତିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସୁନାମ ଅର୍ଜନ କରିବେ।

**ମିଥୁନ** ରାଶ୍ୟାଧିପତି କର୍ମସ୍ଥାନରେ ଶୁକ୍ର ଯୁକ୍ତ ହୋଇ ପରିବାର ସ୍ଥାନକୁ ଅବଲୋକନ କରୁଥିବାରୁ ପାରିବାରିକ ସୁଖ ସମୃଦ୍ଧି ଓ ବନ୍ଧୁଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନର ମଉକା ପାଇବେ। ଆଜିର ଦୂରଯାତ୍ରା ସମୟରେ ଜାଣିଶୁଣି କେତେକ ଅପରିଚିତ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହୋଇପାରନ୍ତି। ଯାନବାହନ ଚାଳନା, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ସତର୍କତା ଅବଲମ୍ବନ କରିବା ଭଲ।

**କର୍କଟ** ଚନ୍ଦ୍ର ସୁଖଭାବରେ ରହିଥିବାରୁ ଆଜି ଦିନଟି ଆପଣଙ୍କ ମନ ବହୁତ ଖୁସି ରହିବ। ଏପରି କି ବନ୍ଧୁ ଗହଣରେ ହସଖୁସିରେ ସମୟ କଟିବ। କୌଶଳ ପ୍ରୟୋଗ ପୂର୍ବକ କୂଟନୀତି ବଳରେ କାର୍ଯ୍ୟ ସାଧନ କରିପାରନ୍ତି। ସାମାଜିକ ସ୍ତରରେ କେତେକ ସନ୍ଦେହଜନକ ପରିସ୍ଥିତିକୁ ଲକ୍ଷ୍ୟ କରି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ।

**ସିଂହ** ରାଶିରେ ବ୍ୟୟାଧିପତି ରହି ଆଜି ଆପଣଙ୍କ ବ୍ୟୟ ବହୁଳତା ମାଧ୍ୟମରେ ମନସ୍ତାପ ସୃଷ୍ଟି କରିପାରନ୍ତି। ଭାଗ୍ୟସ୍ଥାନରେ ରାଶ୍ୟାଧିପ ଆପଣଙ୍କ ସମସ୍ତ କାର୍ଯ୍ୟକୁ ସମ୍ମାନର ସହ ସମ୍ପନ୍ନ କରାଇବେ। ଏକାଦଶସ୍ଥ ରାହୁ ମନ୍ତ୍ରଣା ସ୍ଥାନକୁ ପ୍ରଭାବିତ କରୁଥିବାରୁ ଖଳ ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ସଫଳତା ପାଇବେ।

**କନ୍ୟା** ଧନକର୍ମାଧିପ ରାଶ୍ୟାଧିପ ସହ ରହିଥିବାରୁ ଆଜି ଯେଉଁ କାମରେ ହାତଦେବେ ସେଥିରେ ଆପଣ ନିଶ୍ଚିତ କୃତକାର୍ଯ୍ୟ ହେବେ। ପାରିବାରିକ କ୍ଷେତ୍ର, ଜମିଜମା ବ୍ୟବସାୟ, ବିଦ୍ୟୁତ୍, ଇଲେକ୍ଟ୍ରୋନିକ୍, ସମ୍ପର୍କୀୟ କ୍ଷେତ୍ର ମଧ୍ୟ ବିବାଦୀୟ ରହିବ। ଅଭାବ ରହିଲେ ମଧ୍ୟ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇବାରେ କୌଣସି ଅସୁବିଧା ହେବ ନାହିଁ। ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହେବେ।

**ତୁଳା** ଆଜିର ଚନ୍ଦ୍ର ଆପଣଙ୍କ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରି ମାନସିକ ଓ ଶାରୀରିକ ସୁସ୍ଥତା ରଖିବେ। ସପ୍ତମାଧିପ ମଙ୍ଗଳ ଦ୍ୱାଦଶସ୍ଥାନରେ ରହି ଆପଣଙ୍କ ଅର୍ଥ ଓ ପାରିବାରିକ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି। ବନ୍ଧୁମାନଙ୍କ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବିଛା** କର୍ମସ୍ଥାନରେ ଭାଗ୍ୟାଧିପତି ଆପଣଙ୍କ ପ୍ରତ୍ୟେକ କର୍ମକୁ ବାଧାମୁକ୍ତ କରାଇବା ସହ ଆଶା ପୂରଣରେ ସହାୟକ ହେବେ। ପ୍ରତ୍ୟେକ ସ୍ତରରେ ଆଲୋଚନା ପରିସରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ସାମାଜିକ ସ୍ତରରେ ବ୍ୟକ୍ତିବିଶେଷଙ୍କୁ ପ୍ରୀତ କରାଇ ପ୍ରଶଂସିତ ହୋଇପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆକସ୍ମିକ ଭାବରେ ପାଇ ଖୁସି ହେବେ।

**ଧନୁ** ଅନୁକୂଳ ସ୍ଥିତିରେ ଭାଗ୍ୟାଧିପ ଆପଣଙ୍କ ଉଦ୍ୟମକୁ ସାକାର କରିବା ପାଇଁ ସୁନ୍ଦର ବାତାବରଣ ସୃଷ୍ଟି କରିବେ। ଚନ୍ଦ୍ରଙ୍କ ପ୍ରଭାବରେ ମାନସିକ ସ୍ଥିତି ଭଲ ରହିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପାପଯୁକ୍ତ ବୃହସ୍ପତିଙ୍କ ଯୋଗୁ ସାମାନ୍ୟ ଶାରୀରିକ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ହୋଟେଲ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମକର** ଆଜି ଅଷ୍ଟମସ୍ଥ ଚନ୍ଦ୍ର ଆପଣଙ୍କ ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ଯେତେ ପ୍ରକାରର ସୁବିଧା ଥିଲେ ମଧ୍ୟ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ପିଲାମାନଙ୍କ କଳହକୁ କେନ୍ଦ୍ର କରି ଓ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଅବଶ୍ୟ ବୈବାହିକ କର୍ମ ସମ୍ପାଦନା ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ୱୀକୃତ ହେବାର ସୂଚନା ରହିଛି।

**କୁମ୍ଭ** ଷଷ୍ଠାଧିପତି ସପ୍ତମ କେନ୍ଦ୍ରରେ ରହି ପରିବାର, ବନ୍ଧୁ, କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। କେତେକ କ୍ଷେତ୍ରରେ ମନ କଥାକୁ ମନରେ ରଖି କାମରେ ଅଗ୍ରସର ହେବାକୁ ବାଧ୍ୟ ହେବେ। ନିଜ ଲୋକ କେହି ଶତ୍ରୁତା କରିପାରନ୍ତି। ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ** ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ବିବାଦୀୟ ମନ୍ତବ୍ୟ,ସନ୍ତାନ ହେତୁକ ପୀଡା ପ୍ରଦାନ କରିପାରେ । ତଥାପି ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପ୍ରତ୍ୟେକ ବିଘ୍ନରୁ ସହଯୋଗ ପାଇ କର୍ମକ୍ଷେତ୍ରରେ ପ୍ରତିଷ୍ଠାଲାଭ କରିବେ । ପାରିବାରିକ କ୍ଷେତ୍ର ଓ ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ଭଲ ହେବ ନାହିଁ। ବିବାଦୀୟ ଘଟଣାରେ କିମ୍ବା ଅର୍ଥ ପ୍ରାପ୍ତିରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ ।

ଆଜି ଚୈତ୍ର ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଶ୍ରୀମନ୍ଦିରରେ ଶ୍ରୀରାମ ବନବାସ ଓ କନ୍ଦର୍ପାଧିବାସ, ଚୈତ୍ର ମଙ୍ଗଳବାର ଓଷା,ଚତୁର୍ଥ ଓ ଶେଷ ପାଳି, ଏପ୍ରିଲ ୧୬ ତାରିଖ, ରାଶି ନକ୍ଷତ୍ର-ପୂର୍ବଫାଲଗୁନୀ/ସିଂହ, ଦ୍ୱାଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ମକରରାଶିର ଘାତବାର, ଦିବା ଘ ୮।୩୩ମି. ଗତେ ଘ୧୦।୦୭ମି. ମଧ୍ୟେ, ଘ୧୧।୪୧ମି. ଗତେ ଘ୧।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୭ମି. ଗତେ ଘ୧୧।୪୧ମି. ମଧ୍ୟେ ଘ୨।୫୪ମି. ଗତେ ଘ୪।୧୮ମି. ମଧ୍ୟେ ମାହେନ୍ଦ୍ରବେଳା।

# classifieds



**SALE**

Ashok Leyland 36 seater AC bus model-II, Bolero pickup 2016 for sale. Contact: 8908213777. D- 64957



**SALE**

Commercial plot Prime location. Laxmisagar and Hanspal square. Contact: 7992916484. D-12156

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଛି। 9937823228. D-66306

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200ରୁ 1,32,000/-, BEC College ଠାରେ 1200ରୁ 3,00,000/- (out-right). 9776934361, 8144706560. D-66317

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D-66333

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200ରୁ 3,80,000/- ପ୍ରତାପ ନଗରୀ ଧାଙ୍କଲେଇ ପାଠ ଠାରେ 1200ରୁ 3,00,000/- (out-right). 9776934361, 8144706560. D-66318

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

CV Raman College ପାଖରେ yellowzone plot 2000 sqft. ବିକ୍ରିହେବ। Contact: 9778928492. D-65638

Plot sale Patia sqft.-1,090/-, Sundarpada-300/-, Pitapalli- 620/-. 7377735755. D-12111

ଭୁବନେଶ୍ୱର KEC, ଗୁଡିଆ ପୋଖରୀଠାରେ 30'road Boundary wall, electry, gharabari, temple, sqft. 650/-ରେ ବିଆଯାଉ ଅଛି। 7008045582, 9692003948. D-12088

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

30' road, electricity, boundary ଥାଇ BDA plot Bhubaneswar Patapalli chhakre ମିଳୁଛି। 9090963952. D-66343

Bhubaneswar AIIMS front Govt. road ଲାଗି gharabari yellow zone plot ବିକ୍ରିହେବ: 8480745797. D-66332

**LEASE**

Land requires on basis of outright, sharing, marketing. 9583295832, 9437261587. D-12164



Rent for office at Esplanade mall, Rasulgarh. Contact: 9861037729, 9040337729. D-68943



Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Summer special mesmerizing offer expert therapeutic refreshing massage appointment. 9668374480. D-66080

Herbal full body massage with refreshment by well trained therapist. 7381239385, 0674-2540855. D-66076

Experience full body massage with us by experts. Enquiry- 0674-2597822, 7377048581. D-66077

Herbal full body massage by smart/expert therapist. Contact: 8338067247. D-66078

Ayurvedic full body massage ladies/ gents experts therapist. 8338097451. D-65877

Newly opening ayurvedic body massage smart therapist Shree herbal. 7750020754. D-66079

Newly open body massage by ladies/ gents Samantrapur, BBSR. 7749975576. D-65875

Ayurvedic full body massage ladies/ gents smart experts therapist. 9114697517. D-65876


Sampark ayurvedic massage club fully relaxed by smart lady, home service available. 8280102993. D-65873

**AFFIDAVIT**

By virtue of an affidavit No.47AA721728, Dt.15.04.2019. I, Sri Bibekananda Dalai states that my name as per HSCE Certificate Vivekananda Dalai change to as per my Aadhar Card and all documents Bibekananda Dalai. D-12157

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କୌଣସି ଦାୟୀ ରହିବେ ନାହିଁ।

## ଜନ୍ମଦିନ ଶୁଭେଚ୍ଛା


ଅଙ୍କିତ୍ ସାମନ୍ତରାୟ
ସରଳପୁର

ଆଜି ତୋର ତୃୟୋଦଶ ଜନ୍ମଦିବସରେ "ମା' ତାରିଣୀ" ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛା ସହ
ମା, ଅଜା, ଆଈ, ଘାପା, ମାମୁ, ଖୁଡ଼ୀ, ଖୁଡ଼ା, ଭାଇ, ଭଉଣୀ, ଡିଙ୍ଗଲା
ଧ-୧୨୧୫୦



ଜିଏସ୍‌ଏଲ୍‌ଭିର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟକ୍ରମ ଜାରି ରଖିବାକୁ କେନ୍ଦ୍ର କ୍ୟାବିନେଟ ସୋମବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହା ୨ ଟନ୍ ଓଜନ ବର୍ଗର ଜିଓ-ଇମେଜିଂ, ନାଭିଗେଶନ, ଡାଟା ରିଲେ କମ୍ୟୁନିକେଶନ ଏବଂ ମହାକାଶ ବିଜ୍ଞାନ ସାଟେଲାଇଟ ଉତ୍‌କ୍ଷେପଣ କରିପାରିବ। ଏଥିପାଇଁ ୬୫୭୨୯.୧୩ କୋଟି ଟଙ୍କା ବ୍ୟୟ ହେବ।









■ କେନ୍ଦ୍ରରେ ସଂଖ୍ୟା ଗରିଷ୍ଠତାକୁ ନେଇ ଆଶଙ୍କା

# 'ଯିଏ ରାଜ୍ୟ ସ୍ୱାର୍ଥ ବୁଝିବ ତାକୁ ସମର୍ଥନ'

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଚଳିତ ସାଧାରଣ ନିର୍ବାଚନର ଗୋଟିଏ ପର୍ଯ୍ୟାୟ ଶେଷ ହୋଇଛି। ତେବେ ବିଭିନ୍ନ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ କେନ୍ଦ୍ରରେ ଭାଜପା ପରିଚାଳିତ ଏନଡିଏ କିମ୍ବା କଂଗ୍ରେସ ନେତୃତ୍ୱାଧୀନ ଉପାକୁ ବହୁମତ ମିଳିବା ସମ୍ଭାବନା କମ୍। ଏପରି ସ୍ଥଳେ ଆଞ୍ଚଳିକ ଦଳଗୁଡ଼ିକର ଗୁରୁତ୍ୱ ବଢ଼ିଯିବା ସମ୍ଭାବନା ରହିଛି। ନିର୍ବାଚନ ଫଳାଫଳ ସର୍ଭେକୁ ଆଧାର କରି ବିଜେଡି ଏବେଠାରୁ ଗୋଟି ଚାଳନା ଆରମ୍ଭ କରି ଦେଇଛି। ଉଭୟ କଂଗ୍ରେସ ଓ ଭାଜପାଠାରୁ ସମଦୂରତ୍ୱ ରଖିବାକୁ କହି ଆସୁଥିବା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ କରିଥିବା ନେଇ ଚର୍ଚ୍ଚା ହେଉଛି। ଏପରି କି ଚଳିତ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜେଡି କେନ୍ଦ୍ରରେ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ନବୀନ କହି ଆସୁଛନ୍ତି। ଯେଉଁ ସରକାର ରାଜ୍ୟର ସ୍ୱାର୍ଥକୁ ଗୁରୁତ୍ୱ ଦେବ ବିଜେଡି ସେହି ସରକାରଙ୍କୁ ସମର୍ଥନ କରିବ ବୋଲି ମୁଖ୍ୟମନ୍ତ୍ରୀ ଏକ

### ଫଳାଫଳ ପୂର୍ବରୁ ବିଜେଡିର ଗୋଟି ଚାଳନା

ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାରରେ ସୂଚନା ଦେଇଛନ୍ତି। ନବୀନଙ୍କ ଏଭଳି ମତ କେଉଁ ଜାତୀୟ ଦଳ କିମ୍ବା ମେଣ୍ଟକୁ ସମର୍ଥନ କରିବ ତାହା ସ୍ପଷ୍ଟ ହୋଇ ନାହିଁ।

ମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ରାଜନୈତିକ ବିଶ୍ଳେଷକ ତଥା ଇଣ୍ଡିଆ ଟୁଡେର କନ୍‌ସଲଟିଂ ଏଡିଟର ରାଜଦୀପ ସର ଦେଶାଇ କହିଛନ୍ତି ଯେ ୨୦୧୯ ନିର୍ବାଚନରେ ଆଞ୍ଚଳିକ ଦଳଗୁଡ଼ିକର କେନ୍ଦ୍ରରେ ସରକାର ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଯଦି ଉତ୍ତର ପ୍ରଦେଶରେ ମୋଦିଙ୍କ ମ୍ୟାଜିକ୍ କାମ ନ କରିବ ତେବେ ଭାଜପାକୁ ନୂତନ ସହଯୋଗୀର ଆବଶ୍ୟକତା ପଡ଼ିବ। ଯେଉଁ ଆଞ୍ଚଳିକ ଦଳ ୧୫ଟି ସିଟରୁ ଅଧିକ ଆସନ ପାଇବାରେ ସଫଳ ହେବେ ସେହି ଦଳଗୁଡ଼ିକ ଦିଲ୍ଲୀରେ ସରକାର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ସେହି ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟରେ ଏସପି, ବିଏସପି, କେସିଆର, ଜଗମୋହନ ରେଡ୍ଡୀ, ଡିଏମକେ, ତୃଣମୂଳ ଏବଂ ବିଜେଡିର ନାମ ଆଗରେ ରହିଛି। ଯଦି ଆଞ୍ଚଳିକ ଦଳଗୁଡ଼ିକ ୧୨୦ରୁ ଅଧିକ ସିଟି ହାସଲ କରିବାରେ ସଫଳ ହେବେ ତେବେ ପ୍ରଧାନମନ୍ତ୍ରୀ ବାଛିବା କ୍ଷମତା ମଧ୍ୟ ସେହି ଦଳଗୁଡ଼ିକ ହାତରେ ରହିବ ବୋଲି କୁହାଯାଉଛି। ରାଜନୈତିକ ବିଶ୍ଳେଷକଙ୍କ କହିବା କଥା ହେଲା ବିଜେଡି ଭାଜପା ପରିଚାଳିତ ଏନଡିଏ, କଂଗ୍ରେସ ପରିଚାଳିତ ଉପା କିମ୍ବା ମହାଗଠବନ୍ଧନକୁ ସମର୍ଥନ କରିବାକୁ ପଡ଼ିବ। ନିର୍ବାଚନ ଫଳାଫଳ ଉପରେ ହିଁ ସବୁ କିଛି ନିର୍ଭର କରୁଛି। ଯଦି ସରକାର ଗଠନ ପାଇଁ ସଂଖ୍ୟାଗରିଷ୍ଠ ଆସନ ନ ମିଳିବ ତେବେ ବିଜେଡିକୁ ନିଜର ଦାବି ନେଇ ମୂଳ ଚାଲ କରିବାକୁ ସୁଯୋଗ ମିଳିପାରିବ। ବିଜେଡି ବିମୁଦ୍ରୀକରଣ, ଜିଏସଟି ଆଦି କ୍ଷେତ୍ରରେ ଏନଡିଏକୁ ସମର୍ଥନ ଦେଇ ଆସିଛି। ୨୦୧୪ରେ କଂଗ୍ରେସ ଥିବାବେଳେ ଚଳିତ ନିର୍ବାଚନରେ ରାଜ୍ୟରେ ଭାଜପା ବିଜେଡିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଛି। ଏଭଳି କ୍ଷେତ୍ରରେ ବିଜେଡି ରାଜ୍ୟର ମୁଖ୍ୟ ବିରୋଧୀ ଦଳକୁ କେନ୍ଦ୍ରରେ ସମର୍ଥନ ଦେବ କି ଅନ୍ୟ କାହାକୁ ସମର୍ଥନ କରିବ ତାହା ଚୂଡ଼ାନ୍ତ ଫଳାଫଳ ପରେ ଜଣାପଡ଼ିବ।

## ଟିକେଟ ନ ପାଇ ଦଳ ଛାଡ଼ିଥିବା ନେତା ବହିଷ୍କୃତ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଚଳିତ ନିର୍ବାଚନରେ ବିଜେଡିରୁ ଟିକେଟ ନ ପାଇ ଦଳ ଛାଡ଼ିଥିବା ବିଧାୟକ, ପୂର୍ବତନ ମନ୍ତ୍ରୀ ଓ ଆଶାୟୀ ପ୍ରାର୍ଥୀମାନଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କୃତ କରାଯାଇଛି। ବାଲେଶ୍ୱର ଜିଲାର ରଘୁନାଥ ମହାନ୍ତି, ଅନୁଗୋଳ ଜିଲାର ରବି ପାଣି, ଭଦ୍ରକ ଜିଲାର ଅର୍ଜ୍ଜୁନ ସେଠୀ, ଅଭିମନ୍ୟୁ ସେଠୀ, ନୟାଗଡ଼ ଜିଲାର ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ଗଜପତି ଜିଲାର କେ. ନାରାୟଣ ରାଓ, ନୟାଗଡ଼ ଜିଲାର ପୂର୍ଣ୍ଣ ଚନ୍ଦ୍ର ନାୟକ, ଗଜପତି ଜିଲାର ବାସନ୍ତୀ ମଲ୍ଲିକ, ଗଞ୍ଜାମ ଜିଲାର ଦେବରାଜ ମହାନ୍ତି, ଭୁବନେଶ୍ୱର ସାଙ୍ଗଠନିକ ଜିଲାର ବାବୁ ସିଂହ, ମୟୂରଭଞ୍ଜ ଜିଲାର ଲକ୍ଷ୍ମଣ ଟୁଡୁ, ପ୍ରବୀଣ ଭଞ୍ଜ ଦେଓ, ପୁରୀ ଜିଲାର ଜୟନ୍ତ ଷଡ଼ଙ୍ଗୀ ଓ ସୁନ୍ଦରଗଡ଼ ଜିଲାର କୁସୁମ ଟେଟେଙ୍କୁ ବିଜୁ ଜନତା ଦଳରୁ ବହିଷ୍କୃତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ବିଧାୟକ ଓ ନେତାମାନଙ୍କ ଦଳରୁ ବହିଷ୍କାର କରାଯାଇଥିବା ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ଫେସ୍‌ବୁକ୍‌ରେ ନିର୍ବାଚନୀ ପ୍ରଚାର

ଛତ୍ରପୁର,୧୫।୪(ଡି.ଏନ.ଏ.)

ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାର କରିବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ସମ୍ପୃକ୍ତ ଶିକ୍ଷକଙ୍କୁ ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଲମ୍ବନ କରିଛନ୍ତି। ସେ ହେଲେ ହିଞ୍ଜିଳି ବ୍ଲକ ଆଲପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୈଳାସପତି ଦାଶ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି।

ପ୍ରକାଶ ଯେ, ସୋସିଆଲ୍ ମିଡିଆରେ ସହକାରୀ ଶିକ୍ଷକ ଦାଶ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାର କରୁଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କୁଲାଙ୍ଗେ ବିଶ୍ୱସ୍ତସୂତ୍ରରୁ ସୂଚନା ପାଇଥିଲେ। ତୁରନ୍ତ ଏହାର ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷକଙ୍କ ଫେସ୍‌ବୁକ୍ ଆକାଉଣ୍ଟ ଅନୁସନ୍ଧାନ କରାଯିବାରୁ ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ରିପୋର୍ଟକୁ ଆଧାର କରି ଜିଲାପାଳ କୁଲାଙ୍ଗେ ସୋମବାର ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସେ ପ୍ରତ୍ୟହ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ହୋଇଛି। ଯେ କୌଣସି ବି କର୍ମଚାରୀ ନିର୍ବାଚନ ଆଚରଣ ବିଧି ବ୍ୟବସ୍ଥାକୁ ଅବମାନନା କଲେ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସତର୍କ କରି ଦିଆଯାଇଛି।

### ନିଲମ୍ବନ ହେଲେ ସହକାରୀ ଶିକ୍ଷକ

# ନବୀନଙ୍କ ସମ୍ପତ୍ତି ୬୩ କୋଟି, ସଂଗୀତାଙ୍କ ୩୭ କୋଟି

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଆସନ୍ତା ୧୮ ତାରିଖରେ ରାଜ୍ୟରେ ୫ଟି ଲୋକ ସଭା ଆସନ ଏବଂ ୩୫ଟି ବିଧାନସଭା ଆସନରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ଭାବେ ୨୪୪ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୩୫ ବିଧାନସଭା ଆସନରେ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୮୪ ଜଣ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବା ବେଳେ ୬୮ ଜଣଙ୍କ ନାମରେ ରହିଛି ସଙ୍ଗିନ୍ ଅପରାଧ। ସେହିପରି ୫ଟି ଲୋକ ସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ୩୫ ଜଣଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣଙ୍କ ନାମରେ ରହିଛି ସଙ୍ଗିନ୍ ଆପରାଧିକ ମାମଲା। ଉକ୍ତ ପ୍ରାର୍ଥୀଙ୍କ ସତ୍ୟପାଠକୁ ଅନୁଶୀଳନ କରି ଓଡ଼ିଶା ଇଲେକ୍ସନ ୱାଚ୍ ନାମକ ସଂସ୍ଥା ପକ୍ଷରୁ ଏଭଳି ତଥ୍ୟ ଦିଆଯାଇଛି।

ସୋମବାର ସଂସ୍ଥା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୮୪ ଜଣ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ୬୮ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା ରହିଛି। ପ୍ରମୁଖ ରାଜନୈତିକ ଦଳ ଭାଜପାରେ ସର୍ବାଧିକ ୨୧ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୧୭ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ୧୦ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା, ବିଜେଡିର ୧୩ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କ ନାମରେ ଏବଂ ବହୁଜନ ସମାଜ ପାର୍ଟି(ବିଏସପି)ର ୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣଙ୍କ ନାମରେ ରହିଛି ସାଂଘାତିକ ଆପରାଧିକ ମାମଲା। ସେହିପରି ୫ଟି ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩୫ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ଫୌଜଦାରି ମାମଲା ଥିବା ସେମାନେ ସତ୍ୟପାଠରେ ଘୋଷଣା କରିଥିବାବେଳେ ୫ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା ରହିଛି।

ଏପରିକି ଅନେକ ନେତା ଧନ ସମ୍ପତ୍ତି ଆହରଣ କରିବାରେ ମଧ୍ୟ ପଛରେ ନାହାନ୍ତି। ବିଧାନସଭା ଆସନ ପାଇଁ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୦ ଜଣଙ୍କ ସମ୍ପତ୍ତି ଏକାଧିକ କୋଟି ଟଙ୍କା ହୋଇଥିବା ବେଳେ ଅନ୍ୟମାନଙ୍କର ସମ୍ପତ୍ତିର ହାରାହାରି ମୂଲ୍ୟ ୧.୯୩ କୋଟି ଟଙ୍କା ରହିଛି। ସତ୍ୟପାଠ ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣ ପ୍ରାର୍ଥୀ ୫ କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇଥିବା ବେଳେ ୨୪ ଜଣ ୨ରୁ ୫ କୋଟି, ୬୧ ଜଣ ୫୦ ଲକ୍ଷରୁ ୨ କୋଟି, ୬୧ ଜଣ ୧୦ ଲକ୍ଷରୁ ୫୦ ଲକ୍ଷ ଏବଂ ୮୨ ଜଣ ୧୦ ଲକ୍ଷରୁ କମ୍ ଟଙ୍କାର ମାଲିକ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପ୍ରାର୍ଥୀମାନଙ୍କ ମଧ୍ୟରେ ସବୁଠାରୁ ଧନୀ ହୋଇଥିବା ବେଳେ ଏମ୍‌ପି ପ୍ରାର୍ଥୀମାନଙ୍କ ମଧ୍ୟରେ ବଲାଙ୍ଗୀରର ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ସବୁଠୁ ଧନୀ ପ୍ରାର୍ଥୀ। ନବୀନଙ୍କର ମୋଟ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ୬୩ କୋଟି ଟଙ୍କା ହୋଇଥିବା ବେଳେ ସଂଗୀତାଙ୍କର ସମ୍ପତ୍ତି ମୂଲ୍ୟ ୩୭ କୋଟି। ସେହିପରି ବିଧାନସଭା ପ୍ରାର୍ଥୀ ଭାବେ ଭାଜପା ପ୍ରାର୍ଥୀ କନକ ବର୍ଦ୍ଧନ ସିଂଦେଓଙ୍କ ସମ୍ପତ୍ତିର ମୂଲ୍ୟ ୩୭ କୋଟି ଟଙ୍କା ହୋଇଥିବା ବେଳେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇ ଝାରସୁଗୁଡ଼ା ବିଧାନସଭା ଆସନରୁ ବିଜେଡି ଟିକେଟରେ ଲଢୁଥିବା ନବ କିଶୋର ଦାସଙ୍କ ସମ୍ପତ୍ତିର ମୂଲ୍ୟ ୩୩ କୋଟି ବୋଲି ସତ୍ୟପାଠରୁ ଜଣାପଡ଼ିଛି। ରାଜନୈତିକ ଦଳଗୁଡିକୁ ହିସାବକୁ ନେଲେ ବିଜେଡିରେ ସର୍ବାଧିକ ୬୦ ପ୍ରତିଶତ ପ୍ରାର୍ଥୀ କୋଟିପତି ହୋଇଥିବା ବେଳେ ଭାଜପା ୫୭ ପ୍ରତିଶତ ଏବଂ କଂଗ୍ରେସର ୪୧ ପ୍ରତିଶତ ପ୍ରାର୍ଥୀ କୋଟିପତି।

ବିଧାନସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ନିଜର ଶିକ୍ଷାଗତ ଯୋଗ୍ୟତା ଦର୍ଶାଇ ନ ଥିବା ବେଳେ ୪ ଜଣ ଖାଲି ନା ଦସ୍ତଖତ ଶିଖିଛନ୍ତି। ୧୧୧ ଜଣ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ଯାଏ ପାଠ ପଢିଥିବା ବେଳେ ୧୨୧ ଜଣ ଗ୍ରାଜୁଏଟ ଓ ତା'ଠାରୁ ଅଧିକ ପାଠ ପଢିଛନ୍ତି। ସେହିପରି ପ୍ରାର୍ଥୀମାନଙ୍କର ବୟସକୁ ଯଦି ଦେଖାଯାଏ ତେବେ ଜଣେ ପ୍ରାର୍ଥୀ ତାଙ୍କର କେତେ ବୟସ ଦର୍ଶାଇ ନ ଥିବା ବେଳେ ୩୬ ଜଣଙ୍କର ବୟସ ୬୧ରୁ ୮୦, ୧୪୭ ଜଣଙ୍କର ୪୧ରୁ ୬୦ ଏବଂ ୫୭ ଜଣଙ୍କର ୨୫ରୁ ୪୦ ବର୍ଷ ଦର୍ଶାଇଛନ୍ତି। ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୨୫ ଜଣ ମହିଳା ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇଛନ୍ତି। ସେହିପରି ଲୋକ ସଭା ଆସନ ପାଇଁ ନିର୍ବାଚନ ଲଢୁଥିବା ୧୧ ଜଣ ପ୍ରାର୍ଥୀଙ୍କର ସମ୍ପତ୍ତିର ମୂଲ୍ୟ ୧ କୋଟିରୁ ଅଧିକ। ବଲାଙ୍ଗୀର ଲୋକ ସଭା ଆସନରୁ ନିର୍ବାଚନ ଲଢୁଥିବା ରାଜ ପରିବାରର ଦୁଇ ପ୍ରାର୍ଥୀ ସଂଗୀତା କୁମାରୀ ସିଂଦେଓଙ୍କ ସମ୍ପତ୍ତି ମୂଲ୍ୟ ୩୭ କୋଟି ଟଙ୍କା ହୋଇଥିବା ବେଳେ କଳିକେଶ ନାରାୟଣ ସିଂଦେଓଙ୍କ ସମ୍ପତ୍ତିର ମୂଲ୍ୟ ୨୦ କୋଟି ଏବଂ ବରଗଡ଼ ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରସନ୍ନ ଆଚାର୍ଯ୍ୟଙ୍କ ସମ୍ପତ୍ତିର ମୂଲ୍ୟ ୯କୋଟି ଟଙ୍କା ରହିଛି।

### ଇଲେକ୍ସନ ୱାଚ୍ ରିପୋର୍ଟ

- ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ
- ୩୫ ବିଧାନସଭାର ୮୪ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା
- ୬୮ ଜଣଙ୍କ ନାମରେ ସଙ୍ଗିନ୍ ଅପରାଧ
- ୫ ଲୋକ ସଭାର ୫ ପ୍ରାର୍ଥୀଙ୍କ ନାମରେ ଗୁରୁତର ମାମଲା



ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ–ଅଧିକ ଖୋଜି ପାରିବ–ଅଧିକ ଶ୍ରମ କରିପାରିବ– ସେ ହିଁ ଅଧିକ ଶକ୍ତି ଲାଭ କରିବ। –ଶ୍ରୀଅରବିନ୍ଦ

# ସମାଧାନକାରୀ ନୁହେଁ, ସୃଷ୍ଟିକର୍ତ୍ତା

ସାଧାରଣ ନିର୍ବାଚନ ୨୦୧୯ର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଏପ୍ରିଲ ୧୮ରେ ଅନୁଷ୍ଠିତ ହେବାକୁ ଯାଉଛି। ସମଗ୍ର ଦେଶରେ ଦିନକୁ ଦିନ ପ୍ରଚାର ଅଭିଯାନ ଜୋରଦାର ହେବାରେ ଲାଗିଛି। ନିଜ ସପକ୍ଷରେ ଭୋଟ ହାତେଇବା ସକାଶେ ରାଜନୈତିକ ଦଳଗୁଡ଼ିକ ପରସ୍ପର ଉପରେ ବିଭିନ୍ନ ପ୍ରକାର ଦୋଷାରୋପ ଓ ଅକଥନୀୟ ଭାଷା ପ୍ରୟୋଗ କରୁଛନ୍ତି। ନିକଟରେ ଉତ୍ତରପ୍ରଦେଶର ରାମପୁର ଲୋକ ସଭା ଆସନ ଲାଗି ପ୍ରାର୍ଥୀ ହୋଇଥିବା ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଜନତା ପାର୍ଟି (ଭାଜପା)ର ଜୟ ପ୍ରଦାଙ୍କ ଉପରେ ଯେଭଳି ନୀଚ ଧରଣର ଟିପ୍ପଣୀ ଦେଇଛନ୍ତି, ତାହା ସାଧାରଣରେ ଆଦୌ ଗ୍ରହଣୀୟ ହୋଇନାହିଁ। ଏ ନେଇ ଆଜମ୍‌ଙ୍କ ବିରୋଧରେ ଏତଲା ଦାଏର କରାଯାଇଛି। ଏପରି କି ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଆଜମ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ବାଚନ କମିଶନ (ଇସି)ଙ୍କୁ ଚିଠି ଲେଖିଛନ୍ତି। ଲୋକ ସଭା ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ଯଦି ଅଭଦ୍ର ଶବ୍ଦ ବ୍ୟବହାର କରିବେ, ତେବେ ଗଣତାନ୍ତ୍ରିକ ମୂଲ୍ୟବୋଧ ବଡ଼ଧରଣର ବିପଦରେ ପଡ଼ିଛି ବୋଲି କୁହାଯାଇପାରେ। ସେମିତି କୁହାଯାଉଛି, ଯାହାର ଭିଡିଓ ମଧ୍ୟ ଦେଖିବାକୁ ମିଳିଛି ଯେ, ହିମାଚଳ ପ୍ରଦେଶର ରାଜ୍ୟ ଭାଜପା ସଭାପତି ସତ୍‌ପାଲ ସିଂ ସତ୍ତୀ ଏକ ସାଧାରଣ ସଭାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଅତ୍ୟନ୍ତ ଅଶାଳୀନ ଭାଷା ବ୍ୟବହାର କରିଛନ୍ତି। ଏହାର ଅନ୍ତର୍ଜାତୀୟ ଉଦାହରଣ ଦେଖିଲେ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନ ସମୟରେ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ନିର୍ବାଚନୀ ବିରୋଧୀମାନଙ୍କୁ ଅତି ଅଶାଳୀନ ଭାଷାରେ ଶୋଧୁଥିବାର ଦେଖାଯାଇଥିଲା। ଏବେ ପ୍ରଚାର ସମୟରେ ଭାରତରେ ଯେଉଁ ପ୍ରକାରର ଭାଷା ବ୍ୟବହାର କରାଯାଉଛି, ତାହା ପୂର୍ବରୁ ଶୁଣିବାକୁ ମିଳୁ ନ ଥିଲା। ତେଣୁ ନିର୍ବାଚନ କମିଶନ ଏଭଳି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା ବ୍ୟକ୍ତି, ଯେକୌଣସି ଦଳର ହୋଇଥାଆନ୍ତୁ ନା କାହିଁକି, ତାଙ୍କୁ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରଖିବା ସକାଶେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇପଡ଼ିଲାଣି।


ଅନ୍ୟ ଏକ ଘଟଣାରେ ନିର୍ବାଚନ କମିଶନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନେତ୍ରୀ ମାୟାବତୀଙ୍କ ବିରୋଧରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରିଥିବାରୁ ଉଭୟଙ୍କୁ ଦଣ୍ଡିତ କରିଛନ୍ତି। ଯୋଗୀଙ୍କୁ ଆଗାମୀ ୩ ଦିନ ଓ ମାୟାବତୀଙ୍କୁ ୨ ଦିନ ପ୍ରଚାରର ପ୍ରତ୍ୟେକ ମଞ୍ଚରୁ ଦୂରେଇ ଦେଇଛନ୍ତି। ଅର୍ଥାତ୍ ଉଭୟେ ଏହି ସମୟ ମଧ୍ୟରେ କୌଣସି ରାଜନୈତିକ ସଭା, ଶୋଭାଯାତ୍ରା କରିପାରିବେ ନାହିଁ। ସେହିପରି ଗଣମାଧ୍ୟମରେ ସାକ୍ଷାତ୍‌କାର ଉପରେ ନିଷେଧାଜ୍ଞା ଲଗାଯାଇଛି। ଏପରି କି ସୋସିଆଲ ମିଡିଆରେ ପ୍ରଚାର ଉପରେ ମଧ୍ୟ ଇସି ରୋକେ ଲଗାଇଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଦେଓବନ୍ଦଠାରେ ମାୟାବତୀ ମୁସଲମାନମାନଙ୍କୁ ନିବେଦନ କରିଥିଲେ ଯେ, ସେମାନେ ଭୋଟକୁ ଭାଗ ନ କରି ତାଙ୍କ ମେଣ୍ଟକୁ ସମର୍ଥନ ଦିଅନ୍ତୁ। ଅନ୍ୟପକ୍ଷରେ ଯୋଗୀ ଆଦିତ୍ୟନାଥ ଏହାକୁ ତାଚ୍ଛଲ୍ୟ କରି 'ଅଲି ବନାମ ବଜରଙ୍ଗବଲୀ' ମନ୍ତବ୍ୟ ଦେଇଥିଲେ। ଏଭଳି କହିବାର ଉଦ୍ଦେଶ୍ୟ ଥିଲା ଯଦି ମୁସଲମାନମାନେ ମାୟାବତୀଙ୍କୁ ସମର୍ଥନ କରିବେ, ତାହାହେଲେ ତାଙ୍କ ପାଇଁ ବଜରଙ୍ଗବଲୀ ଅଛନ୍ତି। ଦେଖିବାକୁ ଗଲେ ଧର୍ମ ଓ ଜାତି ନାମରେ ରାଜନୈତିକ ନେତାମାନେ ଯେଭଳି ଭୋଟ ନେବାକୁ ପ୍ରୟାସ କରୁଛନ୍ତି, ତଦ୍ୱାରା ଦେଶରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ସେହି ଅପ୍ରୀତିକର ପରିସ୍ଥିତି ଯଦି ସାମାଜିକ ବିଭେଦକୁ ବୃଦ୍ଧି କରିବାରେ ପ୍ରୟୋଗ କରାଯାଉଛି, ତେବେ ତାହା ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପଡୁଛି। ଏମିତି ଦେଖିଲେ ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦ ଭଙ୍ଗାଯିବା ଓ ପରବର୍ତ୍ତୀ ସମୟରେ ସେଠାରେ ରାମ ମନ୍ଦିର ନିର୍ମାଣ ନେଇ ଉଠିଥିବା ବିବାଦ ଦୀର୍ଘବର୍ଷ ଧରି ଚାଲିଥିଲେ ମଧ୍ୟ ସମାଧାନ ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ଏକତ୍ର କରିବା ପରିବର୍ତ୍ତେ ନେତାମାନେ ଧର୍ମ ଓ ଜାତି ନାମରେ ଲୋକଙ୍କୁ ଉତ୍ତ୍ୟକ୍ତ କରାଇଲେ ଦେଶ ଭାଗ ଭାଗ କଲା ଭଳି ଉଦ୍ୟମ କରୁଥିବାର ମନେହେଉଛି।

ଦେଖାଯାଉଛି, ବିଗତ କିଛି ବର୍ଷ ହେବ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ଲୋକ ପ୍ରତିନିଧିମାନେ ପ୍ରସଙ୍ଗଭିତ୍ତିକ ଯୁକ୍ତିରୁ ଦୂରେଇ ଯାଇ ହୋହଲ୍ଲା କରିବାରେ ବ୍ୟସ୍ତ ରହୁଛନ୍ତି। କରଦାତାଙ୍କ ଅର୍ଥରେ ପରିଚାଳିତ ହେଉଥିବା ପାର୍ଲାମେଣ୍ଟ ଓ ବିଧାନସଭାର ମୂଲ୍ୟବାନ୍ ସମୟକୁ ସେମାନେ ନଷ୍ଟ କରୁଛନ୍ତି। ଗଣତନ୍ତ୍ରର ମୁଖ୍ୟସ୍ଥଳକୁ ଯାଉଥିବା ନେତାମାନେ ଯଦି ବିପଥଗାମୀ ହେବେ, ତେବେ ଦେଶର ଗଣତନ୍ତ୍ର ଭୁଶୁଡ଼ିପଡ଼ିବାର ଆଶଙ୍କା ସୃଷ୍ଟି ହେବା ସହିତ ଗୁଣ୍ଡାରାଜ୍ ପ୍ରତିଷ୍ଠିତ ହେବାର ଲକ୍ଷଣ ମୁଣ୍ଡ ଟେକୁଛି। ବାସ୍ତବରେ ସାଧାରଣ ଜୀବନରେ ରାଜନେତାମାନେ ରହୁଥିବାରୁ ସେମାନେ ପ୍ରତ୍ୟେକ ସ୍ତରରେ ମାର୍ଜିତ ବ୍ୟବହାର ପ୍ରଦର୍ଶନ କରିବା କଥା। ଏହା ମଧ୍ୟ ସ୍ୱୀକାରଯୋଗ୍ୟ ଯେ, ସାଧାରଣ ନାଗରିକଙ୍କ ଚରିତ୍ର ଯେଉଁଭଳି କ୍ରମଶଃ ଉଗ୍ରରୂପ ଧାରଣ କରୁଛି, ନେତାମାନେ ମଧ୍ୟ ତାହାର ଆଇନା ସାଜୁଛନ୍ତି। ଗଣତାନ୍ତ୍ରିକ ଦେଶରେ ବିଶ୍ୱାସ କରାଯାଉଛି ଯେ, ରାଜନୈତିକ ବ୍ୟକ୍ତିମାନେ ସବୁ ସମସ୍ୟାର ସମାଧାନ ଆଣିପାରିବେ। ଆମେରିକାର ରାଜନେତା ବେନ୍ କାର୍‌ସନ୍‌ଙ୍କ କହିବା ଅନୁଯାୟୀ, ଆମେ ସମସ୍ତେ ଆଶା କରି ବସିଥାଉ ଯେ ରାଜନୈତିକ ବ୍ୟକ୍ତିମାନେ ଆମ ସମସ୍ୟାର ସମାଧାନ କରିବେ। କିନ୍ତୁ ଅଧିକାଂଶ ସମସ୍ୟାର ସୃଷ୍ଟି ସେହି ରାଜନେତାବୃନ୍ଦ ବୋଲି କାର୍‌ସନ୍‌ଙ୍କ ମନ୍ତବ୍ୟ ଆଜି ଭାରତ ପାଇଁ ପ୍ରଯୁଜ୍ୟ।

## ଚିରନ୍ତନୀ


''ହାତେ ତବ ନାହିଁ ବନ୍ଧୁ!
ପାରିବାକୁ ବୁଝି ଏଥି ତିଳେ
''କିଏ ସ୍ୱପ୍ନ ଜାଗରଣ
ସତ୍ୟ ମିଥ୍ୟା ଏ ଧରଣୀ–ନୀଡ଼େ।
(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ବଡ଼ ଲୋକଙ୍କୁ ଉତ୍ତର ନାହିଁ



ବୈକୁଣ୍ଠନାଥ ମିଶ୍ର

ଘଞ୍ଚ ଜଙ୍ଗଲ ମଧ୍ୟରେ ସୁଉଚ୍ଚ ପାହାଡ଼। ପାହାଡ଼ରୁ କଳକଳ ନାଦ କରି ବହିଆସୁଛି ଚିର ଚଞ୍ଚଳ ଝରଣା। ବନ୍ୟଜନ୍ତୁଙ୍କ ତୃଷା ନିବାରଣର ଏକ ଉତ୍କୃଷ୍ଟ ଉତ୍ସ। ଏକଦା ମୃଗ ଶାବକଟିଏ ପାହାଡ଼ର ପାଦଦେଶରେ ଥିବା ଝରଣାରୁ ପରମତୃପ୍ତିରେ ଜଳ ପାନ କରୁଥିବା ସମୟରେ ପାହାଡ଼ର ଶିଖର ଦେଶରୁ ମହାବଳ ବାଘର ଦୃଷ୍ଟି ତା' ଉପରେ ପଡିଲା ଓ ଆଖି ପିଛୁଳାକେ ଆସି ମୃଗଶାବକ ସମ୍ମୁଖରେ ଉଭାହେଲା। ବାଘ ତାକୁ ଖାଇବାକୁ ଉଦ୍ୟତ ହେବାରୁ ସେ ଭୟର ସହ କହିଲା, ମୋତେ ଖାଇବା ପୂର୍ବରୁ ଦୟାକରି ମୋ କଥା ଟିକେ ଶୁଣ– ତୁମ ଉଦର ତୁଳନାରେ ମୋ ଶରୀର ଏତେ କ୍ଷୁଦ୍ର ଯେ ମୋ ମାଂସରେ ତୁମ କ୍ଷୁଧା ମେଣ୍ଟିବ ନାହିଁ। ଦ୍ୱିତୀୟତଃ ମୋର କେଉଁ ଅପରାଧ ଯୋଗୁ ତୁମେ ମୋତେ ମାରିବାକୁ ଚାହୁଁଛ? ବାଘ କହିଲା, ତୁ ଏ ଝରଣା ଜଳ ଗୋଳିଆ କଲୁ, ଯେଉଁଥିପାଇଁ ନିର୍ମଳ ଜଳପାନରୁ ମୁଁ ବଞ୍ଚିତ ହେଲି। ମୃଗ ଶାବକ କହିଲା, ତୁମେ କ'ଣ ବୁଦ୍ଧିଭ୍ରଷ୍ଟ ହୋଇଛ? ପାହାଡର ନିମ୍ନଦେଶରେ ମୁଁ ଜଳପାନ କରୁଥିଲି, ତୁମେ ଶୀର୍ଷ ଭାଗରେ ଥିଲ। ମୁଁ ଯଦି ପାଣି ଗୋଳି କରିଥାଏ ତାହା ସ୍ରୋତର ପ୍ରତିକୂଳରେ ଯାଇ ତୁମ ପାଖରେ ପହଞ୍ଚିଲା କିପରି? ବାଘ ଘାବରେଇଯାଇ କହିଲା ତୁ ନ କରିଥିଲେ ତୋ ମା' କରିଥିବ; ତେଣୁ ମୁଁ ତୋତେ ଖାଇବି। ବିଚରା ମୃଗଶାବକ ଶାନ୍ତ ଭାବରେ ଉତ୍ତର ଦେଲା, ତୁମେ ଯେତେବେଳେ ମୋତେ ଖାଇବା ପାଇଁ ସିଦ୍ଧାନ୍ତ ନେଇସାରିଛ, ମୋ କଥାରେ ତ ତୁମେ ବିରତ ହେବନାହିଁ। ତେବେ ଏତେ ବାହାନା କାହିଁକି? ମୋତେ ଖାଇପାର। ବଡ଼ଲୋକଙ୍କୁ କ'ଣ ଉତ୍ତର ଅଛି?

ଆମ ଦେଶରେ ସମ୍ପ୍ରତି ଏପରି ନ୍ୟାୟ ସର୍ବତ୍ର ପରିଦୃଷ୍ଟ। କମ୍ପାନୀଗୁଡ଼ିକ ଉପରେ କୋଟି କୋଟି ଟଙ୍କାର ବିଦ୍ୟୁତ୍ ଶୁଳ୍କ ଅନାଦାୟ ପଡିଥିବା ବେଳେ ମହାବଳମାନେ ପ୍ରତିଦିନ କ୍ଷୁଦ୍ର ଉପଭୋକ୍ତାଙ୍କୁ ମାରି ଚାଲିଛନ୍ତି। ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ ନ କରି ବ୍ୟାପକ ବିଦ୍ୟୁତୀକରଣ ଓ ଶୁଳ୍କ ଆଦାୟର କଠୋରତା ସାଧାରଣ ଉପଭୋକ୍ତାଙ୍କୁ ନୈରାଶ୍ୟ ମଧ୍ୟକୁ ଠେଲି ଦେଇଛି। ବର୍ତ୍ତମାନ ସୁଦ୍ଧା ଭାରତର ୧୫୪୩୧ଟି ଗ୍ରାମ ବିଦ୍ୟୁତୀକରଣରୁ ବଞ୍ଚିତ। ସେଗୁଡିକ ମଧ୍ୟରୁ ଓଡ଼ିଶାର ୩୨୮୨ଟି ଗ୍ରାମ ଅନ୍ତର୍ଭୁକ୍ତ। ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ନ କରି ଉପଭୋକ୍ତା ସଂଖ୍ୟା ବୃଦ୍ଧିପାଇଲେ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ସଙ୍କଟ ଉପୁଜିବା ସୁନିଶ୍ଚିତ। ଅଘୋଷିତ ବିଦ୍ୟୁତ୍‌କାଟ ସହ କ୍ଷୀଣ ଶକ୍ତି ସରବରାହ କ୍ଷୁଦ୍ର ଉପଭୋକ୍ତା ଓ ଚାଷୀକୁଳକୁ ଉଚ୍ଛନ୍ନ କରୁଥିବା ସତ୍ତ୍ୱେ ବିଦ୍ୟୁତ୍ ଦେୟ ପୈଠର ଜୁଲମ୍ ତାକୁ ପୀଡା ଦେଉଛି। ବିଦ୍ୟୁତ୍ ସେବାରୁ ବଞ୍ଚିତ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ସରକାରଙ୍କର ସକ୍ରିୟ ବିଚାରାଧୀନ ଅଛି। ତେଣୁ ଉତ୍ପାଦନ ବୃଦ୍ଧି ଓ ନିରନ୍ତର ସେବାର ଆବଶ୍ୟକତା ରହିଛି। ଏ ଦେଶର ଜନସାଧାରଣଙ୍କ ଅର୍ଥ ତୋଷରପାତ ସ୍ୱରୂପ ହଜାର ହଜାର କୋଟି ଠକିନେଇ ବିଜୟ ମାଲ୍ୟା, ନୀରବ ମୋଦିମାନେ ବିଦେଶକୁ ପଳାୟନ କରୁଛନ୍ତି। ବଡ଼ବଡ଼ ରାଜନେତା ଓ ବ୍ୟାଙ୍କ ଉଚ୍ଚ ପଦାଧିକାରୀଙ୍କ ସହ ଶୀତଳ ମଧୁଚନ୍ଦ୍ରିକାରେ ଏହା ସମ୍ଭବ ହୋଇଥିବା ବେଳେ ଏହାର ଉତ୍କଟ ପରିଣତି ସମଗ୍ର ଦେଶବାସୀଙ୍କୁ ଭୋଗିବାକୁ ହେଉଛି। ବ୍ୟାଙ୍କଗୁଡ଼ିକର ସାଧାରଣ କର୍ମଚାରୀ ଏ ବିଷଜ୍ୱାଳାରୁ ମୁକ୍ତ ନୁହନ୍ତି। ପ୍ରତି ୫ ବର୍ଷରେ ବ୍ୟାଙ୍କ କର୍ମଚାରୀଙ୍କର ବେତନ ସମୀକରଣ ହୁଏ। ୨୦୧୨ରେ ମୂଳ ବେତନର ୧୫% ବର୍ଦ୍ଧିତ ହୋଇଥିବା ବେଳେ ୨୦୧୭ରେ ମାତ୍ର ଦୁଇ ପ୍ରତିଶତ ବୃଦ୍ଧି ଘୋଷଣା ବ୍ୟାଙ୍କ କର୍ମଚାରୀଙ୍କୁ ହତୋତ୍ସାହ କରିଛି। ପୁଣି ବ୍ୟାଙ୍କଗୁଡ଼ିକରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଏହାର କୁଫଳର ଶିକାର ହେଉଛି ବିଚରା ଗ୍ରାହକ। ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ଏଥିପାଇଁ ଦାୟୀ।

ଏହା ଦିବାଲୋକ ପରି ସ୍ପଷ୍ଟ ଯେ, ଏ ଦେଶରେ ସଂଘଟିତ ହେଉଥିବା ସମସ୍ତ ଦୁର୍ନୀତି ମୂଳରେ ରାଜନେତା ଓ ଉଚ୍ଚ ପଦାଧିକାରୀଙ୍କର ପରୋକ୍ଷ ସମ୍ପୃକ୍ତି ନିହିତ। କୌଣସି ଘଟଣାରେ ଜନମତ ପ୍ରବଳ ହେଲେ ତାକୁ ପ୍ରଶମିତ କରିବା ପାଇଁ କିଛି ନିମ୍ନ ପାହ୍ୟାର କର୍ମଚାରୀଙ୍କୁ ଲୋକଦେଖାଣିଆଭାବେ ସାମୟିକ ନିଲମ୍ବନ କରିଦେଲେ କାର୍ଯ୍ୟ ଶେଷ। ନିର୍ମାଣରେ ମାନରକ୍ଷା କରାଯାଇ ନ ଥିବାରୁ ଅଧିକାଂଶ ନଦୀ ପୋଲ, ଫ୍ଲାଏଓଭର ଲୋକାର୍ପଣ ପୂର୍ବରୁ ଅଚଳ ହୋଇ ପଡୁଥିବା ଖବରକାଗଜ ପୃଷ୍ଠାରୁ ଜ୍ଞାତ ହେଉଛି। ଏ କ୍ଷେତ୍ରରେ କୌଣସି ବରିଷ୍ଠ ଅଧିକାରୀଙ୍କୁ ପ୍ରଶ୍ନ ମଧ୍ୟ କରାଯାଉ ନାହିଁ। ବରଂ ପ୍ରବଳ ଜନମତକୁ ପ୍ରଶମିତ କରିବା ପାଇଁ କିଛି କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଉଛି। ଏହା ଅତ୍ୟନ୍ତ ବାସ୍ତବ ଓ ଅନସ୍ୱୀକାର୍ଯ୍ୟ ଯେ ସେହି ଅଧସ୍ତନମାନଙ୍କର ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଯଦିବା କିଛି ସମ୍ପୃକ୍ତି ଥାଏ, ତାହା କେବଳ ଉପରିସ୍ଥ ହାକିମଙ୍କର ଅଲିଖିତ ଆଦେଶର ପ୍ରତିଫଳନ ମାତ୍ର। ପ୍ରଥମେ ଯେତେବେଳେ ଛତିଶଗଡ଼ ମହାନଦୀ ଉପରେ ବ୍ୟାରେଜ ନିର୍ମାଣ କଥା ଜଣାପଡିଲା, ଓଡ଼ିଶାର ତଦାନୀନ୍ତନ ଜଳସମ୍ପଦ ସଚିବ ନିର୍ଭରର ପ୍ରତିଶ୍ରୁତି ଦେଇଥିଲେ ଯେ ଆମ ମହାନଦୀର ଏକବୁନ୍ଦା ଜଳ ଛତିଶଗଡ଼ ନେବାର ପ୍ରଶ୍ନ ଉଠୁନାହିଁ। ତେଣୁ ଓଡ଼ିଶାବାସୀ ଭୟଭୀତ ହେବାର କାରଣ ନାହିଁ। କିନ୍ତୁ ବାସ୍ତବ ସ୍ଥିତି ଆଜି ଆମେ ପ୍ରତ୍ୟକ୍ଷ କରୁଛୁ।

ଶିକ୍ଷାବର୍ଷର ଚାରିମାସ ଅତିକ୍ରାନ୍ତ ହେଲା ପରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ଯୋଗାଇ ନ ଦିଆଯିବା ଏକ ସାଧାରଣ ଘଟଣା। ଅଥଚ ପାଠପଢା ନ ହେବା ପାଇଁ ଶିକ୍ଷକଙ୍କୁ ଦାୟୀ କରାଯାଏ। ବିଦ୍ୟାଳୟ ଗୃହନିର୍ମାଣ ନିମ୍ନମାନର ହେବା ଶିକ୍ଷା କମିଟି, ଠିକାଦାର ଓ ବ୍ଲକ କନିଷ୍ଠଯନ୍ତ୍ରୀଙ୍କ ଅସାଧୁମେଣ୍ଟର ଫଳ ହେଲେ ମଧ୍ୟ ଛାତ ଭୁଶୁଡି କିଛି ଦୁର୍ଘଟଣା ଘଟିଲେ ବିଚରା ପ୍ରଧାନଶିକ୍ଷକଟି ବଳିପଡ଼େ। ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ହେବା ମୂଳରେ କିଛି ଅସାଧୁ ଅଭିଭାବକ ଓ ତାଙ୍କୁ ପ୍ରୋତ୍ସାହିତ କରୁଥିବା ଦାୟିତ୍ୱରେ ଥିବା କିଛି ପୋଲିସ ଅଧିକାରୀ ଓ ପରୀକ୍ଷାକେନ୍ଦ୍ରର କିଛି ଲାଞ୍ଚଖୋର ଶିକ୍ଷକଙ୍କ ମିଳିତ ମହାମେଣ୍ଟ ଦାୟୀ ହେଲେ ମଧ୍ୟ ବିଚରା କୋମଳମତି ପିଲାମାନଙ୍କର ପରୀକ୍ଷା ଫଳ ବାତିଲ କରାଯାଉଛି, ଯେଉଁମାନଙ୍କ ମଧ୍ୟରେ କିଛି ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଚିଟ୍‌ଫଣ୍ଡ ଠକେଇ ଆମ ରାଜ୍ୟର ଏକ କଳଙ୍କ। ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ରାଜନେତା ଓ ବରିଷ୍ଠ ଅଧିକାରୀଙ୍କ ଅନୁଗ୍ରହରେ ସାଧାରଣ ଜନତାର କଷ୍ଟଲବ୍ଧ ଧନକୁ ଆତ୍ମସାତ୍ କରି ମୁକ୍ତ ବିଚରଣ କରୁଥିବା ବେଳେ କମ୍ପାନୀମାଲିକ କିମ୍ବା ତାଙ୍କୁ ପ୍ରୋତ୍ସାହନ ଦେଇଥିବା ନେତା, ମନ୍ତ୍ରୀ କିମ୍ବା ସରକାରୀ ବାବୁମାନେ କେହି ବି ସାମାନ୍ୟ ଅନୁକମ୍ପା ପ୍ରଦର୍ଶନ କରୁନାହାନ୍ତି। ଫଳତଃ ନିବେଶକଟି ଅସୀମ ମାନସିକ ଯନ୍ତ୍ରଣାରେ ଦଗ୍ଧ ହେଉଛି।

ମଦ ଉତ୍ପାଦନ, ଆମଦାନି ଓ ବିକ୍ରିକୁ ନିଷିଦ୍ଧ ନ କରି ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ଦୁର୍ଘଟଣା ଓ ସାମାଜିକ ନିରାପତ୍ତା ବିପନ୍ନ ହେଉଛି ବୋଲି ଚିତ୍କାର କରିବା ନିହାତି ହାସ୍ୟାସ୍ପଦ। ସେହିପରି ପ୍ଲାଷ୍ଟିକ ଉତ୍ପାଦନକୁ ନିଷେଧ ନ କରି ତା'ର ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଲେ କିଛି ଲାଭ ନାହିଁ। କମ୍ପାନୀ ବନ୍ଦ ହେଲେ ଉତ୍ପାଦ ବଜାରରେ ଉପଲବ୍ଧ ହେବନାହିଁ କି ଲୋକେ ତା' ପ୍ରତି ଆକୃଷ୍ଟ ହେବେ ନାହିଁ। ଗୁଟ୍‌ଖା ଉତ୍ପାଦନ ନିଷିଦ୍ଧ ନ କରି ଏହାର ଖୋଳ ଉପରେ ବୈଧାନିକ ସତର୍କତା ଆଳରେ ଯେତେ ଭୟଙ୍କର ଚିତ୍ର ଆଙ୍କିଲେ ମଧ୍ୟ ଏହା ବ୍ୟବହାରକାରୀଙ୍କୁ ଆଦୌ ପ୍ରଭାବିତ କରୁନାହିଁ। ପରୋକ୍ଷରେ ସରକାରୀ ପ୍ରୋତ୍ସାହନପ୍ରାପ୍ତ କମ୍ପାନୀଗୁଡ଼ିକ ସମାଜକୁ ବିଷଜ୍ୱାଳାରେ ଭରପୂର କରିସାରିଲେଣି। କମ୍ପାନୀଗୁଡ଼ିକର ଧନ ଲାଳସା ଓ ସେଥିପାଇଁ ସରକାରୀ ବାବୁମାନଙ୍କର ପ୍ରୋତ୍ସାହନ ସାଧାରଣଙ୍କ ବିନାଶ ମାର୍ଗକୁ ସୁଗମ କରୁଛି। ଗରିବୀ ଶୋଷଣ ମାଧ୍ୟମରେ ଅର୍ଥ କ୍ଷମତାର ଶୀର୍ଷରେ ଉପନୀତ ହେବା ପାଇଁ ଚାଲିଥିବା ଅପ୍ରକାଶ୍ୟ ପ୍ରତିଯୋଗିତା ଏ ଦେଶର ସାଧାରଣ ଜନତାଙ୍କୁ ହତଚକିତ କରିଛି। ଓଡ଼ିଶାରେ ଅବସ୍ଥାପିତ ଜଣେ ତାମିଲ ଅଧିକାରୀଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ସାଢେ ସାତହଜାର କୋଟି ଏବଂ ସେ ତାମିଲନାଡୁର ଶ୍ରେଷ୍ଠ ନବମ ଧନୀବ୍ୟକ୍ତି ବୋଲି ନିକଟରେ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଏହା ସତ୍ୟ ହୋଇଥିଲେ ସାଂଘାତିକ। କାରଣ ଏ ବିପୁଳ ସମ୍ପତ୍ତିର ସିଂହଭାଗ ଓଡ଼ିଶାର, ଯାହାକୁ ସେ ଅତି ଚତୁରତାର ସହ ଲୁଟିଛନ୍ତି। ଏ ଦେଶର ମନ୍ତ୍ରୀ, ବିଧାୟକ ଓ ପାର୍ଲାମେଣ୍ଟ ସଦସ୍ୟଙ୍କ ସମ୍ପତ୍ତି ଆହରଣର ପୌନଃପୁନିକତା ସମସ୍ତ ଗାଣିତିକ ସୂତ୍ରର ଊର୍ଦ୍ଧ୍ୱରେ। ଦୁର୍ନୀତି ନିବାରଣ ସଂସ୍ଥା କ୍ଷୁଦ୍ର ଅଧିକାରୀମାନଙ୍କୁ କୌଶଳରେ ଜାଲ ବିଛାଇ କାବୁ କରୁଥିବା ବେଳେ କୌଣସି ସଂସ୍ଥା ଉଚ୍ଚ ପଦାଧିକାରୀ ଓ ସେମାନଙ୍କ ଶାସନ ମୁଖ୍ୟଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଗରିବ ଜୀବନଧାରଣ ପାଇଁ ସଂଗ୍ରାମ କରୁଥିବା ବେଳେ ଏମାନଙ୍କ ଧନରାଶି ସୀମାତୀତ ଭାବେ ବୃଦ୍ଧି ପାଇଚାଲିଛି।

ସବୁ ଧର୍ମଶାସ୍ତ୍ରରେ ଧନ ଉପାର୍ଜନ ପାଇଁ ସୀମାଧାର୍ଯ୍ୟ କରାଯାଇଛି। ଯେପରି ବେଦ କହେ– ଧନ ଉପାର୍ଜନ ସମୟରେ ପରଦୁଃଖ ପ୍ରତି ଉଦାସୀନ ହେବା ଉଚିତ ନୁହେଁ। ସ୍ୱଭାବ କବି ଗଙ୍ଗାଧର ମେହେର କହନ୍ତି– ''ଧନ ନୀରବେ ଆସିବୁରେ ଗରବ ନ ଦେବୁ ମନେ, ବିରତ ନ କରି ଅବିରତ ଥିବୁ ବିବେକ ଅନୁମୋଦନେ। ପଡିଲେ ତୋ ପାଦ ଦେବି ଧନ୍ୟବାଦ ତୋଷିବି ମୁଁ ସମାଜରେ, କିନ୍ତୁ ଏ ଜଗତେ ଅନ୍ୟକୁ ବା ମୋତେ ନ ପେଲିବୁ ପ୍ରମାଦରେ।''

ନିଜ ପାଇଁ ଓ ଅନ୍ୟ ଲାଗି ବିପଦ ସୃଷ୍ଟି କରି ଧନ ଅର୍ଜନ କରିବାକୁ କବି ବାରଣ କରିଛନ୍ତି। ସବଳ ବିରୋଧରେ କେହି ତୁଣ୍ଡ ଖୋଲନ୍ତି ନାହିଁ। ମହାବଳମାନେ ପ୍ରତ୍ୟହ ନିରୀହ ମୃଗଶାବକମାନଙ୍କୁ ଶିକାର କରିବାରେ ଲାଗିଛନ୍ତି। ହେଲେ ବଡ଼ ଲୋକଙ୍କୁ ଉତ୍ତର ନାହିଁ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ଭୋଟର ମାଫିଆ



ଦ୍ୱିତୀ ଚନ୍ଦ୍ର ସାହୁ

ନାଁ ତା'ର ନୃପତି। ନିର୍ବାଚନ ଘୋଷଣା ହେଲେ ତା'ର ମନ ଖାଲି ଛନଛନ। ସେ କେବେ ନେତା ହୋଇନି। ନେତା ହେବାକୁ ତା'ର ଇଚ୍ଛା ବି ନାହିଁ। କୌଣସି ନିର୍ବାଚନରେ ବି ଲଢିନି। ତଥାପି ନିର୍ବାଚନରେ ବେଶି ରୁଚି। ନିର୍ବାଚନ ମଇଦାନରେ ଯେତେ ଅଧିକା ଦଳର ପ୍ରାର୍ଥୀ ଠିଆ ହେବେ ସେ ସେତେ ଉତ୍‌ଫୁଲ୍ଲ। ନିର୍ଦ୍ଦିଷ୍ଟ ଦଳ କିମ୍ବା ନେତାଙ୍କ ବଶମ୍ବଦ ହୋଇ ରହିନି କେବେ! ତେଣୁ ହାରଜିତରେ ବି ତା'ର କିଛି ଫରକ ପଡେନି। କୌରବ ଜିତିଲେ ଯାହା ପାଣ୍ଡବ ଜିତିଲେ ବି ସେୟା।

ନୃପତିର ମତ ହେଲା ପ୍ରତିବର୍ଷ ନିର୍ବାଚନ ହେବା ଦରକାର। ପାଞ୍ଚ ବର୍ଷ ଧରି ଗୋଟେ ସରକାର କ'ଣ! ପ୍ରତିବର୍ଷ ନିର୍ବାଚନ ହେଲେ ହିଁ ତା' ଭଳି ଜୀବମାନେ ବଞ୍ଚିବେ। ନୃପତିର କିଛି ବେଉସା ନାହିଁ। ନେତା ନ ହୋଇକି ବି ସେ ସବୁବେଳେ ଖଦଡ ପାଇଜାମା ପିନ୍ଧେ। ମୁଣ୍ଡରେ ନେହେରୁ ଟୋପି। ଆଉ କାମ ହେଲା ଲୋକ ଯୋଗାଡ କରିବା। ନିର୍ବାଚନ ଆସିଲେ ସେ ବିଭିନ୍ନ ଦଳ ଲାଗି ଲୋକ ଯୋଗାଡ କରେ। ନିର୍ବାଚନୀ ସଭାକୁ, ନାମାଙ୍କନ ଦାଖଲ ପାଇଁ, କେବେକେବେ ସଭାସମିତି, ରାଲି ଆଦି ଲାଗି ନୃପତି ସହଜରେ ଲୋକ ଯୋଗାଡ କରେ। ଏଇ କାରଣରୁ ସବୁ ଦଳ ପାଇଁ ସେ ଦରକାରୀ। କିନ୍ତୁ ପକ୍କା ବେପାରୀ। ମୁଣ୍ଡ ପିଛା ଠନଠନ କରି ପଇସା ନେବ। ପ୍ରଚାର ଗାଡିରେ ଯିବା, ପୋଷ୍ଟର ମାରିବା, ବାନା ବାନ୍ଧିବା, ପଦଯାତ୍ରା, ବିକ୍ଷୋଭ, ଶାନ୍ତି ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ଏମିତି ଅଲଗା ଅଲଗା କାମ ପାଇଁ ସେ ସହଜରେ ସେଇ ଅନୁଯାୟୀ ଲୋକ ଯୋଗାଡ କରିଦେଇପାରେ। ଏସବୁରୁ ସେ ବର୍ଷ ତମାମ ବଞ୍ଚିବା ଲାଗି ଅର୍ଥ ଯୋଗାଡ କରେ। ତା' ବାଦେ ତା'ର ଚିହ୍ନା ଥିବା ଅଞ୍ଚଳରେ ଅଦୃଶ୍ୟରେ ହେଉଥିବା ଭୋଟ କିଣାବିକା ଲାଗି ବି ଭୋଟରଙ୍କ ମୁଣ୍ଡ ପିଛା ବିଭିନ୍ନ ଦଳରୁ ଟଙ୍କା ଆଣି ତା'ର ଅଧା ଅର୍ଥ ଲୋକଙ୍କ ଭିତରେ ବାଣ୍ଟେ। ଏମିତିରେ କାହାରି ଅଭାବ ଅସୁବିଧା ବେଳେ ଗାଁ ଲୋକଙ୍କ ନିକଟରେ ଠିଆ ହୁଏ ଠିକ୍ ନେତା ଭଳି। କେବଳ ବିଶ୍ୱସନୀୟତା ନ ହରାଇବା ଲାଗି। ଏମିତି କି ନିର୍ବାଚନ ଋତୁ ପରେ ବି ଛୋଟମୋଟିଆ ଚାକିରିଆଙ୍କ ବଦଳି ଲାଗି ରାଜଧାନୀ ଯାଇ ଯେନତେନ କାମ କରେ। କେବେ କେବେ ସଫଳ ହୁଏ। ପୁଣି କେବେ କେବେ ଅସଫଳ ହେଲେ ଗାଳିମାଡ଼ ଖାଏ। ତଥାପି ତା'ର ବୃତ୍ତି ପ୍ରତି ଆନୁଗତ୍ୟ ସବୁବେଳେ ରହିଆସିଛି।

କେବଳ ନୃପତି ନୁହଁ, ଏବେ ସବୁ ଗାଁ ଗହଳିରେ ଏମିତି ଭୋଟର ମାଫିଆ ହାଉଯାଉ। ସେମାନେ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ତଳସ୍ତରରେ କାମ କରନ୍ତି। ନେତା ସିନା ଫୁଲମାଳ ପିନ୍ଧି ଗାଁକୁ ଗାଁ, ସାହିକୁ ସାହି ବୁଲି ଭୋଟ ଭିକ୍ଷା କରିଚାଲନ୍ତି। କିନ୍ତୁ ଅସଲ ଖେଳ ଏଇ ଜାତୀୟ ଜୀବମାନେ କରନ୍ତି। କାହାକୁ କ'ଣ ଦେଇ ତୁଷ୍ଟ କରିବେ ସେଥିନେଇ ମୁଣ୍ଡ ଖଟାନ୍ତି। ସବୁ ଉଦ୍ୟମ ସତ୍ତ୍ୱେ ଲୋକଙ୍କ ମୋହ ନ ତୁଟିଲେ ନିଜ ସପକ୍ଷରେ ମତ ବୁଲାଇବା ଲାଗି ରାତି ଅଧିଆ କାମରେ ଲାଗିଯାନ୍ତି। ପୋଲିସ ପ୍ରଶାସନର କଡା ନଜର ସତ୍ତ୍ୱେ ସମସ୍ତଙ୍କୁ ଚକ୍‌ମା ଦେଇ ଟଙ୍କାଠାରୁ ଆରମ୍ଭ କରି ଲୁଗା, ଜିନିଷ, ଖେଳ ସାମଗ୍ରୀ ଭଳି ବହୁ ପ୍ରକାର ପ୍ରଲୋଭନରେ ବଶୀଭୂତ କରିବାକୁ ଚେଷ୍ଟା କରନ୍ତି। ଏମିତିକି ଭାବାବେଗକୁ ନେଇ ଠାକୁରଙ୍କ ନିକଟରେ ବି ଶପଥ କରାଇ ଭୋଟ ଦେବାକୁ ବିବଶ କରାଇପାରନ୍ତି। ଏଇକ୍ରମରେ ସେମାନେ ନିଜେ ମାଲାମାଲ ହୋଇଯାନ୍ତି। ନିଜର ଖର୍ଚ୍ଚପାଣି ଉଠାଇ ଦିଅନ୍ତି।

ଖଣି ମାଫିଆ, ଜାଗା ମାଫିଆ, ଦେହ ମାଫିଆ, ସାଂସ୍କୃତିକ ମାଫିଆଙ୍କ ଭଳି ଭୋଟର ମାଫିଆମାନେ ନିର୍ବାଚନ ଋତୁରେ ପୂରା ସକ୍ରିୟ। ଏମାନଙ୍କୁ ଛାଡି ନେତାମାନେ ରାଜନୀତି କରି ପାରିବେନି। ଏମାନଙ୍କ ତୁଷ୍ଟୀକରଣ ନେତାଙ୍କ ପ୍ରଥମ କାମ। ନେତା ଓ ଭୋଟର ମଧ୍ୟରେ ଏମାନେ ସେତୁ ଭଳି କାମ କରନ୍ତି। ଜିତିଲା ପରେ ନିର୍ବାଚନ ମଣ୍ଡଳୀକୁ କେବେ ଯିବାକୁ ହେଲେ ଏମାନେ ମୁଖ୍ୟତଃ କାର୍ପେଟଦାର ସାଜିଥାନ୍ତି। ଲୋକଙ୍କୁ ଯୋଗାଡ କରି ଏକାଠି କରିବା। ନେତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବା। ର୍‍ୟାଲି କରାଇ ବୁଲେଇବା କାମ ପାଇଁ ତ ପୁଣି ନେତାଙ୍କୁ ଲୋକ ଦରକାର। ଅନ୍ତତଃ ଏଇ ସବୁ କାମ ଲାଗି ନେତାମାନେ ଏଇ ଭୋଟର ମାଫିଆମାନଙ୍କ ସୁବିଧା ଅସୁବିଧା ବୁଝି ପାଖରେ ରଖିଥାନ୍ତି। ଅବଶ୍ୟ ଅର୍ଥ ଅଧିକ ମିଳିଲେ ବହୁରୂପୀ ଭଳି ରଙ୍ଗ ବଦଳେଇ ପାରନ୍ତି ଏମାନେ ସହଜରେ। ନୃପତି ଅବଶ୍ୟ ସଚ୍ଚୋଟ ଭୋଟର ମାଫିଆ। କାରଣ ସେ ଯାହାର ଖାଏ ତା'ର ଗାଏ। ସେଇ ଅନୁରୂପ କାମ କରେ। କିନ୍ତୁ ଏବେ ଆପଣଙ୍କ ଚାରିପାଖରେ ନୃପତି ଭଳି ଗୁଡାଏ ଭୋଟର ମାଫିଆ ସକ୍ରିୟ ହୋଇସାରିଥିବେ। ସୁତରାଂ ସାବଧାନ! ପ୍ରଭାବିତ ନ ହୋଇ ନିଜ ବିବେକାନୁମୋଦିତ ଭୋଟ ଦିଅନ୍ତୁ। ଭଲ ଲୋକଙ୍କୁ ବାଛନ୍ତୁ। ଗଣତନ୍ତ୍ରକୁ ସୁଦୃଢ଼ କରନ୍ତୁ।

ଇନ୍ଦିରା ନଗର, ରାୟଗଡ଼ା, ମୋ–୯୫୫୬୨୮୭୭୭୫,
dwitisahu@gmail.com

## ଏଇ ଭାରତରେ

ଗୁଜରାଟରେ ଏପ୍ରିଲ ୨୨ରେ ଏକ ବିବାହ ଉତ୍ସବ ଆୟୋଜନ ହେବାକୁ ଯାଉଛି। ଏଥିପାଇଁ ନିମନ୍ତ୍ରଣପତ୍ର ମଧ୍ୟ ବଣ୍ଟା ସରିଛି। ତେବେ ଏହା ସାଧାରଣ ବିବାହ ନୁହେଁ। ଏଥିରେ ଗୋଟିଏ ବେଦିରେ ୨ କନ୍ୟାଙ୍କୁ ବିବାହ କରିବେ ଜଣେ ବର ଏବଂ ବରଯାତ୍ରୀ ହେବେ ତାଙ୍କର ଜନ୍ମିତ ୩ ସନ୍ତାନ। ସେ ହେଉଛନ୍ତି ପାଲଘର ବାସିନ୍ଦା ସଞ୍ଜୟ ଧାଗଡ଼ା। ସେ ରିକ୍ସା ଚଳାନ୍ତି। ୧୦ ବର୍ଷ ତଳେ ବେବିଙ୍କ ସହିତ ତାଙ୍କର ଦେଖାହୋଇଥିଲା। ଚିହ୍ନା ପରିଚୟରୁ ପ୍ରେମସମ୍ପର୍କ। ପରେ ସେମାନେ ପଇସାପତ୍ର ଅଭାବରୁ ବିବାହ ନ କରି ଦୁହେଁ ଏକତ୍ର ରହିଲେ। ଉକ୍ତ ଦମ୍ପତିଙ୍କର ବର୍ତ୍ତମାନ ୩ ସନ୍ତାନ। ଏହାପରେ ୨୦୧୧ରେ ସଞ୍ଜୟ ଏକ କମ୍ପାନୀରେ ଚାକିରି କରୁଥିବାବେଳେ ସାଥୀ ରୀନାଙ୍କ ସହିତ ତାଙ୍କର କିଛିଦିନ ତଳେ ଦେଖା ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଲା। ଏବେ ସଞ୍ଜୟ, ବେବି ଏବଂ ରିନା ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣପତ୍ର ଦିଆସରିଛି। ଏହି ବିବାହକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜାରି ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଏପ୍ରିଲ ୧୯୯୪

- ଦୀର୍ଘ ୮ବର୍ଷ ଧରି ଚାଲି ଆସିଥିବା ଉରୁଗୁଏ ପର୍ଯ୍ୟାୟ ବାଣିଜ୍ୟ କଥାବାର୍ତ୍ତାର ପରିସମାପ୍ତି ଘଟାଇବାକୁ ଯାଇ ବିଶ୍ୱ ବାଣିଜ୍ୟ ସଂକ୍ରାନ୍ତ ବହୁଚର୍ଚ୍ଚିତ 'ଗାଟ୍' ରାଜିନାମା ସ୍ୱାକ୍ଷରିତ ହୋଇଛି।
- ଉଚ୍ଚ ପର୍ଯ୍ୟାୟର ବାଣିଜ୍ୟ ଏବଂ ପ୍ରଯୁକ୍ତି ସହଯୋଗ ପ୍ରତିଷ୍ଠା ପାଇଁ ଭାରତ ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ରୁଆଣ୍ଡାର ସରକାରୀ ସୈନ୍ୟ ଓ ବିଦ୍ରୋହୀ ରୁଆଣ୍ଡା ପାଟ୍ରିଓଟିକ ଫ୍ରଣ୍ଟର ସୈନ୍ୟମାନଙ୍କ ମଧ୍ୟରେ ରାଜଧାନୀ କିଗାଲିଠାରେ ଭୟାବହ ସଂଘର୍ଷରେ ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ତେ ଭୋଟ ଦିଅନ୍ତୁ

ମହାଶୟ,

ଏବେ ସାଧାରଣ ନିର୍ବାଚନ ଚାଲିଛି। ତେବେ ଦୁଃଖର ବିଷୟ। ଯୁବବର୍ଗଙ୍କ ମଧ୍ୟରୁ ଅନେକେ ଭୋଟ ଦେବାକୁ ଅନିଚ୍ଛୁକ। ଏକ ରିପୋର୍ଟ ଅନୁଯାୟୀ, ଗତ ସାଧାରଣ ନିର୍ବାଚନରେ ଭାରତରେ ୬୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଓଡ଼ିଶାରେ ଏହା ୭୩ ପ୍ରତଶତ ଥିଲା। ମତଦାନ କରି ନ ଥିବା ଜନସାଧାରଣଙ୍କ ମଧ୍ୟରୁ ଅଧାରୁ ଅଧିକ ହେଉଛନ୍ତି ଯୁବବର୍ଗ। ଆଶାକରେ, ଚଳିତ ସାଧାରଣ ନିର୍ବାଚନର ଅବଶିଷ୍ଟ ପର୍ଯ୍ୟାୟଗୁଡ଼ିକରେ ଯୁବବର୍ଗ ତଥା ସମସ୍ତ ଭୋଟର ବିପୁଳ ପରିମାଣରେ ମତଦାନ କରିବେ।

ସୌରୀ ମହାରଣା, ଛାତ୍ର, ଆଦିମାତା କଲୋନୀ, ଭୁବନେଶ୍ୱର

### ପ୍ରତିଶ୍ରୁତି ପାଳନ ହିଁ ସଫଳତାର ମାପକାଠି

ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳର ଷ୍ଟାର ପ୍ରଚାରକମାନେ ନିଜ ଦଳ ବା ସରକାରଙ୍କ ସଫଳତା ଓ ପ୍ରତିପକ୍ଷଙ୍କ ବିଫଳତା ବଖାଣିବାରେ ଲାଗିଛନ୍ତି। କିନ୍ତୁ ନିଜ ଦଳ ବା ସରକାର ପାଞ୍ଚବର୍ଷ ପୂର୍ବେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ କେତେ ପାଳନ କରିଛନ୍ତି, ସେ ସମ୍ପର୍କରେ କିଛି କହୁନାହାନ୍ତି। ପୂର୍ବ ପ୍ରତିଶ୍ରୁତି ପାଳନ ହିଁ ସଫଳତାର ମାପକାଠି। ଏଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଶାସକ ଦଳ ନିଜର ନିର୍ବାଚନୀ ପ୍ରତିଶ୍ରୁତିରୁ କେତେ ପ୍ରତିଶତ ପାଳନ କରିଛନ୍ତି ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭୋଟରଙ୍କ ନିକଟରେ ଉପସ୍ଥାପନ କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ରାଜନେତା ଓ ଚିଟ୍‌ଫଣ୍ଡ

ଏବେ ରାଜ୍ୟରେ ଏକ ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ଚାଲିଛି। ନେତାମାନେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଅନେକ ତୁଷ୍ଟୀକରଣ ଯୋଜନା ଘୋଷଣା କରିଛନ୍ତି। ନିର୍ବାଚନ ପୂର୍ବରୁ ରାଜ୍ୟରେ ଏକ ଅଦିନିଆ ଝଡ ପରି ଚିଟ୍‌ଫଣ୍ଡ ଠକାମିକୁ ନେଇ ଆନ୍ଦୋଳନ ଦାନା ବାନ୍ଧିଥିଲା। ଏ ଠକ ସଂସ୍ଥାଗୁଡ଼ିକ ସହ କିଛି ନେତା ହାତ ମିଳାଇ ଏବଂ ତାଙ୍କ ସହ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ହୋଇ ସଂସ୍ଥାର ଗ୍ରହଣୀୟତା ବଢାଇଥିଲେ। ଚିଟ୍‌ଫଣ୍ଡ ଓ ରାଜନୈତିକ ଦଳର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଏକ ଏବଂ ଅଭିନ୍ନ ପରି ମନେହୁଏ। ତେଣୁ ଜନସାଧାରଣ ଏପରି ଠକ ସଂସ୍ଥାଗୁଡ଼ିକଠାରୁ ଦୂରରେ ଥିବା ସଚ୍ଚୋଟ ନେତାଙ୍କୁ ଭୋଟ ଦିଅନ୍ତୁ।

ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଘୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)



ସମଲିଙ୍ଗୀ ସମ୍ପର୍କକୁ ନାଗରିକ ଅଧିକାର ଦେବା ଲାଗି ଦାଏର ରିଭ୍ୟୁ ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏଲଜିବିଟିକ୍ୟୁ ସମ୍ପ୍ରଦାୟଙ୍କୁ ସମଲିଙ୍ଗୀ ବିବାହ, ସନ୍ତାନ ଗ୍ରହଣ ଏବଂ ସରୋଗେସୀ ଭଳି ଅଧିକାର ପ୍ରଦାନ ଆବେଦନକୁ ଅଗ୍ରାହ୍ୟ କରିଦେଇଥିବାରୁ ଏହା ଉପରେ ରିଭ୍ୟୁ ପିଟିଶନର ଶୁଣାଣି ପାଇଁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ମନା କରିଦେଇଛନ୍ତି।



## ସଂକ୍ଷେପରେ

### ଆଜି ଆସୁଛନ୍ତି ମୋଦି

**ଭୁବନେଶ୍ୱର,୧୫।୪(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସିବେ। ପ୍ରଥମେ ସେ ସମ୍ବଲପୁରରେ ହେବାକୁ ଥିବା ନିର୍ବାଚନ ପ୍ରଚାର ସଭାରେ ଯୋଗ ଦେବେ। ସେଠାରୁ ଅପରାହ୍ନ ୪ଟାରେ ଭୁବନେଶ୍ୱରରେ ପହଞ୍ଚିବେ। ବିମାନ ବନ୍ଦରରେ ପହଞ୍ଚିବା ପରେ ମୋଦିଙ୍କର ମେଗା ରୋଡ ଶୋ' ଆରମ୍ଭ ହେବ। ବିମାନବନ୍ଦରରୁ ରୋଡ ଶୋ' ବାହାରି ଗଙ୍ଗନଗର, ଓୟୁଏଟି, ଶିରିପୁର ଛକ ଦେଇ ସିଟି ୱିମେନ୍ସ କଲେଜ ପଛପଟ ଶିବମନ୍ଦିର ବାଟଦେଇ ମୋଦିଙ୍କ ରୋଡ ଶୋ' ବରମୁଣ୍ଡା ହାଇସ୍କୁଲ ପଡ଼ିଆରେ ପହଞ୍ଚିବ। ସେଠାରେ ମୋଦି ଦଳ ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଉଦ୍‌ବୋଧନ ଦେବେ। ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କଟକରେ ରୋଡ ଶୋ' କରିବା କାର୍ଯ୍ୟକ୍ରମ ରହିଛି। ମୋଦିଙ୍କ ଗସ୍ତକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ହୋଇଛି।

### ବୋଲେରୋ-ବାଇକ୍ ମୁହାଁମୁହିଁ, ୨ ମୃତ

ଉତ୍ୟକ୍ତ ଲୋକେ ପୋଡ଼ିଦେଲେ ଗାଡ଼ି

**ମାଲକାନଗିରି,୧୫।୪(ଡି.ଏନ.ଏ):** ମାଲକାନଗିରି ଜିଲା ପୋଟେରୁ କଲେଜ ଛକ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୫ଟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ବୋଲେରୋ-ବାଇକକୁ ମୁହାଁମୁହିଁ ଧକ୍କା ହେବା ଯୋଗୁ ଘଟଣା ସ୍ଥଳରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ବୋଲେରୋ ଡ୍ରାଇଭର ଆହତ ହୋଇଛନ୍ତି। ଉଭୟ ବାଇକ ଆରୋହୀଙ୍କ ମୃତ୍ୟୁ ପରେ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ନିଆଁ ଲଗାଇ ଜାଳି ଦେଇଛନ୍ତି। ଦୁଇ ମୃତକ ହେଲେ ଗୁମୁକା ପଞ୍ଚାୟତର ଏମଭି-୬୫ ଗ୍ରାମର ଯୋଗେଶ ଗାଇନଙ୍କ ପୁଅ ଶ୍ୟାମଲ ଗାଇନ ଓ ଏମପିଭି-୧୩ ଗ୍ରାମର ମଣିନ୍ଦ୍ର ଦାସଙ୍କ ପୁଅ ମେଘନାଦ ଦାସ ବୋଲି ଜଣାପଡ଼ିଛି। ପୋଟେରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା ଜାରି ରଖିଛି। ଖବର ଲେଖା ହେବାଯାଏ ସେଠାରେ ପରିସ୍ଥିତି ଅଣାୟତ ରହିଛି।

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ଜୟପୁର,୧୫।୪(ଡି.ଏନ.ଏ/ନି.ପ୍ର):** କୋରାପୁଟ ଜିଲା ଜୟପୁର ଉପ-କାରାଗାରର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଶାଖାପାଟଣା ଜିଲା ସିଲେରୁ ଥାନା ଅନ୍ତର୍ଗତ ଦୋରକଣ୍ଡା ଗ୍ରାମର କିମିଡୁ ରାମା (୨୦)। ଗତ ମାର୍ଚ୍ଚ ୧୫ ତାରିଖରେ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବୈପାରୀଗୁଡ଼ା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହି ଦିନଠାରୁ ସେ ଜୟପୁର ଜେଲରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ଏନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷ କୌଣସ ସୂଚନା ଦେଇ ନାହାନ୍ତି। ଜେଲ କର୍ତ୍ତୃପକ୍ଷ କହିବା ଅନୁଯାୟୀ, ରବିବାର ସନ୍ଧ୍ୟାରେ ରାମାଙ୍କ ବାନ୍ତିହେବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୋମବାର ଭୋରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଚଳାଇଛି।

### ନୂଆଗାଁରେ ଜେଏମ୍‌ଏମ୍ ମୁଖ୍ୟ ଶିବୁ ସୋରେନଙ୍କ ନିର୍ବାଚନୀ ସଭା
### ଆଦିବାସୀଙ୍କ ସୁରକ୍ଷା ପାଇଁ ଜେଏମ୍‌ଏମ୍ ଏକମାତ୍ର ବିକଳ୍ପ

**ନୂଆଗାଁ, ୧୫।୪ (ଡି.ଏନ.ଏ.):** ଓଡ଼ିଶା ପ୍ରଦେଶରେ ହେଉ କିମ୍ବା ଭାରତ ବର୍ଷରେ ହେଉ ଅନେକ ଦଳ ସରକାର ଗଢ଼ିଛନ୍ତି। ବର୍ଷ ବର୍ଷ ଧରି ଶାସନ କରିଛନ୍ତି। ହେଲେ ଆଦିବାସୀଙ୍କ ସୁରକ୍ଷା, ବିକାଶ, ସ୍ଥିତି କଥା ସେମାନେ ଭୁଲି ଯାଉଛନ୍ତି। ହେଲେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଆଜି ବି ଆଦିବାସୀଙ୍କ ସ୍ଥିତି, ସୁରକ୍ଷା ଓ ପରମ୍ପରାକୁ ବଜାୟ ରଖିବା ପାଇଁ ତା'ର ସଂଘର୍ଷ ଜାରି ରଖିଛି। ତେଣୁ ଆଗାମୀ ବିଧାନସଭା ନିର୍ବାଚନରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଟାଣୁଆ ଯୁବନେତା ଜେଏମ୍‌ଏମ୍ ପ୍ରାର୍ଥୀ ସେବିଆନ ଆଇନ୍ଦଙ୍କୁ ଭୋଟଦେଇ ଜୟଯୁକ୍ତ କରିବାକୁ ସୋମବାର ସୁନ୍ଦରଗଡ଼ ଜିଲା ନୂଆଗାଁଠାରେ ଅନୁଷ୍ଠିତ ନିର୍ବାଚନ ସଭାରେ ଜେଏମ୍‌ଏମ୍ ମୁଖ୍ୟ ଶିବୁ ସୋରେନ ଉପସ୍ଥିତ ଜନତାଙ୍କୁ ଆହ୍ୱାନ କରିଛନ୍ତି।

# ଡବଲ ଇଞ୍ଜିନ ରାଜ୍ୟରେ ଆଣିବ ବିକାଶ

**ରାଉରକେଲା ଅଫିସ/ଫୁଲବାଣୀ ଅଫିସ/ଅନୁଗୋଳ ଅଫିସ, ୧୫।୪**



ରାଉରକେଲା ସମାବେଶରେ ଉପସ୍ଥିତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓ ଅନ୍ୟ ନେତୃମଣ୍ଡଳୀ।

## ନିର୍ବାଚନୀ ସଭାରେ ଯୋଗୀ ଆଦିତ୍ୟନାଥ

- ରାଉରକେଲା, ଅନୁଗୋଳ, ଫୁଲବାଣୀରେ ସାଧାରଣ ସଭାରେ ଯୋଗ ଦେଲେ
- ଭାଜପା ଆସିଲେ ବିକାଶର ନୂଆ ଓଡ଼ିଶା ନିର୍ମାଣ ସଫଳ ହେବ
- ଚିଟ୍‌ଫଣ୍ଡରେ ସମ୍ପୃକ୍ତ ନେତାଙ୍କୁ ପ୍ରୋତ୍ସାହିତ କରୁଛନ୍ତି ରାଜ୍ୟ ସରକାର

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୮ତାରିଖରେ ହେବ। ଏହି ପର୍ଯ୍ୟାୟରେ ହେଉଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁଦଳ ପକ୍ଷରୁ ପ୍ରଚାର ଜୋର୍‌ଦାର ଚାଲିଛି। ଏହିକ୍ରମରେ ଭାଜପା ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଭିକ୍ଷା କରିବାକୁ ସୋମବାର ଓଡ଼ିଶା ଗସ୍ତରେ ଆସିଥିଲେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ପ୍ରଥମେ ରାଉରକେଲା ପରେ ଅନୁଗୋଳ ଓ ଶେଷରେ ଫୁଲବାଣୀଠାରେ ଆୟୋଜିତ ଦଳର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଯୋଗୀ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ୍ ସରକାର ଆସିଲେ ବିକାଶର ଶୀର୍ଷରେ ପହଞ୍ଚିବ ବୋଲି କହିଥିଲେ।

ଯୋଗୀ ପ୍ରଥମେ ରାଉରକେଲା ଏୟାର ଷ୍ଟ୍ରିପ ନିକଟ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ବାସ୍ତବ ବିକାଶ ପାଇଁ ଏଠିକାର ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ କରୁନାହାନ୍ତି। ସମ୍ପଦର ସଦୁପଯୋଗ କଲେ ଜନତାଙ୍କ ସାମୂହିକ ମଙ୍ଗଳ ହେବ। ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା ଅର୍ଥକୁ ମଧ୍ୟ ଖର୍ଚ୍ଚ କରିପାରୁନାହାନ୍ତି। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଗଠନ ହେଲେ ପ୍ରତ୍ୟେକ ସମସ୍ୟାର ସମାଧାନ ସମ୍ଭବ ହେବ ବୋଲି ଯୋଗୀ କହିଥିଲେ। ଏହି ଅବସରରେ ସେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଓ ନବୀନ ନିଜ ଆସନରୁ ଜିତିବେ ନା ନାହିଁ ସେ ନେଇ ଆଶଙ୍କାରେ ପଡ଼ିଛନ୍ତି। ସେଥିପାଇଁ ରାହୁଲ ତାଙ୍କ ପାରମ୍ପରିକ ଆସନ ଅମେଠି ସହ ୱାୟନାଡ୍‌ରେ ମଧ୍ୟ ନିର୍ବାଚନ ଲଢ଼ୁଛନ୍ତି। ନବୀନ ମଧ୍ୟ ତାଙ୍କ ଆସନ ହିଞ୍ଜିଳି ସହ ବିଜେପୁରରୁ ପ୍ରାର୍ଥୀ ହୋଇଛନ୍ତି। ଏମାନଙ୍କ ଉପରୁ ଲୋକେ ଆସ୍ଥା ହରାଇଛନ୍ତି। ଏପରି ଅବସ୍ଥାରେ ନରେନ୍ଦ୍ର ମୋଦିଙ୍କୁ ଆଉ ଥରେ କ୍ଷମତାକୁ ଆଣିବାକୁ ଯୋଗୀ ନିବେଦନ କରିଥିଲେ। ଏକ ସମୃଦ୍ଧ ଭାରତ ପାଇଁ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ସେ ଆହ୍ୱାନ ଦେଇଥିଲେ।

ପରେ ଅନୁଗୋଳସ୍ଥିତ ବିଜୁମଇଦାନରେ ଆୟୋଜିତ ସମାବେଶରେ ଯୋଗୀ ପହଞ୍ଚି ଜୟ ଜଗନ୍ନାଥରୁ ତାଙ୍କ ଭାଷଣ ଆରମ୍ଭ କରିଥିଲେ। ଓଡ଼ିଆରେ ଜନତାଙ୍କୁ ନମସ୍କାର କରିବା ସହ ସଭାସ୍ଥଳରେ ଥିବା ମା' ଓ ବରିଷ୍ଠଙ୍କୁ ପ୍ରଣାମ ବୋଲି କହିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମା' ହିଙ୍ଗୁଳାଙ୍କ କ୍ଷେତ୍ରରେ ବହୁତ ମୂଲ୍ୟବାନ ସମ୍ପତ୍ତି ରହିଛି। ଖାଲି ଏଠାରେ ନୁହେଁ, ସମଗ୍ର ଓଡ଼ିଶା ପ୍ରାକୃତିକ ସମ୍ପଦ ଓ ଯୁବଶକ୍ତିରେ ପରିପୂର୍ଣ୍ଣ। କିନ୍ତୁ ରାଜ୍ୟରେ ଯୋଗ୍ୟ ସରକାର ନ ଥିବା କାରଣରୁ ଓଡ଼ିଶାର ବିକାଶ ହୋଇପାରୁନାହିଁ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧା ଟାର୍ଗେଟ କରି ଗରିବଙ୍କ ଝାଳବୁହା ଧନ ଚିଟ୍‌ଫଣ୍ଡ କମ୍ପାନୀକୁ ଟେକି ଦେଇଥିବା ଅଭିଯୋଗ କରିଥିଲେ। ଏପରି କି ଚିଟଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ନେତା ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ଦଳୀୟ ଟିକେଟ ପ୍ରଦାନ କରି ନବୀନ ପ୍ରୋତ୍ସାହିତ କରୁଛନ୍ତି ବୋଲି ଯୋଗୀ କହିଥିଲେ। ଏହାପରେ ଯୋଗୀ କେନ୍ଦ୍ର ସରକାରଙ୍କ ସଫଳତା ବଖାଣିଥିଲେ। ଅନୁଗୋଳ ମାଟିର ପୁଅ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୭ କୋଟି ଗରିବ ମହିଳାଙ୍କୁ ବିନା ଦେୟରେ ଉଜ୍ଜ୍ୱଳା ଯୋଜନାରେ ସାମିଲ କରିଥିବାରୁ ମହିଳାମାନଙ୍କ ଓଠରେ ହସ ଖେଳିଛି ବୋଲି କହିଥିଲେ। ଭାଜପା କେନ୍ଦ୍ରରେ ସରକାର ଗଢ଼ିବା ପରେ କୌଣସି ଦୁର୍ନୀତି ହୋଇନାହିଁ ବରଂ ଦେଶର ବିକାଶରେ କାର୍ଯ୍ୟ କରିଛି। ଓଡ଼ିଶାରେ ରେଲୱେ, ପେଟ୍ରୋଲ, ହାଇୱେ, ବିମାନବନ୍ଦର ଭଳି ଅନେକ କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟ କରାଯାଇଛି। ଆତଙ୍କବାଦୀ, ମାଓବାଦୀଙ୍କୁ ମୋଦି ସରକାର କଡ଼ା ଜବାବ ଦେଇଛନ୍ତି। ଭାଜପା ଦେଶକୁ ସୁରକ୍ଷା ଦେବା ସହ ସମୃଦ୍ଧି ଓ ବିକାଶ କରୁଛି। ଗରିବ, ଚାଷୀ, ଯୁବକ ଓ ମହିଳାଙ୍କ ପାଇଁ ବଡ଼ ବଡ଼ କାର୍ଯ୍ୟ କରୁଛି। ତେଣୁ ଓଡ଼ିଶାରେ ଭାଜପା ସରକାର ହେବା ଆବଶ୍ୟକ ବୋଲି ଯୋଗୀ କହିଥିଲେ।

ଶେଷରେ ଫୁଲବାଣୀ କରୋନେଶନ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଯୋଗୀ କହିଥିଲେ, ଓଡିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ଏଠାର ଯୁବକ ପ୍ରତିଭାବାନ। ସେମାନେ ନିଜ ପ୍ରତିଭା ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀର ବିକାଶରେ ଲଗାଉଛନ୍ତି। ହେଲେ ନିଜ ଅଞ୍ଚଳରେ ପ୍ରତିଭାର ସମ୍ମାନ ନାହିଁ। ଓଡ଼ିଶାରେ ଭାଜପା ସରକାର ଥିଲେ କନ୍ଧମାଳର ଯୁବକ ରାଜ୍ୟ ବାହାରକୁ ଖଟିବାକୁ ଯାଇ ନ ଥାନ୍ତେ। ଦିନେ ମହାନ୍ ଓଡ଼ିଶା ସ୍ୱପ୍ନ ଦେଖିଥିବା ବିଜୁବାବୁଙ୍କୁ ଏହା ବେଶି କଷ୍ଟ ଦେଉଥିବ। ତାଙ୍କ ସ୍ୱପ୍ନକୁ ଧୂଳିସାତ କରିଛି ବିଜେଡି ସରକାର। ଏବେ ସମସ୍ତଙ୍କ ମୁହଁରେ ଗୋଟିଏ କଥା କେନ୍ଦ୍ରରେ ମୋଦି ପ୍ରଧାନମନ୍ତ୍ରୀ ହୁଅନ୍ତୁ। ଗତ ୫ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଦେଶର ଦେଢ଼ କୋଟି ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ, ୪ କୋଟି ପରିବାରକୁ ନିଃଶୁଳ୍କ ବିଦ୍ୟୁତ୍ ସେବା, ୭ କୋଟି ପରିବାରକୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, ସାଢ଼େ ୧୨ କୋଟି ପରିବାରକୁ ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରେ ୬ ହଜାର ଟଙ୍କା ସହାୟତା ଦେବାର ବ୍ୟବସ୍ଥା, ୩୨ କୋଟି ଗରିବଙ୍କ ପାଇଁ ଜନଧନ ଯୋଜନାରେ ବ୍ୟାଙ୍କ ଖାତା ଖୋଲିବା, ୧୫କୋଟି ଯୁବକଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଆର୍ଥିକ ସ୍ୱାବଲମ୍ବୀ ପାଇଁ ପଦକ୍ଷେପ, ୫୦ କୋଟି ଗରିବଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ଭଳି ଅନେକ ଜନହିତକର ଯୋଜନା କରିଛନ୍ତି। ଏହା କିଛି ଜାତିକୁ ଦେଖି କରାଯାଇନାହିଁ। ଦେଶର ପ୍ରତ୍ୟେକଙ୍କ ହିତଙ୍କ ପାଇଁ ହୋଇଛି। ତୁଷ୍ଟୀକରଣ ନୀତିରେ ଭାଜପା ବିଶ୍ୱାସ କରେନାହିଁ ବୋଲି ଯୋଗୀ କହିଥିଲେ। ଏଥିସହ ଓଡିଶାରେ ଏବେ ସମସ୍ତେ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଯୋଗୀ କହିଥିଲେ। ୩ଟି ଯାକ ସଭାରେ ଯୋଗୀ ଦଳୀୟ ଏମ୍‌ପି ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କହିଥିଲେ।

# 'କୋଶଲୀ ଭାଷା ପ୍ରତି କେନ୍ଦ୍ର ଅଣଦେଖା କରିଛି'

**ଅତାବିରା/ଭେଡ଼େନ,୧୫।୪(ଡି.ଏନ.ଏ.)**

## କୃଷକଙ୍କ କଥା ଶୁଣିବାକୁ ଦିଲ୍ଲୀ ଦରବାର ୨ ମିନିଟ ସମୟ ଦେଇନାହିଁ: ନବୀନ



ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଓ ଦଳୀୟ ପ୍ରାର୍ଥୀ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବରଗଡ଼ ଜିଲା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ବରଗଡ଼ ଜିଲାର ଅତାବିରା ନିର୍ବାଚନମଣ୍ଡଳୀରୁ ପ୍ରଚାର ଆରମ୍ଭ କରିଥିଲେ। ଭେଡ଼େନ ବ୍ଲକର ବାନିପାଲି ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରକୁ ଟାର୍ଗେଟ୍ କରିଥିଲେ। ଚାଷୀ ଓ କୋଶଲୀ ଭାଷା ପ୍ରସଙ୍ଗ ଉଠାଇ ସେଥିପ୍ରତି କେନ୍ଦ୍ର ଅଣଦେଖା କରି ଚାଲିଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, କାଳିଆ ଯୋଜନାରେ ଏପର୍ଯ୍ୟନ୍ତ ରାଜ୍ୟର ୪୦ଲକ୍ଷ ଚାଷୀ ଉପକୃତ ହୋଇ ସାରିଲେଣି। ମାତ୍ର କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚଳାଇଛି। ସେ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରି ପାରିବେନି। ବିଜେଡି ସରକାର ଗଢ଼ିବାର ପ୍ରଥମ ଦିନରେ ହିଁ ୨ଟି କିସ୍ତିର ୧୦ହଜାର ଟଙ୍କା ଚାଷୀଙ୍କ ଆକାଉଣ୍ଟରେ ଜମା ହେବ। ସେହିପରି ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦୁଇଗୁଣା କରିବାକୁ କହିଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା ହୋଇ ପାରିଲାନାହିଁ। ଏପରିକି ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଁ ସେ ଦାବି କରିଥିଲେ। ବିଧାନସଭା ଗୃହ କମିଟି ମଧ୍ୟ ଏ ନେଇ କେନ୍ଦ୍ରକୁ ଫେରାଦ ହୋଇଥିଲା। ହେଲେ ଚାଷୀଙ୍କ କଥା ଶୁଣିବା ଲାଗି ଦିଲ୍ଲୀ ଦରବାର ୨ ମିନିଟ ସମୟ ଦେଇପାରିଲା ନାହିଁ। ୨ବର୍ଷ ବିତିଗଲା ପଛେ ଧାନର ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଦୁଇଗୁଣା ହେଲାନାହିଁ। ଓଡ଼ିଶାର ଦୁଇ କେନ୍ଦ୍ରମନ୍ତ୍ରୀ ଥିଲେ ମଧ୍ୟ ସେଥିପାଇଁ ମୁହଁ ଖୋଲି ନ ଥିବା ମୁଖ୍ୟମନ୍ତ୍ରୀ କହିଥିଲେ। କେନ୍ଦ୍ର ସରକାର ହସ୍ତତନ୍ତ ସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇଥିଲେ। ବୁଣାକାରମାନେ ହଇରାଣ ହେଲେ। ବେପାର କମିଲା। ରାଜ୍ୟ ସରକାର ଜିଏସ୍‌ଟି ହ୍ରାସ ପାଇଁ ଦାବି କଲେ। ଶେଷରେ ବୁଣାକାରଙ୍କ ଉପରୁ ଜିଏସ୍‌ଟି ହ୍ରାସ କରାଗଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବା ପାଇଁ ସେ କେନ୍ଦ୍ର ନିକଟରେ ଦାବି କରିଥିଲେ। ମାତ୍ର ତାହା ମଧ୍ୟ କେନ୍ଦ୍ର ସରକାର କଲା ନାହିଁ। କେବଳ ନିର୍ବାଚନ ସମୟରେ ଭାଜପା ନେତା ଓ ମନ୍ତ୍ରୀମାନେ ଏଠାକୁ ଆସି ବଡ଼ ବଡ଼ କଥା କହୁଛନ୍ତି ଏବଂ ରାଜ୍ୟବାସୀଙ୍କ ସୁଖଦୁଃଖରେ ଭାଗୀଦାର ହେଉ ନାହାନ୍ତି। ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସାଢ଼େ ୪କୋଟି ଓଡ଼ିଆଙ୍କ ସେବା କରି ଚାଲିଥିବେ ବୋଲି ପ୍ରକାଶ କରି ବିଜେଡିର ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଏବଂ ଅତାବିରା ବିଧାନସଭା ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ମତଦାନ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ।

ଉକ୍ତ ସଭାରେ ଲୋକ ସଭା ପ୍ରାର୍ଥୀ ଆଚାର୍ଯ୍ୟ ଦଳର ମହାନଦୀ ଲଢ଼େଇ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଦେଶ ସ୍ୱାଧୀନତା ପରେ କାଳିଆ ଯୋଜନା ଚାଷୀଙ୍କ ପାଇଁ ଏକ ବଡ଼ ଯୋଜନା। ଯେତେ ଚକ୍ରାନ୍ତ କଲେ ମଧ୍ୟ କେହି ଏହାକୁ ରୋକି ପାରିବେ ନାହିଁ କିମ୍ବା ଅତାବିରା ଓ ଭେଡ଼େନ ବ୍ଲକ ସମେତ ସାରା ଜିଲା, ରାଜ୍ୟର ବିକାଶଧାରାକୁ ବନ୍ଦ କରିପାରିବେ ନାହିଁ ବୋଲି ସେ କହିଥିଲେ। ସେହିପରି ଦଳର ବିଧାନସଭା ପ୍ରାର୍ଥିନୀ ଛୁରିଆ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିବା ସହିତ ନବୀନଙ୍କ ଯୋଜନା ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ପରିଣତ କରିପାରିଛି ବୋଲି କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଯାଇ ସେଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ।

# ସତ୍ୟପାଠ ଦାଖଲ କଲେ ଆବେଦନକାରୀ

**କଟକ ଅଫିସ, ୧୫।୪**

- କଅଁଳ କାନ୍ଧରେ ବସ୍ତାନି ବୋଝ
- ଗାଇଡ୍‌ଲାଇନ ମାନୁନି ସ୍କୁଲ

ସ୍କୁଲକୁ ଯାଉଥିବା କୋମଳମତି ପିଲାଙ୍କ କାନ୍ଧରୁ ବସ୍ତାନିର ବୋଝ ହାଲୁକା କରିବା ପାଇଁ ସରକାର ଯେଉଁ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛନ୍ତି ତାହାକୁ ସ୍କୁଲଗୁଡ଼ିକ ମାନୁନାହାନ୍ତି। ପୂର୍ବବତଃ ବହି ବିକ୍ରି ଚାଲିଛି। ତେଣୁ ଏଥିପ୍ରତି ସ୍କୁଲଗୁଡ଼ିକ ସଚେତନ ନ ହେବା ଆଇନର ଉଲ୍ଲଂଘନ ବୋଲି ଆବେଦନକାରୀ ଆଡଭୋକେଟ କହ୍ନେୟାଲାଲ ଶର୍ମା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ପିଲାମାନଙ୍କର ବୟସ ଓ ଶରୀରର ଓଜନ ଅନୁଯାୟୀ ସେମାନଙ୍କ କାନ୍ଧରେ ଯାଉଥିବା ବସ୍ତାନିର ଓଜନ ଅଧିକ ହେଉଥିବା ନେଇ ଆବେଦନକାରୀ ଶର୍ମା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଶର୍ମା ଦର୍ଶାଇଥିଲେ ଯେ, ବୟସ ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉନାହିଁ। ଫଳରେ ଓଜନିଆ ବ୍ୟାଗ କାନ୍ଧରେ ନେବା ଦ୍ୱାରା ପିଲାମାନେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। ଏପରି କି କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୮ ଅକ୍ଟୋବର ମାସରେ ଏ ନେଇ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏହାକୁ ରାଜ୍ୟରେ ଅନୁପାଳନ କରାଯାଉ ନ ଥିବା ଶର୍ମା ଦର୍ଶାଇଥିଲେ। ଫଳରେ ହାଇକୋର୍ଟ ସରକାରଙ୍କଠାରୁ ଏ ସମ୍ପର୍କରେ ରିପୋର୍ଟ ମାଗିଥିଲେ। ପିଲାଙ୍କ କାନ୍ଧରୁ ବସ୍ତାନି ବୋଝ ହାଲୁକା କରିବା ପାଇଁ ଫେବୃଆରୀ ୨ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କ ଅଧକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଗାଇଡ୍‌ଲାଇନ ଉପରେ ଆଲୋଚନା ମଧ୍ୟ ହୋଇଥିଲା। ଏହି ଗାଇଡ୍‌ଲାଇନକୁ ଆଧାର କରି ରାଜ୍ୟ ସରକାର ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିବା ନେଇ ହାଇକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଗତ ମାର୍ଚ୍ଚ ୧୧ ତାରିଖରେ ଅବଗତ କରାଇଥିଲେ। ସରକାରଙ୍କ ଜବାବ ଦାଖଲ ପରେ ଆବେଦନକାରୀ ଆଡଭୋକେଟ ଶର୍ମା ପ୍ରତିଜବାବ ଦାଖଲ ନିମନ୍ତେ ହାଇକୋର୍ଟଙ୍କୁ ସମୟ ମାଗିଥିଲେ। ତଦନୁଯାୟୀ ସୋମବାର ଆବେଦନକାରୀ ଶର୍ମା ସତ୍ୟପାଠ ଆକାରରେ ନିଜ ପ୍ରତି ଜବାବ ଦାଖଲ କରିଛନ୍ତି। ଆବେଦନକାରୀ ଶର୍ମା ନିଜେ ଏହି ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ମେ' ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

## ଓଏଚ୍‌ଆର୍‌ସି ଅଧକ୍ଷ ପଦବୀ ମାମଲା

# ସମୟ ଲୋଡ଼ିଲେ ସରକାର

**କଟକ ଅଫିସ, ୧୫।୪**



ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି) ଅଧକ୍ଷ ପଦବୀ ଖାଲି ପଡ଼ିବା ନେଇ ରୁଜୁ ହୋଇଥିବା ମାମଲାରେ ହାଇକୋର୍ଟଙ୍କୁ ସରକାର ସମୟ ମାଗିଛନ୍ତି। ଗ୍ରୀଷ୍ମ ଅବକାଶ ପରେ ଅର୍ଥାତ୍ ଜୁନ୍ ୧୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ଓଏଚ୍‌ଆରସି ଅଧକ୍ଷ ପଦବୀ ଦୀର୍ଘ ୬ ବର୍ଷ ହେବ ଫାଙ୍କା ପଡ଼ିଛି। ଏହାକୁ ନେଇ ଆଡଭୋକେଟ୍ ପ୍ରବୀର ଦାସ ଏବଂ ଶିବ ଶଙ୍କର ମହାନ୍ତି ଦୁଇଟି ପୃଥକ୍ ମାମଲା ରୁଜୁ କରିଥିଲେ। ଏହାର ଏକତ୍ର ଶୁଣାଣି ହାଇକୋର୍ଟରେ ଜାରି ରହିଛି। ସରକାରଙ୍କ ପକ୍ଷରୁ ସୋମବାର ଏ ନେଇ ଏକ ସତ୍ୟପାଠ ଦାଖଲ କରାଯାଇଛି। ସତ୍ୟପାଠରେ ଦର୍ଶାଯାଇଛି ଯେ, ଗତ ଡିସେମ୍ବର ୨୨ ତାରିଖରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କୁ କମିଶନ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଜଷ୍ଟିସ ଦାସଙ୍କୁ କାର୍ଯ୍ୟକାରୀ ଅଧକ୍ଷ ଭାବେ ସ୍ୱୀକୃତି ଦେବା ନିମନ୍ତେ କମିଶନ ସଚିବ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆଇନ ବିଭାଗ ନିକଟରେ ଏହା ବିଚାରାଧୀନ ଅଛି। ଅନ୍ୟପକ୍ଷରେ ସ୍ଥାୟୀ ଅଧକ୍ଷ ପଦବୀ ପୂରଣ ନିମନ୍ତେ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ହାଇକୋର୍ଟ ଉତ୍ତର ମାଗିଥିଲେ। ତେବେ ବର୍ତ୍ତମାନ ନିର୍ବାଚନ ଚାଲିଥିବାରୁ ଏହାର ଉତ୍ତର ରଖିବାକୁ ସରକାରଙ୍କ ପକ୍ଷରୁ ସମୟ ଲୋଡାଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣି କରାଯାଉଛି। ଆବେଦନକାରୀ ଆଡଭୋକେଟ ପ୍ରବୀର ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ 'ରୋଡ ଶୋ' ବେଳେ ଅଣ୍ଡାମାଡ଼

**ବଲାଙ୍ଗୀର ଅଫିସ/ଲୋଇସିଂହା, ୧୫।୪(ଡି.ଏନ୍.ଏ.)**

- ବିଜେଡି ଟିକେଟ ନ ମିଳିବାରୁ କଳାପତାକା ପ୍ରଦର୍ଶନ
- ସାଲେଭଟାରେ ଉତ୍ତେଜନା, ଟେକାମାଡ, ପୋଲିସର ଲାଠିଚାର୍ଜ
- ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ରଙ୍କ ସହ ୧୦ଅଟକ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବଲାଙ୍ଗୀର ଜିଲାରେ ମାରାଥନ୍ ରୋଡ଼ ଶୋ' କରିଥିଲେ। ଏକ ସ୍ୱତନ୍ତ୍ର ବସ୍ ଯୋଗେ ସେ ଜିଲାର ଆଗଲପୁର ବ୍ଲକ ଅନ୍ତର୍ଗତ ସାଲେଭଟାରେ ରାତି ପ୍ରାୟ ୮ଟା ବେଳେ ରୋଡ୍ ଶୋ' କରୁଥିବାବେଳେ କେତେଜଣ ଲୋକ କଳାପତାକା ପ୍ରଦର୍ଶନ କରିବା ସହ ଅଣ୍ଡାମାଡ କରିଥିବା ଜଣାପଡିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗାଡିରେ ଅଣ୍ଡା ବାଜି ନ ଥିବାବେଳେ କାରକେଡ୍‌ରେ ଥିବା ଅନ୍ୟ ଗାଡିକୁ ଅଣ୍ଡାମାଡ ହୋଇଥିବା କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ ଓ ଅଣ୍ଡାମାଡ ଘଟଣା ପରେ ସାଲେଭଟାରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଛି। କେତେଜଣ ଲୋକ ବିଜେଡି ସମର୍ଥକ ଓ ଜନସାଧାରଣଙ୍କ ଉପରକୁ ଟେକାମାଡ କରିବା ପରେ ପୋଲିସ ଲାଠିଚାର୍ଜ କରିଛି। ଏହି ଘଟଣା ପରେ ପୋଲିସ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ର, ତାଙ୍କ ପୁଅ ଆକାଶ ମିଶ୍ରଙ୍କ ସମେତ ୧୦ ଜଣଙ୍କୁ ଅଟକ ରଖିଛି।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧକରି ସାଲେଭଟାଠାରେ ସୋମବାର ପୂର୍ବାହ୍ନରୁ ଜାତୀୟ ରାଜପଥ ଉପରେ କଳାପତାକା ଲଗାଯାଇଥିଲା। ଲୋଇସିଂହା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଚୟନ ନ କରି ବଲାଙ୍ଗୀର ନିର୍ବାଚନମଣ୍ଡଳୀରୁ ଜଣେ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ବିରୋଧ କରାଯିବ ବୋଲି ସାଲେଭଟାରେ ସକାଳୁ ଚର୍ଚ୍ଚା ହେଉଥିଲା। ଏହା ସହିତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏହାକୁ ଆଖିଆଗରେ ରଖି ପୋଲିସ ସାଲେଭଟାରେ ୯ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରିଥିଲେ। ତେବେ ସହସ୍ରାଧିକ ବିଜେଡି କର୍ମୀ ଓ ସମର୍ଥକ ତଥା ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ଭିଡ ଜମାଇଥିଲେ। ରାତି ପ୍ରାୟ ୮ଟାରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ବସ୍ ସାଲେଭଟା ପହଞ୍ଚିବା ପରେ କଳାପତାକା ବନ୍ଧା ହୋଇଥିବା ସ୍ଥାନରେ କେତେଜଣ ବ୍ୟକ୍ତି ସ୍ୱତନ୍ତ୍ର ବସ୍‌କୁ ଲକ୍ଷ୍ୟ କରି ଅଣ୍ଡାମାଡ କରିଥିଲେ। ହେଲେ ଅଣ୍ଡା ବସ୍‌ରେ ନ ବାଜି କାରକେଡରେ ଥିବା ଅନ୍ୟ ଗାଡିରେ ବାଜିଥିଲା। ଅନ୍ୟ କେତେଜଣ ବ୍ୟକ୍ତି କଳାପତାକା ପ୍ରଦର୍ଶନ କରିଥିଲେ। ଏହି ଘଟଣାପରେ ସ୍ୱତନ୍ତ୍ର ବସ୍‌ଟି ସେଠାରେ ନ ଅଟକି ଡୁଙ୍ଗୁରିପାଲି ଅଭିମୁଖେ ଯାଇଥିଲା। ଅଣ୍ଡାମାଡ଼ ଘଟଣା ପରେ ଟେକାପଥର ମାଡ ହୋଇଥିବା ଦେଖିବାକୁ ମିଳିଥିଲା। ଏହାପରେ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବାକୁ ପୋଲିସ ଲାଠିଚାର୍ଜ କରିଥିଲା। ପରେ ପୋଲିସ ଟିମ୍ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ରଙ୍କ ଘରକୁ ଯାଇ ତାଙ୍କୁ ଓ ତାଙ୍କ ପୁଅ ଆକାଶଙ୍କ ସହ ଅନ୍ୟ ୧୦ ଜଣ ଯୁବକଙ୍କ ଅଟକ ରଖି ସାଲେଭଟା ଫାଣ୍ଡିକୁ ଆଣି ପଚରାଉଚରା କରିଛି। ଏନେଇ ଏମ୍‌ପି ବାଳଗୋପାଳ ମିଶ୍ରଙ୍କୁ ପଚାରିବାରୁ ଲୋଇସିଂହା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ କରି ନ ଥିବାରୁ ଗଣତାନ୍ତ୍ରିକ ଉପାୟରେ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀଙ୍କୁ ଆମେ କଳାପତାକା ପ୍ରଦର୍ଶନ କରିଥିଲୁ। ତେବେ ପୋଲିସ ମୋ ଘରକୁ ପଶି ଭଙ୍ଗାରୁଜା କରିବା ସହ ଜଣେ ପୋଲିସ ଅଫିସର ମୋ ଉପରକୁ ହାତ ଉଠାଇଥିଲେ ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ସାଲେଭଟାରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଛି। ଏ ସମ୍ପର୍କରେ ଏସ୍‌ପି କେ. ଶିବା ସୁବ୍ରମଣିଙ୍କୁ ପଚାରିବାରୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାରକେଡ ଉପରକୁ ଅଣ୍ଡାମାଡ ପାଇଁ ଟାର୍ଗେଟ୍ କରାଯାଇଥିଲା। ତେବେ ଏହା ବିଫଳ ହେବାରୁ ଉତ୍ତେଜିତ ହୋଇ କେତେକ ପୋଲିସ ଓ ରାସ୍ତାରେ ଯାଉଥିବା ଘରୋଇ ଗାଡି ଉପରକୁ ଟେକାମାଡ କରିଥିଲେ। ଏଥିରେ ଗୋଟିଏ ପୋଲିସ ଓ ୪ ବେସରକାରୀ ଗାଡି କ୍ଷତିଗ୍ରସ୍ତ ହୋଇଛି।



ପାକିସ୍ତାନ ସରକାର ୧୦୦ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଜେଲରୁ ମୁକ୍ତ କରିଛନ୍ତି। ମତ୍ସ୍ୟଜୀବୀମାନେ ସୋମବାର ଅଟ୍ଟାରି-ୱାଘା ସୀମାନ୍ତ ଦେଇ ସ୍ୱଦେଶକୁ ଫେରିଛନ୍ତି । ଇସଲାମାବାଦସ୍ଥିତ ଭାରତୀୟ ହାଇ କମିଶନଙ୍କ ଦ୍ୱାରା ଜାରି ହୋଇଥିବା 'ଜରୁରୀ ଯାତ୍ରା ପ୍ରମାଣପତ୍ର' ଦର୍ଶାଇ ସେମାନେ ସୋମବାର ସଂଧ୍ୟାରେ ଭାରତ ପାର୍ଶ୍ୱକୁ ଆସିଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି। ପ୍ରତ୍ୟର୍ପଣ ପରେପରେ ସମସ୍ତ ମତ୍ସ୍ୟଜୀବୀଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା। ପାକିସ୍ତାନ ଏପ୍ରିଲ ୭ରେ ପ୍ରଥମ ପର୍ଯ୍ୟାୟରେ ୧୦୦ ଭାରତୀୟ ମତ୍ସ୍ୟଜୀବୀଙ୍କୁ ମୁକ୍ତ କରିଥିଲା।



## ସଂକ୍ଷେପରେ

### ମା' ହେଲେ ଚାଇନାର ପ୍ରଥମ ଟେଷ୍ଟ-ଟ୍ୟୁବ୍ କନ୍ୟା



ବେଜିଂ,୧୫।୪-ଚାଇନାରେ ପ୍ରଥମକରି ଟେଷ୍ଟ-ଟ୍ୟୁବ୍ ପଦ୍ଧତିରେ ଜନ୍ମିତ ଶିଶୁକନ୍ୟା ଝେଙ୍ଗ୍ ସୋମବାର ଏକ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ପେକିଂ ୟୁନିଭର୍ସିଟି ଥାର୍ଡ ହସ୍ପିଟାଲ୍‌ର ସୂଚନା ଅନୁଯାୟୀ, ଟେଷ୍ଟ ଟ୍ୟୁବ୍ ବେବି ରିସର୍ଚ୍ଚ ମୁଖ୍ୟ ଡାକ୍ତର ଝାଙ୍ଗ୍ ଲିଝୁଙ୍କ ସହାୟତାରେ ୧୯୮୮ ମାର୍ଚ୍ଚ ୧୦ରେ ଝେଙ୍ଗ୍ ଜନ୍ମ ହୋଇଥିଲେ। ଡାକ୍ତର ଝାଓ ତାଙ୍କର ଅସ୍ତ୍ରୋପଚାର କରି ଶିଶୁକୁ ଜନ୍ମ କରାଇଥିଲେ। ଜନ୍ମବେଳେ ଶିଶୁର ଓଜନ ୩,୮୫୦ ଗ୍ରାମ ଥିଲା। ଚାଇନାରେ ପୁନଃ ପ୍ରଜନନ ଇତିହାସରେ ଏହି ସଫଳତା ଆଉ ଏକ ମାଇଲଖୁଣ୍ଟ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଟେଷ୍ଟ ଟ୍ୟୁବ୍ ଶିଶୁ ଜନ୍ମ ପଦ୍ଧତିରେ ଚାଇନା ବିଶ୍ୱରେ ଅଗ୍ରଣୀ ଭୂମିକା ନେଉଛି।

### ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

ଦିଗପହଣ୍ଡି,୧୫।୪ (ଡି.ଏନ.ଏ.)- ଗଞ୍ଜାମ ଜିଲା ଦିଗପହଣ୍ଡି ସହରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ରବିବାର ସନ୍ଧ୍ୟାରେ ପରଲୋକ ଘଟିଛି। ଗୋଆ ମୁକ୍ତି ଆନ୍ଦୋଳନର ନେତା ଭାବେ ସେ କାରାବରଣ କରିଥିଲେ। ସୁଭାଷ ବୋଷଙ୍କ ଆଜାଦ୍ ହିନ୍ଦ୍ ଫୌଜର ସୈନିକ ଭାବେ ସେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ପରବର୍ତ୍ତୀ ଅବସ୍ଥାରେ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦିଗପହଣ୍ଡି ସାନ ବ୍ରାହ୍ମଣ ସାହିସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ବହୁ ସଂଖ୍ୟକ ପ୍ରାକ୍ତନ ଛାତ୍ର ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ୩ କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

#### ପାରତାପୁର ଘାଟି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର, ହେଲ୍‌ପର ମୃତ

**ରାୟଗଡା ଅଫିସ୍, ୧୫।୪:** ରାୟଗଡ଼ା ଓ ଶେଷଖାଲ ଥାନା ଅଞ୍ଚଳରେ ସୋମବାର ପୃଥକ ସ୍ଥାନରେ ୩ଟି ଟ୍ରକ୍ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ପଡୋଶୀ ରାଜସ୍ଥାନ ରାଜ୍ୟ ବିଲବାଡା ଜିଲା ମନୋହରଗଡ ଗ୍ରାମର ଭବର ସିଂ ମୀନା(୫୦) ଓ ସୁରେଶ ମୀନା(୩୦) । ଆହତ ଜଣକ ହେଲେ ହରିଶ ଲାଲ। ପ୍ରକାଶ ଯେ, ବିଶାଖାପାଟଣା ବନ୍ଦରରୁ କୋଇଲା ବୋଝେଇକରି ୭ଟି ଟ୍ରକ୍ ରାୟଗଡ଼ାକୁ ଆସୁଥିଲା। ସୋମବାର ଭୋରରୁ ୩ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରଥମେ ରାୟଗଡା ସହରର ଝଞ୍ଜାବତୀ ନଦୀ ଉପରେ ଥିବା ପୋଲରେ ଗୋଟିଏ ଟ୍ରକ୍ (ଓଡି-୨୩ସି-୮୮୪୧) ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ପୋଲ ନିକଟରେ ଥିବା ସୁରକ୍ଷା ପାଚେରିରେ ବାଡେଇ ହୋଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ହରିଶ ଲାଲ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପୋଲିସ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେହିପରି ଶେଷଖାଲ ଥାନା ପାରତାପୁର ଘାଟିରେ ସୋମବାର ଭୋର ପ୍ରାୟ ୫ଟାରେ ଏକ କୋଇଲା ବୋଝେଇ ଟ୍ରକ୍ (ଆର୍‌ଜେ-୦୬ଜିଏ-୭୬୮୧) ଭାରସାମ୍ୟ ହରାଇ ଓଲଟି ପଡି ଏକ ଗଛରେ ପିଟି ହୋଇ ଯାଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ଭବର ସିଂ ମୀନା ଓ ହେଲ୍‌ପର ସୁରେଶ ମୀନା ପ୍ରାଣ ହରାଇଛନ୍ତି। ପଛରେ ଆସୁଥିବା ଅନ୍ୟ ଏକ ଟ୍ରକ୍ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ପୋଲିସକୁ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ମୃତକଙ୍କ ପରିବାରକୁ ସୂଚନା ଦେଇଛି। ସେହିଭଳି ଅତଡା ଗାଁ ନିକଟରେ ଆଉ ଏକ ଟ୍ରକ୍(ଏପି-୦୭-ଟିଏମ୍-୮୧୮୯) ନିୟନ୍ତ୍ରଣ ହରାଇ ଏକ ଚାଷ ଜମିରେ ଓଲଟି ପଡିଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଏନେଇ ରାୟଗଡା ଥାନା ଓ ଶେଷଖାଲ ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଥିବା ଏସ୍‌ଡିପିଓ ତପନ କୁମାର ରଥ କହିଛନ୍ତି।

# ପୂର୍ବତନ ମନ୍ତ୍ରୀ, ବିଧାୟକ, ଅସନ୍ତୁଷ୍ଟ ନେତାଙ୍କୁ ଥଇଥାନ

## ପ୍ରଫୁଲ୍ଲ ଘଡ଼େଇ ବିଜେଡି ଉପସଭାପତି ନିଯୁକ୍ତ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଛି। ବାକି ୩ଟି ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବାରୁ ଅସନ୍ତୁଷ୍ଟ ନେତାମାନଙ୍କୁ ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱରେ ଥଇଥାନ କରି ସନ୍ତୁଷ୍ଟ କରିବା ପାଇଁ ବିଜେଡି ଉଦ୍ୟମ ଜାରି ରଖିଛି। ଏହି କ୍ରମରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଟିକେଟ ଆଶାୟୀ ପ୍ରାର୍ଥୀମାନଙ୍କୁ ବିଭିନ୍ନ ସାଗଠନିକ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କୁ ରାଜ୍ୟ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଘଡ଼େଇଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ନିକଟରେ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। ଏଥିସହିତ ଘଡ଼େଇଙ୍କୁ ଖୋର୍ଦ୍ଧା, ରଣପୁର ଏବଂ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ, ନିରଞ୍ଜନ ପୂଜାରୀ, ଅର୍କକେଶରୀ ସିଂଦେଓଙ୍କୁ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ରଙ୍କୁ ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ, ମନୋଜ ନାୟକଙ୍କୁ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କୁ ବିଜେଡି ସାଧାରଣ ସମ୍ପାଦକ, ପ୍ରକାଶ ଦାଶଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଏବଂ ଯୁଗଳ ନାୟକଙ୍କୁ କଟକ ସଂସଦୀୟ କ୍ଷେତ୍ରର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ଦିଲ୍ଲୀପ ଦୁରିଆଙ୍କୁ ସମ୍ବଲପୁର ଓ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରେଢ଼ାଖୋଲ ଓ ରାଜନଗର ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଭାବେ ଏମଡି ମୋବିନ, ଝାରସୁଗୁଡ଼ା ଓ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶୈଳେଶ ଦାନି, ବଣାଇ ଓ ବଡ଼ସାହି ସହ ପର୍ଯ୍ୟବେକ୍ଷକ ଭାବେ ଏମଡି ସହିଦ, ତଳସରା ଓ ଆଳି ସହ ପର୍ଯ୍ୟବେକ୍ଷକ ଭାବେ ପଲ୍ଲବ ଲିମା, ସୁନ୍ଦରଗଡ଼ ଓ ଛେଣ୍ଡିପଦା ସହ ପର୍ଯ୍ୟବେକ୍ଷକ ଭାବେ ଭୀମସେନ ମୁଦୁଲିଙ୍କୁ ନିଯୁକ୍ତି ଦିଆଯାଇଛି। ବୀରମହାରାଜପୁର ଓ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଲୋଇସିଂହା ଓ ଉଦଳା ସହ ପର୍ଯ୍ୟବେକ୍ଷକ ଭାବେ ଅନୁସୂୟା ମାଝି, ଆନନ୍ଦପୁର ଓ ବାରିପଦା ସହ ପର୍ଯ୍ୟବେକ୍ଷକ ଭାବେ ସନ୍ତୋଷ ବେଜ, କେନ୍ଦ୍ରାପଡ଼ା ସହ ପର୍ଯ୍ୟବେକ୍ଷକ ଭାବେ ଅଂଶୁମାନ ରଶ୍ମି ସାଗର ଏବଂ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଭାବେ ଶୁଭ୍ରାଂଶୁ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ମହେନ୍ଦ୍ର ମିଶ୍ର, ପ୍ରସନ୍ନଜିତ ସିଂହ, କମଳାକାନ୍ତ ମହାପାତ୍ରଙ୍କୁ ବିଜେଡି ସାଂଗଠନିକ ସମ୍ପାଦକ ଏବଂ ସରୋଜିନୀ ଦାସଙ୍କୁ ମହିଳା ବିଜେଡି ସାଙ୍ଗଠନିକ ସମ୍ପାଦିକା ଭାବେ ନିଯୁକ୍ତି କରାଯାଇଥିବାବେଳେ ବିଜେଡି ସଂଖ୍ୟାଲଘୁ ସେଲ ଉପସଭାପତି ଭାବେ ମୀରଖାଦିମ ବକ୍ସ ଓ ବିଜେଡି ଯୁବ ସଂଖ୍ୟାଲଘୁ ସେଲ କଟକ ଜିଲା ଉପସଭାପତି ଭାବେ ଜାକିର ଖାଁଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ରତିକାନ୍ତ ସାହାଣୀ ଓ ସରୋଜକାନ୍ତ ସାହୁଙ୍କୁ କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି, ସୂର୍ଯ୍ୟ ମହାନ୍ତିଙ୍କୁ ସମ୍ପାଦକ, ଅକ୍ଷୟ କୁମାର ମେକାପଙ୍କୁ କାର୍ଯ୍ୟକାରୀ ସଭାପତି, ଚିତ୍ତରଞ୍ଜନ ବେହେରାଙ୍କୁ କେନ୍ଦ୍ରାପଡ଼ା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି, ଗୌତମ ସ୍ୱାଇଁଙ୍କୁ କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସମ୍ପାଦକ, ଦୁର୍ଗା ପ୍ରସାଦ ପତିଙ୍କୁ କେନ୍ଦ୍ରାପଡ଼ା ଜିଲା ବିଜେଡି ଉପସଭାପତି, ଶୁଭ୍ରାଂଶୁ ଭୂଷଣ କରଙ୍କୁ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଏବଂ ଦେବାଶିଷ ପଣ୍ଡାଙ୍କୁ ଜିଲା ଯୁବ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

ଅନୁରୂପ ଭାବେ କେନ୍ଦ୍ରାପଡ଼ା ଜିଲା ମହିଳା ବିଜେଡି ସାଂଗଠନିକ ସମ୍ପାଦକ ଭାବେ ସବିତା ସାହୁ ଓ ମନୋରମା ଭୂୟାଁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ରତିକାନ୍ତ ସାମନ୍ତରାୟଙ୍କୁ ଜିଲା ଯୁବ ବିଜେଡି ସାଂଗଠନିକ ସମ୍ପାଦକ, କେନ୍ଦ୍ରାପଡ଼ା ଜିଲା ବିଜେଡି ଏସସି ସେଲ ସମ୍ପାଦକ ଭାବେ ସୁଦାମ ମଲ୍ଲିକ ଏବଂ ସଞ୍ଜୟ ମଲ୍ଲିକ, କେନ୍ଦ୍ରାପଡ଼ା ଜିଲା ବିଜେଡି ଯୁବ ସଂଖ୍ୟାଲଘୁ ସେଲ ସଭାପତି ଭାବେ ମହମ୍ମଦ ଅମୀରଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଯୁକ୍ତି ଦିଆଯାଇଛି ବୋଲି ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗନ୍ତାକୁ ଦିଅନ୍ତି ନାହିଁ,**
**ନିତି ମଲ୍ଲୁକୁ ଚାହାନ୍ତି ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ତା'ପ୍ରତି ସଭିଙ୍କ ମନରେ ଏକପ୍ରକାର ବିତୃଷ୍ଣା ଭାବ ଆସିଯାଇଥାଏ । ଏପରି ମାଗିଖିଆ ବ୍ୟକ୍ତିଙ୍କୁ ଦେବା ଲାଗି କେହି ବି ଇଚ୍ଛାପ୍ରକାଶ କରି ନ ଥାନ୍ତି। ସେହିପରି ରୋଗ ବଇରାଗରେ ପଡ଼ିଲେ ସାଇପଡ଼ିଶା, ବନ୍ଧୁବାନ୍ଧବ ଥରେ ଅଧେ ଦେଖା କରିବାକୁ ଆସିଥାନ୍ତି। କିନ୍ତୁ ବହୁତ ଦିନ ଧରି ବେମାରରେ ପଡ଼ିଲେ ଆଉ କେହି ଦେଖାଶୁଣା କରିବାକୁ ସେତେଟା ଆଗ୍ରହ ଦେଖାଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନଈ ଦିଏ ଥଳ,**
**ବନ୍ଧୁ ଦିଏ ବଳ ।**

ନଈ ଥିଲେ ଚାଷବାସ ପାଇଁ ପାଣିର ଅଭାବ ରହି ନ ଥାଏ। ଜୀବନ ଜୀବିକା ପାଇଁ ନଈ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ସେହିପରି ବନ୍ଧୁ ହିଁ ସୁବିଧା ଅସୁବିଧାରେ ସହାୟତାର ହାତ ବଢ଼ାଇ ଦେଇଥାଏ। ବିପଦ ଆପଦ ବେଳେ ପାଖରେ ରହି ସାହାଭରସା ଯୋଗାଇ ଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଶ୍ୱର ପ୍ରଥମ ସଶସ୍ତ୍ର ଉଭୟଚର ଡ୍ରୋନ୍

## ଚାଇନାରେ ବିକଶିତ

ବେଜିଂ,୧୫।୪(ପି.ଟି)

ଚାଇନା ପ୍ରଥମକରି ବିଶ୍ୱର ପ୍ରଥମ ସଶସ୍ତ୍ର ଉଭୟଚର ଡ୍ରୋନ୍ ବୋଟ୍ ସଫଳତାର ସହିତ ପରୀକ୍ଷା କରିଛି। ଉଭୟ ଜଳଭାଗରେ ଏବଂ ଆକାଶରେ ଏହାକୁ ବ୍ୟବହାର କରାଯାଇପାରିବ ବୋଲି ଚାଇନାର ସାମରିକ ବିଶ୍ଲେଷକମାନେ ମତ ଦେଇଛନ୍ତି।

ଚାଇନା ଶିପ୍ ବିଲ୍ଡିଂ ଇଣ୍ଡଷ୍ଟ୍ରି କର୍ପୋରେଶନ୍ (ସିଏସ୍‌ଆଇସି) ଅଧୀନସ୍ଥ ୟୁଚାଙ୍ଗ ଇଣ୍ଡଷ୍ଟ୍ରି ଗ୍ରୁପ୍ ଦ୍ୱାରା ଏହା ନିର୍ମାଣ କରାଯାଇଛି। ମେରାଇନ୍ ଲିଜାର୍ଡ ନାମକ ଏହି ଡ୍ରୋନ୍ ଶିପ୍‌କୁ କେନ୍ଦ୍ରୀୟ ଚାଇନାର ହୁବେଇ ପ୍ରଦେଶର ରାଜଧାନୀ ଉହାନ୍‌ସ୍ଥିତ କାରଖାନାରୁ ଏପ୍ରିଲ ୮ରେ ପରୀକ୍ଷା ପାଇଁ ବାହାର କରାଯାଇଥିଲା। ସାଟେଲାଇଟ୍ ଜରିଆରେ ରିମୋଟ ଦ୍ୱାରା ନିୟନ୍ତ୍ରିତ ଏହି ମେରାଇନ୍ ଲିଜାର୍ଡକୁ ସର୍ବାଧିକ ୧୨୦୦ କିଲୋମିଟର ଦୂରତା ମଧ୍ୟରେ ଚଳାଚଳ କରାଯାଇପାରିବ। ୧୨ମିଟର ବିଶିଷ୍ଟ



ମେରାଇନ୍ ଲିଜାର୍ଡ ଡିଜେଲ୍ ଚାଳିତ ହାଇଡ୍ରୋଜେଟ୍ ଦ୍ୱାରା ଜଳଭାଗରେ ସର୍ବାଧିକ ୫୦ ନଟ୍ ବେଗରେ ଗତି କରିପାରିବ। ସ୍ଥଳଭାଗ ନିକଟବର୍ତ୍ତୀ ହେଲେ ଉକ୍ତ ଉଭୟଚର ଡ୍ରୋନ୍‌ର ନିମ୍ନଭାଗରେ ଥିବା ୪ଟି ଟ୍ରାକ୍ ୟୁନିଟ୍ ଖୋଲିଯିବ ଏବଂ ସ୍ଥଳଭାଗରେ ପ୍ରତି ଘଣ୍ଟାରେ ୨୦କି.ମି. ବେଗରେ ଗତି କରିବ।

ଚାଇନାର ପ୍ରତିରକ୍ଷା ବଜେଟ୍ ୧୭୮ ବିଲିୟନ୍ ଆମେରିକୀୟ ଡଲାର ହୋଇଥିବା ବେଳେ ୨୦ଲକ୍ଷ ସୈନ୍ୟଙ୍କୁ ନେଇ ଗଠିତ ବିଶ୍ୱର ସର୍ବବୃହତ୍ ଚାଇନା ସାମରିକ ବିଭାଗ କିଛିବର୍ଷ ହେଲା ଆଧୁନିକ ଅସ୍ତ୍ର ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଛି।

# ବିଶ୍ୱବିଦ୍ୟାଳୟ ସିଟ୍ ୨ଲକ୍ଷ ବଢ଼ିବ

## କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୧୫।୪(ପି.ଟି.)


ସାଧାରଣ ବର୍ଗ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ଯୋଗାଇ ଦେବା ଲାଗି ଦେଶରେ ଥିବା ୧୫୮ଟି ଜାତୀୟ ଶିକ୍ଷାନୁଷ୍ଠାନରେ ୨ ଲକ୍ଷରୁ ଅଧିକ ଅତିରିକ୍ତ ସିଟ୍ ସୃଷ୍ଟି କରାଯିବ। ସୋମବାର କେନ୍ଦ୍ର କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥାକୁ ଅନୁମୋଦନ କରାଯାଇଛି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ କ୍ୟାବିନେଟରେ ପ୍ରସ୍ତାବ ଆଣିବା ପୂର୍ବରୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ନିର୍ବାଚନ କମିଶନଙ୍କ ଅନୁମତି ଲୋଡିଥିଲା। କ୍ୟାବିନେଟ ଅନୁମୋଦନ ଫଳରେ ଦୁଇ ବର୍ଷରେ ବିଶ୍ୱବିଦ୍ୟାଳୟଗୁଡିକରେ ୨,୧୪,୭୬୬ ଅତିରିକ୍ତ ସିଟ୍ ସୃଷ୍ଟି କରାଯିବ। ୨୦୧୯-୨୦ ଶିକ୍ଷାବର୍ଷରେ ୧,୧୯,୯୮୩ ସିଟ୍ ଏବଂ ୨୦୨୦-୨୧ରେ ୯୫,୭୮୩ ସିଟ୍ ସୃଷ୍ଟି ହେବ। ୧୫୮ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ନାମଲେଖାରେ ସାଧାରଣ ବର୍ଗ ଗରିବଙ୍କ ପାଇଁ ସଂରକ୍ଷଣ ଲାଗୁ କରିବା ନିମନ୍ତେ ୪୩୧୫.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି।

# 'ନିର୍ଭୟ'ର ସଫଳ ପରୀକ୍ଷଣ

## ■ ଶତ୍ରୁପକ୍ଷର ରାଡାରକୁ ଚକ୍‌ମା ଦେବାକୁ ସମର୍ଥ

ବାଲେଶ୍ୱର ଅଫିସ, ୧୫।୪

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଟେଷ୍ଟ ରେଞ୍ଜରୁ ସୋମବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ସମୟରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦୂରଗାମୀ ସବ୍-ସୋନିକ କ୍ରୁଜ କ୍ଷେପଣାସ୍ତ୍ର 'ନିର୍ଭୟ'ର ସଫଳ ପରୀକ୍ଷଣ କରାଯାଇଛି। ବହୁ ବୈଜ୍ଞାନିକ ଓ ପ୍ରତିରକ୍ଷା ବିଶେଷଜ୍ଞଙ୍କ ଉପସ୍ଥିତିରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜ(ଆଇଟିଆର)ସ୍ଥିତ ୩ନଂ. ଉତ୍‌କ୍ଷେପଣ କେନ୍ଦ୍ରରେ ଏହାକୁ ଉତ୍‌କ୍ଷେପଣ କରାଯାଇଥିଲା। ଶତ୍ରୁପକ୍ଷର ରାଡାରକୁ ଚକ୍‌ମା ଦେଇ ଏକ ସମୟରେ ଏହା ଏକାଧିକ ଟାର୍ଗେଟକୁ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଛି। ଭାରତର ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂସ୍ଥାନ (ଡିଆରଡିଏ) ଏବଂ ବାଙ୍ଗାଲୋରସ୍ଥିତ ଏରୋନେଟିକ ଡେଭଲପ୍‌ମେଣ୍ଟ ଏଷ୍ଟାବ୍ଲିଶମେଣ୍ଟ(ଏଡିଇ) ପକ୍ଷରୁ ଉକ୍ତ କ୍ଷେପଣାସ୍ତ୍ରକୁ ଆଧୁନିକ ଜ୍ଞାନ କୌଶଳରେ ବିକଶିତ କରାଯାଇଛି। ଖୁବ୍‌ଶୀଘ୍ର ଏହାକୁ ସେନବାହିନୀରେ ସାମିଲ କରାଯିବ ବୋଲି ସୂଚନା ମିଳିଛି।



'ନିର୍ଭୟ'ର ସଫଳ ପରୀକ୍ଷଣ କରାଯାଉଛି।

ସବ୍-ସୋନିକ କ୍ରୁଜ କ୍ଷେପଣାସ୍ତ୍ର 'ନିର୍ଭୟ'ର ଓଜନ ପ୍ରାୟ ୧୫୦୦କି.ଗ୍ରା.। ଲକ୍ଷ୍ୟଭେଦ ଦୂରତା ୧ହଜାରରୁ ୧୫ଶହ କି.ମି.। ଲମ୍ବ ୬ମିଟର। ୦.୫୨ମି. ବ୍ୟାସ ପରିମିତି ଏହି କ୍ଷେପଣାସ୍ତ୍ର ଶବ୍ଦର ଗତିଠାରୁ ୬ଗୁଣ ଅଧିକ ବେଗରେ ଗତି କରି ଲକ୍ଷ୍ୟଭେଦ କରିପାରିବ। ସ୍ୱଳ୍ପ ଉଚ୍ଚତାରେ ଥାଇ ମଧ୍ୟ ଏହା ଅକ୍ଳେଶରେ ଲକ୍ଷ୍ୟ ଭେଦ କରିପାରିବ ବୋଲି ଡିଆରଡିଏ ପକ୍ଷରୁ କୁହାଯାଇଛି। ୨୦୧୩ ମାର୍ଚ୍ଚ ୧୨ତାରିଖରେ ଏହାର ପ୍ରଥମ ପରୀକ୍ଷଣ ହୋଇଥିଲା। ୨୦୧୪ ଅକ୍ଟୋବର ୧୭ ତାରିଖ, ୨୦୧୫ ଅକ୍ଟୋବର ୧୬ ତାରିଖରେ ଯଥାକ୍ରମେ ୨ୟ ଓ ୩ୟ ପରୀକ୍ଷା କରାଯାଇଥିଲା। ୨୦୧୬ ଡିସେମ୍ବର ୨୧ରେ ଏହାର ଚତୁର୍ଥ ପରୀକ୍ଷଣ ହୋଇଥିଲା। ସୋମବାର ଅନୁଷ୍ଠିତ ନିର୍ଭୟର ୫ମ ପରୀକ୍ଷଣ ବେଳେ ଏଡିଇ ଏବଂ ଡିଆର୍‌ଡିଓ ପକ୍ଷରୁ ଉପସ୍ଥିତ ବୈଜ୍ଞାନିକମାନେ ଏହାର ଗତିବିଧି ନିରୀକ୍ଷଣ କରିଥିଲେ। ଏହାର ସଫଳ ପରୀକ୍ଷଣ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଏକ ସଫଳ ମାଇଲଖୁଣ୍ଟ ବୋଲି ବୈଜ୍ଞାନିକମାନେ ମତବ୍ୟକ୍ତ କରିଛନ୍ତି।

# ଖୋର୍ଦ୍ଧା ହତ୍ୟାକାଣ୍ଡର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି

ଭୁବନେଶ୍ୱର,୧୫।୪(ବ୍ୟୁରୋ)- ରବିବାର ବିଳମ୍ବିତ ରାତ୍ରିରେ ଖୋର୍ଦ୍ଧାରେ ଭାଜପା ନେତା ମଙ୍ଗୁଳି ଜେନାଙ୍କ ହତ୍ୟା ଘଟଣାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରିଛି। ସୋମବାର ଏକ ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି, ବିଜୁ ଜନତା ଦଳ ଏବଂ ଏହାର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବେ ବି ହିଂସାରେ ବିଶ୍ୱାସ କରନ୍ତି ନାହିଁ କି ହିଂସାକୁ ପ୍ରଶ୍ରୟ ଦିଅନ୍ତି ନାହିଁ। ରାଜନୀତି ଏବଂ ନିର୍ବାଚନ ପ୍ରକ୍ରିୟାରେ ବିଜେଡି ସଦାସର୍ବଦା ଏକ ସ୍ଥିର ଏବଂ ସୁଦୃଢ଼ ଗଣତନ୍ତ୍ର ଉପରେ ବିଶ୍ୱାସ ରଖି ଆସିଛି। ସେଥିପାଇଁ ଯେକୌଣସି ମୂଲ୍ୟ ଦେବାକୁ ବିଜେଡି ପ୍ରସ୍ତୁତ ରହିଛି ବୋଲି ବିଜେଡି ମୁଖପାତ୍ର ସସ୍ମିତ୍ ପାତ୍ର, ଲେଲିନ୍ ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ସୁଲୋଚନା ଦାସ ଏବଂ ସୁଲତା ଦେଓ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Every Day)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

FINANCE
FINANCE

!!ରଣ ରଣ ରଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ରଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ରଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି,
ସମସ୍ତ ରଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add.: T-51, Gali No. 8, Gautampuri, Delhi

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ,
ମାର୍କଶିଟ୍, ପର୍ସନାଲ,
ବିଜ୍‌ନେସ୍, କୃଷି,
ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା
ପାଳନ, ଇଟା ଭାଟି,
ଆଧାର କାର୍ଡ, ରାଶନ
କାର୍ଡ, ସମୂହ ଋଣ
ବେରୋଜଗାର ଏବଂ
ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ରଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address:
Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ରଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

FINANCE
ACB ରଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ରଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

BUSINESS
BUSINESS

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

See Color Display Classified on every Tuesday & Friday





**ସଂକ୍ଷେପରେ**

## ନିର୍ବାଚନ ତାଲିମକୁ ଆସିଲେନି ୩୨ଜଣଙ୍କ ବିରୋଧରେ ପରୱାନା ଜାରି

**ପୁରୀ ଅଫିସ,୧୫।୪:** ସାଧାରଣ ନିର୍ବାଚନ ସୁପରିଚାଳନା ଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଥ୍‌ଗୁଡ଼ିକୁ ଯିବା ଲାଗି ପୋଲିଂ ଅଫିସରମାନଙ୍କୁ ତାଲିମ ଦିଆଯାଉଛି। ତେବେ ଏହି ତାଲିମରେ ଅନୁପସ୍ଥିତ ଥିବା ୩୨ଜଣଙ୍କ ବିରୋଧରେ ସୋମବାର ପରୱାନା ଜାରି କରାଯାଇଛି। ସେମାନଙ୍କ ମଧ୍ୟରେ ପୁରୀ ସଦର, ସମୁଦ୍ରକୂଳ, କୁମ୍ଭାରପଡ଼ା ଏବଂ ଟାଉନ ଥାନା ଅଞ୍ଚଳରୁ ଜଣେ ଲେଖାଏ, କୃଷ୍ଣପ୍ରସାଦ, କାକଟପୁର, ଅସ୍ତରଙ୍ଗ, କଣାସରୁ ଜଣେ ଲେଖାଏ, କୋଣାର୍କ, ବ୍ରହ୍ମଗିରି ଓ ଡେଲାଙ୍ଗରୁ ୨ଜଣ ଲେଖାଏ, ନିମାପଡ଼ାରୁ ୫, ପିପିଲିରୁ ୬ ଏବଂ ଖୋର୍ଦ୍ଧା ଜିଲାରୁ ୭ଜଣ ରହିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଏହି ପରୱାନା ଜାରି କରିଛନ୍ତି। ଆସନ୍ତା ୧୭ତାରିଖ ପୂର୍ବାହ୍ଣ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୮ତାରିଖ ସକାଳ ସାଢ଼େ ୮ଟାରେ ପୁରୀ ଜିଲା ସ୍କୁଲରେ ଆୟୋଜିତ ତାଲିମ ଶିବିରରେ ଯୋଗଦେବାକୁ ଜିଲାପାଳ ଏମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହା ସତ୍ତ୍ୱେ ଯଦି କୌଣସି ଅଧିକାରୀ ତାଲିମରେ ଅନୁପସ୍ଥିତ ରୁହନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି ।

# ଓଡ଼ିଶାର ଗ୍ରାମାଞ୍ଚଳ ବୁଲିବା ବିଦେଶୀଙ୍କ ପସନ୍ଦ


ସସ୍ମିତା ପାଇକରାୟ


ଭୁବନେଶ୍ୱର,୧୫।୪

ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ନେଇ କେବଳ ଭାରତୀୟ ଉତ୍ସାହୀ ନୁହନ୍ତି, ସମଗ୍ର ବିଶ୍ୱ ଏହି 'ସେଲିବ୍ରେଶନ ଅଫ୍ ଡେମୋକ୍ରାସି'ର ଅନୁଭବ ନେବାକୁ ଆଗ୍ରହୀ। ଦେଶରେ ବଢ଼ୁଥିବା ବିଦେଶୀ ପର୍ଯ୍ୟଟକଙ୍କ ଆଗମନରୁ ଏହା ସ୍ପଷ୍ଟ ବାରିହୋଇ ପଡୁଛି। ଭାରତର ନିର୍ବାଚନ ପ୍ରକ୍ରିୟା ଦେଖିବାକୁ ବିଦେଶୀ ପର୍ଯ୍ୟଟକଙ୍କ ସୁଅ ଛୁଟିଛି। ଗାଁଗହଳିରେ ନେତାଙ୍କ ଭୋଟ ପ୍ରଚାରରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ସଭା ପର୍ଯ୍ୟନ୍ତ, ସବୁକିଛି ସେମାନଙ୍କ ପାଇଁ ଆକର୍ଷଣ ସାଜୁଛି। ଏଜୁକେଶନ, ମେଡିକାଲ ଓ କ୍ରୁଜ୍ ଟୁରିଜମ୍ ଭଳି ନୂଆ କନ୍‌ସେପ୍ଟ ପରେ ଏବେ ଭାରତରେ 'ଇଲେକ୍ସନ ଟୁରିଜମ୍' ଆରମ୍ଭ ହୋଇଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ ଭଳି ରାଜ୍ୟ ସହ ଦକ୍ଷିଣ ଭାରତ ଏବଂ ଓଡ଼ିଶାରେ ମଧ୍ୟ ଇଲେକ୍ସନ ଟୁରିଜମ୍‌କୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି।

୨୦୧୮ ନଭେମ୍ବରରେ ହୋଇଥିବା ପୁରୁଷ ହକି ବିଶ୍ୱକପ୍ ଓଡ଼ିଶାକୁ ଆଖିଦୃଶିଆ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ମିଶାଇ ପ୍ରାୟ ୬୦% ଅଧିକ ପର୍ଯ୍ୟଟକ ଓଡ଼ିଶା ଆସିଥିଲେ। ହେଲେ ପ୍ରାୟ ୧୫ ହଜାର ଅଧିକ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା। ସାଧାରଣତଃ



ଟ୍ରାଇବାଲ୍ ଓ ରୁରାଲ୍ ଟୁରିଜମ୍ ପାଇଁ ଓଡ଼ିଶା ବିଦେଶୀଙ୍କ ପ୍ରମୁଖ ପସନ୍ଦର ଅଞ୍ଚଳ। ଏବେ ନିର୍ବାଚନ ସମୟରେ ଓଡ଼ିଶାର ଗ୍ରାମାଞ୍ଚଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିଛି। ଗାଁ ଗାଁ ବୁଲୁଥିବା ନିର୍ବାଚନୀ ଗାଡ଼ି, ଭଜିକି ଭଳି ଗୀତ, ନେତାଙ୍କ ଡୋର୍ ଟୁ ଡୋର୍ କ୍ୟାମ୍ପେନ୍ ଓ ଘନ ଘନ ସଭାସମିତିର ମଜାନେବାକୁ ବିଦେଶୀ ପର୍ଯ୍ୟଟକ ବିଶେଷ ଉତ୍ସାହ ଦେଖାଉଛନ୍ତି।

'ଦି ବିଗ୍ ଫ୍ୟାଟ୍ ଇଣ୍ଡିଆନ୍ ଇଲେକ୍ସନ' କ୍ୟାମ୍ପେନ୍ ମାଧ୍ୟମରେ ଟୁର୍ ଅପରେଟରମାନେ ବିଦେଶୀଙ୍କୁ ଆକୃଷ୍ଟ କରୁଛନ୍ତି। ହନିମୁନ୍ ପ୍ୟାକେଜ୍ ଭଳି ଏଥିପାଇଁ ସ୍ୱତନ୍ତ୍ର ଇଲେକ୍ସନ ଟୁର୍ ପ୍ୟାକେଜ୍ ରହିଛି। ରାଜନୀତି ଓ ପର୍ଯ୍ୟଟନର ଏହି ଅପୂର୍ବ ସମାହାର ଟୁର୍ ଅପରେଟରମାନଙ୍କ ପାଇଁ ବିଶେଷ ଲାଭଦାୟକ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ପ୍ରାୟ ୩ ହଜାର ବିଦେଶୀ ପର୍ଯ୍ୟଟକ ଉପଭୋଗ କରିଛନ୍ତି। ଶତାଧିକ ଟୁର୍ ଅପରେଟର୍ସ ସଂସ୍ଥା ଏଥର ଇଲେକ୍ସନ ଟୁରିଜମ୍ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ କରିଥିବା ବେଳେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ବିଦେଶୀଙ୍କୁ ଭାରତକୁ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ପର୍ଯ୍ୟଟନ ପାଇଁ ଖରାଦିନ ଏକ ଡାଉନ୍ ସିଜନ୍ ହୋଇଥିଲେ ମଧ୍ୟ ଏପ୍ରିଲ ପହିଲାରୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ଆଶାତୀତ ବୃଦ୍ଧିହୋଇଛି। ମିଳିଥିବା ସୂଚନା ଅନୁସାରେ, ମୋଦିଙ୍କୁ ନେଇ ବିଦେଶୀଙ୍କ ମଧ୍ୟରେ ଅଧିକ କ୍ରେଜ୍ ରହିଥିବା ବେଳେ ଏଥିପାଇଁ ଗୁଜରାଟ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି ରାଜ୍ୟରେ ଇଲେକ୍ସନ ଟୁରିଜମ୍‌ର ବହୁଳ ଲୋକପ୍ରିୟତା ରହିଛି।

ଓଡ଼ିଶାରେ ପୁରୀ, ଭୁବନେଶ୍ୱର ସମେତ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳ ବୁଲିବାକୁ ବିଦେଶୀ ପର୍ଯ୍ୟଟକ ଆଗ୍ରହ ଦେଖାଉଥିବା ଓଡ଼ିଶା ଟୁର୍ ଅପରେଟରମାନେ କହିଛନ୍ତି।

**'ଇଲେକ୍ସନ ଟୁରିଜମ୍'**



ରାଜ୍ୟର ଜଣାଶୁଣା ଟୁର୍ ଅପରେଟର ତଥା ଟ୍ରାଭେଲ୍ ଇଣ୍ଡଷ୍ଟ୍ରୀ ଏକ୍ସପର୍ଟ ବେଞ୍ଜାମିନ୍ ସାଇମନ୍‌ଙ୍କ କହିବାନୁଯାୟୀ, ସମର ସିଜିନ୍ ଆମ ପାଇଁ ଲୋ ଫୁଟ୍‌ଫଲ୍ ସିଜନ୍ ହୋଇଥିଲେ ବି ଏପ୍ରିଲ ଆରମ୍ଭରୁ ୨୦୦ରୁ ୩୦୦ ବିଦେଶୀ ପର୍ଯ୍ୟଟକ ଓଡ଼ିଶାର ଗ୍ରାମାଞ୍ଚଳ ବୁଲିବାକୁ ଆସିଛନ୍ତି। ଅଧିକାଂଶ ପର୍ଯ୍ୟଟକ ଗ୍ରାମାଞ୍ଚଳ ଯାଇ ସେଠାରେ କ୍ୟାମ୍ପେନ୍ ଦେଖିବା, ଲୋକଙ୍କ ସହ କଥାହେବା ଓ ନିର୍ବାଚନ ପ୍ରକ୍ରିୟା ଦେଖିବାକୁ ପସନ୍ଦ କରୁଛନ୍ତି। କେବେ ଭୋଟ ଦେଉ ନ ଥିବା ଲୋକଙ୍କ ପାଇଁ ଭାରତର ନିର୍ବାଚନ ଏକପ୍ରକାର ପ୍ରେରଣା ସାଜିଛି। ସେମାନେ ଏଠାରୁ ଯାଇ ନିଜ ପରିବାର ଓ ଜଣାଶୁଣା ଲୋକଙ୍କ ସହ ଅନୁଭୂତି ବାଣ୍ଟୁଛନ୍ତି। ଏହା ଏକ ଭିନ୍ନ କନ୍‌ସେପ୍ଟ ଓ ଭଲ ଭାବେ ପ୍ରମୋଟ କରାଗଲେ ପର୍ଯ୍ୟଟନ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସାଇମନ୍ କହିଛନ୍ତି।



## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଲା ରଥ

ପୁରୁଣା ଭୁବନେଶ୍ୱର,୧୫।୪(ଡି.ଏନ.ଏ.)

ବହୁ ରୀତିନୀତି ତଥା ବିଳମ୍ବ ସତ୍ତ୍ୱେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାରେ ବାହାରି ୩ଦିନ ପରେ ସୋମବାର ଶ୍ରୀ ରାମେଶ୍ୱର ମନ୍ଦିର ମାଉସୀ ମା ମନ୍ଦିରରେ ପହଞ୍ଚିଛନ୍ତି। ୧୩ ତାରିଖରୁ ବାହାରି ଥିବା ରୁକୁଣାରଥ ରବିବାର ସୂର୍ଯ୍ୟାସ୍ତ ହୋଇଯିବାରୁ ରଥଟଣା ବନ୍ଦ ହୋଇଯିବାରୁ ରଥଦାଣ୍ଡର ଅସୁର କିଆରୀ ନିକଟରେ ଅଟକି ରହିଥିଲା। ସୋମବାର ଅପରାହ୍ଣ ୩ଟା ୧୫ମିରୁ ପୁନଃ ରଥଟଣା ଆରମ୍ଭ ହୋଇଥିଲା। ମାତ୍ର ୪୦ମିନିଟ୍‌ରେ ରଥ ମାଉସୀ ମା' ନିକଟରେ ପହଞ୍ଚି ଯାଇଥିଲା। ସେଠାରୁ ସେବାୟତମାନେ ଶ୍ରୀ ଜୀଉଙ୍କୁ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପହଣ୍ଡି କରାଇଥିଲେ। ଅପରାହ୍ଣ ୫ଟାରେ ପହଣ୍ଡିରେ ଆସି ଠାକୁର ଶ୍ରୀରାମେଶ୍ୱର ମନ୍ଦିରରେ ଥିବା ସ୍ୱତନ୍ତ୍ର ସିଂହାସନରେ ଅବସ୍ଥାନ କରିଥିଲେ। ପରେ ଠାକୁରଙ୍କୁ ଦର୍ଶନ କରିବାପାଇଁ ଶ୍ରଦ୍ଧାଳୁମାନଙ୍କ ଲମ୍ବାଧାଡ଼ି ଲାଗିରହିଥିଲା। ଅନ୍ୟପଟେ ରାମେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିର ପରିସରରେ ଅଷ୍ଟପ୍ରହରୀ, ଯଜ୍ଞ, କୀର୍ତ୍ତନ ଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମନ୍ଦିର ପରିସର ଭକ୍ତିମୟ ହୋଇ ଉଠିଥିଲା।

### ଅଭିମାନିନୀ ମା' ପାର୍ବତୀ ରୋଷରେ ଭାଙ୍ଗିଲେ ରଥ

ଶ୍ରୀଲିଙ୍ଗରାଜ ମହାପ୍ରଭୁ ରୁକୁଣା ରଥଯାତ୍ରାରେ ଭଉଣୀ ରୁକୁଣାଦେବୀଙ୍କ ଧରି ରାମେଶ୍ୱର ଆସିଥିଲେ। ସୋମବାର ମନ୍ଦିରରେ ସନ୍ଧ୍ୟା ଦୀପ ପରେ ଅଭିମାନିନୀ ମା' ପାର୍ବତୀ ରାଗ ତମ ତମ ହୋଇ ରମେଶ୍ୱର ବାହାରି ଥିଲେ। ପୌରାଣିକ କଥାବସ୍ତୁ ଅନୁଯାୟୀ ମା'ପାର୍ବତୀ ସୁସଜ୍ଜିତ ପାଲିଙ୍କିରେ ନିଜକୁ ଲୁଚାଇ ରାମେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ପାଲିଙ୍କିରେ ଅବସ୍ଥାନ ସମୟରେ ଲିଙ୍ଗରାଜଙ୍କ ପକ୍ଷରୁ ଜଣୈକ ସେବାୟତ ଏବଂ ମା' ପାର୍ବତୀଙ୍କ ପକ୍ଷରୁ ଜଣୈକ ସେବାୟତଙ୍କ ମଧ୍ୟରେ ହୋଇଥିଲା ବଚନୀକା। କାହିଁକି ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ତାଙ୍କୁ ରଥରେ ଆଣି ନ ଥିଲେ ତାହାର କୈଫୟତ ସେ ମାଗିଥିଲେ। ତେବେ ମହାପ୍ରଭୁ କହିଥିଲେ, ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସହ ଦେବତାମାନେ ରହିଥିବାରୁ ତୁମକୁ ନେବାପାଇଁ ଉଚିତ୍ ମନେକଲି ନାହିଁ। ଆସନ୍ତା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେବାକୁ ଥିବା ମୋର ୨୨ଦିନିଆ ଚନ୍ଦନଯାତ୍ରାରେ ତୁମକୁ ସାଙ୍ଗରେ ନେବି। ପରେ ମା' ପାର୍ବତୀ ରାଗରେ ସେଠାରୁ ଫେରି ଆସିଥିଲେ। ବାଟରେ ରହିଥିବା ରୁକୁଣା ରଥରୁପଟା ଖଣ୍ଡେ ଭାଙ୍ଗି ଦେଇ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

## ବିଏମ୍‌ପିଏସ୍ ତକ୍ଷଶିଳା ବିଦ୍ୟାଳୟରେ ୧୨୦ ପଦାତିକ ସୈନ୍ୟବାହିନୀର ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ

ଭୁବନେଶ୍ୱର,୧୫।୪(ବ୍ୟୁରୋ)



୧୨୦ ପଦାତିକ ସୈନ୍ୟବାହିନୀ ତରଫରୁ ସୋମବାର ନୟାପଲ୍ଲୀସ୍ଥିତ ବିଏମ୍‌ପିଏସ୍ ତକ୍ଷଶିଳା ବିଦ୍ୟାଳୟରେ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ଲ୍ୟୁଟନାଣ୍ଟ କଲୋନେଲ୍ ଦେବଦତ୍ତ ସ୍ୱାଇଁ ଓ ଲ୍ୟୁଟନାଣ୍ଟ କଲୋନେଲ୍ ଭରତ ସିଂ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ତରଫରୁ ଉଭୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କଲୋନେଲ୍ ସ୍ୱାଇଁ କହିଥିଲେ, ଭାରତୀୟ ସେନାବାହିନୀରେ ଛାତ୍ରୀଛାତ୍ରଙ୍କ ଲାଗି ମଧ୍ୟ ସୁଯୋଗ ରହିଛି। ମାଟ୍ରିକ ପରୀକ୍ଷା ସରିବା ପରେ ଛାତ୍ରୀଛାତ୍ରମାନେ ଭାରତୀୟ ସେନାରେ ଅଧ୍ୟୟନ କରିବା ସହିତ ସେନା ଶିବିରରେ ଟ୍ରେନିଂ ନେଇପାରିବେ। ଭାରତୀୟ ସେନା ସମ୍ବନ୍ଧୀୟ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଚରା ଯାଇଥିବା ଅନେକ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟପକ୍ଷରେ ଏହି ପ୍ରଦର୍ଶନୀରେ ସେନା ଦ୍ୱାରା ବ୍ୟବହାର କରାଯାଉଥିବା ୫.୬ ଏମ୍‌ଏମ୍ ଇନ୍‌ସାସ ରାଇଫଲ, ୫.୬ ଏମ୍‌ଏମ୍ ଇନ୍‌ସାସ ଲାଇଟ୍ ମେଶିନ ଗନ୍, ୫୧ ଏମ୍‌ଏମ୍ ମୋରଟାର ଗନ୍, ୭.୬୨ ଏମ୍‌ଏମ୍ ମିଡିୟମ୍ ମେଶିନ ଗନ୍, ୮୧ ଏମ୍‌ଏମ୍ ମୋରଟାର ଗନ୍, ୯ ଏମ୍‌ଏମ୍ କାରବାଇନ୍ ମେଶିନ ଗନ୍, ପିସ୍ତଲ, ନଂ. ୩୬ ଗ୍ରେନେଡ୍ ସହିତ ରେଡିଓ ସେଟ୍, ହ୍ୟାଣ୍ଡ ହେଲ୍ଡ ରେଡିଓ ସେଟ୍, ବାଇନାକୁଲାର ଓ ଗ୍ଲୋବାଲ ପୋଜିସନିଂ ସିଷ୍ଟମ୍(ଜିପିଏସ୍)କୁ ପ୍ରଦର୍ଶିତ କରାଯାଇଥିଲା। ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକର ଉପଯୋଗ ସମ୍ପର୍କରେ ଛାତ୍ରୀଛାତ୍ର ଜାଣିବାକୁ ପାଇଥିଲେ। ଏହି ଅବସରରେ ବିଦ୍ୟାଳୟ ନିର୍ଦ୍ଦେଶିକା ସିକତା ଦାସ, ଚେୟାରମ୍ୟାନ ଟୁଟୁଲ କିଶୋର ଦାସ, ଅଧ୍ୟକ୍ଷା ଲିପ୍‌ସିତା ମହାନ୍ତି, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସହ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ମହିଳା ଡାକ୍ତରଙ୍କଠାରୁ ୩୦ହଜାର ଟଙ୍କା ଲୁଟ୍

### ସିସିଟିଭି ଫୁଟେଜରେ ଅଭିଯୁକ୍ତଙ୍କ ଫଟୋ

କଟକ ରୋଡ,୧୫।୪(ଡି.ଏନ୍.ଏ.)

ରାଜଧାନୀରେ ମାତିଛନ୍ତି ଲୁଟେରା ଗ୍ୟାଙ୍ଗ। କମିଶନରେଟ ପୋଲିସର ଅପରାଧ ଦମନ ବ୍ୟବସ୍ଥାକୁ ବାରମ୍ବାର ଆଖିଠାର ମାରି ଉଡାଇ ଦେଉଛନ୍ତି ଅପରାଧି। ଏଭଳି ଘଟଣାକ୍ରମେ ସୋମବାର ବଡ଼ଗଡ଼ ଥାନା ଅଞ୍ଚଳରେ ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ସେ ହେଲେ ଡା. ପଦ୍ମଜା ମିଶ୍ର। ପୂର୍ବାହ୍ଣ ପ୍ରାୟ ୧୧ଟା ରେ ପଦ୍ମଜା ତାଙ୍କ ପୁଅର ରାମ ମନ୍ଦିର ନିକଟରେ ଥିବା ଏକ କୋଚିଂ ସେଣ୍ଟରରେ ନାମ ଲେଖାଇବାକୁ ଯାଇଥିଲେ। ସେଣ୍ଟର କର୍ତ୍ତୃପକ୍ଷ ତାଙ୍କୁ ଏକ ଟାବଲେଟ କିଣିବା ପାଇଁ ପରାମର୍ଶ ଦେବା ପରେ ସେ ବଡ଼ଗଡ଼ ଥାନା ଅଧୀନ କେଦାରଗୌରୀ ଆପାର୍ଟମେଣ୍ଟସ୍ଥିତ ଘରକୁ ଫେରିଥିଲେ। ପରେ ପଦ୍ମଜା ଏକ ସ୍କୁଟି (ଓଆର ୦୨ପି ୯୭୪୬)ରେ ଘରୁ ୩୦ହଜାର ଟଙ୍କା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରନେଇ ଯାଉଥିବା ବେଳେ ରବି ଟକିଜ ଛକ-ଭୁବନେଶ୍ୱର କୋର୍ଟ ମଝି ରାସ୍ତାରେ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି



ଡାକ୍ତରାଣୀଙ୍କ ଟଙ୍କା ବ୍ୟାଗ ନେଇ ଚମ୍ପଟ ମାରିଥିଲେ। ଲୁଟେରା ଦ୍ୱୟ ବଡ଼ଗଡ଼ ଥାନା ଅଧୀନ ଗଧିଆଖୋଲ ବସ୍ତି ଆଡକୁ ପଳାଇଥିବା ପଦ୍ମଜା ପୋଲିସକୁ କହିଛନ୍ତି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତଙ୍କ ଫେରାର ସମୟର ଏକ ସିସିଟିଭି ଫୁଟେଜ ସଂଗ୍ରହ କରି ସେମାନଙ୍କୁ ଚିହ୍ନଟ କରିବା ଆରମ୍ଭ କରିଛି। ଏନେଇ ଥାନାରେ ମାମଲା(ନଂ.୧୦୦/୧୯)ରୁଜୁ ହୋଇଛି।

## ଝାମୁଯାତ୍ରା ଶୋଭାଯାତ୍ରାକୁ ନେଇ ଗଣ୍ଡଗୋଳ, ୧୦ ଗୁରୁତର

ବାଲକାଟୀ,୧୫।୪(ଡି.ଏନ.ଏ.)

ବାଲିଅନ୍ତା ଥାନା ଅଧୀନ ବାଲକାଟୀ ଫାଣ୍ଡି ଅଞ୍ଚଳରେ ରବିବାର ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଝାମୁଯାତ୍ରାର ଶୋଭାଯାତ୍ରାକୁ ନେଇ ଅଞ୍ଚଳର ଦୁଇ ସାହି ମଧ୍ୟରେ ଗଣ୍ଡଗୋଳ ହେବାରୁ ଉଭୟ ପକ୍ଷରୁ ୧୦ଜଣ ଗୁରୁତର ହୋଇଥିବା ବେଳେ ୧୫ଜଣ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ରବିବାର ଅପରାହ୍ଣ ୫ଟା ସମୟରେ ଝାମୁଯାତ୍ରା ଅବସରରେ ମାଳଭୋଇ ସାହି ଓ ଚାରିମାଣିଆ ଭୋଇ ସାହିର ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ସମୟରେ ଡିଜେ ବଜାଇବାକୁ ନେଇ ହଠାତ ଉଭୟପକ୍ଷ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ପରେ ହାତାହାତି ହୋଇଥିଲା। ମାତ୍ର ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତି ପଡ଼ିଥିଲା। ଉଭୟ ସାହିର ମୁରବୀ ବସାଇ ଆପୋସ ସମାଧାନ କରିବା ପାଇଁ ପୋଲିସ ପରାମର୍ଶ ଦେଇଥିଲା। ରାତି ମଧ୍ୟରେ ସମାଧାନ ନ ହେବାରୁ ଉଭୟେ ମଧ୍ୟରେ ଅସନ୍ତୋଷ କୁହୁଳି ସୋମବାର ଅଣାୟତ୍ତ ଅବସ୍ଥା ସୃଷ୍ଟି ହୋଇଥିଲା। ସକାଳ ୯ଟା ସମୟରେ ଚାରିମାଣିଆ ଭୋଇ ସାହିର କେତେଜଣ ଯୁବକ ମାଳଭୋଇ ସାହି ନିକଟରେ ପ୍ରବାହିତ ପୁରୀ ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଇଥିବାବେଳେ କାଲିର ଘଟଣାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କରୁ ପରିସ୍ଥିତି ଜଟିଳ ହୋଇ ପରସ୍ପର ମଧ୍ୟରେ ଗଣ୍ଡଗୋଳ ହୋଇ ଟେକା ଓ ପଥର ମାଡ଼ କରିଥିଲେ। ମାଡ଼ରେ ଉଭୟ ପକ୍ଷରୁ ୧୫ଜଣ ଆହତ ହୋଇଥିବା ବେଳେ ୧୦ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ସମସ୍ତଙ୍କୁ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। କିନ୍ତୁ ଗୁରୁତରମାନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଉଭୟପକ୍ଷରୁ ଅଭିଯୋଗକ୍ରମେ ବାଲିଅନ୍ତା ଥାନାରେ ୧୦୭/୧୯ ନଂରେ ମାମଲା ରୁଜୁ କରିଛି।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ପିୟୁ ପେଣ୍ଟିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ନଂ.୧୧୦-୦୬-ପିୟୁ ପେଣ୍ଟ-ଏଚ୍‌ଏଚ୍‌ପି ତାରିଖ: ୧୧।୦୪।୨୦୧୯

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର୍ ଡିଏମ୍‌ଇ (ଡି)/ଡିଏଲ୍‌ଏସ୍/ରାୟପୁର ନିମ୍ନଲିଖିତ କାର୍ଯ୍ୟର ନିର୍ବାହ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି।

ଟେଣ୍ଡର ବିଜ୍ଞପ୍ତି ନଂ.: ୧୧୦-୦୬-ପିୟୁ-ପେଣ୍ଟ-ଏଚ୍‌ଏଚ୍‌ପି

କାର୍ଯ୍ୟର ନାମ: ଡିଏଲ୍‌ଏସ୍/ରାୟପୁରର ୪୬ ଗୋଟି ଏଚ୍‌ଏଚ୍‌ପି ଲୋକୋମୋଟିଭ୍‌ର ପଲି ୟୁରିଥେନ୍ ପେଣ୍ଟିଂ (ପିୟୁ ପେଣ୍ଟିଂ)।

ଟେଣ୍ଡର ମୂଲ୍ୟ: ₹୭୪,୪୪,୮୨୪/-,

ଇଏମ୍‌ଡି: ₹୧,୪୮,୯୦୦/-,

ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୫,୦୦୦/-

ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୧୦।୦୫।୨୦୧୯ରିଖ ୧୫.୩୦ ଘଟିକା।

ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫର୍‌କୁ ନାକଚ କରିଦିଆଯିବ। ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର୍ ଡିଏମ୍‌ଇ (ଡି)/ଡିଏଲ୍‌ଏସ୍/ଏସ୍‌ଇସିଆର/ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର୍ (ଡି)
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁର

PR/R/(DLS/R)/HL/05

ସ୍ୱଚ୍ଛ ଭାରତ ଅଭିଯାନ

**ପୂର୍ବ ତଟ ରେଳପଥ**

**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONHQBBS2019015, ତା: 11.04.2019

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ନୂତନ B.G. ରେଳ ଲିଙ୍କ ପ୍ରକଳ୍ପର କି.ମି. 237.200 ରୁ କି.ମି. 238.400 ମଧ୍ୟରେ ଥିବା ତେଲ୍ ନଦୀ ଉପରେ ବ୍ରିଜ୍ ସଂ. 677 (17 x 45.70 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର) ଏବଂ SH-41 ଉପରେ ବଡ଼ ବ୍ରିଜ୍ ସଂ. 675 (1x30.50 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର)ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2326.09ଲକ୍ଷ, EMD : ₹ 13,13,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 24(ଚବିଶି)ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 03.05.2019ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ),
ଭୁବନେଶ୍ୱର

PR-08/CC/19-20

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MCSW/TECH/Sale-Zero Value Scrap/2019-20/04, ତା: 10.04.2019

କାର୍ଯ୍ୟର ନାମ : ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱରର ମନୋନୀତ ଅଞ୍ଚଳରୁ ଅଳ୍ପ ମୂଲ୍ୟ / ଶୂନ୍ୟ ମୂଲ୍ୟର ସ୍କ୍ରାପ୍ ସହିତ ମିଶିଯାଇଥିବା ଆବର୍ଜନାକୁ ବିକ୍ରୟ ଭିତ୍ତିରେ ଶ୍ରେଣୀଭୁକ୍ତ କରିବା / ପୃଥକ୍ୟୀକରଣ ଏବଂ ଅପସାରଣ।

ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹34,27,543.00, EMD (ଟଙ୍କାରେ) : ₹ 68,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): ₹ 3,000.00, ଠିକା ଅବଧି: କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 01 (ଏକ) ବର୍ଷ

ଟେଣ୍ଡର କାଗଜପତ୍ର ବିକ୍ରୟ ହେବାର ତାରିଖ ଓ ସମୟ : ତା 18.04.2019 ରିଖ ଠାରୁ ତା 20.05.2019 ରିଖ 1200 ଘ. ପର୍ଯ୍ୟନ୍ତ, ଟେଣ୍ଡର ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ସମୟ : ତା 20.05.2019 ରିଖ 1500 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ : ତା 20.05.2019 ର 1530 ଘ.ରେ

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ମୁଖ୍ୟ କାରଖାନା ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ରେଳଡ଼ବା ମରାମତି କାରଖାନା, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର -751017

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.eastcoastrail.indianrailways.gov.in । ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ତଥା ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।

ଡେପୁଟି ଚିଫ୍ ମେକାନିକାଲ୍ ଇଞ୍ଜିନିୟର (POH),
ରେଳଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର

PR-31/K/19-20

CLASSIFIED DISPLAY






‘ଘରେ ଘରେ ଶଙ୍ଖ’

# ବିଜୁ ଜନତା ଦଳର ଜନଇସ୍ତାହାର

**ରାଜ୍ୟ ବ୍ୟାପୀ ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମରୁ ମିଳିଥିବା ଜନାଦେଶକୁ ସମ୍ମାନ ଦେଇ ବିଜୁ ଜନତା ଦଳ ଆଗାମୀ ୫ବର୍ଷ ପାଇଁ ‘ମମତା’, ‘ଆହାର’, ‘କାଳିଆ’, ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’, ‘ମିଶନ ଶକ୍ତି’, ‘ଆମ ଗାଁ ଆମ ବିକାଶ’, ‘ପିଠା’, ‘ଟଙ୍କିକିଆ ଚାଉଳ’ ଭଳି ସମସ୍ତ ଲୋକାଭିମୁଖୀ ଯୋଜନା ଚାଲୁ ରଖିବ । ଏଥି ସହିତ ୨୦୧୪ ଇସ୍ତାହାରରେ ରହିଥିବା ସମସ୍ତ ପ୍ରସ୍ତାବ ଗୁଡିକ ହେବ ୨୦୧୯ ଇସ୍ତାହାରର ମୂଳଭିତ୍ତି ଯାହାଦ୍ୱାରା ରାଜ୍ୟରେ ଚାଲିଥିବା ବିକାଶ ପ୍ରକ୍ରିୟା ଅବ୍ୟାହତ ରହିବ ।**

## କୃଷକ

- ❑ ଚାଷୀଙ୍କୁ ମିଳିବ ବର୍ଷକୁ ୧୦ ହଜାର ଏବଂ ଭୂମିହୀନ ଶ୍ରମିକଙ୍କୁ ୧୨ ହଜାର ଟଙ୍କା । ବିନା ସୁଧରେ ମିଳିବ ୧ଲକ୍ଷ ଟଙ୍କାର ଋଣ ।
- ❑ ବିଜୁ ଜନତା ଦଳ ସରକାର ଗଠନର ପ୍ରଥମ ଦିନରେ ହିଁ **‘କାଳିଆ’** ଯୋଜନାରେ ବାକି ଥିବା ୨୫ ଲକ୍ଷ ଚାଷୀଙ୍କୁ ଏକାଥରକେ ମିଳିବ ୨ଟି କିସ୍ତିର ୧୦ ହଜାର ଟଙ୍କା ।
- ❑ **‘କାଳିଆ କମିଶନ’** ଗଠନ କରାଯାଇ ୩ ବର୍ଷରେ ଥରେ ସହାୟତା ରାଶି ସଂଶୋଧନ, କୃଷକ କଲ୍ୟାଣ, ଅଭାବୀ ଚାଷୀଙ୍କୁ ସହାୟତା ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ପାଇଁ ସୁପାରିଶ । ଜଣେ କୃଷକ ସଦସ୍ୟ ହେବେ ଏହାର ଉପାଧ୍ୟକ୍ଷ, ପାଇବେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା
- ❑ କୃଷକ ଏବଂ ଭୂମିହୀନ କୃଷି ଶ୍ରମିକ ପରିବାରର ପିଲାଙ୍କ ଉଚ୍ଚ ଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ **‘କାଳିଆ ଛାତ୍ରବୃତ୍ତି’** ।
- ❑ ଅଧିକ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ଧାରା ଅବ୍ୟାହତ ରହିବ । ଚାଲୁ ରହିଥିବା ଜଳସେଚନ ପ୍ରକଳ୍ପ ସମେତ ରାଜ୍ୟରେ ଜଳ ସେଚନର ବିକାଶ ପାଇଁ ୫୦ ହଜାର କୋଟି ଟଙ୍କା ବ୍ୟୟ କରାଯିବ ।
- ❑ **‘ଆମ ଝିଅ’** ଯୋଜନାରେ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ।
- ❑ ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣକରିବା ପାଇଁ କେନ୍ଦ୍ର ସରକାରଙ୍କର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବ ।
- ❑ ମରୁଡି, ବନ୍ୟା ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକମାନଙ୍କୁ ସହାୟକ ମୂଲ୍ୟ ଉପରେ ସତନ୍ତ୍ର ସହାୟତା ଦିଆଯିବ ।

## ମହିଳା

- ❑ ବିଜେଡି ସରକାର ଗଢା ହେଲା ପରେ ମିଶନ ଶକ୍ତିର ମହିଳାଙ୍କୁ ମିଳିବ ବର୍ଷକୁ ୫ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ । ବିନା ସୁଧରେ ମିଳିବ ୫ଲକ୍ଷ ଟଙ୍କାର ଋଣ ।
- ❑ ଲୋକସଭାରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବିଜେଡି ବିଧାନ ସଭାରେ ଏବଂ ଲୋକସଭାରେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ପାଇଁ ନିରନ୍ତର ଉଦ୍ୟମ କରିବ ।
- ❑ ମିଶନ ଶକ୍ତି ପାଇଁ ଖୋଲାଯିବ ସତନ୍ତ୍ର ବିଭାଗ, ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ଏବଂ ରାଜ୍ୟସ୍ତରରେ ଗଢାହେବ **‘ମିଶନ ଶକ୍ତି ଫେଡେରେସନ’** । ରାଜ୍ୟସ୍ତରୀୟ ମିଶନ ଶକ୍ତି ଫେଡେରେସନର ମୁଖ୍ୟ ରହିବେ ଜଣେ ମହିଳା ପାଇବେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ।
- ❑ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୦%ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ।
- ❑ କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା ।
- ❑ **‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’**ରେ ମିଳୁଥିବା ୭ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ।
- ❑ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି, ରାଜ୍ୟ ବିପର୍ଯ୍ୟୟ ପାଣ୍ଠି ଭଳି ମିଶନ ଶକ୍ତି ମହିଳାଙ୍କ ଆର୍ଥିକ ସହାୟତା ପାଇଁ **ମିଶନ ଶକ୍ତି କର୍ପସ ପାଣ୍ଠି** ।
- ❑ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା ।

## ଯୁବଶକ୍ତି

- ❑ ଯୁବକଯୁବତୀଙ୍କ ପାଇଁ ଶିଳ୍ପାନୁଷ୍ଠାନରେ ୭୫% ଚାକିରୀ ସୁବିଧା । ୧୫ଲକ୍ଷ ଯୁବକଯୁବତୀ ହାସଲ କରିବେ **‘ସ୍କିଲ୍ ଇନ୍ ଓଡ଼ିଶା’**ରେ ଦକ୍ଷତା । **‘ୱାର୍ଲ୍ଡ ସ୍କିଲ୍ ସେଣ୍ଟର’** ଦ୍ୱାରା ବିଶ୍ୱସ୍ତରୀୟ ଦକ୍ଷତା ହାସଲ କରିବେ ୧.୫ ଲକ୍ଷ ଯୁବକଯୁବତୀ ।
- ❑ ସବୁ ରାଜ୍ୟସ୍ତରୀୟ ନିଯୁକ୍ତି ପରୀକ୍ଷା ଫିସ୍ ଛାଡ ।
- ❑ ଛାତ୍ରବୃତ୍ତି ପରିଷଦ ଗଠନ କରାଯାଇ ମେଧା ଏବଂ ସାମାଜିକ-ଆର୍ଥିକ ଭିତ୍ତିରେ ଛାତ୍ରବୃତ୍ତି ସୁବିଧା
- ❑ ଭୁବନେଶ୍ୱରଠାରେ ଅତ୍ୟାଧୁନିକ ମାନର ଯୁବ ଭବନ ନିର୍ମାଣ

## ଛାତ୍ରଛାତ୍ରୀ

- ❑ ରାଜ୍ୟର ଅବଶିଷ୍ଟ ୧୨୪ଟି ବ୍ଲକ୍ ଓ ୧୧୪ଟି ପୌରାଞ୍ଚଳରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ।
- ❑ ସମସ୍ତ ଆଦର୍ଶ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ଆବାସିକ ସୁବିଧା, ଯାତାୟତ ବ୍ୟବସ୍ଥା ଏବଂ ଆବଶ୍ୟକୀୟ ଭିତ୍ତିଭୂମି ସୁବିଧା ।
- ❑ ରାଜ୍ୟରେ ସାମଗ୍ରିକ ସ୍କୁଲ ଶିକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିବା ପାଇଁ ‘ମୋ ସ୍କୁଲ’ ଅଭିଯାନକୁ କରାଯିବ ବ୍ୟାପକ ।
- ❑ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟା ଲଘୁ ପଛୁଆ ବର୍ଗ ଓ ଅନ୍ୟ ବର୍ଗର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ।
- ❑ ସମସ୍ତ ଉଚ୍ଚ ବିଦ୍ୟାଳୟରେ ଆଇ.ଟି.ଲାବ୍ ସୁବିଧା ।
- ❑ କଲେଜ, ୟୁନିଭରସିଟି ସବୁଠି ମାଗଣା ୱାଇ ଫାଇ, କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ୧ ଜିବି ମାଗଣା ଡାଟା ।
- ❑ ବିନା ସୁଧରେ ୧୦ ଲକ୍ଷ ଟଙ୍କାର ଶିକ୍ଷାଋଣ ।
- ❑ ଉଚ୍ଚଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗକୁ ନିଶ୍ଚିତ କରିବା ପାଇଁ ଏକ ବିସ୍ତୃତ ନୀତି ପ୍ରଣୟନ ।

## ଆଶ୍ରୟ ସୁରକ୍ଷା

- ❑ ବାକି ରହିଥିବା ସମସ୍ତ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବା ପ୍ରକ୍ରିୟା ସରକାରଙ୍କ ଦ୍ୱାରା ଅଗ୍ରାଧିକାର ଭିତ୍ତିରେ ଜାରି ରହିବ ।
- ❑ **ଜାଗା ମିଶନରେ** ଜମି ଅଧିକାର ପ୍ରଦାନ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବ ।
- ❑ ୫ ବର୍ଷ ମଧ୍ୟରେ ମ୍ୟୁନିସିପାଲ କର୍ପୋରେସନ୍ ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଅଗ୍ରାଧିକାର ଭିତ୍ତିରେ ସମ୍ପତ୍ତି ଅଧିକାର ।
- ❑ ନିମ୍ନ ଆୟ ବର୍ଗର ପରିବାର ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସେମାନଙ୍କ କଚ୍ଚା କିମ୍ବା ଟିଣ/ ଆଜବେସଟସ୍ ଛପର ଘରକୁ ପକ୍କାଘରରେ ପରିଣତ କରିବା ପାଇଁ ସତନ୍ତ୍ର ଆର୍ଥିକ ସହାୟତା ।

## ଖାଦ୍ୟ ସୁରକ୍ଷା

- ❑ ୧ଟଙ୍କିଆ ଚାଉଳ ଯୋଗାଣ ଯୋଜନା ଚାଲୁ ରହିବ ।
- ❑ ଅଧିକ ସ୍ଥାନରେ ନୂତନ ଆହାର କେନ୍ଦ୍ର ଏବଂ ପର୍ଯ୍ୟାୟ କ୍ରମେ ରାତ୍ରି ଆହାର ବ୍ୟବସ୍ଥା ।
- ❑ ଅଧିକ ସଂଖ୍ୟକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସରକାରୀ ଧାନ ସଂଗ୍ରହଣ ପ୍ରକ୍ରିୟାରେ ସାମିଲ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ।
- ❑ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ବଞ୍ଚିତ ଗରିବ, ଅସହାୟ ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଚାଲୁ ରହିବ ‘ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା’ ।

## ସ୍ୱାସ୍ଥ୍ୟ ସୁରକ୍ଷା

- ❑ ଆଗାମୀ ୩ ବର୍ଷ ମଧ୍ୟରେ ୫ଟି ନୂତନ ସରକାରୀ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ।
- ❑ ଖାଲି ରହିଥିବା ସମସ୍ତ ପାରାମେଡିକାଲ ଷ୍ଟାଫ୍ ପଦବୀଗୁଡିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯିବା ସହିତ ଆବଶ୍ୟକତା ଅନୁଯାୟୀ ନୂତନ ପଦବୀ ସୃଷ୍ଟି ।
- ❑ ପାରାମେଡିକ୍ସ କ୍ୟାଡରରେ ସମସ୍ତ ନୂତନ ନିଯୁକ୍ତିଗୁଡିକ ସ୍ଥାୟୀ ଭାବେ ହେବ ।
- ❑ ନୂତନ ସ୍ମାର୍ଟ ସାର୍ବଜନୀନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟ କାର୍ଡ ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯିବ
- ❑ ଏସ୍.ସି.ବି ମେଡିକାଲ କଲେଜ ହସ୍ପିଟାଲ, ଏମ୍.କେ.ସି.ଜି ମେଡିକାଲ କଲେଜ ହସ୍ପିଟାଲ ଏବଂ ଭିମସାର, ବୁର୍ଲାଠାରେ ସର୍ବୋତ୍କୃଷ୍ଟ ମାନର ୩ଟି ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା ।
- ❑ ଓଡିଶା ହେବ ଏକ ଡାକ୍ତର ବଳକା ରାଜ୍ୟ
- ❑ ୩୧୪ ବ୍ଲକ୍‌ରେ ନର୍ସିଂ ଏବଂ ଏ.ଏନ୍.ଏମ୍. ତାଲିମ୍ ସ୍କୁଲ ।

## ସାମାଜିକ ସୁରକ୍ଷା

- ❑ ହିତାଧିକାରୀଙ୍କୁ ପେନ୍‌ସନ ଯୋଜନାରେ ସାମିଲ ପାଇଁ କୌଣସି ଧାର୍ଯ୍ୟ ଲକ୍ଷ୍ୟ ନ ରଖି ସାମିଲ ପ୍ରକ୍ରିୟା ଜାରି ରହିବ ।
- ❑ ଭିନ୍ନକ୍ଷମ, ଅସହାୟ, କିନ୍ନର, ସତନ୍ତ୍ର ସହାୟତା ଆବଶ୍ୟକତା କରୁଥିବା ବ୍ୟକ୍ତି, ଅନାଥ, ବୌଦ୍ଧିକ ଓ ମାନସିକ ଅନଗ୍ରସର ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମର ପୁନର୍ବିଲୋକନ କରାଯାଇ ଏହାକୁ ଉପଯୋଗୀ ଜୀବିକା ନିର୍ବାହ ବ୍ୟବସ୍ଥା ସହିତ ସମୟୋପଯୋଗୀ କରାଯିବ ।
- ❑ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୩୦ ବର୍ଷରୁ ଊର୍ଦ୍ଧ୍ୱ ଅସହାୟ ଅବିବାହିତା ମହିଳା ଏବଂ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ବିଧବାମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ତାଲିମ ସହିତ ସମ୍ମାନର ସହ ଜୀବିକା ନିର୍ବାହ କାର୍ଯ୍ୟ ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ।
- ❑ ଜାତୀୟ ନିରାପତ୍ତା ଆଇନ୍ ବଳରେ ଗିରଫ ହୋଇଥିବା ‘ମିଶା ବନ୍ଦୀ’ ସାଧୀନତା ସଂଗ୍ରାମୀଙ୍କ ପାଇଁ ପେନ୍‌ସନ୍ ଏବଂ ଅନ୍ୟାନ୍ୟ ସୁବିଧା ଘୋଷଣା ।

## ନିର୍ମାଣ ଶ୍ରମିକ

- ❑ ସାମିଲ ହୋଇନଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବୋର୍ଡ ଏବଂ ଜନକଲ୍ୟାଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ।
- ❑ ପ୍ରବାସୀ ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କର ମୂଳ ଏବଂ ଗନ୍ତବ୍ୟସ୍ଥଳ ରାଜ୍ୟ ଅନୁସାରେ ପଞ୍ଜୀକରଣ ।
- ❑ ଆଗାମୀ ୫ ବର୍ଷ ମଧ୍ୟରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକମାନଙ୍କୁ ପର୍ଯ୍ୟାୟକ୍ରମେ ‘ଓଡ଼ିଶା ଅସଂଗଠିତ କ୍ଷେତ୍ର ଶ୍ରମିକ ସାମାଜିକ ନିରାପତ୍ତା ବୋର୍ଡ’ରେ ହିତାଧିକାରୀ ଭାବେ ପଞ୍ଜୀକରଣ ଏବଂ ସାମାଜିକ ସହାୟତା ପ୍ରଦାନ ।

## ଜୁହାର

- ଆଂଚଳିକ ବୈଷମ୍ୟ ହ୍ରାସ ଓ ଦ୍ରୁତ ବିକାଶ ଲକ୍ଷ୍ୟରେ ବରଗଡ, ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଝାରସୁଗୁଡା, କଳାହାଣ୍ଡି, ସମ୍ବଲପୁର, ସୁବର୍ଣ୍ଣପୁର ଜିଲ୍ଲା ସମେତ ଆଠମଲ୍ଲିକ, କୁଚିଣ୍ଡା ଓ ନୀଳଗିରି ଉପଖଣ୍ଡ ପାଇଁ **'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'** ।
- **'ନବୀନ ଓଡିଶା, ସଶକ୍ତ ଓଡିଶା'** ହେବ 'ସମସ୍ତଙ୍କ **ଓଡିଶା'** ।
- ପ୍ରତିନିଧିତ୍ୱ ନଥିବା କୁଡୁମୀ ସମ୍ପ୍ରଦାୟ, ଅନୁସୂଚିତ ଜାତି ଓ ଅର୍ଥନୈତିକ ଅନଗ୍ରସର ବର୍ଗଙ୍କ କଲ୍ୟାଣ, ସେମାନଙ୍କର ଅନନ୍ୟ ଦକ୍ଷତା, କଳା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ **'ସ୍ୱତନ୍ତ୍ର ପରିଷଦ'** ଗଠନ କରାଯିବ ।
- ସଂଖ୍ୟାଲଘୁ ବହୁଳ ଅଂଚଳରେ ଚିହ୍ନିତ କ୍ଲଷ୍ଟର୍‌ରେ ବିଶ୍ୱସ୍ତରୀୟ ଗୋଷ୍ଠୀ କେନ୍ଦ୍ର ସ୍ଥାପନ ।
- ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରର ନିରନ୍ତର ବିକାଶ, ସ୍ୱାର୍ଥରକ୍ଷା ଏବଂ କାର୍ଯ୍ୟ ପ୍ରଣାଳୀକୁ ସୁଗମ କରିବା ପାଇଁ **'ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କଲ୍ୟାଣ ପରିଷଦ'** ।
- ପୂଜକ, ବାରିକ, ରଜକମାନଙ୍କ ଭଳି ପାରମ୍ପରିକ ବୃତ୍ତିଧାରୀମାନଙ୍କ ପାଇଁ **'କଲ୍ୟାଣ ପରିଷଦ'** ।

## ଶିଳ୍ପ ସମୃଦ୍ଧି

- ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇ ଏକ ଦୂରଦୃଷ୍ଟି ସମ୍ପନ୍ନ ନୂତନ ଶିଳ୍ପ ନୀତି ।
- ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ନୀତି ।
- ରାଜ୍ୟରେ ପ୍ରମୁଖ କ୍ଷେତ୍ରଗୁଡିକରେ ସର୍ବୋତ୍କୃଷ୍ଟ ମାନର ଶିଳ୍ପ ପାର୍କ ପ୍ରତିଷ୍ଠା ସହ ଫିଲ୍ମ ସିଟି, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ଔଷଧ ଉତ୍ପାଦନ କ୍ଲଷ୍ଟର ବିକଶିତ କରାଯିବ ।
- ସମ୍ବଲପୁର, ରାଉରକେଲା, କଟକ ଏବଂ କୋରାପୁଟଠାରେ ୪ଟି ଶିଳ୍ପ ପାର୍କ ।
- ରାୟଗଡାଠାରେ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତି ପାର୍କ ଏବଂ ବରଗଡଠାରେ ଔଷଧ ଉତ୍ପାଦନ କ୍ଲଷ୍ଟର ସ୍ଥାପନ ।
- ସହସ୍ର ବର୍ଷର ସହର କଟକରେ ଏକ ବିଶ୍ୱସ୍ତରୀୟ ଫିଲ୍ମ ସିଟି ଏବଂ ଅତ୍ୟାଧୁନିକମାନର ଚଳଚିତ୍ର ସୁଟିଂ ଓ ପ୍ରସ୍ତୁତି କେନ୍ଦ୍ର ସ୍ଥାପନ ହେବ ।
- ପୁଞ୍ଜିନିବେଶ ଅନୁଗାମୀ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ୪ ଟି ଶିଳ୍ପ କରିଡର ସ୍ଥାପନ ।
- ଚଳଚିତ୍ର ଓ ଟେଲିଭିଜନ, ସମସ୍ତ ଅଡିଓ-ଭିଜୁଆଲ ମାଧ୍ୟମ, ଆନିମେସନ, ଡିଜିଟାଲ ଚଳଚିତ୍ର, ଓ୍ୱେବ୍ ମିଡିଆ ପାଇଁ ଏକ ନୂତନ ବିଭାଗ ।

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ

- ସମସ୍ତ ଜିଲ୍ଲା ଏବଂ ଗୁରୁତ୍ୱପୂର୍ଣ୍ଣ ସବ୍-ଡିଭିଜନ ଗୁଡିକରେ ନୂତନ ଏମ.ଏସ୍.ଏମ୍.ଇ. ପାର୍କ ନିର୍ମାଣ ।
- ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗର ଅଭିବୃଦ୍ଧି ଲକ୍ଷ୍ୟରେ ୫ଟି ରାଜ୍ୟସ୍ତରୀୟ ଫୁଡ୍ ପାର୍କ ।
- ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ଉନ୍ନତି ସାଧନ ନିମନ୍ତେ ଏକ ନୂତନ ଖାଦ୍ୟ ପ୍ରକ୍ରିୟାକରଣ ନିର୍ଦ୍ଦେଶାଳୟ।
- ରିହାତି ଦରରେ ଋଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଏକ ଅନୁକୂଳ ସୁଧ ରିହାତି ଯୋଜନା।
- ଅଣୁ ଉଦ୍ୟୋଗ ଗୁଡିକର ବିକାଶ ଲକ୍ଷ୍ୟରେ ଏକ ଉପଯୁକ୍ତ ରାଜ୍ୟ ପ୍ରାୟୋଜିତ ଆତ୍ମ ନିଯୁକ୍ତି ଯୋଜନା ।
- ଯୁବକଯୁବତୀଙ୍କ ମଧ୍ୟରେ ଔଦ୍ୟୋଗିକ ମନୋଭାବ ବୃଦ୍ଧି ପାଇଁ ୫ ବର୍ଷରେ ୫୦୦୦ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ।

## ଆମ ଗାଁ ଆମ ବିକାଶ

- ପ୍ରଶାସନର **୩ 'ଟି'** ମାର୍ଗରେ **'ପିଠା'** ସହିତ **'ଆମ ଗାଁ ଆମ ବିକାଶ'** କାର୍ଯ୍ୟକ୍ରମ ଜାରି ରହିବ ।
- ବ୍ଲକ ଅଂଚଳରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର **'ଆମ ଗାଁ ଆମ ବିକାଶ'** କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

## ଆମ ସହର ଆମ ଉନ୍ନତି

- ରାଜ୍ୟର ସମସ୍ତ ମହାନଗର ନିଗମ ଅଂଚଳ, ପୌରାଂଚଳ ଓ ବିଜ୍ଞାପିତ ଅଂଚଳ ପରିଷଦରେ ଶତ ପ୍ରତିଶତ ଡ୍ରେନେଜ୍, ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଉପଲବ୍ଧ ହେବ ।
- ସବୁ ମହାନଗର ନିଗମ ଅଂଚଳଗୁଡିକରେ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ।
- ବିଜେଡି ସରକାର ଆଶ୍ରୟ ସୁରକ୍ଷା ଓ ବସ୍ତି ଉନ୍ନତିକରଣ କାର୍ଯ୍ୟକୁ ସାର୍ବଜନୀନ କରିବା ପାଇଁ **'ଜାଗା ମିଶନ'** ଓ **'ଆବାସ ମିଶନ'** କାର୍ଯ୍ୟକ୍ରମକୁ ପରିବର୍ଦ୍ଧିତ କରିବ ।
- **'ଓଡିଶା ସ୍ମାର୍ଟ ସିଟି ମିଶନ'** ଜରିଆରେ ରାଜ୍ୟର ୫ଟି ମହାନଗର ନିଗମକୁ ସ୍ମାର୍ଟ ସିଟି ଭାବେ ବିକଶିତ କରାଯିବ ।

## କ୍ରୀଡା ଭିତ୍ତିଭୂମିର ବିକାଶ

- ବିଦ୍ୟାଳୟରେ କ୍ରୀଡା ଶିକ୍ଷା ଓ ସଂସ୍କୃତିର ବିକାଶ
- ମହିଳା ଏବଂ ସ୍ୱତନ୍ତ୍ର ସମସ୍ୟା ଥିବା କ୍ରୀଡାବିତ୍‌ଙ୍କ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରାଯିବ ।
- ରାଜ୍ୟରେ କ୍ରୀଡା କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଉଥିବା ଯୁବକ ସଂଘଗୁଡିକୁ ପ୍ରୋତ୍ସାହନ ଦିଆଯିବ ।
- ଜନଜାତିଙ୍କ ମଧ୍ୟରେ କ୍ରୀଡାର ବିକାଶ ।
- କଳିଙ୍ଗ ଅନ୍ତର୍ଜାତୀୟ ସ୍ପୋର୍ଟସ୍ ସିଟି ସ୍ଥାପନ କରାଯିବ ।
- ଭୁବନେଶ୍ୱରକୁ ଦେଶର କ୍ରୀଡା ରାଜଧାନୀ ଭାବେ ପ୍ରତିଷ୍ଠା କରାଯିବ । ରାଜ୍ୟର ପ୍ରମୁଖ ସହର ଓ ଜିଲ୍ଲା ମୁଖ୍ୟାଳୟରେ ସମନ୍ୱିତ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ ।
- ସୁନ୍ଦରଗଡ ଜିଲ୍ଲାର ୧୭ଟି ବ୍ଲକରେ ଆଷ୍ଟ୍ରୋ ଟର୍ଫ ହକି ବ୍ୟବସ୍ଥା ।
- ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଓ କୋଚିଂ ସୁବିଧା ପାଇଁ ହାଇ ପରଫରମାନ୍‌ସ ଏକାଡେମୀ ସ୍ଥାପନ ।

## ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ

- ପଛୁଆ ବର୍ଗଙ୍କ ପାଇଁ **'ରାଜ୍ୟ ପଛୁଆ ବର୍ଗ କମିଶନ'** ପୁନର୍ଗଠନ କରାଯିବ।
- ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କିମ୍ବା ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡିକରେ ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯିବ ।
- ଉଚ୍ଚଶିକ୍ଷା ଓ ନିଯୁକ୍ତିଭିତ୍ତିକ ଶିକ୍ଷା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟର ୧୧୪ଟି ସ୍ଥାନରେ ସବୁବର୍ଗର ଛାତ୍ରଛାତ୍ରୀମାନେ ରହିପାରିବା ଭଳି ଆଧୁନିକ ସୁବିଧା ସହିତ ଛାତ୍ରାବାସ ନିର୍ମାଣ କରାଯିବ।
- ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବର୍ଗର ଯୁବକଯୁବତୀମାନଙ୍କର ଦକ୍ଷତା ବିକାଶ ସହିତ ସେମାନଙ୍କୁ ଦକ୍ଷତା ଭିତ୍ତିକ ନିଯୁକ୍ତି ପାଇଁ ବାର୍ଷିକ ୨୫ ହଜାର ଟଙ୍କା ପ୍ରୋତ୍ସାହନ ଦିଆଯିବ। ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସେମାନଙ୍କୁ ମଧ୍ୟ ମୂଳ ପୁଞ୍ଜି ଏବଂ ସ୍ୱଳ୍ପ ସୁଧରେ ଋଣ ସହାୟତା ପ୍ରଦାନ କରାଯିବ।
- ଗରିବ ସଂଖ୍ୟାଲଘୁ ପରିବାରର ୨ଟି ଝିଅଙ୍କ ବିବାହ ପାଇଁ ସହାୟତା ଦିଆଯିବ।
- ସବୁ ସ୍ତରରେ ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଦିଆଯିବ ।
- ପ୍ରି-ମାର୍ଟିକ୍ ଓ ପୋଷ୍ଟ-ମାର୍ଟିକ ପାଠ ପଢୁଥିବା ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ହଷ୍ଟେଲରେ ଦେୟମୁକ୍ତ ରହିବା ଓ ଖାଇବା ସୁବିଧା ପାଇଁ ଛାତ୍ରବୃତ୍ତି ଓ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ।
- ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପାଇଁ ମାଗଣା କୋଚିଂ ସୁବିଧା କରାଯିବ।
- ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର **'ଏସ୍.ଟି.ଏସ୍.ସି ଡେଭେଲପମେଣ୍ଟ ଆକ୍ଟ'** ଅଣାଯାଇ ରାଜ୍ୟରେ ଏହି ବର୍ଗର ଜନସଂଖ୍ୟା ଅନୁଯାୟୀ ବାର୍ଷିକ ବଜେଟ୍‌ରେ ଅର୍ଥ ବରାଦ କରାଯିବ।
- କୁଚିଣ୍ଡା, ବାମରା, ଜମନକିରା, ଥୂଆମୂଳ-ରାମପୁର, ଲାଞ୍ଜିଗଡ, ନୀଳଗିରି, ସୋରଡା ଏବଂ ତିଲେଇବଣି ପାଇଁ ଅଧକ୍ଷ ଏବଂ ସଦସ୍ୟମାନଙ୍କୁ ନେଇ **'ବିକାଶ ପରିଷଦ'** ଗଠନ କରାଯିବ ।

## ପର୍ଯ୍ୟଟନର ବିକାଶ

- ୩୦ଟି ଜିଲ୍ଲାରେ **'ଜିଲ୍ଲା ପର୍ଯ୍ୟଟନ ପରିଷଦ'** ଗଠନ କରାଯିବ ।
- ସମସ୍ତ ପର୍ଯ୍ୟଟନ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ସାମଗ୍ରୀ ଯୋଗାଣ ଏବଂ ବ୍ୟବସାୟ ପାଇଁ ବୁଝାମଣା ପତ୍ର ।

## ନବୀନ ଓଡିଶା

- ବିଜୁ ଏକ୍ସପ୍ରେସ୍ ଓ୍ୱେ ରାଜ୍ୟର ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମକୁ ସଂଯୋଗ କରିବ।
- ଐତିହ୍ୟସଂପନ୍ନ ରୌପ୍ୟ ନଗରୀ କଟକ ସହିତ ସ୍ମାର୍ଟ ସିଟି ଭୁବନେଶ୍ୱରକୁ ମେଟ୍ରୋ ରେଳପଥ ଦ୍ୱାରା ସଂଯୋଗୀକରଣ କରାଯିବ ।
- ଆଗାମୀ ୫ ବର୍ଷରେ ବିଜୁ ସେତୁ ଯୋଜନାରେ ୭୫୦ ଟି ସେତୁ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୦୦ କିଲୋମିଟର ରୁ ଉର୍ଦ୍ଧ୍ୱ ଗ୍ରାମ୍ୟ ରାସ୍ତା ।
- ରାଜ୍ୟ ଯୋଜନାରେ ୧୦୦୦ କିଲୋମିଟର ରାସ୍ତା ଉନ୍ନତିକରଣ ।
- ଆଗାମୀ ୫ ବର୍ଷରେ ପି.ଏମ୍.ଜି.ଏସ୍.ଓ୍ୱାଇ. ଯୋଜନାରେ ୪୦ ହଜାର କି,ମି, ରାସ୍ତା ନିର୍ମାଣ/ରାସ୍ତା ଉନ୍ନତିକରଣ, ତନ୍ମଧ୍ୟରୁ ୧୦ ହଜାର କି.ମି. ରାସ୍ତା ସବୁଜ ଜ୍ଞାନ କୌଶଳର ଉପଯୋଗ କରି ନିର୍ମାଣ କରାଯିବ ।
- ଓଡିଶା ଆଦର୍ଶ ବିଦ୍ୟାଳୟ, ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ ଭିତ୍ତିଭୂମିର ବିକାଶ ସାଧନ ।
- ସମସ୍ତ ବ୍ଲକ ମୁଖ୍ୟାଳୟ, ପୌରାଞ୍ଚଳ ଓ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡିକୁ ଅତି କମ୍‌ରେ ୨-ଲେନ୍ ବିଶିଷ୍ଟ ରାଜ୍ୟ ରାଜପଥ ବ୍ୟବସ୍ଥା ।
- ପର୍ଯ୍ୟଟନ ଗୁରୁତ୍ୱ ବହନ କରୁଥିବା ସମସ୍ତ ସ୍ଥାନଗୁଡିକୁ ରାଜ୍ୟ ରାଜପଥ ସଂଯୋଗୀକରଣ ।
- ସମସ୍ତ ପ୍ରମୁଖ ରାସ୍ତାଗୁଡିକରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର।
- ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହରଗୁଡିକରେ ନୂଆ ରିଂ ବନ୍ଧ ।

## ହକ୍ ମାଗୁଛି ଓଡିଶା

- ବିଭିନ୍ନ ସମୟରେ କେନ୍ଦ୍ରରେ ଶାସନରେ ଥିବା ସରକାର ସବୁବେଳେ ଓଡିଶାର ଅଧିକାରକୁ ଅବହେଳା କରିଆସିଛନ୍ତି । ଏହି ଅବହେଳା ଐତିହାସିକ ଏବଂ ଏଥିଯୋଗୁଁ ଓଡିଶା ଟେଲି ଯୋଗାଯୋଗ, ରେଲଓ୍ୱେ ନେଟ୍‌ଓ୍ୱାର୍କ, ବ୍ୟାଙ୍କି, ଜାତୀୟ ରାଜପଥ ଉନ୍ନତିକରଣ ଆଦି କ୍ଷେତ୍ରଗୁଡିକରେ ପଛରେ ପଡିଛି ।
- ୟୁ.ପି.ଏ ସରକାର ପୋଲାଭରମ ଡ୍ୟାମ୍‌କୁ ଜାତୀୟ ମାନ୍ୟତା ଦେଇଥିଲେ ଏବଂ ବର୍ତ୍ତମାନର ଏନ୍.ଡି.ଏ ସରକାର ଏ ପ୍ରସଙ୍ଗରେ ଓଡିଶାର ସ୍ୱାର୍ଥ ବିରୁଦ୍ଧରେ ଯାଇ ଛତିଶଗଡର ତତ୍କାଳୀନ ବିଜେପି ସରକାରଙ୍କୁ ସମର୍ଥନ କଲେ । ଉଭୟ କ୍ଷେତ୍ରରେ ନ୍ୟାୟ ପାଇବା ପାଇଁ ପନ୍ଥା ନିର୍ଦ୍ଧାରଣ ପ୍ରକ୍ରିୟା ଜାରି ରଖିବ।
- ବିଜେପିର ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନର ପ୍ରତିଶ୍ରୁତି ଓଡିଶା ପ୍ରତି ସବୁଠାରୁ ନିଷ୍ଠୁର ପରିହାସ ନଥିଲା ତ ଆଉ କଣ ?
- ୨୦୧୪ ରେ ବିଜେପି ଇସ୍ତାହାରରେ ୧ ନଂରେ ଥିବା ଏହି ପ୍ରତିଶ୍ରୁତି ୫ ବର୍ଷ ପାଇଁ ଭୁଲିଗଲା ଏବଂ ଏବେର ଇସ୍ତାହାରରେ ସେ ବାବଦରେ ପଦୁଟିଏ ବି ଲେଖିଲା ନାହିଁ।
- ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ହେଉଛି ଐତିହାସିକ ଅବହେଳାର ଶିକାର ହୋଇଆସୁଥିବା ଓଡିଶା ପାଇଁ ପ୍ରତିକାରର ଏକମାତ୍ର ବାଟ ।
- ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଅର୍ଥ ହେଉଛି ରାଜ୍ୟର ବିକାଶ ଏବଂ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କୁ କର୍ମ ନିଯୁକ୍ତି ପାଇଁ ଅଧିକ ପୁଂଜି ନିବେଶ ନିମନ୍ତେ ଅଧିକ ଅର୍ଥ ବ୍ୟବସ୍ଥା।
- ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନକୁ ଅସ୍ୱୀକାର କରି ବିଜେପି ଓଡିଶାର ଯୁବକଯୁବତୀମାନଙ୍କର ଆଶା ଓ ଆକାଙ୍କ୍ଷାକୁ ଧୂଳିସାତ୍ କରିଛି।
- ନିର୍ଦ୍ଧାରିତ ସମୟ ସରିଯାଇଥିଲେ ମଧ୍ୟ କେନ୍ଦ୍ର ଦ୍ୱାରା କୋଇଲା ରୟାଲିଟି ସଂଶୋଧନ କରାଯାଇନାହିଁ।
- ଖଣିଜ ସଂପଦର ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।
- ଉପରୋକ୍ତ ପ୍ରସଙ୍ଗ ଆମର କେନ୍ଦ୍ର ସରକାରଙ୍କ ପ୍ରତି ପ୍ରମୁଖ ଦାବୀ ରହିବ।
- ଏଥର କୌଣସି ଜାତୀୟ ଦଳ ସଂଖ୍ୟାଧିକ ଗରିଷ୍ଠତା ପାଇବେ ନାହିଁ। ଏଣୁ କେନ୍ଦ୍ର ସରକାର ଗଠନରେ ଓଡିଶାର ପ୍ରମୁଖ ଭୂମିକା ରହିବ । ଯିଏ ବି ଓଡିଶାର ନ୍ୟାଯ୍ୟ ଅଧିକାରକୁ ଗୁରୁତ୍ୱ ଦେବ, ବିଜେଡି ସେହି ସରକାରକୁ ସମର୍ଥନ ଦେବ।

## ଓଡିଆ ସ୍ୱାଭିମାନ

- ଓଡିଆ ଭାଷାକୁ ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିବା ସହିତ ସତ୍ୟବାଦୀଠାରେ ଓଡିଆ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି । ଏହି ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଓଡିଆ ଭାଷା ଓ ସାହିତ୍ୟର ବିକାଶ, ଓଡିଆ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ, ଓଡିଆ ସ୍ୱାଭିମାନର ସୁରକ୍ଷା ସହିତ ଓଡିଶାର ନିଜସ୍ୱ ନୃତ୍ୟଶୈଳୀ, କଳା ଭାସ୍କର୍ଯ୍ୟ ଓ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କାର୍ଯ୍ୟ କରିବ ।
- ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଅନୁଷ୍ଠାନ ଏବଂ ସଂସ୍ଥାଗୁଡିକର ପୁନର୍ବିଲୋକନ ଏବଂ ପୁନର୍ବିନ୍ୟାସ କରାଯାଇ ଏଗୁଡିକୁ ଅଧିକ କ୍ରିୟାଶୀଳ କରାଯିବ ।
- ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟ କ୍ଷେତ୍ରରେ ଦିଆଯାଉଥିବା ସମସ୍ତ ସମ୍ମାନଗୁଡିର ପୁନଃସମୀକ୍ଷା ପୂର୍ବକ ଏହାର ପରିସର ବ୍ୟାପକ କରାଯାଇ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କରାଯିବ ।
- ଐତିହ୍ୟ କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତିଗୁଡିକୁ ଅବିଳମ୍ବେ କାର୍ଯ୍ୟକାରୀ କରାଯିବ ।

**ନବୀନ ଓଡ଼ିଶା**
**ସଶକ୍ତ ଓଡ଼ିଶା**



ସକଳ ସଂକଟରୁ ପରିତ୍ରାଣ ଲାଭ ପାଇଁ ଏକମାତ୍ର ପଥ ନାମ ଜପ। ତାହା କାତର ଭାବରେ ଅନ୍ତରର ଗଭୀର ପ୍ରଦେଶରୁ ଜାତ ହେବା ଦରକାର।
- ଶ୍ରୀଚୈତନ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିଂଶ ବାର୍ଷିକୀ ଚୈତ୍ର ମଙ୍ଗଳବାର ମହୋତ୍ସବ, ମା' ମଙ୍ଗଳା ମନ୍ଦିର, ୟୁନିଟ-୧, ସକାଳ ୬ଟାରୁ ସନ୍ଧ୍ୟା ୭ଟା।
- ଭାଜପାର ବିଜୟ ସଙ୍କଳ୍ପ ରୋଡ ଶୋ' ଓ ସଭା, ଏୟାର ପୋର୍ଟ-ସୌଭାଗ୍ୟ ନଗର ଛକ-ଖଣ୍ଡଗିରି ଛକ- ବରମୁଣ୍ଡା ସଭାସ୍ଥଳ, ଅପରାହ୍ନ ୩ଟାରୁ ୪ଟା।
- ଚିନ୍ତା ଓ ଚେତନା ପକ୍ଷରୁ ବୈଶାଖୀ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**କଟକ**
- ଶୈଳବାଳା ମହିଳା ମହାବିଦ୍ୟାଳୟ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ଭୋଟଦାନ ନେଇ ଜିଲା ପ୍ରଶାସନ ପକ୍ଷରୁ ସଚେତନତା ଶିବିର, ସକାଳ ୯ଟା।
- ଉଦୟଭାନୁ ସାହିତ୍ୟ ସଂସଦର ୧୯ତମ ବିଷୁବ ସମାରୋହ କବିତା ଆସର ଓ ସମାବର୍ତ୍ତନ ଉତ୍ସବ, ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘ ସଭାଗୃହ, ମଧୁପାଟଣା, ଅପରାହ୍ନ ୪ଟା ୩୦।

**ପୁରୀ**
- ଶ୍ରୀରାମ ଚରିତ ମାନସ ପାରାୟଣ, ରୁଆ, ଚନ୍ଦନପୁର, ସକାଳ ୮ଟା।
- ବ୍ରାହ୍ମଣ ବୋର୍ଡିଂ ଛକ ଗଣେଶ ପୂଜା କମିଟି ପକ୍ଷରୁ ଜଳଛତ୍ର, ବୋର୍ଡିଂ ଛକ, ସକାଳ ୧୦ଟା।
- ମାନବ ସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର, ବଡଶଙ୍ଖ ବଜାର, ସକାଳ ୧୦ଟା ୩୦।
- ଅନୁଷ୍ଠାନ ଶାନ୍ତି ପକ୍ଷରୁ ଶୀତଳ ବାଞ୍ଚ ସେବା ଶିବିର, ପୌର ସଦନ ଛକ, ମଧ୍ୟାହ୍ନ ୧୨ଟା।

**ଖୋର୍ଦ୍ଧା**
- ଊନବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞର ୪ର୍ଥ ଦିବସ, ଶ୍ରୀ ଶ୍ରୀ ସଙ୍କଟ ମୋଚନ ମହାବୀର ଦେବଙ୍କ ବିଜେସ୍ଥଳୀ ଜରିପୁଟ୍ ତନ୍ତ ମୁଣ୍ଡିଆ, ଧନୁ ଭଗ୍ନ, ଅପରାହ୍ନ ୨ଟା। ସୀତା ବିବାହ ଓ ପର୍ଶୁରାମ ଭେଟ ଉତ୍ସବ, ପ୍ରବଚନ ରାତ୍ର ୮ଟା।
- ପଞ୍ଚବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ସାନ୍ଧ୍ୟ ପ୍ରବଚନର ଜ୍ଞାନଯଜ୍ଞର ୩ୟ ଦିବସ ପ୍ରବଚନ, ଶ୍ରୀରାମ ନଗର, ସନ୍ଧ୍ୟା ୭ଟା ୩୦।


**ବାଲିଅନ୍ତା**
- ସଂକୀର୍ତ୍ତନ ମହୋତ୍ସବ, ଛଦୋଳ, ଭଗବତ ବାସୁଦେବ ପୀଠ, ସକାଳ ୮ଟା।
- ବାଦୀପାଲା ପରିବେଷଣ, ଦେଓ୍ୱାନାପାଟଣା, ଗାଦି ଗୋସ୍ୱାଇଁ ପୀଠ, ରାତି ୭ଟା।
- ୪୦ତମ ବାର୍ଷିକ ରାମଲୀଳା ଉପଲକ୍ଷେ ଗୀତିନାଟ୍ୟ ପରିବେଷଣ, ରାମଲୀଳା ପଡ଼ିଆ, ବେଣୁପୁର, ରାତି ୧୨ଟା।
- ରାମଲୀଳା ପରିବେଷଣ, କାକରୁଦ୍ରପୁର ପତିତପାବନ ଦେବ ମନ୍ଦିର ପ୍ରାଙ୍ଗଣ, ରାତି ୧୨ଟା।

# 'ଯାହା ବିଶ୍ୱରେ ନାହିଁ, ତାହା ଓଡ଼ିଶାରେ ଅଛି'

## ଆରମ୍ଭ ହେଲା ଚିନ୍ତା ଓ ଚେତନାର 'ବୈଶାଖୀ ମହୋତ୍ସବ'

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେଶ ଉତ୍କଳ ପ୍ରଦେଶରେ ସମଗ୍ର ବିଶ୍ୱ ବାସ କରେ। ଉତ୍କଳ ନିଜର ନିଆରା କଳା, ସଂସ୍କୃତି ଓ ପରମ୍ପରା ପାଇଁ ବିଶ୍ୱବିଖ୍ୟାତ। ଏଠାକାର ଲୋକଙ୍କ ମଧ୍ୟରେ ଥିବା ସହୃଦୟତା ଓ ଭ୍ରାତୃଭାବ ସମସ୍ତଙ୍କ ପାଇଁ ଉଦାହରଣ। ବିଭିନ୍ନତା ମଧ୍ୟରେ ଏକତା ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଏକ ମହାନ୍ ଅଂଶ। ଯାହା ବିଶ୍ୱରେ ନାହିଁ, ତାହା ଓଡ଼ିଶାରେ ଅଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ଚିନ୍ତା ଓ ଚେତନା ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ୪୦ତମ ବୈଶାଖୀ ମହୋତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଥିଲେ, 'ବୈଶାଖୀ' ବିଶ୍ୱଭ୍ରାତୃତ୍ୱ, ଜଗନ୍ନାଥ ସଂସ୍କୃତି ଓ ମଣିଷ-ମଣିଷଙ୍କ ମଧ୍ୟରେ ଥିବା ପ୍ରେମ ତଥା ଭଲପାଇବାକୁ ପ୍ରତିଫଳିତ କରିଥାଏ। ଅନ୍ୟ ପର୍ବଗୁଡ଼ିକ ଭଳି ଏହି ପର୍ବ ମଧ୍ୟ ଲୋକଙ୍କୁ ସାମାଜିକ, ସାଂସ୍କୃତିକ, ଆବେଗିକ ଓ ଆଧ୍ୟାତ୍ମିକ ଭାବେ ଯୋଡ଼ିରଖିଛି। ଆମକୁ ଅନ୍ନ ଯୋଗାଉଥିବା ଆଦିବାସୀ ଓ ଚାଷୀଙ୍କ ଉଦ୍ଦେଶ୍ୟରେ ଏହି ପର୍ବ ସମର୍ପିତ। ଭାରତର ଅଧିକାଂଶ ପର୍ବ କୃଷିଭିତ୍ତିକ ଏବଂ କୃଷକମାନେ ହେଉଛନ୍ତି ଚିରନମସ୍ୟ। ସେମାନଙ୍କୁ ସମ୍ମାନ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଭାରତ ଏକ ଅଖଣ୍ଡ ଭୂମି ବୋଲି ରାଜ୍ୟପାଳ ଏହି ଅବସରରେ କହିଥିଲେ।



ମହୋତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।


ଅରୁଣା ମହାନ୍ତି

ଏହି ୩ଦିନିଆ ମହୋତ୍ସବ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଘଣ୍ଟଘଣ୍ଟା ସାଙ୍ଗକୁ ହରିବୋଲ ହୁଳହୁଳିରେ ଆରମ୍ଭ ହୋଇଥିଲା। ଓଡ଼ିଶୀ ଏବଂ ଗୋଟିପୁଅ ନୃତ୍ୟଶିଳ୍ପୀଙ୍କ ଗହଣରେ ମଞ୍ଚ ଉପରକୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ନିଆଯିବା ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ୨୪ଜଣ ବ୍ୟକ୍ତିତ୍ୱଙ୍କୁ ଚଳିତବର୍ଷ ଲାଗି ଚିନ୍ତା ଓ ଚେତନା ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁଲଓ୍ୱାମା ଶହୀଦ ପ୍ରସନ୍ନ କୁମାର ସାହୁ ଓ ମନୋଜ କୁମାର ବେହେରାଙ୍କ ପରିବାର ସହ ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଡିସିପି ଅନୁପ କୁମାର ସାହୁ, ବିଜୟ କୁମାର ସାହୁ, ବିଏସ୍ଏଫ୍ ଇଣ୍ଟେଲିଜେନ୍ସ ଡିଆଇଜି ସୁକୁମାର ଷଡ଼ଙ୍ଗୀ, ଆଇଆଇଏସି ବିଜୟିନୀ ସିଂ, ଉମାକାନ୍ତ ପ୍ରଧାନ, ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ସାହିତ୍ୟିକା ସୁଭଦ୍ରା ଦେବୀ, ଶଙ୍କର ଗୁପ୍ତା ପ୍ରମୁଖ ପୁରସ୍କୃତ ହୋଇଥିଲେ। ସେହିପରି ଶିକ୍ଷାକ୍ଷେତ୍ରରେ ଓଡିଏମ୍ ପବ୍ଲିକ ସ୍କୁଲ, ଓଡ଼ିଶୀ ସଙ୍ଗୀତ ପାଇଁ ନିମାକାନ୍ତ ରାଉତରାୟ, ସଂସ୍କୃତି ଓ ମନୋରଞ୍ଜନ କ୍ଷେତ୍ରରେ ସୋନାଲି ଦାସ, ସିଆର୍‌ପିଏଫ୍‌ର ବିଭୁପ୍ରସାଦ ଦାସ ଓ ରାଜଭବନ ଫଟୋଗ୍ରାଫର ମନୋରଞ୍ଜନ ମହାନ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସିଜିଏମ୍ ପ୍ରବୀଣା କାଲା, ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ସଂଯୋଜକ ଶ୍ରୀକାନ୍ତ ମିଶ୍ର ଯୋଗଦେଇଥିଲେ। ଚିନ୍ତା ଓ ଚେତନାର ମହାସଚିବ ସୁରେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ। ଏହି ଅବସରରେ ବାସ୍ତୁବିଦ୍ ପ୍ରଦୀପ କୁମାର ଚୌଧୁରୀଙ୍କ ପୁସ୍ତକ 'ସଦ୍‌ଗୁରୁ ଶ୍ରୀ ଶିରିଡ଼ି ସାଇବାବା ପୂଜା ଉପାସନା' ଲୋକାର୍ପିତ ହେବା ସହ ଅରୁଣା ମହାନ୍ତିଙ୍କ ଦ୍ୱାରା ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଛି।

### ସାହିଯାତର ତୃତୀୟ ଦିବସ


# ପର୍ଶୁରାମଙ୍କ କଳା ହରଣ କଲେ ଶ୍ରୀରାମ

**ପୁରୀ ଅଫିସ,୧୫।୪**

ମିଥିଳା ରାଜା ଜନକ ତାଙ୍କ କନ୍ୟା ସୀତାଙ୍କର ସ୍ୱୟମ୍ବର ଆୟୋଜନ କରିଥିଲେ। ଏଥିରେ ଭାରତ ବର୍ଷର ବିଭିନ୍ନ ରାଜ୍ୟର ରାଜକୁମାରମାନେ ଯୋଗଦେଇଥିଲେ। ସ୍ୱୟମ୍ବରରେ ସର୍ତ୍ତ ଥିଲା ଯିଏ ଶିବ ଧନୁକୁ ଉଠାଇବେ ସେ ସୀତାଙ୍କୁ ବିବାହ କରିବେ। ମାତ୍ର ଶିବଧନୁକୁ କେହି ଉଠାଇ ପାରି ନ ଥିଲେ। ସେଠାରେ ମହର୍ଷି ବିଶ୍ୱାମିତ୍ରଙ୍କ ସହ ଦୁଇଭାଇ ରାମ ଓ ଲକ୍ଷ୍ମଣ ଉପସ୍ଥିତ ଥିଲେ। ଗୁରୁଙ୍କ ଆଦେଶ କ୍ରମେ ରାମ ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିଥିଲେ। ଶିବଧନୁ ଭଗ୍ନ ଶବ୍ଦରେ କ୍ରୋଧାନ୍ୱିତ ହୋଇ ପର୍ଶୁରାମ ପହଞ୍ଚିବାରୁ ତାଙ୍କ ସହ ପ୍ରଭୁ ଶ୍ରୀରାମଙ୍କର ଭେଟ ହୋଇଥିଲା। ସାହିଯାତର ତୃତୀୟ ଦିବସରେ ସୋମବାର ହରଚଣ୍ଡୀ ସାହି ପକ୍ଷରୁ ଏହି ନୀତି ସମ୍ପନ୍ନ ହୋଇଛି। ସକାଳେ ହରଚଣ୍ଡୀ ସାହି ଜାଗାରୁ ପର୍ଶୁରାମଙ୍କୁ ନେଇ ଏବଂ ସନ୍ଧ୍ୟାରେ ବିଶ୍ୱାମିତ୍ର, ରାମ, ଲକ୍ଷ୍ମଣ ଏବଂ ପର୍ଶୁରାମଙ୍କୁ ନେଇ ପଟୁଆର ବାହାରିଥିଲା। ଏହି ପଟୁଆର ସାହି ପରିକ୍ରମା କରିବା ପରେ ସିଂହଦ୍ୱାର ଦେଇ ଜଗନ୍ନାଥ ବଲ୍ଲଭ ମଠରେ ପହଞ୍ଚିଥିଲା।

ଅନ୍ୟପଟେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମଲକ୍ଷ୍ମଣ ଓ ସୀତାଙ୍କୁ ନେଇ ରତ୍ନ ସିଂହାସନରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଠାକୁରଙ୍କ ପାଲିଙ୍କି ବିଜେ ପରେ ବିମାନବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା କାହାଳୀ ସହ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ଯାଇଥିଲେ। ଠାକୁରମାନଙ୍କୁ ମଠ ଝୁଲଣ ଖଟରେ ବିଜେ କରାଇଥିଲେ। ମଠର ଆରାଧ୍ୟ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ପରେ ଠାକୁରଙ୍କ ନିକଟରେ ଶୀତଳ ଭୋଗ ହୋଇଥିଲା। ବୈଷ୍ଣବ ଧନୁରେ ଗୁଣ ଚଢାଇ ଶ୍ରୀରାମ ପର୍ଶୁରାମଙ୍କ କଳା ହରଣ କରିଥିଲେ। ପର୍ଶୁରାମ ତପସ୍ୟା ଲାଗି ମହେନ୍ଦ୍ର ପର୍ବତକୁ ଚାଲିଯାଇଥିଲେ। ଏହି ମନୋଲୋଭା ଦୃଶ୍ୟ ଦେଖିବା ଲାଗି ମଠରେ ଲୋକଙ୍କ ଭିଡ଼ ଜମିଥିଲା।

### ପଟୁଆର, ବାଦ୍ୟରେ ଉତ୍ସବମୁଖର ଶ୍ରୀକ୍ଷେତ୍ର


ସାହିଯାତ ଅବସରରେ ହରଚଣ୍ଡୀ ସାହିରୁ ବାହାରିଥିବା ସହସ୍ରାର୍ଜ୍ଜୁନ।

### ସାହିଯାତକୁ ନେଇ ଗଣ୍ଡଗୋଳ, ୪ ଆହତ

ପୁରୀ ଅଫିସ,୧୫।୪: ସାହିଯାତକୁ ନେଇ ସୋମବାର ସନ୍ଧ୍ୟାରେ ବାଲିସାହିର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଉଭୟ ପକ୍ଷର ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସୂର୍ଯ୍ୟ ପ୍ରସାଦ ମହାଭୋଇ, ସର୍ବେଶ୍ୱର ଆପଟ, କିଶନ ପୃଷ୍ଟି ଏବଂ ଡକୁ ଆପଟ। ଏମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଡକୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସମସ୍ତଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଖବର ପାଇ ଟାଉନ ଥାନା ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ନେଇ ବାଲିସାହିରେ ଉତ୍ତେଜନା ଲାଗିରହିଥିବାରୁ କୌଣସି ଅଘଟଣ ଆଶଙ୍କାରେ ପୋଲିସ ମୁତୟନ କରାଯାଇଛି।

# କାଳିକା ନୃତ୍ୟ: ମଙ୍ଗଳା ମନ୍ଦିରର ଏକ ଅନନ୍ୟ ପରମ୍ପରା

**ସନ୍ତୋଷ ଦାଶ**
**କାକଟପୁର, ୧୫।୪(ଡି.ଏନ୍.ଏ.)**

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳା ହେଉଛନ୍ତି ପରମ ବୈଷ୍ଣବୀ ଅଦିମାତା। ମା'ମଙ୍ଗଳାଙ୍କ ମନ୍ଦିର ସହିତ ପୁରୀ ଶ୍ରୀମନ୍ଦିରର ରହିଛି ନିବିଡ଼ ସମ୍ପର୍କ। ନବକଳେବର ସମୟରେ ଶ୍ରୀଜୀଉମାନଙ୍କ ଦାରୁ ସମ୍ପର୍କରେ ଦଇତାପତି ସେବକମାନଙ୍କୁ ମା'ମଙ୍ଗଳା ସୂଚନା ଦେଇଥାନ୍ତି ବୋଲି ବିଶ୍ୱାସ ରହିଛି। ଶ୍ରୀମନ୍ଦିର ପରି ଏଠାରେ ମଧ୍ୟ ଛତିଶା ନିଯୋଗ ସେବକ ରହିଛନ୍ତି। ଶ୍ରୀମନ୍ଦିର ପରି ମଙ୍ଗଳାଙ୍କ ମନ୍ଦିରରେ ମଧ୍ୟ ୪ଦ୍ୱାର ରହିଛି। ପ୍ରତ୍ୟେକ ରାତିରେ ମା'ଶ୍ରୀକ୍ଷେତ୍ର ଯାଇ ଶ୍ରୀଜୀଉମାନଙ୍କ ଭଲମନ୍ଦ ବୁଝି ଆସିଥାନ୍ତି ବୋଲି କିମ୍ବଦନ୍ତୀ ରହିଛି। ମା'ମଙ୍ଗଳାଙ୍କ ଅନ୍ୟ ଦୁଇଟି ରୂପ ହେଉଛି ଦୁର୍ଗା ଓ କାଳୀ। ମା'ମଙ୍ଗଳାଙ୍କ ସିଂହାସନରେ ମା'ଙ୍କ ଚଳନ୍ତି ପ୍ରତିମା ସହିତ କନକଦୁର୍ଗା ମଧ୍ୟ ପୂଜା ପାଇ ଆସୁଛନ୍ତି। ଦଶହରାର ଶାରଦୀୟ ପାର୍ବଣ ପୂଜା ମଙ୍ଗଳାମନ୍ଦିରର ଏକ ବିଶିଷ୍ଟ ପର୍ବ। ଏହି ସମୟରେ ଏବଂ ବାସନ୍ତିକ ମଧୁ ପାର୍ବଣ ସମୟରେ ମା' ଷୋଡ଼ଶ ଉପଚାର ପୂଜା ପାଇଥାନ୍ତି। ଦେବୀ ପୁରାଣରେ ବର୍ଣ୍ଣିତ ହୋଇଛି ମଙ୍ଗଳା, ଦୁର୍ଗା, କାଳୀ ଆଦିମାତାଙ୍କ ବିଭିନ୍ନ ରୂପ ମାତ୍ର। ଚୈତ୍ରମାସର ତୃତୀୟ, ଚତୁର୍ଥ ଓ ପଞ୍ଚମ ମଙ୍ଗଳବାର ରାତିରେ ମା'ମଙ୍ଗଳାଙ୍କ ମନ୍ଦିରରେ କାଳିକା ନୃତ୍ୟ ଅନୁଷ୍ଠିତ ହୋଇଥାଏ। ମାତୃଭକ୍ତମାନଙ୍କୁ କାଳିକା ନୃତ୍ୟ ମାଧ୍ୟମରେ ଜଣାଇ ଦିଆଯାଇଥାଏ କି ଯିଏ ମଙ୍ଗଳା ସେ ହିଁ ଦୁର୍ଗା ଏବଂ ସେ ହିଁ କାଳୀ।


କାଳିକା ନୃତ୍ୟରତ ଜଣେ ସେବକ।

କାଳିକା ନୃତ୍ୟ ମଙ୍ଗଳା ମନ୍ଦିରର ଏକ ଅନନ୍ୟ ପରମ୍ପରା ଭାବେ ରହିଆସିଛି। ମା'ଙ୍କର ଜନୈକ ଖମାରେଇ ସେବକ ନିଜକୁ କାଳୀ ବେଶରେ ସଜ୍ଜିତ କରିବା ପରେ ହାତରେ ଖଣ୍ଡା ଧରି ପରଞ୍ଚିଯାଆନ୍ତି ମା'ମଙ୍ଗଳାଙ୍କ ନିକଟରେ। ସେଠାରେ ମା'ଙ୍କୁ ସ୍ତୁତି କରି ପୂଜାପଣ୍ଡାଙ୍କ ଠାରୁ ଆଜ୍ଞାମାଳ ପାଇବା ପରେ ସାଥୀସେବକଙ୍କ ଘଣ୍ଟର ତାଳରେ ଏବଂ ଜଣେ ସେବକ ଧରିଥିବା ବୃତ୍ତାକାର ବେତର ସୀମା ଭିତରେ ନୃତ୍ୟ କରିଥାନ୍ତି। ମନ୍ଦିର ପରିକ୍ରମା ପରେ ସେବକସାହିରେ ମଧ୍ୟ କାଳିକା ନୃତ୍ୟ କରିଥାନ୍ତି। ପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଚେତ ହୋଇପଡ଼ିଥାନ୍ତି। ଶେଷ ହୋଇଥାଏ କାଳିକା ନୃତ୍ୟ। ଏବେ କାଳିକା ନୃତ୍ୟ ପରିବେଷଣ କରୁଥିବା ରାଜକିଶୋର ସ୍ୱାଇଁ କୁହନ୍ତି, ଚୈତ୍ର ମାସ ଆରମ୍ଭ ଅର୍ଥାତ୍ ଦୋଳ ପୂର୍ଣ୍ଣିମାଠାରୁ ତାଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିଥାଏ। ଭକ୍ତି ଓ ନିଷ୍ଠାରେ ମାସଟି କାଟିବାକୁ ପଡେ। ପ୍ରତ୍ୟେକ ମଙ୍ଗଳବାର ଉପବାସ ରହିବା ସହିତ ମା'ଙ୍କୁ ଦର୍ଶନ, ସ୍ତୁତି କରି କେବଳ ପ୍ରସାଦ ଖାଇଥାନ୍ତି। କାଳୀ ବେଶ ହୋଇ ହାତରେ ଖଣ୍ଡା ଧରି ମା'ଙ୍କୁ ସ୍ତୁତି କରିବା ପରେ ଶରୀରରେ ଏକ ଅପୂର୍ବ ଶିହରଣ ଜାତ ହୋଇଥାଏ ଏବଂ ଅଚେତ ହେବା ପର୍ଯ୍ୟନ୍ତ ସେ କ'ଣ କରିଥାନ୍ତି ନିଜେ ବି ଜାଣି ପାରି ନ ଥାନ୍ତି। ମା'ଙ୍କ ପ୍ରତି ସମର୍ପଣ ଭାବ ରହିଲେ ସବୁ କାର୍ଯ୍ୟ ଭଲରେ ଭଲରେ ହୋଇଥାଏ ବୋଲି ସେ କହିଥିଲେ।

# ଝାମୁଯାତ୍ରା: ନିଆଁରେ ଚାଲି ୮ ଆହତ

**ପୁରୁଣା ଭୁବନେଶ୍ୱର,୧୫।୪ (ଡି.ଏନ୍.ଏ.):** ରବିବାର ଥିଲା ପଣା ସଂକ୍ରାନ୍ତି ତଥା ବିଭିନ୍ନ ଦେବାଦେବୀଙ୍କ ପୀଠରେ ଝାମୁଯାତ୍ରା। ରାଜଧାନୀ ଉପକଣ୍ଠ ମଗଲପୁର ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଲେଇଙ୍କ ପୀଠରେ ଝାମୁଯାତ୍ରା ଚାଲିଥିବା ବେଳେ ୭ଜଣ ଭକ୍ତ ଓ ମୁଖ୍ୟ କାଳିଶି ଆହତ ହୋଇଛନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ରବିବାର ଅପରାହ୍ନରେ ଏହି ଯାତ୍ରା ସମୟରେ ଭକ୍ତମାନେ ନିଆଁରେ ଚାଲିବା ପୂର୍ବରୁ ପୀଠର ମୁଖ୍ୟ କାଳିଶି ବାଙ୍ଗୁର ପ୍ରଧାନ ପ୍ରଥମେ ଚାଲିଥିଲେ। ଏଥିରେ ଗୋଟିଏଥର ଚାଲିବାପରେ ତାଙ୍କ ପାଦରେ ଫୋଟକା ହେବା ସହ ଦ୍ୱିତୀୟଥର ଚାଲିବାକୁ ଅକ୍ଷମ ହୋଇଥିଲେ। ପରେ ଶିବ ମହାରଣା, ପିଟେଇ ପରିଡ଼ା, ବାସୁ ପ୍ରଧାନ, ଶିବ ପ୍ରଧାନ, ଗଡୁ ପ୍ରଧାନ, ମୁନା ପ୍ରଧାନ ଓ ଚୁଙ୍ଗା ପ୍ରଧାନ ଚାଲି ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା ବୋଲି ସ୍ଥାନୀୟ ବାସିନ୍ଦା ଦୁଃଖିଶ୍ୟାମ ପରିଡ଼ା କହିଛନ୍ତି। ଏ ନେଇ ମୁଖ୍ୟ କାଳିଶି ପ୍ରଧାନ କୁହନ୍ତି, ୨୦ବର୍ଷ ପୂର୍ବରୁ ମା'ଙ୍କ ଏହି କାର୍ଯ୍ୟରେ ନିଜକୁ ସାମିଲ କରିଛି। ୧୦ବର୍ଷ ପୂର୍ବରୁ ଘଟ ଧରିବା ପରଠାରୁ ଏଭଳି ବ୍ୟତିକ୍ରମ କେବେ ହୋଇ ନ ଥିଲା। ନିଷ୍ଠା ଓ ସଂସ୍କାରରେ ତ୍ରୁଟି ପାଇଁ ଏଭଳି ବ୍ୟତିକ୍ରମ ଦେଖାଦେଇଥିବା ସେ କହିଛନ୍ତି। ଅନ୍ୟପକ୍ଷେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ପୂଜାବିଧି କାର୍ଯ୍ୟରେ କୌଣସି ବିଶୃଙ୍ଖଳା ହୋଇଥିବାରୁ ଏଭଳି ଘଟଣା ଘଟିଥିବା ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ଜଗବନ୍ଧୁ


ଦେବୀ


ସୁବ୍ରତ


ଏମ୍.ଏମ୍. ମଲ୍ଲିକ


ଜୟପ୍ରଭା


ଗୁଡ଼ି


ସନ୍ତୋଷ


ରେବତୀ



"ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଏବଂ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି।
- ଭଗବାନ ବୁଦ୍ଧ



## ସଂକ୍ଷେପରେ

### କେନାଲରୁ ଅଚିହ୍ନା ମୃତଦେହ ଉଦ୍ଧାର

**ନରାଜ/କଟକ ଅଫିସ,୧୫।୪:** ବାରଙ୍ଗ ଥାନା ଅନ୍ତର୍ଗତ ମଧୁବନ ଗ୍ରାମ ମଶାଣି ସମ୍ମୁଖ ପୁରୀ ମୁଖ୍ୟ କେନାଲରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ସୋମବାର ପୋଲିସ ଉଦ୍ଧାର କରିଛି। ପରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡ଼ିକାଲକୁ ପଠାଇଛି। ମୃତକଙ୍କ ବୟସ ୪୦ରୁ ୪୫ବର୍ଷ ମଧ୍ୟରେ ହେବ ବୋଲି ପୋଲିସ ଅନୁମାନ କରୁଛି। ଅପରାହ୍ନରେ କେତେଜଣ ପିଲା ଉକ୍ତ କେନାଲ ନିକଟରେ ଖେଳୁଥିଲେ। ଦୁର୍ଗନ୍ଧ ଆସିବାରୁ ପିଲାମାନେ ଖୋଜାଖୋଜି କରିବା ସହ କେନାଲର ଅପରପାର୍ଶ୍ୱରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ବାରଙ୍ଗ ଥାନା ଆଇଆଇସି ଶଶୀକାନ୍ତ ରାଉତ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ

**କଟକ ଅଫିସ,୧୫।୪:** ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ବ୍ୟାପକ ପ୍ରସାର ନିମନ୍ତେ ଆନ୍ତରିକ ଉଦ୍ୟମ ଲୋଡ଼ା। ଶ୍ରୀରାମ ନବମୀ ଅବସରରେ ସିଡିଏ ସ୍ଥିତ ଓମ୍ ସାଇ ଆରୋଗ୍ୟଧାମ ପରିସରରେ ନାଦ ନିନାଦ ଅନୁଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଶ୍ୟାମାମଣୀ ଦେବୀ, ସଙ୍ଗୀତଜ୍ଞ ପ୍ରସେନ୍‌ଜିତ ମହାନ୍ତି, ଗୀତିକବି ଗୌରୀ ପଟ୍ଟନାୟକ, ସାମ୍ବାଦିକ ସତ୍ୟ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶାସ୍ତ୍ରୀୟ ସଙ୍ଗୀତର ବହୁଳ ପ୍ରଚାର ପ୍ରସାର ଦିଗରେ ମତପୋଷଣ କରିଥିଲେ। ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଏ.ମହେଶ୍ୱର ରାଓ, ବିଶ୍ୱନାଥ ମିଶ୍ର, ଏ.ନାରାୟଣ ରାଓ, ସୁକାନ୍ତ ପ୍ରଧାନ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଡା. ଦୀପକ ରାଜ ଧନ୍ୟବାଦ ଦେଇଥିଲେ।

### ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର

**କଟକ ଅଫିସ, ୧୫।୪:** ଜଗତପୁରସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚ ଶିକ୍ଷାମନ୍ଦିର ପରିସରରେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ଅନୁଷ୍ଠାନ ପକ୍ଷରୁ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ, ମୁଖ୍ୟବକ୍ତା ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି ଉଦୟ କେଶରୀ ବର୍ମା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ନବୀନ କୁମାର ପାଠୀ, କବି ଅକ୍ଷୟ କୁମାର ବଳ ଯୋଗଦେଇ ଓଡିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ଉପରେ ଆଲୋକପାତ କରିଥିଲେ। ବିନୋଦିନୀ ମିଶ୍ର, ସନାତନ ନାୟକ, ସରୋଜିନୀ ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ମନୋରଞ୍ଜନ ପଣ୍ଡା ଓ ବିପଦ ବାନ୍ଧବ ମହାନ୍ତି କବିତା ସଂଯୋଜନା କରିଥିଲେ। କବି ମହେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଆଦିତ୍ୟ ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

### ଭାଜପାର ମିଶ୍ରଣ ପର୍ବ

**ନିଆଳି, ୧୫।୪ (ଡି.ଏନ୍.ଏ.):** ନିଆଳି ବ୍ଲକ ଅନ୍ତର୍ଗତ ରାଣିଓଳା ପଞ୍ଚାୟତର ବରଗୁଡିକୁଦ ଠାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଆଳି ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଛବି ମଲ୍ଲିକ, ରାଜ୍ୟ ପ୍ରବକ୍ତା ନ୍ୟାୟବ୍ରତ ରାଉତ, ଭାଜପା ନେତା ଅମିନ ସ୍ୱାଇଁ, ଅଭିମନ୍ୟୁ ସ୍ୱାଇଁଙ୍କ ଉପସ୍ଥିତିରେ ରାଣିଓଳା ପଞ୍ଚାୟତର ସମିତିସଭ୍ୟ ସୌମେନ୍ଦ୍ର ବିଶ୍ୱାଳ, ଛବି ପାତ୍ର, ରତିକାନ୍ତ ସ୍ୱାଇଁ, ଆର୍ତ୍ତତ୍ରାଣ ରାଉତ, ରବିକାନ୍ତ ପାତ୍ର, ନିଲୁ ମହାନ୍ତି, ସଂଗ୍ରାମ ରାୟଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଦଳରେ ଥିବା କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସମସ୍ତ ଭାଜପା କର୍ମୀ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଚେଷ୍ଟା ଜାରି ରଖିବେ ବୋଲି ଶପଥ ନେଇଥିଲେ।

# ରାଜନୈତିକ ଶତ୍ରୁତାକୁ ନେଇ ବୋମାମାଡ଼

**କଟକ ଅଫିସ, ୧୫।୪**

ରାଜନୀତିକୁ କେନ୍ଦ୍ରକରି ଦରଘାବଜାର ଥାନା ଅନ୍ତର୍ଗତ ତିନିକୋଣିଆ ବଗିଚା ଅଞ୍ଚଳରେ ଥିବା ଏକ ଲୁଗା ଦୋକାନ ଉପରକୁ ବୋମାମାଡ ହୋଇଥିବା ଅଭିଯୋଗ ହୋଇଛି। ସୋମବାର ଭୋର ପ୍ରାୟ ୪ଟା ୨୦ ମିନିଟ୍‌ରେ ଦୁଇ ଦୁର୍ବୃତ୍ତ ଏକ ବାଇକରେ ଆସି ଉକ୍ତ ଦୋକାନ ସମ୍ମୁଖରେ ପହଞ୍ଚିଥିଲେ। ପରେ ଦୋକାନ ଉପରକୁ ବୋମା ମାଡ କରି ପଳାଇ ଯାଇଥିଲେ। ଏହି ବୋମାମାଡରେ ଦୋକାନ ବାହାରେ ଲାଗିଥିବା ଏସି ବକ୍ସ ଏବଂ ସଟର ଭାଙ୍ଗି ଯାଇଛି। ଏ ନେଇ ଦୋକାନ ମାଲିକ ତଥା ପିପିସି ସମ୍ପାଦକ ଏବଂ କଟକ କଂଗ୍ରେସ କମିଟିର ମୁଖପାତ୍ର ଓଲିବି ପଟେଲ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ରବିବାର ରାତି ୧୦ଟା ୨୦ମିନିଟ୍‌ରେ ଏକ ଅଜଣା ନମ୍ବରରୁ ଓଲିବିଙ୍କ ପାଖକୁ ଫୋନ୍‌କଲ୍ ଆସିଥିଲା। ଉକ୍ତ ବ୍ୟକ୍ତି ଜଣଙ୍କ ନିଜକୁ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ ସମର୍ଥକ ବୋଲି ପରିଚୟ ଦେଇଥିଲେ। ମୋକିମ ଭାଇଙ୍କୁ ଏଥର ଜିତାଇଦିଅ, ନ ହେଲେ ଅସୁବିଧାରେ ପଡିବ ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଭୋର ସମୟରେ ଦୁର୍ବୃତ୍ତମାନେ ବୋମାମାଡ କରି ପଳାଇ ଯାଇଥିଲେ। ବୋମାମାଡ ଶବ୍ଦ ଶୁଣି ଲୋକମାନେ ଦୋକାନ ପାଖରେ ପହଞ୍ଚିବା ସହ ଓଲିବିଙ୍କୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋମାରେ ବ୍ୟବହୃତ ହୋଇଥିବା ଲୁହାକଣ୍ଟା, ବାରୁଦ ଓ ସୁତୁଲିକୁ ଜବତ କରିଥିଲା। ଘଟଣା ସମ୍ପର୍କରେ ମୋକିମଙ୍କୁ ପଚାରିବାରୁ ସେ କହିଥିଲେ, ଏ କଥା ମୁଁ ଜାଣିନାହିଁ। ମୋ ନାଁ କିଏ କାହିଁକି କେଉଁ ଉଦ୍ଦେଶ୍ୟରେ କହୁଛି ସେ କଥା ମଧ୍ୟ ମୋତେ ଜଣାନାହିଁ। ପୋଲିସ ତଦନ୍ତ କରି ଯିଏ ଦୋଷୀ ତା' ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଅନ୍ୟପକ୍ଷରେ ଦରଘାବଜାର ଥାନା ଆଇଆଇସି ପ୍ରଦୀପ କୁମାର ଜେନା କହିଥିଲେ, ଅଭିଯୋଗକୁ ଆଧାର କରି ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।




ବୋମାମାଡ଼ରେ ଭାଙ୍ଗିଯାଇଥିବା ଏସି।



ଜବତ ଲୁହାକଣ୍ଟା, ସୁତୁଲି ଓ ଅନ୍ୟ ସାମଗ୍ରୀ।

- ଲୁଗାଦୋକାନ ସଟ୍‌ର, ଏସି ବକ୍ସ ଭାଙ୍ଗିଯାଇଛି
- ଲୁହାକଣ୍ଟା, ବାରୁଦ, ସୁତୁଲି ଜବତ
- ପୋଲିସ ତଦନ୍ତ ଆରମ୍ଭ



ସିଡ଼ିଏ ସେକ୍ଟର-୭ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବାରବାଟୀ-କଟକ ଭାଜପା ନିର୍ବାଚନ ଇସ୍ତାହାରକୁ ନେତୃବୃନ୍ଦମାନେ ଉନ୍ମୋଚନ କରୁଛନ୍ତି।

■ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲା

## ସତ୍ୟପାଠ ଦାଖଲ କଲେ ଆମିକସ୍ କ୍ୟୁରୀ

**କଟକ ଅଫିସ, ୧୫।୪**

ପୁରୀ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ଉକ୍ତ ମାମଲାରେ ଆମିକସ କ୍ୟୁରୀ ଏନ୍.କେ. ମହାନ୍ତି ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ସେ ସତ୍ୟପାଠରେ ଦର୍ଶାଇଛନ୍ତି, ନାଟମଣ୍ଡପ ମରାମତି ପୂର୍ବରୁ ଶ୍ରୀମନ୍ଦିର ସ୍ଥିତି ଜାଣିବା ପାଇଁ ବିଶେଷଜ୍ଞମାନଙ୍କ ପରାମର୍ଶ କ୍ରମେ ସେନ୍‌ସର ଲଗାଯାଇଥିଲା। ମାତ୍ର ସେନ୍‌ସର କାମ କରୁ ନ ଥିବାରୁ ସ୍ଥିତି ସମ୍ପର୍କିତ ରିପୋର୍ଟ ମିଳିପାରି ନ ଥିଲା। ଗତ ୧୦ ତାରିଖରେ ବିଶେଷଜ୍ଞମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ୧ ମାସ ମଧ୍ୟରେ ଏହି ସେନ୍‌ସର ସଜଡ଼ା ଯିବ। ସେନସର କାର୍ଯ୍ୟକ୍ଷମ ହେବା ପରେ ମନ୍ଦିରର ବାସ୍ତବ ସ୍ଥିତି ସମ୍ପର୍କିତ ରିପୋର୍ଟ ଆସିବ। ଉକ୍ତ ରିପୋର୍ଟ ଅନୁଯାୟୀ ମରାମତି କାର୍ଯ୍ୟ କରାଯିବ। ସୂଚନାଥାଉ କି, ଏଥିପୂର୍ବରୁ ନାଟମଣ୍ଡପ ମରାମତି ନେଇ ଏଏସ୍‌ଆଇ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ଉକ୍ତ ସତ୍ୟପାଠକୁ ମରାମତି କାର୍ଯ୍ୟ ତଦାରଖ ନିମନ୍ତେ ନିଯୁକ୍ତ ହୋଇଥିବା ଆମିକସ୍ କ୍ୟୁରୀ ମହାନ୍ତି ବିରୋଧ କରିଥିଲେ। ଆମିକସ୍ କ୍ୟୁରୀ ଯୁକ୍ତିରେ ଦର୍ଶାଇଥିଲେ ଯେ, ଏଏସ୍‌ଆଇ ଯେଉଁ ସତ୍ୟପାଠ ଦାଖଲ କରିଛି ତାହା ଅସତ୍ୟ। କାରଣ ନାଟମଣ୍ଡପର ମରାମତି କାର୍ଯ୍ୟ ଆଦୌ କରାଯାଉନାହିଁ। ଆମିକସ୍‌କ୍ୟୁରୀଙ୍କ ଯୁକ୍ତି ଶୁଣିବା ପରେ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆମିକସ୍ କ୍ୟୁରୀଙ୍କୁ ସତ୍ୟପାଠ ଦାଖଲ କରିବା ନିମନ୍ତେ ଆଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ଯୁବତୀଙ୍କୁ ଅସଦାଚରଣ, ୪ ଗିରଫ

**ପାତ୍ରପଡ଼ା,୧୫।୪(ଡି.ଏନ୍.ଏ.)**

ଖଣ୍ଡଗିରି ଥାନା ଅଧୀନ ଜାଗମରା-ଡୁମଡୁମା ରାସ୍ତାରେ ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ସୋମବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲେଶ୍ୱର ଅଞ୍ଚଳର ହୃଦୟାନନ୍ଦ ଡଗର, ଚନ୍ଦକା ଅଞ୍ଚଳର ସଞ୍ଜୟ କୁମାର ବେହେରା, ଡୁମଡୁମା ଅଞ୍ଚଳର ଲକ୍ଷ୍ମୀକାନ୍ତ ପ୍ରଧାନ ଓ ଭରତପୁର ଅଞ୍ଚଳର ସୁଦୀପ କୁମାର ଦାସ। ସୂଚନା ଅନୁଯାୟୀ, ଗତ ରବିବାର ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ଜାଗମରା ଅଞ୍ଚଳର ଜଣେ ଯୁବତୀ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ କମେଣ୍ଟ ମାରିବା ସହ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୧୨/୧୯)ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

## ବିଜେଡି ରୋଡ୍ ଶୋ'କୁ ବିରୋଧ

**ବାରଙ୍ଗ,୧୫।୪(ଡି.ଏନ.ଏ.)**

ସାଧାରଣ ନିର୍ବାଚନକୁ ଆଉ ଅଳ୍ପ ଦିନ ବାକି ଥିବାବେଳେ ଭୁବନେଶ୍ୱର ଉତ୍ତର ନିର୍ବଚାନମଣ୍ଡଳୀରେ ବିଭିନ୍ନ ଦଳୀୟ ପ୍ରାର୍ଥୀମାନେ ଭୋଟରମାନଙ୍କୁ ମନେଇବାକୁ ଲାଗି ପଡ଼ିଛନ୍ତି। ସୋମବାର ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ ରାଉତଙ୍କ ରୋଡ ଶୋ' ଚାଲିଥିବାବେଳେ କେତେଜଣ ଦଳୀୟ କର୍ମୀ ବିରୋଧ କରିଥିବାର ଦେଖିବାକୁ ମିଳିଥିଲା। ଏହି ନିର୍ବାଚନମଣ୍ଡଳୀରେ ରଘୁନାଥପୁର, କଳାରାହଙ୍ଗ, ବରିମୁଣ୍ଡ, ଦାଢ଼ା ଓ କଲ୍ୟାଣପୁର ଆଦି ୫ଟି ପଞ୍ଚାୟତବାସଙ୍କ ନିର୍ଣ୍ଣାୟକ ଭୋଟ ରହିଥିବାରୁ ସମସ୍ତ ପ୍ରାର୍ଥୀଙ୍କ ନଜର ଏହା ଉପରେ ରହିଛି। ସୋମବାର କଂଗ୍ରେସ ଓ ବିଜେଡି ପକ୍ଷରୁ ରୋଡ ଶୋ' ହୋଇଥିଲା। ପ୍ରଥମେ ବିଜେଡି ପ୍ରାର୍ଥୀ ସୁଶାନ୍ତ କଳାରାହଙ୍ଗ ଗ୍ରାମର ଜଳେଶ୍ୱର ମନ୍ଦିରଠାରୁ ରୋଡ ଶୋ' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶୋଭାଯାତ୍ରାରେ ୩ଶହରୁ ଊର୍ଦ୍ଧ୍ୱ ବାଇକ ସାମିଲ ହୋଇ ଯାଉଥିବାବେଳେ କଳାରାହଙ୍ଗ ପଞ୍ଚାୟତର କେତେଜଣ ଜନପ୍ରତିନିଧି ଏହାକୁ ବିରୋଧ କରିବାସହ ସେମାନଙ୍କୁ ଅଣଦେଖା କରିଥିଲେ। ଏହାସହ ରୋଡ ଶୋ'ରେ ସାମିଲ ଥିବା କର୍ମମାନଙ୍କ ସହ ଧସ୍ତାଧସ୍ତି ମଧ୍ୟ ହୋଇଥିଲେ। କିନ୍ତୁ ପ୍ରାର୍ଥୀ ସୁଶାନ୍ତଙ୍କ କର୍ମୀ ଏହି ବିରୋଧକୁ ଭ୍ରୁକ୍ଷେପ ନ କରି ଆଗକୁ ଯିବାସହ ବରିମୁଣ୍ଡ, କଳାରାହଙ୍ଗ ଓ କଲ୍ୟାଣପୁର ପଞ୍ଚାୟତର ଗ୍ରାମକୁ ପରିକ୍ରମା କରିଥିବାବେଳେ ରଘୁନାଥପୁର ଓ ଦାଢ଼ା ପଞ୍ଚାୟତକୁ ରାଲି ଯାଇ ନଥିଲା। ସେହିଭଳି କଂଗ୍ରେସ ବିଧାୟକ ପ୍ରାର୍ଥୀ ଇତିଶ ପ୍ରଧାନ କଳାରାହଙ୍ଗ ଫୁଟବଲ ପଡ଼ିଆରେ କର୍ମୀମାନଙ୍କ ଗହଣରେ ଏକାଠି ହୋଇ ଘରେ ଘରେ ବୁଲି ନିଜ ସପକ୍ଷରେ ଭୋଟ ଭିକ୍ଷା କରି ଫେରିଛନ୍ତି।

## ବର୍ଷବରଣ ଉତ୍ସବ

**କଟକ ଅଫିସ, ୧୫।୪**

ନବବର୍ଷ ସମିତି ଆନୁକୂଲ୍ୟରେ ୮୫ତମ ବଙ୍ଗୀୟ ନବବର୍ଷ ବର୍ଷ ବରଣ ଉତ୍ସବ କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପଦ୍ମଶ୍ରୀ ଡି. ପ୍ରକାଶ ରାଓ, ସମିତିର ସଭାପତି ଅମର ସାହା, ସାଧାରଣ ସମ୍ପାଦକ ସୁଜିତ ଘୋଷ, କୋଷାଧ୍ୟକ୍ଷ ତରୁଣ କୁମାର ମାଇତି, ଅଭିଶେଖ ଚକ୍ରବର୍ତ୍ତି ଏବଂ ଗୋପାଳ ସୁର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ଏବଂ କଲିକତାର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୁରୁଦାସ ଚକ୍ରବର୍ତ୍ତୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଡ. ଅଜିତ କୁମାର ବୋଷ, ଯନ୍ତ୍ରଶିଳ୍ପୀ ଗଣେଶ ଚନ୍ଦ୍ର ଦାସ ଓ ବ୍ୟବସାୟୀ ଗୋପାଳ ଚନ୍ଦ୍ର ସୁରଙ୍କୁ ବଙ୍ଗୀୟ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମିତିର ଉପସଭାପତି ଇନ୍ଦ୍ରଜିତ ସେନଗୁପ୍ତା, ଶ୍ରୀଦେବ ଦତ୍ତ, ଉତ୍ତମ ଦେ, ପରିଚାଳନା ସମ୍ପାଦକ ପୀନାକି ଦତ୍ତ, ଭିକି ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ସମୀର ଦେ, କଟକ ନଗର କଂଗ୍ରେସ କମିଟି ସଭାପତି ମହମ୍ମଦ ମୋକିମ ସଭାରେ ଉପସ୍ଥିତ ରହି ସମସ୍ତଙ୍କୁ ବଙ୍ଗୀୟ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ।




ଉତ୍ସବରେ କଣ୍ଠଶିଳ୍ପୀ ସୁଶ୍ରୀ ପାୟଲ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଲାଞ୍ଚ ମାମଲା: ବରିଷ୍ଠ କିରାଣିଙ୍କୁ ଜେଲଦଣ୍ଡ

**କଟକ ଅଫିସ, ୧୫।୪**

ବୌଦ୍ଧ ଜିଲା ହରଭଙ୍ଗା ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ବିରୂପାକ୍ଷ ମିଶ୍ର ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ତାଙ୍କ ବିରୋଧରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୩୬/୨୦୧୬) ରୁଜୁ ହୋଇଥିଲା। ମାମଲାର ବିବରଣୀ ଅନୁଯାୟୀ, ମିଶ୍ର ବୌଦ୍ଧ ଥାନା ଅଧୀନ ନୂଆପଡ଼ା ଗ୍ରାମର ଉମେଶ ପାତ୍ର ନାମକ ବ୍ୟକ୍ତିଙ୍କଠାରୁ ୧ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଉମେଶଙ୍କୁ ଏକ ଘରବାଡ଼ି ପଟ୍ଟା କରାଇଦେବା ପାଇଁ ମିଶ୍ର ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ମାମଲାର ଚାର୍ଜଶିଟ କରାଯାଇ ତାହା କୋର୍ଟଙ୍କ ବିଚାରାଧୀନ ଥିଲା। ସୋମବାର ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଅଭିଯୁକ୍ତ ମିଶ୍ରଙ୍କୁ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ଦଣ୍ଡିତ କରିଛନ୍ତି। ଗୋଟିଏ ଧାରାରେ ମିଶ୍ରଙ୍କୁ ୨ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ରାୟରେ କୁହାଯାଇଛି। ସେହିପରି ଅନ୍ୟ ଏକ ଧାରା ଅନୁଯାୟୀ, ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ସଶ୍ରମ ଜେଲ୍ ଦଣ୍ଡ ଦିଆଯାଇଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକକାଳୀନ ଲାଗୁ କରାଯିବ ବୋଲି ରାୟରେ କୁହାଯାଇଛି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେଶ କୁମାର ମହାପାତ୍ର ମାମଲା ପରିଚାଳନା କରୁଥିଲେ।



କଟକ ପୁରୀଘାଟସ୍ଥିତ ଦେବୀଗଡା କାଠଯୋଡି ନଦୀରେ ବିସର୍ଜନ ପାଇଁ ବାହାରିଥିବା ବାସନ୍ତିକ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା।

■ ମାଲକାନଗିରି ଶିଶୁମୃତ୍ୟୁ ମାମଲା

## ଖର୍ଚ୍ଚର ହିସାବ ମାଗିଲେ ହାଇକୋର୍ଟ

**କଟକ ଅଫିସ, ୧୫।୪**

ମାଲକାନଗିରି ଜିଲାରେ ୨୦୦୭-୦୮ରୁ ୨୦୧୧-୧୨ ମଧ୍ୟରେ ପୁଷ୍ଟିହୀନତା ଓ ଅନ୍ୟାନ୍ୟ ରୋଗରେ ୭ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଛି। ଏହି ଶିଶୁମୃତ୍ୟୁର କାରଣ ଖୋଜିବା ପାଇଁ ସରକାର ବିଶେଷଜ୍ଞ ଦଳ ନିଯୁକ୍ତି କରିବା ସହିତ ପୁଷ୍ଟିହୀନତା ଓ ରୋଗ ସଂକ୍ରମଣକୁ ରୋକିବା ପାଇଁ ଅନେକ ପଦକ୍ଷେପ ନେଇଥିବା କହିଛନ୍ତି। ଏହାକୁ ନେଇ ଆଡଭୋକେଟ ପ୍ରବୀର ଦାସଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ହାଇକୋର୍ଟ ସରକାରଙ୍କୁ ଅପପୁଷ୍ଟି ସହିତ ରୋଗ ସଂକ୍ରମଣକୁ ରୋକିବା କ୍ଷେତ୍ରରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ତାହାର ହିସାବ ମାଗିଛନ୍ତି। ଆସନ୍ତା ମେ' ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ମାଲକାନଗିରି ଜିଲାରେ ୨୦୦୭ରୁ ୨୦୧୨ ମସିହା ମଧ୍ୟରେ ୭୪୦୦ ଶିଶୁଙ୍କ ମୃତ୍ୟୁ ଘଟିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଥିଲା। ମୃତ୍ୟୁବରଣ କରିଥିବା ଶିଶୁମାନଙ୍କ ବୟସ ଜନ୍ମରୁ ୬ ବର୍ଷ ମଧ୍ୟରେ ଥିଲା। ଅଧିକାଂଶ ଶିଶୁ ଅପପୁଷ୍ଟି ଓ ପ୍ରତିରୋଧ ନିବାରକ ରୋଗ (ପ୍ରିଭେଣ୍ଟେବୁଲ ଡିଜିଜ୍)ର ଶିକାର ହୋଇଥିଲେ। ତଥ୍ୟ ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୯୬୮, କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪୧୧, ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧୬୬ ଓ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୬୮ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଆବେଦନକାରୀ ଆଡଭୋକେଟ ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

## ବିଜ୍ଞାନ ଗବେଷଣାରେ ବୈଜ୍ଞାନିକଙ୍କ ଦୃଷ୍ଟି ନିର୍ଲିପ୍ତ

**କଟକ ଅଫିସ, ୧୫।୪**

କଳା ଓ ବିଜ୍ଞାନ ସତ୍ୟର ଆବିଷ୍କାର ପାଇଁ ସର୍ବଦା କ୍ରିୟାଶୀଳ। କଳା ଓ ସାହିତ୍ୟରେ ସୃଷ୍ଟି ସହ ସ୍ରଷ୍ଟା ଏକାତ୍ମ ହୋଇଥାଏ। ଏହି ଏକାତ୍ମତାରୁ ଜନ୍ମନିଏ ଅନନ୍ୟତା। ବିଜ୍ଞାନ ଗବେଷଣାରେ ବୈଜ୍ଞାନିକଙ୍କ ଦୃଷ୍ଟି ନିର୍ଲିପ୍ତ। ବିଜ୍ଞାନର ଆବିଷ୍କାରରେ ଏକରୂପତା ଥାଏ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମରେ 'ସୃଜନର ଉନ୍ମେଷରେ କଳା ଓ ବିଜ୍ଞାନ' ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରି ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟ ସମାଲୋଚକ ଡ. ବସନ୍ତ କୁମାର ପଣ୍ଡା କହିଛନ୍ତି। ସୋମବାର ସନ୍ଧ୍ୟାରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ମୀନାକ୍ଷୀ ଦେବୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଗାୟତ୍ରୀ ଦେବୀ ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାରେ କବି ଶୈଳଜ ରବି, ଡ. ସୁନାମଣି ରାଉତ, ଅଧ୍ୟାପକ ଅକ୍ଷୟ କୁମାର ଭଦ୍ର ଓ ତ୍ରିଲୋଚନ ମହାକୁଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମକୁ ଡ. ବସନ୍ତ କୁମାର ପଣ୍ଡା ଉଦ୍‌ଘାଟନ କରୁଛନ୍ତି।

# ବିଜେଡି, ଭାଜପା କଡ଼ା ଟକ୍କର

**ରଞ୍ଜନ କୁମାର ପ୍ରଧାନ**
**ନୟାଗଡ଼ ଅଫିସ,୧୫।୪**

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଆସନ୍ତା ୧୮ତାରିଖରେ ନିର୍ବାଚନ ହେବ। ନୂଆଗାଁ ବ୍ଲକର ୨୨, ଦଶପଲ୍ଲା ବ୍ଲକର ୨୦, ଗଣିଆ ବ୍ଲକର ୮ ପଞ୍ଚାୟତ ଓ ଦଶପଲ୍ଲା ଏନ୍‌ଏସିକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ନିର୍ବାଚନ ପାଇଁ ଉଭୟ ଭାଜପା ଓ ବିଜେଡି ହାଇଭୋଲଟେଜ୍ ପ୍ରଚାର ଚଳାଇଥିବାବେଳେ କଂଗ୍ରେସ ଏଥିରେ ପଛରେ ପଡ଼ିଯାଇଛି। ଭାଜପାର ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଶପଲ୍ଲା ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଗତ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଶପଲ୍ଲା ଗାନ୍ଧୀ ମଇଦାନରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଜଣେ ମହିଳାଙ୍କୁ ମିଶାଇ ୭ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ହେଲେ ବର୍ତ୍ତମାନର ସ୍ଥିତି ଦେଖିଲେ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେବା ଆଲୋଚନା ହେଉଛି। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ କୁମାର ନାୟକଙ୍କ ଘର ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ହୋଇଥିବାରୁ ଏଠାରୁ ସେ କିଛି ଭୋଟ ପାଇପାରନ୍ତି। ସେହିଭଳି କଂଗ୍ରେସର ପାରମ୍ପରିକ ଭୋଟ ତାଙ୍କୁ ମିଳିପାରେ। ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ଭାଜପାରେ ମିଶି ବିଧାୟକ ପ୍ରାର୍ଥୀ ହୋଇଛନ୍ତି।


ରମେଶ ଚନ୍ଦ୍ର ବେହେରା


ପ୍ରଶାନ୍ତ କୁମାର ନାୟକ


ପୂର୍ଣ୍ଣଚନ୍ଦ୍ର ନାୟକ

ନିଜ ଜାତିର ପାଖାପାଖି ୩୦ ହଜାର ଭୋଟ ଉପରେ ସେ ଭରସା ରଖିଛନ୍ତି। ଗତଥର ଭାଜପା ତୃତୀୟ ସ୍ଥାନରେ ଥିଲା। ବର୍ତ୍ତମାନ ସବୁଠି ପରିବର୍ତ୍ତନର ସ୍ୱର ଶୁଭୁଥିବାରୁ ପୂର୍ଣ୍ଣଚନ୍ଦ୍ର ବିଜୟୀ ହେବା ଆଶା ରଖିଛନ୍ତି। ଅନ୍ୟପକ୍ଷେ ସରକାରୀ ଚାକିରି ଛାଡ଼ି ରାଜନୀତିରେ ପାଦ ରଖିଥିବା ରମେଶ ଚନ୍ଦ୍ର ବେହେରା ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଳେ ଦଳୀୟ ହାୱା ଯୋଗୁ ସେ ଜିତିବା ପାଇଁ ଆଶା ବାନ୍ଧିଛନ୍ତି। ରମେଶ ଦଶପଲ୍ଲାର ବିଜେଡି ନେତାମାନଙ୍କୁ ଏକାଠି କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି। ବିଭିନ୍ନ ଗ୍ରାମକୁ ଯାଇ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ବିଷୟରେ କହୁଛନ୍ତି।

୧୦ବର୍ଷ ହେଲା ବିଜେଡି ଗଡ଼ ଭାବେ ପରିଗଣିତ ଦଶପଲ୍ଲା ନିର୍ବାଚନମଣ୍ଡଳୀ ଏଥର ଗଡ଼ ରକ୍ଷା କରିପାରିବ ନା ଏହା ଭାଜପା ଅକ୍ତିଆରକୁ ଚାଲିଯିବ ତାହାକୁ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି। ସରିଗଣ୍ଡା ପଞ୍ଚାୟତ ବଡ଼କାମେଟି ଗ୍ରାମର ସାରଥି କଅଁରଙ୍କ କହିବା କଥା, ପ୍ରତିଥର ଆମେ ଭୋଟ ଦେଉଛୁ, ହେଲେ ଗ୍ରାମରେ କୋଠ ଘରଟିଏ ହୋଇପାରିନାହିଁ। ଭୋଗବାଡ଼ି ପଞ୍ଚାୟତ ଟାଙ୍ଗିସାହର କେତେଜଣ ଲୋକଙ୍କ କହିବା କଥା, ବର୍ତ୍ତମାନ ଗ୍ରାମରେ ପରିବର୍ତ୍ତନର ସ୍ୱର ଶୁଭୁଛି। ଗ୍ରାମରେ ୨୨ ପରିବାର ଥିବାବେଳେ ମାତ୍ର ୨ ପରିବାରଙ୍କୁ କାଳିଆ ଯୋଜନାରେ ଟଙ୍କା ମିଳିଛି। ସେହିଭଳି ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରଟିଏ ମଧ୍ୟ ନାହିଁ। ବିଭିନ୍ନ ପ୍ରସଙ୍ଗ ଉଠାଉଥିବା ବେଳେ ପ୍ରାର୍ଥୀମାନେ ଏହା ସମାଧାନ କରିବାକୁ ପ୍ରତିଶ୍ରୁତି ଦିଅନ୍ତି, ହେଲେ ନିର୍ବାଚନ ପରେ ସବୁ ଭୁଲିଯାଉଥିବା କହନ୍ତି ଭୋଟରମାନେ।

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପୂର୍ଣ୍ଣଚନ୍ଦ୍ର ନାୟକ | ୭୫,୮୩୨ |
| କଂଗ୍ରେସ | ଇନ୍ଦୁମତୀ ନାୟକ | ୧୮,୫୦୫ |
| ଭାଜପା | ପ୍ରମୋଦ କୁମାର ବେହେରା | ୧୬,୦୫୩ |

| ୨୦୧୯ର ପ୍ରାର୍ଥୀ | |
|---|---|
| ବିଜେଡି | ରମେଶ ଚନ୍ଦ୍ର ବେହେରା |
| ଭାଜପା | ପୂର୍ଣ୍ଣଚନ୍ଦ୍ର ନାୟକ |
| କଂଗ୍ରେସ | ପ୍ରଶାନ୍ତ କୁମାର ନାୟକ |
| ଏନ୍‌ସିପି | ବେଣୁଧର ନାୟକ |
| ସମତା କ୍ରାନ୍ତି ଦଳ | ତ୍ରିନାଥ ନାୟକ |
| ବିଏସ୍‌ପି | ଦେବରାଜ ନାୟକ |
| ସ୍ୱାଧୀନ | ବିଷ୍ଣୁପ୍ରିୟା ଦାଶ |

**ଦଶପଲ୍ଲା ନିର୍ବାଚନମଣ୍ଡଳୀ**

ମୋଟ ଭୋଟର ସଂଖ୍ୟା **୧,୮୯,୬୩୦**
ପୁରୁଷ ଭୋଟର **୯୮,୮୬୨**
ମହିଳା ଭୋଟର **୯୦,୭୫୩**
ମୋଟ ବୁଥ୍ ସଂଖ୍ୟା **୨୩୪**
ଅନ୍ୟାନ୍ୟ ଭୋଟର **୧୫**
ଦିବ୍ୟାଙ୍ଗ ଭୋଟର **୩୩୯୧**
ଭିଆଇପି ଭୋଟର **୩**

# ସ୍ୱାମୀଙ୍କ ସହ ଲଢୁଛନ୍ତି ସ୍ତ୍ରୀ

## ଆସିକା ଲୋକ ସଭା, ୫ ବିଧାନସଭା ଆସନରେ ୯ ମହିଳା ପ୍ରାର୍ଥୀ

**ବ୍ରହ୍ମପୁର ଅଫିସ,୧୫।୪**

ଗଞ୍ଜାମ ଜିଲା ପୋଲସରା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନର ବିଧାୟକ ଶ୍ରୀକାନ୍ତ ସାହୁ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ତାଙ୍କ ସ୍ତ୍ରୀ ଗୋଲାପ ସାହୁ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ଆସିକା ଲୋକ ସଭା ଓ ୫ ବିଧାନସଭା କ୍ଷେତ୍ରରେ ଏଥର ୯ ମହିଳା ପ୍ରାର୍ଥୀ ଅଛନ୍ତି। ତେବେ ସ୍ୱାମୀ ଓ ସ୍ତ୍ରୀଙ୍କ ନିର୍ବାଚନ ଲଢ଼େଇ ରୋଚକ ହୋଇଛି। ଆସନ୍ତା ୧୮ତାରିଖରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆସିକା ଲୋକ ସଭା ଆସନରେ ୮ ପ୍ରାର୍ଥୀଙ୍କ ମଧ୍ୟରେ ଦୁଇ ମହିଳା ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭାଜପାର ଅନୀତା ଶୁଭଦର୍ଶିନୀ ଓ ବିଜେଡିରୁ ପ୍ରମିଳା ବିଶୋୟୀ। ସେହିପରି ଏହି ସଂସଦୀୟ କ୍ଷେତ୍ର ଅଧୀନ ଖଲ୍ଲିକୋଟ ସେଗ୍‌ମେଣ୍ଟରେ ୩ ମହିଳା ନିର୍ବାଚନ ଲଢୁଥିବା ବେଳେ ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ଆସିକା ଓ ପୋଲସରାରୁ ଜଣେ ଲେଖାଏ ମହିଳା ପ୍ରାର୍ଥୀ ଅଛନ୍ତି।

ଗୋଲାପ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ ମଧ୍ୟ ପୋଲସରା ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ଲଢୁଥିବା ସ୍ୱାମୀ ଶ୍ରୀକାନ୍ତଙ୍କ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଛନ୍ତି। ଶ୍ରୀକାନ୍ତ ଦ୍ୱିତୀୟଥର ବିଜେଡି ଟିକେଟ ପାଇଛନ୍ତି। ବିଜେଡି ସରକାରଙ୍କ ବହୁମୁଖୀ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ସ୍ୱାମୀ ଓ ସ୍ତ୍ରୀ ଭୋଟରଙ୍କୁ ସଚେତନ କରାଉଛନ୍ତି। ସ୍ୱାଧୀନ ପ୍ରାର୍ଥୀ ହୋଇ ବିଜେଡିର କାହିଁକି ପ୍ରଚାର କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଶ୍ରୀକାନ୍ତଙ୍କ ନିର୍ବାଚନୀ କ୍ୟାମ୍ପେନରେ ଥିବା ଦଳର ବରିଷ୍ଠ ନେତା ଅଶୋକ ସ୍ୱାଇଁ କହିଛନ୍ତି, ଗୋଲାପ ବିଜେଡିର ଡମି ପ୍ରାର୍ଥୀ ଥିଲେ। ଭୁଲବଶତଃ ଶେଷ ଦିବସରେ ସେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରି ନ ଥିଲେ। ତେଣୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ରହିଛି।

ଅପରପକ୍ଷରେ ଲୋକ ସଭା କ୍ଷେତ୍ରର ୨ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରମିଳାଙ୍କ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାରାଥନ ପ୍ରଚାର କରିଛନ୍ତି। ଏସଏଚଜିର ଗାଉଁଲି ମହିଳା ପ୍ରମିଳାଙ୍କୁ ହେଲିକପ୍ଟରରେ ବସାଇ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ବୁଲାଇଛନ୍ତି। ସେହିପରି ଅନିତାଙ୍କ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ନେତାମାନେ ଘମାଘୋଟ ପ୍ରଚାର କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରୁ ଏହି ଲୋକ ସଭା ନିର୍ବାଚନମଣ୍ଡଳୀରେ ଖୋଲା ପ୍ରଚାର ଶେଷ ହେବ।

# ଚିକିଟିର ୫ ବୁଥ୍‌ରେ ସାନି ମତଦାନ ଦାବି

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଗଞ୍ଜାମ ଜିଲାର ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ ବୁଥ୍‌ରେ ସାନି ମତଦାନ କରିବାକୁ ଭାଜପା ଦାବି କରିଛି। ସେହି ବୁଥ୍‌ଗୁଡ଼ିକ ହେଲା ହରିପୁରର ୮୧ ନମ୍ବର, ଯାଟିପଦର ୮୨ ଓ ୮୩, ଗୋବିନ୍ଦଚନ୍ଦ୍ରପୁର ୧୩୮ ଏବଂ ମଇସାନପୁରର ୧୪୭ ବୁଥ୍। ବିଜେଡି କର୍ମକର୍ତ୍ତା ଏବଂ ନେତାମାନଙ୍କ ଦ୍ୱାରା ବୁଥ୍ ରିଗିଂ ଓ କ୍ୟାପ୍‌ଚରିଂ ହୋଇଥିବାରୁ ସେଠାରେ ସାନି ମତଦାନ କରିବାକୁ ରାଜ୍ୟ ଭାଜପା ପକ୍ଷରୁ ଏକ ଦାବିପତ୍ର ଭାରତର ମୁଖ୍ୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ଉଦ୍ଦେଶ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାରଙ୍କୁ ସୋମବାର ପ୍ରଦାନ କରାଯାଇଛି। ଚିକିଟିର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ ଉପରେ ବିଜେଡିର ଗୁଣ୍ଡମାନେ ଆକ୍ରମଣ କରିଥିଲେ। ସେଠାରେ ବୁଥ୍ ରିଗିଂ, କ୍ୟାପ୍‌ଚରିଂ, ପୋଲିଂ ଏଜେଣ୍ଟମାନଙ୍କୁ ବୁଥ୍ ଭିତରେ ପ୍ରବେଶ କରାଇ ନ ଦିଆଯିବା ସହ କେତେକ ସ୍ଥାନରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ପାରିନାହାନ୍ତି। ଏଣୁ ଉପରୋକ୍ତ ୫ ବୁଥ୍‌ରେ ସାନି ମତଦାନ ପାଇଁ ଭାଜପା ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ଥିଲେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଭାଜପା କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ରାଜ୍ୟ ଭାଜପା ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ।

## ଭାଜପା ନେତାଙ୍କୁ ହତ୍ୟାର ପ୍ରତିବାଦ

# ସିଇଓଙ୍କୁ ଫେରାଦ ହେଲା ଭାଜପା

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଶାସକ ଦଳର ପ୍ରାୟୋଜିତ ହିଂସା ରାଜ୍ୟରେ ଭୋଟରମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟିକରିଛି। ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ବିଧାୟକ ପ୍ରାର୍ଥୀ କାଳୁଚରଣ ଖଣ୍ଡେଇତରାୟଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ ଏବଂ ତାଙ୍କ ସମର୍ଥକ ତଥା ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ଗୁଳିକରି ହତ୍ୟା ପରେ ବି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ବିଜେଡିର ଗୁଣ୍ଡାମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ପୂର୍ବରୁ ଏଭଳି ହିଂସା ସମ୍ପର୍କରେ ଭାଜପା ପକ୍ଷରୁ ଅନେକଥର ଅଭିଯୋଗ ହେଲା ପରେ ବି ସିଇଓ କାହିଁକି ଚୁପ୍ ବସିଛନ୍ତି। ଏହା ବିରୋଧରେ ସୋମବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁହଁରେ କଳା ପଟି ବାନ୍ଧି ସିଇଓଙ୍କୁ ଭେଟିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

ଖୋର୍ଦ୍ଧାରେ ଭାଜପା ନେତା ମଙ୍ଗୁଳି ଜେନା ପାର୍ଟି ଅଫିସରୁ ଫେରୁଥିବାବେଳେ ବିଜୁ ଗୁଣ୍ଡାବାହିନୀ କାର୍ଯ୍ୟକର୍ତ୍ତାମାନେ ରବିବାର ରାତିରେ ଗୁଳି କରି ହତ୍ୟା କରିଛନ୍ତି। ସିଇଓଙ୍କ ନୀରବତା ଶାସକ ଦଳକୁ ଏବଂ ହିଂସାତ୍ମକ ଆଚରଣ କରୁଥିବା ବ୍ୟକ୍ତିଙ୍କୁ ଶକ୍ତି ଯୋଗାଉଛି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା। ବିଭିନ୍ନ ସ୍ଥାନରେ ବିଜେଡି ହାରିବା ଭୟରେ ବୁଥ୍ ରିଗିଂ, କ୍ୟାପ୍‌ଚରିଂ ସାଙ୍ଗକୁ ପୋଲିଂ ଏଜେଣ୍ଟମାନଙ୍କୁ ବୁଥ୍ ଭିତରେ ପ୍ରବେଶ କରାଇ ଦେଇ ନାହିଁ। କେତେକ ସ୍ଥାନରେ ବିଜୁ ଯୁବ ବାହିନୀର କର୍ମୀମାନେ ଭାଜପା ଏଜେଣ୍ଟମାନଙ୍କୁ ଭୟଭୀତ କରାଇଛନ୍ତି। ଶାସକ ଦଳର ଗୁଣ୍ଡା ଏବଂ ସରକାରୀ କଳର ଅପବ୍ୟବହାର କରି ବିଜେଡି ନିର୍ବାଚନକୁ ନିଜ ଅଧୀନରେ ରଖିବାକୁ ପ୍ରୟାସ କରିଛି। ଘସିପୁରାରେ ଭାଜପାର ଜଣେ କର୍ମକର୍ତ୍ତାଙ୍କୁ ହତ୍ୟା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଦିନ ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କୁ ଆକ୍ରମଣ କରାଯାଇଥିଲା। ଏଥିରେ କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ନିର୍ବାଚନର ଠିକ୍ ପୂର୍ବରୁ ଏପରି ହତ୍ୟାକାଣ୍ଡ ଅତ୍ୟନ୍ତ ନିନ୍ଦନୀୟ। ଶାସକ ଦଳର ଗୁଣ୍ଡା ନିର୍ବାଚନ ପରିଚାଳନାରେ ବିଶୃଙ୍ଖଳା ସୃଷ୍ଟି କରିଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା, ରିଗିଂ ଏବଂ କ୍ୟାପ୍‌ଚରିଂ ହୋଇଥିବା ବୁଥ୍‌ଗୁଡ଼ିକରେ ପୁଣି ଭୋଟ କରିବା ନେଇ ପ୍ରତିନିଧି ଦଳ ଦାବି କରିଛି।

ଏହି ପ୍ରତିନିଧି ଦଳରେ ଥିଲେ ରାଜ୍ୟ ଉପସଭାପତି ରମାରଞ୍ଜନ ବଳିଆରସିଂ, ଚିକିଟିର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ।

## ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ନିର୍ଣ୍ଣାୟକ ହୋଇପାରେ ଦଳ ବଦଳ ନେତାଙ୍କ ଭୂମିକା


ଦେବେଶ ଆଚାର୍ଯ୍ୟ


ଅଶ୍ୱିନୀ ଷଡ଼ଙ୍ଗୀ


ନିପନ ଦାଶ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ,୧୫।୪**

ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଦଳଗୁଡ଼ିକ ବିଜୟର ଆଶା ନେଇ ପ୍ରଚାରକୁ ଜୋରଦାର କରିଛନ୍ତି। ଆସନ୍ତା ୧୮ ତାରିଖରେ ଭୋଟ। ୧୬ ତାରିଖ ସନ୍ଧ୍ୟାରେ ସରିଯିବ ପ୍ରଚାର। ପ୍ରାର୍ଥୀମାନେ ଏବେ ଘରକୁ ଘର ଯାଇ ଭୋଟ ଭିକ୍ଷା କରୁଛନ୍ତି।

କଂଗ୍ରେସ ନିର୍ବାଚନ ଇସ୍ତାହାର ଅନୁଯାୟୀ କୃଷିଋଣ ଛାଡ଼, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୬୦୦ ଟଙ୍କାକୁ ବୃଦ୍ଧି, ପ୍ରତ୍ୟେକ ପରିବାରର ଜଣକୁ ଚାକିରି, ଚାଷୀଙ୍କୁ ମାଗଣାରେ ସୋଲାର ପମ୍ପ ଆଦି ପ୍ରତିଶ୍ରୁତି ନେଇ ଭୋଟରଙ୍କ ପାଖରେ ପହଞ୍ଚୁଥିବା ବେଳେ ଭାଜପା ବିଭିନ୍ନ କେନ୍ଦ୍ରୀୟ ଯୋଜନା, ରାଜ୍ୟ ସରକାରଙ୍କ ବିଫଳତା, ବେକାରି, ଚାଷୀ ସମସ୍ୟା, ଜଳସେଚନକୁ ମୁଖ୍ୟ ପ୍ରସଙ୍ଗ କରିଛି। ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ରାସ୍ତାଘାଟ, ସେତୁ ନିର୍ମାଣ ସହ ବିଭିନ୍ନ ଗ୍ରାମକୁ ସଂଯୋଗ ଭଳି ଅନେକ ବିକାଶମୂଳକ କାର୍ଯ୍ୟକୁ ନେଇ ବିଜେଡି ନେତାମାନେ ଭୋଟରମାନଙ୍କ ପାଖରେ ପହଞ୍ଚୁଥିବା ଦେଖିବାକୁ ମିଳିଛି। ୨୦୦୯ରେ କଂଗ୍ରେସ ଏହି ଆସନକୁ ନିଜ ଦଖଲକୁ ନେଇଥିଲା। ମାତ୍ର ତତ୍କାଳୀନ କଂଗ୍ରେସ ପ୍ରାର୍ଥୀ ସାଧୁ ନେପାକଙ୍କ ସମେତ ଭାଜପା ଛାଡ଼ିଥିବା ସୁବାସ ଚୌହାନ, ଦେବବ୍ରତ ମିଶ୍ର ଏବଂ ସମର୍ଥକମାନେ ଏବେ ବିଜେଡିରେ ସାମିଲ ହୋଇଛନ୍ତି। ଏହାକୁ ନେଇ ବିଜେଡି ସଙ୍ଗଠନ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇଛି ବୋଲି ଦଳୀୟ ନେତାମାନେ କହିଛନ୍ତି। ମାତ୍ର ସେମାନେ ଦଳ ଛାଡ଼ିବା ପରେ ମଧ୍ୟ ଭାଜପା କିମ୍ବା କଂଗ୍ରେସ ନିଜକୁ ଦୁର୍ବଳ ମଣୁନାହାନ୍ତି। ହେଲେ ଦଳ ବଦଳ କରିଥିବା ସେହି ନେତାଙ୍କ ଭୂମିକା ଏଥର ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଭାଜପା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ କୁହନ୍ତି, ଆମ ଦଳରେ କିଛି ଅନ୍ତର୍ଦ୍ୱନ୍ଦ୍ୱ ନାହିଁ। ଦଳ ଏବେ ସଙ୍ଗଠିତ ଅଛି। ଏହି ନିର୍ବାଚନମଣ୍ଡଳୀରେ ଭାଜପାର ଭୋଟ୍ ହାର ଯଥେଷ୍ଟ ପରିମାଣରେ ବଢ଼ିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକାରୀ ଯୋଜନା ଯୋଗୁ ଏଥର ଦଳ ନିଶ୍ଚୟ ବିଜୟ ଲାଭ କରିବ। କଂଗ୍ରେସ ପ୍ରାର୍ଥୀ ନିପନ ଦାଶଙ୍କ ମତରେ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ଆଦୌ କନ୍ଦଳ ନାହିଁ। ସମସ୍ତ କର୍ମୀ ଦଳ ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବହୁମୁଖୀ ଯୋଜନାର ଇସ୍ତାହାର ପ୍ରତି ଲୋକେ ଆକୃଷ୍ଟ ହେଉଛନ୍ତି। ସେଥିପାଇଁ ଏଠି ଦଳ ଜିତିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବହୁମୁଖୀ ବିକାଶ ହୋଇଛି। ଲୋକେ ମଧ୍ୟ ନବୀନଙ୍କ ପ୍ରତି ଆସ୍ଥା ରଖି ଦଳକୁ ଶାସନର ସୁଯୋଗ ଦେଇ ଆସିଛନ୍ତି। ଏଥର ମଧ୍ୟ ଦଳ ବିଜୟ ଲାଭ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଭୋଟର ଗାଇସୀମା ଗ୍ରାମର ଚୂଡ଼ାମଣି ପାଣ୍ଡେ କହିଛନ୍ତି, ତାଙ୍କ ଭୋଟ୍ ଦୁର୍ନୀତି, ଭ୍ରଷ୍ଟାଚାର ସରକାର ତଥା ପ୍ରାର୍ଥୀଙ୍କ ବିପକ୍ଷରେ ଯିବ। ଜଣେ ଭଲ ନେତାଙ୍କୁ ସେ ଭୋଟ ଦେବାକୁ ସ୍ଥିର କରିଛନ୍ତି। ବରଗଡ଼ର ସାମାଜିକ କର୍ମୀ ଶିବାନନ୍ଦ ମଟାରୀ କୁହନ୍ତି, ଯେଉଁ ପ୍ରାର୍ଥୀ ବରଗଡ଼ ଏବଂ ଦେଶର ବିକାଶ ପାଇଁ ଚିନ୍ତା କରୁଛନ୍ତି, ସେଭଳି ପ୍ରାର୍ଥୀଙ୍କ ସପକ୍ଷରେ ତାଙ୍କ ଭୋଟ ଯିବ। ପାର୍ଟି ନୁହେଁ, ପ୍ରାର୍ଥୀ ଦେଖି ସେ ମତଦାନ କରିବେ। ଏଭଳି ସ୍ଥିତିରେ ଏଠାରେ ନିର୍ବାଚନୀ ପାଣିପାଗ ରୋଚକ ସ୍ଥିତିରେ ପହଞ୍ଚିଛି। ନେତା ଓ କର୍ମୀ ଦଳ ଅଦଳବଦଳ କରୁଥିଲେ ମଧ୍ୟ ଭୋଟର ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ବିଜୟ କାହା ସପକ୍ଷରେ ଯିବ ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

| | |
|---|---|
| ମୋଟ ଭୋଟ ଗ୍ରହଣ କେନ୍ଦ୍ର | ୨୩୧ |
| ସମ୍ବେଦନଶୀଳ | ୩୧ |
| ଅଧିକ ସମ୍ବେଦନଶୀଳ | ନାହିଁ |
| ସାଧାରଣ | ୨୦୦ |

| ୨୦୧୪ ନିର୍ବାଚନ ଫଳାଫଳ | |
|---|---|
| ବିଜେଡି | ୫୯,୩୫୦ |
| କଂଗ୍ରେସ | ୪୬,୧୪୬ |
| ଭାଜପା | ୨୨,୭୦୭ |

ମୋଟ ଭୋଟର ସଂଖ୍ୟା **୨,୧୬,୩୫୮**
ମହିଳା ଭୋଟର **୧,୧୧,୯୪୫**
ପୁରୁଷ ଭୋଟର **୧,୦୪,୩୯୬**
ଅନ୍ୟାନ୍ୟ **୧୭**

**ବନ୍ଧବାହାଲରେ ଭାଜପାର ବିଜୟ ସଂକଳ୍ପ ସମାବେଶ**

# କେନ୍ଦ୍ରରେ ଭାଜପା ସରକାର ଗଢ଼ିବ: ଧର୍ମେନ୍ଦ୍ର

**ଲଖନପୁର,୧୫।୪(ଡି.ଏନ୍.ଏ.)**

ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ଧବାହାଲ ଧନୁଯାତ୍ରା ପଡ଼ିଆରେ ସୋମବାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଦଳର ହେଭିୱେଟ୍ ନେତା କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟରେ ଭାଜପା ସରକାର ଗଢ଼ିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଭାଜପା ସରକାର ଆସିଲେ ଭୁବନେଶ୍ୱର ସହିତ ଦିଲ୍ଲୀ ଯୋଡ଼ିହେବ। ଦଳର ଲୋକ ସଭା ଓ ବିଧାନସଭା ସଦସ୍ୟ ସିଧାସଳଖ କେନ୍ଦ୍ର ସରକାର ସହିତ ଯୋଡ଼ିହେବେ। ବିଜେଡି ସରକାରରେ ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଭାଜପା ସରକାର ଆସିଲେ ବଳାତ୍କାରୀମାନଙ୍କୁ ଫାଶୀଦଣ୍ଡ ଦିଆଯିବ। ଉଚ୍ଚଶିକ୍ଷିତା ଝିଅମାନଙ୍କୁ ସ୍କୁଟି, ଉଚ୍ଚଶିକ୍ଷା ପାଇଁ ୫୦ହଜାର ଟଙ୍କା ଆର୍ଥିକ ସହାୟତା, ଚାଷୀଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣଛାଡ଼ କରାଯିବ। ମୋଦି ସରକାର ଝାରସୁଗୁଡ଼ା ଜିଲାର ବିକାଶ ପାଇଁ ଡିଏମ୍‌ଏଫ୍‌ରୁ ହଜାର କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରୁ ରାଜ୍ୟ ସରକାର ପିସି ଖାଇଲେ ବୋଲି ଏହି ଅବସରରେ ପ୍ରଧାନ ଅଭିଯୋଗ କରିଥିଲେ। ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଓଡ଼ିଶା ଅର୍ଥନୀତିର ମେଣ୍ଟସ୍ଥଳୀ ହୋଇଥିବାବେଳେ ଏହି ଅଞ୍ଚଳବାସୀ ସର୍ବଦା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହୋଇ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏ ଅଞ୍ଚଳର ବିକାଶ ପାଇଁ ଡବଲ ଇଞ୍ଜିନ୍ ଆବଶ୍ୟତା ରହିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଦେବାକୁ ପ୍ରଧାନ ଆହ୍ୱାନ ଦେଇଥିଲେ। ସେହିଭଳି ଓରିଏଣ୍ଟ କାଗଜକଳ, ବିଟିଏମ୍ ସୂତାକଳ ଭଳି ଏଠାରେ ଥିବା ଅନେକ ଶିଳ୍ପାନୁଷ୍ଠାନ ବନ୍ଦ ହୋଇପଡ଼ିଛି। ଏଥିପାଇଁ ବରଗଡ଼ ଲୋକ ସଭା ପ୍ରାର୍ଥୀ ସୁରେଶ ପୂଜାରୀ ଓ ବ୍ରଜରାଜନଗର ବିଧାନସଭା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ପ୍ରଧାନ ଭୁବନେଶ୍ୱରରୁ ହେଲିକପ୍ଟରରେ ଆସି ଏଠାରେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ୫୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ରଘୁନନ୍ଦନ ପଣ୍ଡା, ସାମଲ ନାୟକ, ପ୍ରମୋଦ ସେନାପତି, କିଶୋର ମିଶ୍ର, ମଙ୍ଗଳ ସାହୁ, ଅମରେନ୍ଦ୍ର ରାୟ, ମଞ୍ଜୁବାଳା ଗୁରୁ, ରୀନା ପଟେଲ, ସୁନୀଲ ପଣ୍ଡା, ବିଶ୍ୱଜିତ ଭୋଇ, ପ୍ରଶାନ୍ତ ତ୍ରିପାଠୀ, ପ୍ରଦୀପ କରାଳୀ, ନୀଳାଞ୍ଚଳ ସା, ଆଲୋକ ସାହୁ, ସମୀର ମିଶ୍ର, ସଞ୍ଜୟ ସିଂହ, ପାରସ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୟ ସଙ୍କଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଗାତରେ ଖସିପଡ଼ିଥିବା ବାଛୁରୀ ଉଦ୍ଧାର

**ବାଲିଅନ୍ତା,୧୫।୪(ଡି.ଏନ.ଏ.):** ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ନୂଆସାହି ଗ୍ରାମ ନିକଟ ଚାଷଜମିରେ ଏକ ତୈଳ କମ୍ପାନୀ ପକ୍ଷରୁ ଖୋଳାଯାଇଥିବା ଗାତରେ ପଡ଼ିଯାଇଥିବା ଏକ ବାଛୁରୀକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ନୂଆସାହି ଗ୍ରାମର କ୍ଷୀରୋଦ ଚନ୍ଦ୍ର ପଣ୍ଡାଙ୍କ ଏହି ବାଛୁରୀଟି ବିଲରେ ଚରୁଥିବା ବେଳେ ଖୋଳାଯାଇଥିବା ଗାତରେ ଖସି ପଡିଥିଲା। ବାଛୁରୀ ମାଲିକଙ୍କ ବହୁ ଖୋଜାଖୋଜି କରିବା ପରେ ନ ମିଳିବାରୁ ବାଛୁରୀର ରଡି ଶୁଣି ସ୍ଥାନୀୟ ଗ୍ରାମବାସୀଙ୍କ ସାହାଯ୍ୟରେ ଖାଲରୁ ଉଦ୍ଧାର କରାଯାଇଥିଲା।

### ନରେନ୍ଦ୍ର ନାଥ ଦାଶ ମେମୋରିଆଲ ଟ୍ରଷ୍ଟ ସମ୍ମାନ ଉତ୍ସବ

**ବାଲିପାଟଣା,୧୫।୪(ଡି.ଏନ୍.ଏ.):** ସାମାଜିକ କର୍ମୀ ସ୍ୱର୍ଗତ ନରେନ୍ଦ୍ର ନାଥ ଦାଶ ଟ୍ରଷ୍ଟ ପକ୍ଷରୁ ସୋମବାର ସୋମଣାଶାସନସ୍ଥିତ ବାସଭବନରେ ନରେନ୍ଦ୍ର ନାଥ ସ୍ମୃତି ସମ୍ମାନ ଉତ୍ସବ ପାଳିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ପ୍ରାକ୍ତନ ଅତିରିକ୍ତ ସଚିବ ସନାତନ ମଲ୍ଲିକ, ପ୍ରାକ୍ତନ ପ୍ରଶାସକ ସହଦେବ ଜୟ ସିଂ, ସାମାଜିକ କର୍ମୀ ଆନନ୍ଦ ପଟ୍ଟନାୟକ, ଡ. ଯୁଧିଷ୍ଠିର ଖଟୁଆ, ଡ. ଅବଦୁଲ ଓସିଦ ଖାଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦୁର୍ଗାଶଙ୍କର ଓ ରମେଶ ରଥ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ଶିଶୁ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଦାଶ, ଓଏଏସ୍ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ, ୪ଶିକ୍ଷକ ଓ ବାଲିପାଟଣା ବ୍ଲକରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ପାସ କରିଥିବା ୪ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଟ୍ରଷ୍ଟି ଶୁଭେନ୍ଦୁ ଦାଶ ଅତିଥି ପରିଚୟ, ସଭ୍ୟ ଶୈଳେନ୍ଦୁ ଦାଶ ଧନ୍ୟବାଦ ଦେଇଥିଲେ।

### ଚୋରି ଆଧାର କାର୍ଡ, ଟଙ୍କା ଜବତ

**ଭୁବନେଶ୍ୱର, ୧୫।୪(ବ୍ୟୁରୋ):** ନୟାପଲ୍ଲୀ ଥାନା ଅଞ୍ଚଳରେ ଘରୁ ଚୋରି ହୋଇଥିବା ଆଧାରକାର୍ଡ ଏବଂ ୫ ହଜାର ଟଙ୍କା ପୋଲିସ ଜବତ କରିବା ସହ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ପଳାଶୁଣୀ ଅଞ୍ଚଳର ସୁଦର୍ଶନ ମହାରଣା। ନୟାପଲ୍ଲୀ ଥାନା ସାଲିଆ ସାହି ଅଞ୍ଚଳରେ ଶଙ୍କର ମୁର୍ମୁ ରୁହନ୍ତି। ଶଙ୍କରଙ୍କ ପଡିଶା ଘରକୁ ଯାଇଥିବା ବେଳ ସୁଦର୍ଶନ ମଉକା ଦେଖି ତାଙ୍କ ଘରୁ ୫ହଜାର ଟଙ୍କା ଏବଂ ଆଧାରକାର୍ଡ ଚୋରି କରି ଫେରାର ହୋଇଯାଇଥିଲେ। ଶଙ୍କରଙ୍କ ଅଭିଯୋଗକ୍ରମେ ପୋଲିସ ନଂ ୧୮/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

■ କବି ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ରାମଲୀଳା ଯାତ୍ରା

# ନୈତିକ ମୂଲ୍ୟବୋଧ, ଭ୍ରାତୃତ୍ୱ, ଆମୋଦର ପ୍ରତୀକ

**ବୋଲଗଡ଼,୧୫।୪(ଡି.ଏନ.ଏ.)**

କବି ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ରାମଲୀଳା ଓଡ଼ିଶାର ପୁରପଲ୍ଲୀରେ ବେଶ୍ ଲୋକପ୍ରିୟ ହୋଇପାରିଛି। ସେ ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ବାଙ୍କୋଇ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତେଣୁ ଏହି ଅଞ୍ଚଳରେ ପୁରୁଷାନୁକ୍ରମେ କବିଙ୍କ ଦ୍ୱାରା ରଚିତ ରାମଲୀଳା ଯାତ୍ରା ପ୍ରତିବର୍ଷ ଅନୁଷ୍ଠିତ ହେଉଛି। ଏହି ପରମ୍ପରା ଲୋକଙ୍କ ମନରେ ଭ୍ରାତୃତ୍ୱ ଭାବ, ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା ସହ ଗ୍ରାମ୍ୟ ଜୀବନରେ ସାଂସ୍କୃତିକ ଆମୋଦର ପ୍ରତୀକ ସାଜିଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ। ସମ୍ପ୍ରତି ରାମଲୀଳା ପରିବେଷଣ ହେଉଥିବା ସ୍ଥାନଗୁଡ଼ିକରେ ଶୁଭଖୁଣ୍ଟ ଅନୁକୂଳ କରାଯାଇଛି। ସୂଚନାଯୋଗ୍ୟ, ସୋମବାର ଏହି ଉତ୍ସବ ବାଙ୍କୋଇ ଗ୍ରାମର ଗଡସାହିସ୍ଥିତ ରଘୁନାଥଜୀଉଙ୍କ ପୀଠରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଯାଇଛି। କବି ଅନଙ୍ଗ ନରେନ୍ଦ୍ରଙ୍କ ଜନ୍ମଭୂମି ଗ୍ରାମର ୨ଟି ସ୍ଥାନରେ ମଧ୍ୟ ରାମଲୀଳା ଅନୁଷ୍ଠିତ ହେଉଛି। ତେବେ ଚଳିତ ବର୍ଷ ବାଙ୍କୋଇ ଗଡସାହିସ୍ଥିତ ରଘୁନାଥଙ୍କ ପୀଠରେ ରାମଲୀଳାର ଆଦ୍ୟକାଣ୍ଡ ପରିବେଷିତ ହୋଇଥିଲା। ମାଳି ସୁମାଳି ଓ ମାଲ୍ୟବନ୍ତ ଭଳି ରାକ୍ଷସ ଏବଂ ଦେବତାମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିବା ଅଭିନୟ ମଞ୍ଚସ୍ଥ ହୋଇଥିଲା।



ରାମଲୀଳା ଯାତ୍ରାରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ କଳାକାରମାନେ।

■ଗ୍ରାମରେ ଆମିଷ ନିଷେଧ
■କଳାକାରଙ୍କ ପାଇଁ ହବିଷାନ୍ନ ଭୋଜନ
■ଆକର୍ଷଣ ସାଜେ କାଷ୍ଠମୁଖା ପିନ୍ଧା ଅଭିନୟ

ସେହିପରି କବିଙ୍କ ଗୁରୁଦ୍ୱାର କନ୍ତାଇଲୋ ଗ୍ରାମ ଶ୍ରୀଶ୍ରୀ ବାଲାଜୀଉଙ୍କ ପୀଠରେ ମଧ୍ୟ ରାମଲୀଳା ହୋଇଥିଲା। ବ୍ଲକର ଅନ୍ୟ ଅଞ୍ଚଳରେ ମଧ୍ୟ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଯାତ୍ରା ପାଇଁ ସମ୍ପୃକ୍ତ ଗ୍ରାମଗୁଡ଼ିକରେ ନିରାମିଷ ଓ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରାଯାଏ। କଳାକାରମାନେ ଉଦ୍‌ଯାପନୀ ପର୍ଯ୍ୟନ୍ତ ହବିଷ୍ୟାନ୍ନ ଭୋଜନ କରିଥାନ୍ତି। ରାମଲୀଳା ସ୍ଥଳୀଠାରେ ଗଛଡାଳ ଦ୍ୱାରା ଛାମୁଡିଆ ପ୍ରସ୍ତୁତ କରାଯାଇଥିଲା। ପ୍ରତିଦିନ ଠାକୁରଙ୍କ ଆଳତି ପରେ ରାମଲୀଳାରେ ବର୍ଣ୍ଣିତ ବିଷୟ ଅନୁସାରେ ଅଭିନୟ କରାଯାଏ। ଏ ସମୟରେ ଗାୟକ ରାମଲୀଳା ପୋଥିଗାନ କରିଥିଲେ। ପାଳିଆମାନେ ପାଳି ଧରିଥିଲେ। ସ୍ୱର, ତାଳ, ଛନ୍ଦରେ ପାରମ୍ପରିକ ବାଦ୍ୟ ପଖଜ, ଗିନି ଆଦି ବ୍ୟବହାରପୂର୍ବକ ଲୀଳା ପରିବେଷଣ ହୋଇଥିଲା। ରାମଲୀଳା ଗାନ ସମୟରେ କଳାକାରମାନେ ନୃତ୍ୟ ପରିବେଷଣ ସହ ବେଶ୍ ଆକର୍ଷଣୀୟ ଅଭିନୟ କରିଥିଲେ। କଳାକାରମାନେ ରାକ୍ଷସ, ବାନର, ଭଲ୍ଲୁକ, ଆଦି ଅଭିନୟ ପାଇଁ କାଷ୍ଠମୁଖା ଓ ଆନୁଷଙ୍ଗିକ ବେଶପୋଷାକ ପରିଧାନ କରିଥିଲେ। ମହାବୀର ହନୁମାନ, ଅଙ୍ଗଦ, ବାଳି, ସୁଗ୍ରୀବ, ନଳ, ନୀଳ, ସୁଷେଣ, ଜାମ୍ବବାନ, ରାବଣ, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ, ତ୍ରିଶିରା ଭୂମିକାରେ ଅଭିନୟ କରୁଥିବା କଳାକାରମାନେ ସେହିଭଳି କାଷ୍ଠମୁଖା ଧାରଣ କରି ଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ଆକର୍ଷଣ ସାଜିଥିଲେ। ଉଲ୍ଲେଖଯୋଗ୍ୟ, କେଉଁଠାରେ ଏହା ରାମଲୀଳା ଯାତ୍ରା ଉତ୍ସବ ଭାବେ ପାଳନ କରାଯାଉଛି ତ ଅନ୍ୟ କେଉଁଠି କବିଙ୍କ ରଚିତ ରାମଲୀଳା ପୋଥି ଗାନ କରାଯାଉଛି ।

### ଇଷ୍ଟଦେବ ମଣିମାଙ୍କୁ ସୁଧ ହେଲେ ଦଣ୍ଡୁଆ

**ବାରଙ୍ଗ,୧୫।୪(ଡି.ଏନ.ଏ.)**

ଦୀର୍ଘ ଏକ ମାସ କାଳ ମୀନ ସଂକ୍ରାନ୍ତିରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଦଣ୍ଡୁଆମାନେ ନିଷ୍ଠାର ସହ ଶିବ ପାର୍ବତୀଙ୍କୁ ସୁମରଣା କରି ନିଜ ମାନସିକ ପାଇଁ ବ୍ରତ ରଖିଥାନ୍ତି। ପଣା ସଂକ୍ରାନ୍ତିରେ ଦଣ୍ଡୁଆମାନେ ଅଘୋରତପଠାରୁ ଆରମ୍ଭ କରି ନିଆଁରେ ଚାଲି ମାନସିକ ପୂରଣ କରିଥାନ୍ତି। ଏହି ମାନସିକ ପୂରଣ ହେବାର ପରଦିନ ଏକ ନିଆରା ପରମ୍ପରା ଦଣ୍ଡୁଆମାନେ ପାଳନ କରନ୍ତି। ତାହା ହେଉଛି ଇଷ୍ଟଦେବ ମଣିମାଙ୍କୁ ସୁଧ ହେବା। ଏହି ପରମ୍ପରା ସୋମବାର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନିଳାଦ୍ରୀବିହାର ନିକଟ ମଙ୍ଗଳା ବସ୍ତିରେ ଦେଖିବାକୁ ମିଳିଥିଲା। ରବିବାର ନିଆଁରେ ଚାଲିଥିବା ୨୦ଜଣ ଦଣ୍ଡୁଆ ସୋମାବାର ପୋଖରୀ ନିକଟରେ ପୂର୍ବ ପରମ୍ପରା ଅନୁଯାୟୀ ମଣିମାଙ୍କୁ ସୁଧ ହୋଇଥିଲେ। ପରେ ନୂତନ ବସ୍ତ୍ର ପରିଧାନ କରିବା ସହ ବସ୍ତିରେ ଆମିଷ ଭୋଜିଭାତର ଆୟୋଜନ କରିଥିଲେ। ଦଣ୍ଡୁଆମାନଙ୍କ କହିବା ମୁତାବକ, ଏହା ତାଙ୍କର ପୂର୍ବ ପରମ୍ପରା ହୋଇଥିବାବେଳେ ଦଣ୍ଡ ପରଦିନ ଯେକୌଣସି ଦିନ ହୋଇଥିଲେ ବି ସେମାନେ ସୁଧ ହେବାର ପରମ୍ପରା ରହିଛି ବୋଲି ବସ୍ତି ସଭାପତି ପ୍ରଭାତ କୁମାର ସେଠୀ କହିଛନ୍ତି।

## ଆକ୍ରମଣ, ବୋମାମାଡ଼ ଘଟଣାରେ ଫେରାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୫।୪(ବ୍ୟୁରୋ)**

ବୋମାମାଡ ଏବଂ ସୁପାରି ନେଇ ଲୋକମାନଙ୍କୁ ମରଣାନ୍ତକ ଆକ୍ରମଣ କରୁଥିବା ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ କ୍ୟାପିଟାଲ ଥାନା ଅଧୀନ ରାଧାକୃଷ୍ଣ ବସ୍ତି ଅଞ୍ଚଳର ବାସୁଦେବ ପ୍ରଧାନ ଓରଫ ରାଙ୍ଗା। ସୂଚନା ମୁତାବକ, ଅଭିଯୁକ୍ତ ରାଙ୍ଗା ଦୁଇବର୍ଷ ଧରି ବିଭିନ୍ନ ଲୋକଙ୍କ ଠାରୁ ସୁପାରି ନେଇ ହତ୍ୟା ଉଦ୍ୟମ, ବୋମାମାଡ ଏବଂ ମରଣାନ୍ତକ ଆକ୍ରମଣ ପରି ଆପରାଧିକ କାର୍ଯ୍ୟକଳାପ ଚଳାଉଥିଲା। ୨୦୧୮ରେ କ୍ୟାପିଟାଲ ଥାନା ରାଧାକୃଷ୍ଣ ବସ୍ତି ଅଞ୍ଚଳର ବାବୁଲି ନାୟକଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। କିଛିଦିନର ବ୍ୟବଧାନ ପରେ କେଦାରପଲ୍ଲୀ ବସ୍ତି ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ନୟାପଲ୍ଲୀ ଥାନା ଅଞ୍ଚଳରେ ବୋମା ମାଡ କରିବା ନେଇ ରାଙ୍ଗାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଏ ନେଇ କ୍ୟାପିଟାଲ ଥାନା ପୋଲିସ ନଂ୪୫୯/୧୮ ଏବଂ ନଂ୪୪୯/୧୮ରେ ଦୁଇଟି ମାମଲା ରୁଜୁ କରିବା ଘଟଣାର ତଦନ୍ତ ଚଳାଇଥିବା ବେଳେ ପୋଲିସ ଫେରାର ଅଭିଯୁକ୍ତ ରାଙ୍ଗାଙ୍କ ପତ୍ତା ପାଉ ନ ଥିଲା। ବିଶେଷ ସୂତ୍ରରୁ ଖବର ପାଇ କ୍ୟାପିଟାଲ ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ପଟିଆ ଅଞ୍ଚଳରେ ଚଢାଉ କରି ରାଙ୍ଗାଙ୍କୁ ଗିରଫ କରିବା ସହ ପଚରା ଉଚରା ପରେ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

## ଆମ ସଙ୍ଗଠନରେ ମିଶିଲେ ଶତାଧିକ ସମର୍ଥକ

**ବାଲକାଟୀ,୧୫।୪(ଡି.ଏନ.ଏ.)**

ଆସନ୍ତା ୨୩ରେ ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନମଣ୍ଡଳୀରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହି ମଣ୍ଡଳୀରେ ବିଜେଡି ଓ ଭାଜପା ସହ ସ୍ଥାନୀୟ ଅଞ୍ଚଳର ଏକ ସାମାଜିକ ଅନୁଷ୍ଠାନ ଆମ ସଙ୍ଗଠନ ଏକ କଡ଼ା ଟକ୍କର ଦେବ ବୋଲି ଅନୁମେୟ କରାଯାଉଛି। ବିଜେଡି ଓ ଭାଜପା ଦଳର ନିର୍ବାଚନ ପ୍ରଚାର ବହୁ ମାତ୍ରାରେ ଚାଲିଥିବା ବେଳେ ଆମ ସଙ୍ଗଠନରେ ବିଭିନ୍ନ କର୍ମୀଙ୍କ ମିଶ୍ରଣ ପର୍ବ ଜୋରସୋର ଚାଲିଛି। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ କୌଣସି ପ୍ରାର୍ଥୀ ନଥିବା ବେଳେ ଭାଜପାର କେତେଜଣ ଛାମୁଆ ନେତା ପ୍ରାର୍ଥୀ ନରେନ୍ଦ୍ର ନାଥ ନାୟକଙ୍କୁ ସହଜେ ସମର୍ଥନ ଦେଇପାରୁ ନଥିବାରୁ ଆମ ସଙ୍ଗଠନରେ ସାମିଲ ହୋଇଥିବା ଦେଖାଯାଉଛି। ଗତ ୨ଦିନ ତଳେ ବ୍ଲକ କଂଗ୍ରେସର ବରିଷ୍ଠ ନେତା ବିପିନ ପାତ୍ର, ୧୭ନଂ ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ କାହ୍ନୁଚରଣ ଦାସ ଶତାଧିକ ସମର୍ଥକଙ୍କ ସହ ସାମିଲ ହୋଇଥିଲେ। ପୁଣି ପରଦିନ ବ୍ଲକର ଭାଜପା ଯୁବ ନେତା ତାପସ ଜେନା ପ୍ରାୟ ଏକହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ସଙ୍ଗଠନର ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସୋମବାର ସଙ୍ଗଠନ କାର୍ଯ୍ୟାଳୟ ଗଡ଼ଶ୍ରୀରାମପୁରଠାରେ ବିଜେଡି, ଭାଜପା ଓ କଂଗ୍ରେସ ଦଳରୁ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ କର୍ମୀ, ସଙ୍ଗଠନର ଅଧ୍ୟକ୍ଷ ଚନ୍ଦନ ପାତ୍ର, ସମ୍ପାଦକ ଚୌଧୁରୀ ଦ୍ୱାରିକାନାଥ ଦାଶ ଓ ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ସୁଚିତ୍ରା ଜେନାମଣିଙ୍କ ଉପସ୍ଥିତରେ ମିଶିଥିଲେ। ସଙ୍ଗଠନ ପକ୍ଷରୁ ଅଧ୍ୟକ୍ଷ ପାତ୍ର ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ମିଶ୍ରଣ ପର୍ବରେ ସମ୍ମାନିତ କରିଥିଲେ। ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଭାବେ ଡ.ରବିନ୍ଦ ଡାଲି, ଭାଜପା ପ୍ରାର୍ଥୀ ନରେନ୍ଦ୍ର ନାଥ ନାୟକ ଓ ଆମ ସଙ୍ଗଠନର ସ୍ୱାଧୀନ ପ୍ରାର୍ଥୀ ଭାବେ ନବ କିଶୋର ମଲ୍ଲିକ ଅଛନ୍ତି।

■ ଲିଙ୍ଗରାଜ ମହୋତ୍ସବ ତୃତୀୟ ସନ୍ଧ୍ୟା

## ମନ ମୋହିଲା ଓଡ଼ିଶୀନୃତ୍ୟ ବାଲଗୋପାଳଷ୍ଟକମ୍

**ପୁରୁଣା ଭୁବନେଶ୍ୱର,୧୫।୪(ଡି.ଏନ୍.ଏ.)**

ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ଭଜନ ମଣ୍ଡପରେ ସୋମବାର ଲିଙ୍ଗରାଜ ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ନୃତ୍ୟ ଅର୍ଚ୍ଚନା ପକ୍ଷରୁ ଓଡ଼ିଶୀ ନୃତ୍ୟରେ ବାଲ ଗୋପାଳ ଷ୍ଟକମ୍, ପରେ ଝାଡଖଣ୍ଡର ଝୁମୁରା ନୃତ୍ୟ, ପରେ କଲିକତାର ମାୟା ମନ୍ଦିର ସଂସ୍ଥା ପକ୍ଷରୁ ବିଭିନ୍ନ କ୍ରିଏଟିଭି ନୃତ୍ୟରେ ଶିବ ତାଣ୍ଡବ, ଗଣେଶ ବନ୍ଦନା, ଦେବୀ ବନ୍ଦନା ଆଦି ଶିଶୁମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶେଷରେ ଶୁଭଶ୍ରୀ କଳା ନିକେତନ ପକ୍ଷରୁ ଭଜନ ନୃତ୍ୟ ପରିବେଷିତ ହୋଇଥିଲା। ଏହାକୁ ବରିଷ୍ଠ ସାମ୍ବାଦିକ ତଥା ପ୍ରବକ୍ତା ପ୍ରଦ୍ୟୁମ୍ନ ଶତପଥୀ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରମୁଖ ଆୟକର ଆୟୁକ୍ତ ଶରତ କୁମାର ଦାଶ, ସମ୍ମାନିତ ଅତିଥିଭାବେ ସାମାଜିକକର୍ମୀ ସୁଚିସ୍ମିତା ପୃଷ୍ଟି ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ସଭ୍ୟ ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିବା ବେଳେ ଡ. ଶ୍ରୀନିବାସ ଘଟୁଆରୀ ଓ ବାସୁଦେବ ନାଥ ମଞ୍ଚ ପରିଚାଳନା କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## 'ଭ୍ରଷ୍ଟାଚାର ଦୂରୀକରଣ ଲାଗି ମିଳିତ ଉଦ୍ୟମ ଜରୁରୀ'





**ଭୁବନେଶ୍ୱର,୧୫।୪**

ସଚେତନତା ଅଭାବ ଓ ଚାରିତ୍ରିକ ବିଷମତା ଯୋଗୁ ମଣିଷ ଭ୍ରଷ୍ଟାଚାରରେ ଲିପ୍ତ ହୋଇଥାଏ। ଏହା ଦ୍ୱାରା ସାମାଜିକ ପ୍ରଣାଳୀ ଏବଂ ଆର୍ଥିକ ବ୍ୟବସ୍ଥା ଦୁର୍ବଳ ହୋଇପଡେ। ଭ୍ରଷ୍ଟାଚାର ଏକ ସାମାଜିକ ବ୍ୟାଧି ହୋଇଥିବାରୁ ଏହାକୁ ରୋକିବା ଲାଗି କଠୋର ଆଇନ ପ୍ରଣୟନ ସହ ଜନ ସମାଜର ମିଳିତ ଉଦ୍ୟମ ଜରୁରୀ ବୋଲି ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ସତର୍କତା ଅଧିକାରୀ(ସିଭିଓ) ପର୍ଶୁରାମ ପଣ୍ଡା କହିଛନ୍ତି। ନୟାପଲ୍ଲୀସ୍ଥିତ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ 'ପ୍ରିଭେଣ୍ଟିଭ ଆୱାରନେସ ଭିଜିଲାନ୍ସ ମିଟ୍'ରେ ଅଧିକାରୀଙ୍କୁ ସମ୍ବୋଧିତ କରି ପଣ୍ଡା କହିଛନ୍ତି ଯେ, ଭ୍ରଷ୍ଟାଚାର ବିରୋଧୀ ଲଢେଇରେ ସତର୍କତା ବିଭାଗ ଏବଂ ସିଭିଲ ସୋସାଇଟି ମିଳିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ। ସୂଚନା ଅଧିକାର, ଲୋକପାଳ, ଲୋକାୟୁକ୍ତ, ହ୍ୱିସିଲ ବ୍ଲୋୟର ପ୍ରୋଟେକ୍ସନ ଆଇନ , ଆଇବିସି ଏବଂ ପଳାତକ ଆର୍ଥିକ ଅପରାଧୀ ଭଳି ଆଇନ ଦ୍ୱାରା ଭ୍ରଷ୍ଟାଚାର ବିରୋଧରେ ଲଢିବା ଲାଗି ବ୍ୟବସ୍ଥାକୁ ସୁଦୃଢ କରାଯାଇଥିବା ପଣ୍ଡା ସୂଚନା ଦେଇଛନ୍ତି। ଭ୍ରଷ୍ଟାଚାରରେ ଲିପ୍ତ ନ ହେବାକୁ ଆଞ୍ଚଳିକ ପ୍ରବନ୍ଧକ ସୋହେଲ ଅହମ୍ମଦ କର୍ମଚାରୀଙ୍କୁ ଏଥିରେ ଆହ୍ୱାନ ଜଣାଇଥିଲେ।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

**ଭୁବନେଶ୍ୱର, ୧୫।୪(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଅଫିସରେ ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଯୁବତୀ ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ କରୁଛି। ଏହାସହ ଅଭିଯୋଗ ଆସିଥିବା ଉକ୍ତ ଘରୋଇ ସଂସ୍ଥାର ମାଲିକଙ୍କୁ ପୋଲିସ ପଚରାଉଚରା କରୁଥିବା ଜଣାପଡିଛି। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ସେ ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଅଫିସରେ ୬ ମାସ ହେବ ଚାକିରି କରୁଥିଲେ। ଏପିରି କି ସଂସ୍ଥାର ମାଲିକଙ୍କ ଖରାପ ନଜର ତାଙ୍କ ଉପରେ ରହିଥିଲା। ସେ ବିଭିନ୍ନ ସମୟରେ ଦ୍ୱି ଅର୍ଥ ବୋଧକ କଥା କହିବା ସହ ଏକାକୀ ଡାକୁଥିଲେ। ଏପରି କି ଦୁଇଦିନ ତଳେ ଯୁବତୀଙ୍କୁ ମାଲିକ ନିଜ ଚାମ୍ବରଙ୍କୁ ଡାକି ଅସଦାଚରଣ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।



ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଭାଜପା ନେତା ମଙ୍ଗୁଳି ଜେନାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।





ମଙ୍ଗୁଳି ଜେନାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଙ୍କ ଗିରଫ ଦାବିରେ ଖୋର୍ଦ୍ଧାରେ ବାହାରିଥିବା ଶୋଭାଯାତ୍ରା।



ହତ୍ୟାକାଣ୍ଡକୁ ନେଇ ଶୋକାକୁଳ ମଙ୍ଗୁଳି ଜେନାଙ୍କ ପରିବାରବର୍ଗ।

# ହତ୍ୟାକାଣ୍ଡକୁ ନେଇ ତେଜିଲା ରାଜନୀତି

**ଖୋର୍ଦ୍ଧା ଅଫିସ,୧୫।୪**

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୯ନଂ. ଜୋନ ଭାଜପା ମଣ୍ଡଳ ସଭାପତି ମଙ୍ଗୁଳି ଜେନାଙ୍କୁ ରବିବାର ରାତି ପ୍ରାୟ ୧୧ଟା ୪୫ରେ ଖୋର୍ଦ୍ଧା ଆଦର୍ଶଥାନାର ନବିନାବାଗରେ ହତ୍ୟା କରାଯାଇଛି। ଏହି ହତ୍ୟାକାଣ୍ଡରେ ବିଜେଡିର ହାତ ଥିବା ଭାଜପା ପକ୍ଷରୁ କୁହାଯାଇଥିବା ବେଳେ ସୋମବାର ଉଭୟ ବିଜେଡି ଓ ଭାଜପା ପ୍ରଚାର ବନ୍ଦ କରି ନିଜ ପକ୍ଷ ରଖିବାରେ ଲାଗି ପଡ଼ିଥିଲେ। ମଙ୍ଗୁଳିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲା। ସେହିପରି ଗୟାବନ୍ଧ ଠାରୁ ଓଳସିଂ, ଛଣଗିରି ଆଦି ୯ନଂ. ଜୋନର ଗାଁ ଗୁଡିକରେ ମୃତଦେହ ଶୋଭାଯାତ୍ରାରେ ପରିକ୍ରମା କରିଥିଲା। ମଙ୍ଗୁଳିଙ୍କ ମୃତ୍ୟୁରେ ବଡପୋଖରିଆ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଏଭଳିସ୍ଥଳେ ଭାଜପା ପ୍ରାର୍ଥୀ କାଳୁ ଚରଣ ଖଣ୍ଡେୟତରାଙ୍କ ନେତୃତ୍ୱରେ ହତ୍ୟାକରୀଙ୍କ ଗିରଫ ଦାବିରେ ଖୋର୍ଦ୍ଧାରେ ବନ୍ଦ ଡାକରା ଦିଆଯିବା ସହ ମୃତଦେହକୁ ଶୋଭାଯାତ୍ରାରେ ବୁଲାଯାଇଥିଲା। ସନ୍ଧ୍ୟାରେ ପୁଣି ଏକ ମଶାଲ ଶୋଭାଯାତ୍ରା ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରି ହତ୍ୟାକାରୀଙ୍କୁ ଗିରଫ ପାଇଁ ଦାବି କରିଥିଲେ। ହତ୍ୟାକାଣ୍ଡକୁ ରାଜନୀତିକରଣ କରା ନ ଯାଉ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। କିନ୍ତୁ ଭାଜପା ଏହାର ରାଜନୈତିକ ଫାଇଦା ଉଠାଇବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ ହେଉଛି। ହତ୍ୟା ପଛରେ ରାଜନୈତିକ ଶତ୍ରୁତା ନାଁ ଅନ୍ୟ କ'ଣ କାରଣ ରହିଛି ସେ ନେଇ ତଦନ୍ତ ଚାଲିଛି।

### ଡିଜେ ଶବ୍ଦରେ ଲୋକେ ଅତିଷ୍ଠ

ରାଜନୈତିକ ଦଳମାନେ ନିର୍ବାଚନୀ ପ୍ରଚାର ଶବ୍ଦ ପ୍ରଦୂଷଣ ନିୟମକୁ ଉଲ୍ଲଂଘନ କରୁଥିବା ଦେଖାଯାଇଛି। ସ୍କୁଲ, କଲେଜ, ଡାକ୍ତରଖାନା ଆଦି ସାଇଲେନ୍ସଜୋନରେ ମଧ୍ୟ କଟକଣାକୁ ଅଣଦେଖା କରାଯାଉଛି। ୬୫ ଡେସିବିଲ୍‌ରୁ ଅଧିକ ପରିମାଣର ଶବ୍ଦ ନ କରିବାକୁ ଅନୁମତି ନାହିଁ । ରାତିରେ ପ୍ରଚାର ମନା ଥିବା ସତ୍ତ୍ୱେ ପ୍ରଚାର ଚାଲିଛି। ହେଲେ ନିର୍ବାଚନ ଅଧିକାରୀ, ପର୍ଯ୍ୟବେକ୍ଷକ କିପରି ଜାଣିପାରୁ ନାହାନ୍ତି ତାହା ଆଲୋଚନାର ବିଷୟ ପାଲଟିଛି।

### ଭୋଟ ହାତେଇବା ପାଇଁ ବିଭିନ୍ନ ପ୍ରତିଶ୍ରୁତି

ଭୋଟ ହାତେଇବା ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ଦଳ ବିଭିନ୍ନ ପ୍ରତିଶ୍ରୁତି ଦେଇ ଭୋଟରଙ୍କ ମନ କିଣିବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି। କ୍ଷମତାକୁ ଆସିବାକୁ ୩ଦଳ ମଧ୍ୟରେ ଆରମ୍ଭ ହୋଇ ଯାଇଛି ନିର୍ବାଚନୀ ଯୁଦ୍ଧ। ପ୍ରତ୍ୟେକ ଦଳ ବିଭିନ୍ନ ପ୍ରସଙ୍ଗକୁ ଉପସ୍ଥାପନ କରୁଥିବାବେଳେ ଲଢ଼େଇ ତୀବ୍ର ହେଉଛି। ପୁଣି ଦଳୀୟ ପ୍ରାର୍ଥୀମାନେ ଭୋଟରଙ୍କ ନିକଟରେ ପହଞ୍ଚି ପ୍ରତିଶ୍ରୁତି ଦେଉଛନ୍ତି। ଗାଁ ଓ ସହରରେ ସଭା, ସମିତି, ରୋଡ୍ ଶୋ, ପଦଯାତ୍ରା କରି ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ବିଶେଷତଃ ଚାଷୀ ଓ ମହିଳାଙ୍କ ଭୋଟ ହାତେଇବା ପାଇଁ ସବୁ ଦଳ ଅଧିକ ପ୍ରୟାସ କରୁଛନ୍ତି ।



ସୌନ୍ଦର୍ଯ୍ୟ

# ଟମାଟୋ ଫେସ୍‌ମାସ୍କ

**ଟମାଟୋ ଆମ ଶରୀର ଲାଗି ବହୁତ ଉପାଦେୟ। ଏହା ମଧ୍ୟ ହିମୋଗ୍ଲୋବିନ୍ ବଢ଼ାଇବାରେ ସହାୟକ ହୁଏ। କିନ୍ତୁ ଆପଣ ଜାଣିଛନ୍ତି କି ଏହି ଟମାଟୋ ମୁହଁର ସୁନ୍ଦରତା ବଢ଼ାଇଥାଏ ? ଆଜ୍ଞା ହଁ , ଟମାଟୋରେ ପ୍ରସ୍ତୁତ ଫେସମାସ୍କ ମୁହଁର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ଜାଣିବା ଟମାଟୋରେ କିପରି ଫେସମାସ୍କ ବ୍ୟବହାର ସମ୍ପର୍କରେ..**

### ଟମାଟୋ ଓ ଦହି

ଟମାଟୋ ଓ ଦହିର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଅଳ୍ପ ଟମାଟୋ ରସ, ଏକ ଚାମଚ ଦହି, ଏକ ଚାମଚ ଲେମ୍ବୁରସ, ଅଳ୍ପ ପରିମାଣର ହଳଦୀ ଓ ଏକ ଚାମଚ ମହୁ ନିଅନ୍ତୁ। ଏବେ ଏକ ପାତ୍ରରେ ସବୁ ସାମଗ୍ରୀକୁ ଭଲଭାବେ ମିଶାଇ ଦିଅନ୍ତୁ। ପରେ ଏହି ପେଷ୍ଟକୁ ମୁହଁରେ ଲଗାନ୍ତୁ। ଏହା ମଧ୍ୟ ଆଖିତଳ ଡାର୍କ ସର୍କଲ ଦୂର କରିବା ସହ ମୁହଁର ତ୍ୱଚାରେ ନମନୀୟତା ଆଣିଥାଏ।

### ଟମାଟୋ ଓ ଅଲିଭ୍ ଅଏଲ

ଟମାଟୋ ଓ ଅଲିଭ ଅଏଲର ପେଷ୍ଟ ଲଗାଇବା ଦ୍ୱାରା ତ୍ୱଚା ସଫା ଦେଖାଯାଏ। ଏହି ପେଷ୍ଟ ମୁହଁରେ ଥିବା ଦାଗ ଦୂର କରିବାରେ ସାହାଯ୍ୟ କରେ। ଯେଉଁମାନଙ୍କର ମୁଖବ୍ରଣ ସମସ୍ୟା ରହିଛି, ତାଙ୍କ ପାଇଁ ଏହି ପେଷ୍ଟ ଭଲ କାମ କରିଥାଏ। ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଟମାଟୋ ରସ ଏକ ଚାମଚରେ ଅଲିଭ୍ ଅଏଲକୁ ମିଶାନ୍ତୁ। ମୁହଁ ତଥା ବେକରେ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଛାଡିଦିଅନ୍ତୁ। ତା'ପରେ ଧୋଇହୋଇ ପଡିଲେ ମୁହଁରେ ଚମକ ଆସିଥାଏ।

### ଟମାଟୋ ଓ ଆଲୋଭେରା

ଟମାଟୋ ସହିତ ଆଲୋଭେରା ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଫେସ୍‌ମାସ୍କ ଶୁଖିଗଲା ପରେ ଭଲଭାବେ ଧୋଇଦିଅନ୍ତୁ। ଏହାଦ୍ୱାରା ଡାର୍କ ସର୍କଲ ଓ ଡାର୍କ ସ୍ପଟ୍ ଦୂର ହୋଇଥାଏ।

### ଟମାଟୋ ଓ ମହୁ

ଟମାଟୋ ଓ ମହୁକୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଗୋଟିଏ ଛୋଟ ଟମାଟୋ, ଦୁଇ ଚାମଚ ମହୁରେ ଏକ ଚାମଚ ଲେମ୍ବୁରସକୁ ଭଲଭାବେ ମିଶାନ୍ତୁ। ଏହି ପେଷ୍ଟକୁ ହାଲ୍‌କା ହାତରେ ମୁହଁରେ ଲଗାଇ ଦିଅନ୍ତୁ। ପାଖାପାଖି ୧୫ମିନିଟ୍ ରଖିବା ପରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଏହାଦ୍ୱାରା ମୁହଁ ଆହୁରି ଉଜ୍ଜ୍ୱଳ ଦେଖାଯିବ।



ଖାଦ୍ୟରୁଚି

# ଡାଲ୍ ପନିର

### ଆବଶ୍ୟକ ସାମଗ୍ରୀ


ଗୁଣ୍ଡ ହୋଇଥିବା ପନିର ଏକ କପ୍, ଭିଜା ଯାଇଥିବା ଚଣାଡାଲି ଦୁଇକପ୍, ଏକ ଚାମଚ ଅଦା ରସୁଣ ପେଷ୍ଟ, ତେଜପତ୍ର, ଶୁଖିଲା ଲଙ୍କା, ଲବଙ୍ଗ, ଡାଲ୍‌ଚିନି ଖଣ୍ଡ, ଦୁଇଟି କଳା ଇଲାଇଚି, ଛୋଟ ଆକାରରେ କଟା ହୋଇଥିବା ପିଆଜ ୨ଟା, କଟା ହୋଇଥିବା ଟମାଟୋ ଦୁଇଟି, ଏକ ଚାମଚ ହଳଦୀଗୁଣ୍ଡ, ଦୁଇ ଚାମଚ କଶ୍ମୀରୀ ମିର୍ଚ୍ଚ ପାଉଡର, ଆବଶ୍ୟକ ଅନୁସାରେ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ।



### ପ୍ରସ୍ତୁତି ପ୍ରଣାଳୀ

ଏକ କଡ଼ାଇରେ ତେଲ ଗରମ କରି ପନିରକୁ ଭାଜନ୍ତୁ। ଭାଜି ହେଲାପରେ ପ୍ରେସରକୁକରରେ ତେଲ ପକାଇ ଶୁଖିଲା ଲଙ୍କା, ଲବଙ୍ଗ, ତେଜପତ୍ର, ଡାଲ୍‌ଚିନି ଓ ଇଲାଇଚି ପକାଇ ଛୁଙ୍କ କରନ୍ତୁ। ଏହାପରେ ପିଆଜ ପକାଇ ଏହା ଗୋଲଡେନ୍ କଲର ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପୁଣି ଅଦା-ରସୁଣ ପେଷ୍ଟ, ହଳଦୀ ପାଉଡର, କଶ୍ମୀରୀ ମିର୍ଚ୍ଚ ପାଉଡର, ଟମାଟୋ ପକାଇ କିଛି ସମୟ କଷନ୍ତୁ। ଏବେ ଏଥିରେ ଚଣାଡାଲି, ଲୁଣ, ପାଣି ପକାନ୍ତୁ। ପାଣି ଯେତେବେଳେ ଫୁଟିବା ଆରମ୍ଭ କରୁଛି ସେତେବେଳେ ତାକୁ ଭଲଭାବେ ସିଝିବାକୁ ଛାଡ଼ିଦିଅନ୍ତୁ। ଯେତେବେଳେ ଡାଲି ପୂରା ସିଝିଗଲା ସେତେବେଳେ ଆଗରୁ ଭଜା ହୋଇଥିବା ପନିର ଖଣ୍ଡକୁ ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଡାଲ୍ ପନିର।





# ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍‌ର ସନ୍ତୁଳିତ ସ୍ତର

-ଡା. ଲିପ୍‌ସା ମିଶ୍ର

**"ଏଫ୍‌ଏସ୍‌ଏଚ୍ (ଫଲିକିଲ ଷ୍ଟିମୁଲେଟିଂ ହରମୋନ) ଆସିଷ୍ଟେଟ ରିପ୍ରଡକ୍ଟିଭ ଟେକ୍ନୋଲୋଜି (ଏଆର୍‌ଟି)ରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକ ଷ୍ଟିମୁଲେଟିଂ ହରମୋନ ସହିତ ସିନର୍ଜିରେ ଏଲଏଚ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଲୁଭେଶନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡିକ ଉତ୍ପନ୍ନ ହୋଇଥାଆନ୍ତି, ଯାହାକୁ 'ଫଲିକିଲ୍' କୁହାଯାଏ। ଯେତେବେଳେ ମହିଳାମାନଙ୍କର ମାସିକ ଋତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନ ଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲର ବୃଦ୍ଧି ଘଟିଥାଏ।"**

ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍ କ'ଣ : ଲୁଟେଞ୍ଜିଂ ହରମୋନ (ଏଲ୍‌ଏଚ୍) ହେଉଛି ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଏକ ପ୍ରମୁଖ ପ୍ରଜନନକାରୀ ହରମୋନ, ଯାହା ଋତୁଚକ୍ର ଏବଂ ଓଭୁଲେଶନ ସମୟକୁ ନିୟନ୍ତ୍ରଣ କରିଥାଏ। ଏଲ୍‌ଏଚ ଉତ୍ପନ୍ନର ସ୍ତରଗୁଡିକ ବଢିବା ସହିତ ଓଭୁଲେଶନ ମଧ୍ୟ ପ୍ରଭାବିତ ହୋଇଥାଏ। ସେହିପରି ଫଲିକିଲ ଷ୍ଟିମୁଲେଟିଂ ହରମୋନ(ଏଫ୍‌ଏସ୍‌ଏଚ୍) ହେଉଛି ପ୍ରତ୍ୟେକ ଋତୁଚକ୍ରରେ ଡିମ୍ବାଶୟରେ ଡିମ୍ବଗୁଡିକର ପରିପକ୍ୱତା ନିମନ୍ତେ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଆଉ ଏକ ଦରକାରୀ ପ୍ରଜନନକାରୀ ହରମୋନ। ଚକ୍ର ସମୟରେ ଏଫ୍‌ଏସଏଚ୍‌ର ସ୍ତରଗୁଡିକ ଭିନ୍ନ ହୋଇଥାଏ। କିନ୍ତୁ ଓଭୁଲେଶନର କିଛି ସମୟ ପୂର୍ବରୁ ଏଗୁଡିକ ଅଧିକ ହୋଇଥାଏ।


ଆଇଭିଏଫ୍ ଚିକିତ୍ସା ସମୟରେ ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍‌ର ସିନର୍ଜି କାହିଁକି ଗୁରୁତ୍ୱପୂର୍ଣ୍ଣ : ଏଫଏସଏଚ (ଫଲିକିଲ ଷ୍ଟିମୁଲେଟିଂ ହରମୋନ) ଆସିଷ୍ଟେଡ୍ ରିପ୍ରଡକ୍ଟିଭ ଟେକ୍ନୋଲୋଜି (ଏଆର୍‌ଟି)ରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକିଲ ଷ୍ଟିମୁଲେଟିଂ ହରମୋନ ସହିତ ସିନର୍ଜିରେ ଏଲ୍‌ଏଚ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଲୁଭେଶନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡିକ ଉତ୍ପନ୍ନ ହୋଇଥାଆନ୍ତି, ଯାହାକୁ 'ଫଲିକିଲ୍' କୁହାଯାଏ। ଯେତେବେଳେ ମହିଳାମାନଙ୍କର ମାସିକ ଋତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନ ଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲଗୁଡିକର ବୃଦ୍ଧି ଘଟିଥାଏ। କିଛି ସପ୍ତାହ ପରେ ଏହି ଫଲିକିଲମାନଙ୍କ ମଧ୍ୟରେ ମାତ୍ର ଗୋଟିଏ ପରିପକ୍ୱ ହେବାକୁ ଓ ଫାଟିବାକୁ ବିକଶିତ ହୋଇଥାଏ ଏବଂ ଓଭୁଲେଶନ ସମୟରେ ଏହାର ଡିମ୍ବ ନିଷ୍କାସନ କରିଥାଏ। ବିକଶିତ ହେବାକୁ ଆରମ୍ଭ କରୁଥିବା ଅନ୍ୟ ସମସ୍ତ ଫଲିକିଲ ବୃଦ୍ଧି କରନ୍ତି ନାହିଁ ଏବଂ ପୁନର୍ଗଠିତ ହୋଇଥାଆନ୍ତି। ପରିଶେଷରେ ଗର୍ଭାଶୟ ମଧ୍ୟରେ ବହୁ କମ୍ ପରିମାଣର ଡିମ୍ବ ମହିଳାମାନଙ୍କ ପ୍ରାଜନନିକ ଜୀବନ ଅବଧି ସମୟରେ ଡିମ୍ବ ନିଷ୍କାସିତ କରିବାକୁ ରହିଥାଆନ୍ତି।

ଏଆର୍‌ଟି ପୂର୍ବରୁ ଏଫ୍‌ଏସଏଚ ଥିବା ଔଷଧଗୁଡିକ ଦ୍ୱାରା ଫଲିକିଲ ଓ ଡିମ୍ବଗୁଡିକର ପୁନାରମ୍ଭ ସମ୍ଭବ। ଏହା ହେଉଛି ଏକ ହରମୋନ, ଯେଉଁ କାରଣରୁ ପିଟ୍ୟୁଟାରୀ ଗ୍ଲାଣ୍ଡ ଗୋଟିଏ ଡିମ୍ବ ବିକଶିତ କରିଥାଏ। ଯଦି ମହିଳାଙ୍କ ଏଫ୍‌ଏସ୍‌ଏଚ୍‌ର ରକ୍ତସ୍ତରର ବୃଦ୍ଧି ଘଟିଥାଏ, ତେବେ ମୋଟାମୋଟି ଭାବେ ସେହି ସମାନ ହାରରେ ବିଭିନ୍ନ ଫଲିକିଲର ବିକାଶ ହୋଇଥାଏ, ଯାହା ଏକାଧିକ ପରିପକ୍ୱ ଡିମ୍ବକୁ ସଂଗ୍ରହ କରିବା ପାଇଁ ଅନୁମତି ପ୍ରଦାନ କରିଥାଏ।

**ଆଇଭିଏଫ୍ ସାଇକେଲ ପୂର୍ବରୁ ଉପଚାରର ଭୂମିକା:**କେତେକ ମହିଳା, ଯେଉଁମାନେ ଆଇଭିଏଫ ଚିକିତ୍ସା ପାଇଁ ଇଚ୍ଛୁକ ଥାଆନ୍ତି, ସେମାନଙ୍କୁ ପରାମର୍ଶ ଦିଆଯାଇଥିବା ଉପଚାର କାରଣରୁ କିଛି ସମୟ ପାଇଁ ପିଟ୍ୟୁଟାରୀ ଗ୍ରନ୍ଥିରୁ ଅଧିକ ପରିମାଣର ଏଫ୍‌ଏସଏଚ ଏବଂ ଏଲଏଚ୍ ନିର୍ଗତ ହୋଇଥାଏ, ଯେପର୍ଯ୍ୟନ୍ତ ଏଥିରେ ଗଚ୍ଛିତ କମ୍ ହୋଇ ନ ଥାଏ। ଏହି ପ୍ରକାର ଅବିରତ ଉପଚାର ଦ୍ୱାରା ଗ୍ଲାଣ୍ଡରେ ନୂତନ ଏଫଏସଏଚ ଏବଂ ଏଲଏଚ ନିର୍ଗମନକୁ ରୋକିଥାଏ ଏବଂ ଗୋଟିଏ ଦିନ ପ୍ରତି ଏହିସବୁ ହରମୋନ ନିର୍ଗମନ ୭ରୁ ୧୦ ଦିନ ମଧ୍ୟରେ ସୀମିତ ରହିଥାଏ। ଉପଚାରର ମୁଖ୍ୟ ଲକ୍ଷ୍ୟ ହେଉଛି ଫୋଲିସିଲ ବୃଦ୍ଧି ସମୟରେ ରକ୍ତରେ ଏଲଏଚ ସ୍ତରକୁ ହ୍ରାସ କରାଇବା, ଯେବେକି ଉଚ୍ଚ ସ୍ତରର ଏଲଏଚ ଡିମ୍ବ ଗୁଣବତ୍ତାକୁ ହ୍ରାସ, ଅପରିପକ୍ୱ ଡିମ୍ବାଶୟ ନିଷ୍କାସନ ଏବଂ ଡିମ୍ବାଶୟ ଦ୍ୱାରା ପ୍ରୋଜେଷ୍ଟେରୋନ ସିନ୍ଥେସିସ୍‌କୁ ଉତ୍ତେଜିତ କରିପାରେ। ପ୍ରୋଜେଷ୍ଟେରୋନରେ ଅପରିପକ୍ୱତା ୟୁଟେରାଇନ ଲାଇନିଂର ଅନୁପଯୁକ୍ତ ବିକାଶ କରିଥାଏ ଏବଂ ଭ୍ରୂଣ ସ୍ଥାପନାରେ କମ୍ ଆଶଙ୍କା ଥାଏ। ଏଲଏଚ ଏବଂ ଏଫଏସଏଚ୍‌ର ସିନର୍ଜି ରକ୍ତ ସ୍ତରର ଅହେତୁକ ବୃଦ୍ଧିର କାରଣ ହୋଇଥାଏ। ତୃତୀୟ ଦିନର ଉପଚାରରେ ଏଲଏଚ୍+ଏଫଏସଏଚ୍‌ର ସତ୍ତ୍ୱକୁ ଏକତ୍ର ନିଆଯାଏ, ଯାହାକି ଫୋଲିସିଲର ଅବିରତ ବୃଦ୍ଧିକୁ ଉତ୍ତେଜିତ କରିଥାଏ, ଯେବେକି ଏଫଏସଏଚ୍‌ର ପିଟ୍ୟୁଟାରୀ ନିର୍ଗମନ ହ୍ରାସ ପାଇଥାଏ।



ନିକଟରେ କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଲଏଚ୍ କମ୍ ଥିବା ରୋଗୀମାନଙ୍କର ଡିମ୍ବାଶୟର ପ୍ରତିକ୍ରିୟା ଆଣ୍ଟାଗୋନିଷ୍ଟ ସାଇକେଲ ମଧ୍ୟରେ ଗତି କରିଥାନ୍ତି ଏବଂ ଥରେ ଯେତେବେଳେ ଏଫଏସଏଚ ଏଲଏଚ ସପ୍ଲିମେଣ୍ଟେଶନ ସହିତ ଏକତ୍ର ହୋଇଥାଏ, ସେତେବେଳେ କିଛି ନିର୍ଦ୍ଦିଷ୍ଟ ଫଳାଫଳ ପାଇଁ ଏଫଏସଏଚ ଏକୁଟିଆ ପୁନଃ ମିଳନ ହୋଇଥାଏ। ଏହାର ମୁଖ୍ୟ ଫଳାଫଳ ଥିଲା କି ଜନ୍ମ ହେବା ରେଟ୍ ଏବଂ ଦ୍ୱିତୀୟ ଫଳାଫଳଗୁଡିକ ଉତ୍ତମ ଏସ୍ତ୍ରାଡିଅଲ ସ୍ତର, ଡିମ୍ବ ସଂଖ୍ୟା ସଂଗ୍ରହ, ଭ୍ରୂଣ ସ୍ଥାନାନ୍ତରଣ ଏବଂ ପ୍ରୋଜେନ, ମହିଳାମାନଙ୍କଠାରେ ଏଣ୍ଡୋମେଟେରିଆଲ ମୋଟାପା ଦେଖାଯାଇଥାଏ, ଯେଉଁମାନେ କି ଏକତ୍ର ସପ୍ଲିମେଣ୍ଟ ନେଇଥାନ୍ତି।



ପାଖାପାଖି ୨୦୭ ଆଇଭିଏଫ ସାଇକେଲଙ୍କ ମଧ୍ୟରେ ଏକ କେସ୍ ଷ୍ଟଡି କରାଯାଇଥିଲା। ଯେଉଁଠାରେ ୮୧ଟି ସାଇକେଲ ସ୍ୱାଭାବିକ ଥିବା ବେଳେ ୫୧ ଜଣଙ୍କୁ ଏଲଏଚ ସପ୍ଲିମେଣ୍ଟେଶନ ଦିଆଯାଇଥିଲା ଏବଂ ୭୫ ଜଣଙ୍କୁ କିଛି ଦିଆଯାଇ ନ ଥିଲା। ଉକ୍ତ ତିନୋଟି ଦଳଙ୍କୁ ବୟସ ଅନୁଯାୟୀ, ଏଫଏସଏଚ ପ୍ରାରମ୍ଭିକ ଡୋଜ୍, ଭ୍ରୂଣ ସଂଖ୍ୟାରେ ସ୍ଥାନାନ୍ତରଣ, ଫ୍ରୋଜେନ ଭ୍ରୂଣର ସଂଖ୍ୟା ଏବଂ ଏଣ୍ଡୋମେଟେରିଆଲ ମୋଟାପା ଭିତ୍ତିରେ ପୃଥକ୍ କରାଯାଇଥିଲା। ତେଣୁ ଗ୍ରୁପ୍ ୧ର ୮୦ ଜଣ ମହିଳା ଏଫଏସଏଚ୍ ଉତ୍ତେଜନାର ମଧ୍ୟମ ସମୟର ଖୁବ୍ କମ୍‌ରେ ରହିଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ ଭାବେ କେତେକ ଡିମ୍ବାଣୁ ଉଭୟ ଅନ୍ୟ ଗ୍ରୁପ୍ ତୁଳନାରେ ସଂଗ୍ରହ କରାଯାଇଥିଲା। ଯଦିଓ ସେମାନଙ୍କ ମଧ୍ୟରେ ଭ୍ରୂଣ ସ୍ଥାନାନ୍ତରଣ କିମ୍ବା ପ୍ରୋଜେନ ସଂଖ୍ୟାରେ କିଛି ବି ପାର୍ଥକ୍ୟ ନ ଥିଲା। ଗ୍ରୁପ୍ ୨ ଦଳର ମହିଳାମାନେ ଏଲଏଚ ସପ୍ଲିମେଣ୍ଟାରେ ଥିବା ବେଳେ ଯେଉଁ ରୋଗୀମାନେ ସପ୍ଲିମେଣ୍ଟ ନେଇ ନ ଥିଲେ ସେମାନଙ୍କ ତୁଳନାରେ ସିରମ ଏସ୍ତ୍ରାଡିଅଲ ସଂଖ୍ୟା ଅଧିକ ରହିଥିଲା।

ଏହିପରି ଭାବରେ ମହିଳା ମାନଙ୍କର ଏକ ବଡ଼ ଦଳ ଏଲଏଚ ସପ୍ଲିମେଣ୍ଟେଶନରୁ ଉପକୃତ ହୋଇ ଥିଲେ। ଯଦି ଉପଯୁକ୍ତ ରୋଗୀଙ୍କ ଉପରେ ଦୃଷ୍ଟିକେନ୍ଦ୍ରିତ କରାଯାଏ, ତେବେ ଆଇଭିଏଫ୍‌ରେ ଏଲଏଚ ଏବଂ ଏଫଏସଏଚ୍ ସାଇକେଲର ସମ୍ଭାବନା ଉପାଦେୟ ହୋଇପାରେ। ଆଇଭିଏଫର ସଫଳତା ମାତ୍ରା ହେଉଛି ଅଧିକ କିନ୍ତୁ କିଛି ନିର୍ଦ୍ଦିଷ୍ଟ ମହିଳାମାନଙ୍କ କ୍ଷେତ୍ରରେ ଅଧିକ ନୁହେଁ, ଯେଉଁମାନେ କି ବାରମ୍ବାର ଶାରୀରିକ, ଆବେଗିକ ଏବଂ ଆର୍ଥିକ ଚିନ୍ତା ଦେଇ ବାରମ୍ବାର ଗତି କରିଥାନ୍ତି। ଉକ୍ତ ସର୍ବେକ୍ଷଣ ଏଲଏଚ୍ ସପ୍ଲିମେଣ୍ଟେଶନ ବ୍ୟବହାର ଦ୍ୱାରା ବର୍ଦ୍ଧିତ ସଫଳତା ମାତ୍ରାର କ୍ଷମତା ରହିଛି ବୋଲି ସୂଚିତ କରିଥାଏ।

*-ଆଇଭିଏଫ୍ ବିଶେଷଜ୍ଞ*
*ଇନ୍ଦିରା ଆଇଭିଏଫ୍, ଭୁବନେଶ୍ୱର*
*ମୋ:୯୪୩୮୧୭୫୧୦୮*



ଫ୍ୟାଶନ

# କୁଲ୍ ଫୁଟ୍‌ୱେର

ଶୀତ ହେଉ କି ଖରା ସବୁ ସିଜନ୍‌ରେ ଝିଅମାନେ ନିଜକୁ ଅପ୍‌ଡେଟ୍ ରଖିବାକୁ ପସନ୍ଦ କରିଥାନ୍ତି। ଏଥିଲାଗି ଷ୍ଟାଇଲିଶ୍ ଲୁକ୍ ଦେଇଥାନ୍ତି। ଝିଅମାନଙ୍କ ଆସେସରିଜ୍ ମଧ୍ୟରୁ ଫୁଟ୍‌ୱେର ଅନ୍ୟତମ, ଯାହା ନିଜର ରଙ୍ଗରୂପ ଓ ଷ୍ଟାଇଲ୍ ଦ୍ୱାରା ଆପଣଙ୍କୁ ଷ୍ଟାଇଲିଶ୍ କରିଥାଏ। ଏଥିଲାଗି ଆଜି ଆପଣଙ୍କ ପାଇଁ କିଛି ଏମିତି ଫୁଟ୍‌ୱେର ଆଣିଛୁ, ଯାହାର ସାହାଯ୍ୟ ନେଇ ଆପଣ ଖରାଦିନେ ବି କୁଲ୍ ଲୁକ୍ ଦେଇପାରିବେ।

**କଲରଫୁଲ୍ ଫୁଟ୍‌ୱେର**

ପ୍ଲେନ୍ ଟି ଶାର୍ଟ ଓ ଜିନ୍ସ ସହିତ କଲରଫୁଲ ହିଲ୍ସ ଓ ଫ୍ଲାଟ୍ ଫୁଟ୍‌ୱେର ପିନ୍ଧାଯାଇପାରେ।

**କଲରଫୁଲ୍ ବାଲେଟ୍ ଫ୍ଲାଟ୍ ଫୁଟ୍‌ୱେର**

ଯେଉଁମାନେ ହିଲ୍ ପିନ୍ଧିବାକୁ ପସନ୍ଦ କରନ୍ତି ନାହିଁ ତାଙ୍କ ପାଇଁ ପ୍ରିଣ୍ଟେଡ୍ ବାଲେଟ୍ ପୂରା ପରଫେକ୍ଟ। ଏହା ତାଙ୍କୁ ଆରାମ ଦେଇଥାଏ।



**କାଜୁଆଲ ଫୁଟ୍‌ୱେର**

ଖରା ସିଜନ୍‌ରେ ଏହି ଫନି ଡିଜାଇନ୍ ସୁଇଟେବଲ୍ ହୋଇଥାଏ। ପାର୍ଟି ଯିବାର ଥିଲେ କି କଲେଜ୍ ଏହା ଦୁଇଟି ଯାକ ଜାଗାରେ ପିନ୍ଧିବା ପାଇଁ ଉପଯୁକ୍ତ। ଏହି ସମୟରେ ବଜାରରେ କେତେ ରଙ୍ଗର ରିବନ ଷ୍ଟ୍ରେପ୍, ବିଡ୍ସ, ଲଟକନ ଓ ରେଶମ ସୂତା ଗୁଚ୍ଛରେ ସଜ୍ଜିତ ହୋଇଥିବା ସ୍ୟାଣ୍ଡେଲ୍ ମାର୍କେଟରେ ମିଳୁଛି, ତାକୁ ବି ପିନ୍ଧିପାରିବେ।



# ଘରର ମୁଖ୍ୟ ଦ୍ୱାର ଓ ବାସ୍ତୁଶାସ୍ତ୍ର

- ଘର ସାମ୍ନାରେ କୌଣସି କଣ୍ଟାଜାତୀୟ ବୃକ୍ଷ ଲଗାନ୍ତୁ ନାହିଁ। ଏପରି ଗଛ ବାହାରେ ଲଗାଇବା ଦ୍ୱାରା ସବୁ ପଜିଟିଭ୍ ଏନର୍ଜି ବାହାରକୁ ପଳାଏ। ଏହା ସହ କଣ୍ଟାଜାତୀୟ ଫୁଲ କିମ୍ବା ଗଛ ଲଗାଇବା ଦ୍ୱାରା ଘରେ ରହୁଥିବା ସଦସ୍ୟଙ୍କ ମାନସିକ ସମସ୍ୟା ଦେଖାଯାଇପାରେ।
- ଯେଉଁ ଦୁଆର ଦେଇ ଘରେ ପ୍ରବେଶ କରୁଛନ୍ତି ସେଠି କୌଣସି ଭଙ୍ଗା ଜିନିଷ ରଖନ୍ତୁ ନାହିଁ। ଭଙ୍ଗା ଚେୟାର, ଖଟ, ସୋଫା ବା ଅନ୍ୟ କୌଣସି ସାମଗ୍ରୀ ରଖିବା ଦ୍ୱାରା ଘରେ ଅଶାନ୍ତି ବଢ଼ିଥାଏ।
- ଘରର ମୁଖ୍ୟ ଦ୍ୱାର ସାମ୍ନାରେ ମନ୍ଦିର କଲେ ସେଥିରେ ଦେବଦେବୀ ବାସ କରନ୍ତି ନାହିଁ। ଏହାଦ୍ୱାରା କେତେ କଷ୍ଟ ଭୋଗିବାକୁ ପଡ଼ିପାରେ।
- ଘର ସାମ୍ନାରେ କେବେବି କୂଅ କିମ୍ବା ଗାଡ଼ ରଖନ୍ତୁ ନାହିଁ।



"ଆଗାମୀ ବର୍ଷେ ସୁଦ୍ଧା ଫୁଲ୍‌ଫ୍ରେମ ମିରର ଲେସ୍ କ୍ୟାମେରା ବର୍ଗରେ ୨୦% ବଜାର ଅଂଶୀଦାର ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।"

–ମନୀଷ ଶର୍ମା,ସିଇଓ, ପାନାସୋନିକ ଇଣ୍ଡିଆ



"ଜେଟ ଏୟାରୱେଜ ସମସ୍ୟା ସମାଧାନ ଲାଗି ବ୍ୟାଙ୍କ, ଋଣ ପ୍ରଦାନକାରୀ ସଂସ୍ଥାଙ୍କ ସହ ମିଳିତ ହୋଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।"

–ସୁରେଶ ପ୍ରଭୁ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କୁ ଜେଟ୍ ପାଇଲଟଙ୍କ ଗୁହାରି

ମୁମ୍ବାଇ,୧୫-୪: ଋଣରେ ବୁଡ଼ି ଯାଇଥିବା ଏୟାରଲାଇନ କମ୍ପାନୀ ଜେଟ୍ ଏୟାରୱେଜର ପାଇଲଟମାନେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ଙ୍କ ନିକଟରେ ଚାକିରୀ ରକ୍ଷା ଲାଗି ଗୁହାରି କରିଛନ୍ତି। କମ୍ପାନୀର ପାଇଲଟ ସଂଗଠନ ନ୍ୟାଶନାଲ ଏଭିଏଟର୍ସ ଗିଲ୍‌ଡ ଏସ୍‌ବିଆଇକୁ ୧୫୦୦କୋଟି ଟଙ୍କା ଜାରି କରିବାକୁ ଅନୁରୋଧ କରିଛି। ସଂଗଠନ ସହ ଜଡ଼ିତ କମ୍ପାନୀର ୨୦ ହଜାର କର୍ମଚାରୀଙ୍କ ନିଯୁକ୍ତି ରକ୍ଷା ଲାଗି ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ମ୍ୟାନେଜମେଣ୍ଟ ସହ ଋଣ ପ୍ରଦାନକାରୀଙ୍କ ଆଲୋଚନା ବିଫଳ ହୋଇଛି । ମଙ୍ଗଳବାର ପୁନର୍ବାର ଆଲୋଚନା ହେବ । ଗିଲ୍‌ଡ ଉପାଧକ୍ଷ ଆଦିମ ବାଲିୟାନୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜେଟ୍‌ରେ କାମ କରୁଥିବା କର୍ମଚାରୀଙ୍କ ଚାକିରୀ ବଞ୍ଚାଇବାକୁ ପଦକ୍ଷେପ ନିଅନ୍ତୁ। ସୂଚନାଥାଉ କି, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ସୋମବାର ଜେଟ୍ ଏୟାରୱେଜର ପାଇଲଟ, ଇଞ୍ଜିନିୟର ଏବଂ ବରିଷ୍ଠ କର୍ମଚାରୀମାନେ ବେତନ ପାଇବା ଦାବି ନେଇ କମ୍ପାନୀ ମୁଖ୍ୟାଳୟରେ ଏକତ୍ରିତ ହୋଇଥିଲେ।

### ପାଇକାରୀ ମୁଦ୍ରାସ୍ଫୀତି ୩.୧୮%କୁ ବୃଦ୍ଧି



ନୂଆଦିଲ୍ଲୀ,୧୫-୪: ଖାଦ୍ୟପଦାର୍ଥ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି କାରଣରୁ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି କ୍ରମାଗତ ଦ୍ୱିତୀୟ ମାସ ବୃଦ୍ଧି ପାଇଛି ଏବଂ ମାର୍ଚ୍ଚରେ ଏହା ୩.୧୮%ରେ ପହଞ୍ଚିଯାଇଛି। ସୋମବାର ଜାରି ସରକାରୀ ତଥ୍ୟରୁ ଏହା ଜଣାପଡିଛି। ଫେବୃୟାରୀରେ ଏହା ୨.୯୩% ରହିଥିବା ବେଳେ ଗତବର୍ଷ ମାର୍ଚ୍ଚରେ ୨.୭୪% ରହିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ଖାଦ୍ୟପଦାର୍ଥ ଓ ପନିପରିବା ଦରରେ ବେଶ ବୃଦ୍ଧି ପରିଲକ୍ଷିତ ହୋଇଛି। ପନିପରିବା କ୍ଷେତ୍ରରେ ମୁଦ୍ରାସ୍ଫୀତି ଫେବୃୟାରୀରେ ୬.୮୨% ଥିବା ବେଳେ ମାର୍ଚ୍ଚରେ ଏହା ବଢ଼ି ୨୮.୧୩% ହୋଇଛି। ତେବେ ଆଳୁ ଦର ଫେବୃୟାରୀରେ ୨୩.୪୦ ପ୍ରତିଶତ ରହିଥିବା ବେଳେ ମାର୍ଚ୍ଚରେ ଏହା ହ୍ରାସ ପାଇ ୧.୩୦ ପ୍ରତିଶତ ହୋଇଛି। ଆଲୋଚ୍ୟ ମାସରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ୫.୬୮ ପ୍ରତିଶତ ରହିଛି। ଇନ୍ଧନ ଏବଂ ବିଜୁଳି କ୍ଷେତ୍ରରେ ମଧ ମୁଦ୍ରାସ୍ଫୀତି ଫେବୃୟାରୀରେ ୨୨୩% ରହିଥିବା ବେଳେ ମାର୍ଚ୍ଚରେ ୫.୪୧ ପ୍ରତିଶତକୁ ବୃଦ୍ଧି ପାଇଛି। ସପ୍ତାହକ ପୂର୍ବେ ପ୍ରାପ୍ତ ତଥ୍ୟରୁ ଜଣାପଡିଛି ଯେ, ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ୨.୮୬%କୁ ବୃଦ୍ଧି ପାଇଛି, ଯାହାକି ଫେବୃୟାରୀରେ ୨.୫୭% ରହିଥିଲା।

### ରପ୍ତାନି ୫୪୦ ବିଲିୟନ ଛୁଇଁଲା



ମେଙ୍ଗାଲୁରୁ/ନୂଆଦିଲ୍ଲୀ,୧୫-୪: ଗତ ଆର୍ଥିକ ବର୍ଷ ୨୦୧୮-୧୯ରେ ଦେଶର ରପ୍ତାନି ସର୍ବୋଚ୍ଚ ସ୍ତର ଛୁଇଁଛି। ଏହି ଅବଧିରେ ରପ୍ତାନି ୫୪୦ ବିଲିୟନ ଡଲାର ହୋଇଛି। ଏଥିମଧ୍ୟରୁ ମର୍ଚ୍ଚାଣ୍ଡାଇଜ ରପ୍ତାନି ୩୩୦ ବିଲିୟନ ହୋଇଥିବା ବେଳେ ସେବା କ୍ଷେତ୍ରରେ ୨୧୦ ବିଲିୟନ ଡଲାର ରପ୍ତାନି ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ଆଲୋଚ୍ୟ ବର୍ଷରେ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ୧୦ ବିଲିୟନ ଡଲାରକୁ ହ୍ରାସ ପାଇଛି, ଯାହା କି ପୂର୍ବବର୍ଷ ୬୩ ବିଲିୟନ ଡଲାର ଥିଲା। ଅନ୍ୟପକ୍ଷରେ ଦେଶର ରପ୍ତାନି ମାର୍ଚ୍ଚରେ ୧୧ପ୍ରତିଶତ ବଢ଼ି ୩୨.୫୫ ବିଲିୟନ ଡଲାରରେ ପହଞ୍ଚିଛି। ଫାର୍ମା, ରସାୟନ ଏବଂ ଇଞ୍ଜିନିୟରିଂ ଭଳି କ୍ଷେତ୍ରରେ ଉଚ୍ଚ ବୃଦ୍ଧି ଯୋଗୁ ରପ୍ତାନି ବଢ଼ିଛି। ସୋମବାର ଜାରି ସରକାରୀ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୧୯ରେ ଆମଦାନୀ ୧.୪୪ ପ୍ରତିଶତ ବୃଦ୍ଧି ପାଇ ୪୩.୪୪ ବିଲିୟନ ଡଲାର ରହିଛି।

## ଆର୍ଥିକ ବର୍ଷ ୨୦୧୯ରେ

# ଇଣ୍ଡିଆ ପୋଷ୍ଟର କ୍ଷତି ୧୫ ହଜାର କୋଟି

- କ୍ଷତିରେ ବିଏସ୍‌ଏନ୍‌ଏଲ, ଏୟାର ଇଣ୍ଡିଆକୁ ଟପିଗଲା
- ବିଏସ୍‌ଏନ୍‌ଏଲ ୮ ହଜାର, ଏୟାର ଇଣ୍ଡିଆ ୫୩୪୦ କୋଟି କ୍ଷତି ସହିଛି
- ଇ-କମର୍ସ ବ୍ୟବସ୍ଥା ଆପଣାଇବାକୁ ପରାମର୍ଶ

ନୂଆଦିଲ୍ଲୀ,୧୫-୪




ବିଏସ୍‌ଏନ୍‌ଏଲ ଏବଂ ଏୟାର ଇଣ୍ଡିଆ ସର୍ବାଧିକ କ୍ଷତି ସହିଥିବା ସରକାରୀ କମ୍ପାନୀ ମନେ କରାଯାଉଥିଲା। କିନ୍ତୁ ଅନ୍ୟ ଏକ ସରକାରୀ ସଂସ୍ଥା କ୍ଷତି ସହିବାରେ ଏହି ଦୁଇ ରାଷ୍ଟ୍ରାୟତ୍ତ କମ୍ପାନୀକୁ ବଳିଯାଇଛି। ସାରା ଦେଶରେ ୧.୫ ଲକ୍ଷରୁ ଅଧିକ ଡାକଘର ଏବଂ ପପୁଲାର ସେଭିଙ୍ଗସ ସ୍କିମ୍ ଚଳାଉଥିବା ଇଣ୍ଡିଆ ପୋଷ୍ଟର କ୍ଷତି ୨୦୧୯ ଆର୍ଥିକ ବର୍ଷ(୨୦୧୮-୧୯)ରେ ୧୫ ହଜାର କୋଟି ଟଙ୍କାରେ ପହଞ୍ଚି ଯାଇଛି। ଆର୍ଥିକ ବର୍ଷ ୨୦୧୭ରେ ବିଏସ୍‌ଏନ୍‌ଏଲ୍ ଏବଂ ଏୟାର ଇଣ୍ଡିଆର କ୍ଷତିର ପରିମାଣ ଯଥାକ୍ରମେ ୮ ହଜାର କୋଟି ଏବଂ ୫୩୪୦ କୋଟି ଟଙ୍କା ଥିଲା। କ୍ଷତିରେ ଚାଲୁଥିବା ଅନ୍ୟ ସରକାରୀ ସଂସ୍ଥା ଭଳି ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଅଧିକ ବ୍ୟୟ କରୁଛି। ଫଳରେ ଏହାର ଅପରେଟିଂ କଷ୍ଟ ବା କ୍ରିୟାନ୍ୱୟନ ଖର୍ଚ୍ଚ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାର ବିଭିନ୍ନ ସମୟରେ ବେତନ କମିଶନ ଲାଗୁ କରିବା ଯୋଗୁ ବର୍ତ୍ତମାନ ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଏହାର ମୋଟ ରାଜସ୍ୱର ୯୦ ପ୍ରତିଶତ ଖର୍ଚ୍ଚ କରୁଛି। ତେବେ ରାଜସ୍ୱ ଆଦାୟ ଦିନକୁ ଦିନ କମିବାରେ ଲାଗିଛି। ଆର୍ଥିକ ବର୍ଷ ୨୦୧୮-୧୯ର ସଂଶୋଧିତ ଆକଳନ ଅନୁଯାୟୀ ଦରମା ଓ ଭତ୍ତା ବାବଦରେ ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ୧୬,୬୨୦ କୋଟି ଟଙ୍କା ଖର୍ଚ୍ଚ କରିଛି। କିନ୍ତୁ ଏହା ସେହି ବର୍ଷ ୧୮ ହଜାର କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। ସେଥିରେ ୯୭୮୨ କୋଟି ଟଙ୍କାର ପେନସନ ବାବଦ ଖର୍ଚ୍ଚକୁ ଯୋଡି ଦିଆଗଲେ ଆଲୋଚ୍ୟ ଆର୍ଥିକ ବର୍ଷରେ କେବଳ କର୍ମଚାରୀଙ୍କ ବାବଦରେ ବ୍ୟୟ ୨୬,୪୦୦ କୋଟି ଟଙ୍କା ହୋଇଛି। ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ଆର୍ଥିକ ବର୍ଷ ୨୦୨୦ରେ ଦରମା ଓ ଭତ୍ତା ବାବଦରେ ୧୭,୪୫୧ କୋଟି ଏବଂ ପେନସନ ବାବଦରେ ୧୦,୨୭୧ କୋଟି ଟଙ୍କା ବ୍ୟୟ କରିବ ବୋଲି ଆକଳନ କରିଛି। ସେହିବର୍ଷ ରାଜସ୍ୱ ଆଦାୟ ୧୯,୨୦୩ କୋଟି ଟଙ୍କା ରହିବ ବୋଲି ଦର୍ଶାଯାଇଛି। କମ୍ପାନୀ ଏହି କ୍ଷତିରୁ ବାହାରି ଆସିବାକୁ ପ୍ରୟାସ କରୁଥିବା ବେଳେ ସାମଗ୍ରୀ ମୂଲ୍ୟ ହ୍ରାସ ପାଉଥିବାରୁ ଏବଂ ପାରମ୍ପରିକ ସେବା କ୍ଷେତ୍ରରେ ଅନ୍ୟ ବିକଳ୍ପ ମିଳୁଥିବାରୁ ତାହା ସମ୍ଭବ ହୋଇପାରୁନି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୪.୩୩ ଲକ୍ଷ କର୍ମଚାରୀ ଏବଂ ୧.୫୬ ଲକ୍ଷ ପୋଷ୍ଟ ଅଫିସକୁ କାର୍ଯ୍ୟରେ ଲଗାଇବା ଲାଗି ଇଣ୍ଡିଆ ପୋଷ୍ଟ ଇ-କମର୍ସ ବ୍ୟବସ୍ଥା ଆପଣାଇବାକୁ ସରକାର ପରାମର୍ଶ ଦେଇଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଦେଶରେ ସମସ୍ତ ବ୍ୟାଙ୍କର ଶାଖାଠାରୁ ଅଧିକ ପୋଷ୍ଟ ଅଫିସ ରହିଛି। ସେହି କାରଣରୁ କ୍ଷତି ବଢ଼ି ବଢ଼ି ଚାଲିଛି। ଇଣ୍ଡିଆ ପୋଷ୍ଟ ଗୋଟିଏ ପୋଷ୍ଟ କାର୍ଡ ଛପାଇବାରେ ୧୨.୧୫ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ମାତ୍ର ୫୦ ପଇସାରେ ଏହାକୁ ବିକୁଛି। ପାର୍ସଲ ସେବା, ବୁକ୍ ପୋଷ୍ଟ, ସ୍ପିଡ ପୋଷ୍ଟ, ରେଜିଷ୍ଟ୍ରେଶନ ଆଦି ସେବାରେ କ୍ଷତି ସହିବାକୁ ପଡୁଛି। ଏହାଛଡ଼ା ଇଣ୍ଡିଆ ପୋଷ୍ଟ ସୋଭରେନ ଗୋଲ୍ଡ ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ବୀମା, ପାର୍ସପୋର୍ଟ ସେବା ଯୋଗାଣ, ରେଲୱେ ଟିକେଟ ଭଳି ଏକାଧିକ ଆର୍ଥିକ ସେବା କ୍ଷେତ୍ରରେ ପାଦ ଥାପିଛି। କିନ୍ତୁ ଏଥିରୁ ସେଭଳି ଲାଭ ହେଉନି। ୨୦୧୮ ଆର୍ଥିକ ବର୍ଷରେ ଏହିସବୁ ସେବା ଯୋଗାଣରୁ ୮୪୪ କୋଟି ଟଙ୍କାର ରାଜସ୍ୱ ମିଳିଛି। ଏହାଛଡ଼ା ଇଣ୍ଡିଆ ପୋଷ୍ଟ ନ୍ୟାଶନାଲ ସେଭିଙ୍ଗସ ସ୍କିମ୍ ଏବଂ ସେଭିଂ ସାର୍ଟିଫିକେଟ ବିକ୍ରି କରି ଅଧିକ ରାଜସ୍ୱ ପାଇଥାଏ। ଏହା ୨୦୧୭ ଆର୍ଥିକ ବର୍ଷରେ ମୋଟ ରାଜସ୍ୱର ୬୦% ଅର୍ଥାତ ୧୧,୫୧୧ କୋଟି ଟଙ୍କା ହାସଲ କରିଛି। ବିଶେଷଜ୍ଞଙ୍କ ମତରେ ଇଣ୍ଡିଆ ପୋଷ୍ଟର ଦେଶର କୋଣ ଅନୁକୋଣରେ ଉପସ୍ଥିତି ରହିଥିବାରୁ ଏହା ଇ-କମର୍ସ କମ୍ପାନୀଙ୍କ ଲାଗି କ୍ୟାଶ ଅନ୍ ଡେଲିଭରି ସେବା ଯୋଗାଇ ବେଶ ଅର୍ଥ ଅର୍ଜନ କରିପାରିବ। ତେବେ ଗୋଦାମ ଅଭାବ ଏଦିଗରେ ବଡ଼ ବାଧକ ହୋଇଛି।

## ଆକର୍ଷଣୀୟ ରିହାତି ଦେଉଛି ଡୁରିଆନ୍

ଭୁବନେଶ୍ୱର,୧୫-୪

ପ୍ରମୁଖ ଫର୍ନିଚର ବ୍ରାଣ୍ଡ ଡୁରିଆନ୍ ପକ୍ଷରୁ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକମାନେ ଡୁରିଆନ୍‌ର ଶୋ'ରୁମରେ ଫ୍ଲାଟ ୫୦% ରିହାତି ପାଇପାରିବେ। ଏହି ଅଫର ବଛାବଛା ହୋମ୍ ଏବଂ ଅଫିସ ଫର୍ନିଚର ଉପରେ ଲାଗୁ ହେବ। ମାର୍ଚ୍ଚ ୩୦ରୁ ଆରମ୍ଭ ହୋଇଥିବା ଅଫର ସୀମିତ ସମୟ ଲାଗି ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ସାରା ଦେଶରେ ୩୭ ଷ୍ଟୋର ସହ ପ୍ରଡକ୍ଟ ଏବଂ ସେବା ଯୋଗାଣ କରୁଛି। ଭୁବନେଶ୍ୱରର ସାମନ୍ତରାପୁରଠାରେ ଗ୍ରାହକ ଏହି ଅଫର ଲାଭ କରି ପାରିବେ। ସୋଫା, ଟିପୟ, ଡାଇନିଂ, ବେଡ୍ ରୁମ ଏବଂ ଅଫିସ ଫର୍ନିଚର ବର୍ଗରେ ବିସ୍ତୃତ ପ୍ରଡକ୍ଟ ଗ୍ରାହକ ପାଇପାରିବେ। ଭୁବନେଶ୍ୱରର ଶୋ'ରୁମ ୧୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଅବସ୍ଥିତ। ଗ୍ରାହକମାନେ ସେମାନଙ୍କ ଆବଶ୍ୟକତା ମୁତାବକ ବିଭିନ୍ନ ପ୍ରଡକ୍ଟ ଏଠାରେ ଲାଭ କରିବାକୁ ସକ୍ଷମ ହେବେ ବୋଲି ଡୁରିଆନ୍‌ର ରାଜ୍ୟ ମୁଖ୍ୟ ଅଜୟ ଶର୍ମା ସୂଚନା ଦେଇଛନ୍ତି। ଏଠାରେ ପ୍ୟୁର ଲେଦର, ଫ୍ୟାବ୍ରିକର ବିଭିନ୍ନ ପ୍ରଡକ୍ଟ ମଧ ସାମିଲ ରହିଛି। ବଜାଜ,ଏଚ୍‌ଡିଏଫ୍‌ସି ଏବଂ କ୍ରେଡିଟ କାର୍ଡରେ ସହଜ ଇଏମ୍‌ଆଇ ରହିଛି। ପେଟିଏମ୍ ମଲରେ ପେମେଣ୍ଟ ଉପରେ ବୋନାଞ୍ଜା ଗିଫ୍ଟ ଭାଉଚର ପାଇବେ। ଅଫରକୁ ଗ୍ରାହକଙ୍କ ଲାଗି କଷ୍ଟମାଇଜ କରାଯାଇଛି। ଗ୍ରାହକଙ୍କ ଚାହିଦାରେ ପରିବର୍ତ୍ତନ ଆସିଥିବାରୁ ବିଭିନ୍ନ ବର୍ଗର ଗ୍ରାହକଙ୍କୁ ବିଚାର କରି ପ୍ରଡକ୍ଟ ଡିଜାଇନ ହୋଇଥିବା ଶର୍ମା କହିଛନ୍ତି। ପ୍ରତି ପ୍ରଡକ୍ଟ ଉପରେ ଗ୍ରାହକ ୫ ବର୍ଷର ୱାରେଣ୍ଟି ଏବଂ ସହଜ ଡେଲିଭରି ସୁବିଧା ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି।

## ଏସ୍‌ବିଆଇ ଲାଇଫ୍‌ର ଆଞ୍ଚଳିକ କାର୍ଯ୍ୟାଳୟ ଶୁଭାରମ୍ଭ



ଭୁବନେଶ୍ୱର,୧୫-୪

ଏସ୍‌ବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ସ୍ଥାନୀୟ ଇନଫୋସିଟି ଇନଫିନିଆ ଟାୱାରରେ ନୂଆ ଆଞ୍ଚଳିକ କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଛି। ଏସ୍‌ବିଆଇ ଲାଇଫର ଏମ୍‌ଡି ତଥା ସିଇଓ ସଞ୍ଜୀବ ନୌଟିଆଲ ଏହାର ଉନ୍ମୋଚନ କରିଥିଲେ। ନୂଆ କାର୍ଯ୍ୟାଳୟ ଦ୍ୱାରା ସମ୍ପୂର୍ଣ୍ଣ ସୁରକ୍ଷା ଉତ୍ପାଦ ସମାଧାନ ପୋର୍ଟଫୋଲିଓକୁ ଗ୍ରାହକଙ୍କୁ ପ୍ରଦାନ କରିବାକୁ କମ୍ପାନୀ ଯୋଜନା ରଖିଛି। ଓଡ଼ିଶାରେ ବୀମା ସମାଧାନ ଲୋକଙ୍କ ନିକଟରେ ଏତେଟା ପହଞ୍ଚି ନ ଥିବାରୁ ଅଭିନବ ଢଙ୍ଗରେ ବିଭିନ୍ନ ଉତ୍ପାଦ ଏବଂ ସେବା ଯୋଗାଣ ନେଇ ଉଦ୍ୟମ ଜାରି ରହିବ ବୋଲି ସିଇଓ ନୌଟିଆଲ କହିଛନ୍ତି। ଓଡ଼ିଶାରେ ୩୮ଟି ସ୍ଥାନରେ ୪୦ ଶାଖା ସହ କମ୍ପାନୀ ଉପସ୍ଥିତିକୁ ସୁଦୃଢ କରୁଥିବା ନୌଟିଆଲ କହିଛନ୍ତି। ଏଥିରେ ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା ଏସ୍‌ବିଆଇ ଜୋନ ୩ ସଭାପତି ରବୀନ୍ଦ୍ର କୁମାର, ଆକ୍‌ଚୁରିଆଲ ରିସ୍କ ମ୍ୟାନେଜମେଣ୍ଟ ସଭାପତି ସଞ୍ଜୀବ ପୂଜାରୀ, ଏସ୍‌ବିଆଇ ଲାଇଫର ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୟ ଭଞ୍ଜନାଗର ପ୍ରମୁଖ ଉପସ୍ଥିତ ଥିଲେ।

## ନାଲ୍‌କୋ ପକ୍ଷରୁ ଆମ୍ବେଡ୍‌କର ଜୟନ୍ତୀ

ଭୁବନେଶ୍ୱର,୧୫-୪



ରାଷ୍ଟ୍ରାୟତ୍ତ ନାଲ୍‌କୋ ପକ୍ଷରୁ ସ୍ଥାନୀୟ ନାଲ୍‌କୋ ନଗରଠାରେ ଭାରତ ରତ୍ନ ବାବା ସାହେବ ବି.ଆର. ଆମ୍ବେଡ୍‌କରଙ୍କ ୧୨୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ନାଲ୍‌କୋ ଅଧକ୍ଷ ତପନ କୁମାର ଚାନ୍ଦ ଏହି ଅବସରରେ ଆମ୍ବେଡକରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଦେଶ ଗଠନରେ ଆମ୍ବେଡ୍‌କରଙ୍କ ଯୋଗଦାନ ତଥା ଭୂମିକା ଉପରେ ଚାନ୍ଦ ଏଠାରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସେହିଭଳି ସାମାଜିକ ଅନଗ୍ରସର ଶିଶୁଙ୍କୁ ସ୍ୱଚ୍ଛତା କିଟ୍ ପ୍ରଦାନ କରାଯାଇଥିଲା। ଏଥିରେ ନାଲ୍‌କୋର ବରିଷ୍ଠ ନିର୍ଦ୍ଦେଶକ, କର୍ମଚାରୀ, ନାଲ୍‌କୋ ଏସ୍‌ଟିଏସ୍‌ସି ୱେଲଫେୟାର ସଂଘ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ହିରୋ ଚ୍ୟାଲେଞ୍ଜ-୨୦୧୯ ଘୋଷଣା

ନୂଆଦିଲ୍ଲୀ,୧୫-୪

THE Hero CHALLENGE

ଇଂଲଣ୍ଡର ଲିଭରପୁଲ ୱାଟର ପ୍ରିନ୍ସ ଡକ୍‌ରେ ଦି ହିରୋ ଚ୍ୟାଲେଞ୍ଜ-୨୦୧୯ ଗଲ୍ଫ ନାଇଟ୍ ଅନୁଷ୍ଠିତ ହେବ। ବିଶ୍ୱରଖ୍ୟାତି ସମ୍ପନ୍ନ ଗଲ୍ଫର ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥି ଲାଗି ପ୍ରଶଂସକଙ୍କୁ ମାଗଣାରେ ଟିକେଟ ପ୍ରଦାନ କରାଯିବ। ମେ ୯ରୁ ୧୨ ହିଲ୍ ସାଇଡ ଗଲ୍ଫ କ୍ଲବରେ ବେଟଫ୍ରେଡ ବ୍ରିଟିଶ ମାଷ୍ଟର ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ଏହି ଗଲ୍ଫ ନାଇଟ୍ ଅନୁଷ୍ଠିତ ହେବ। ଏଭଳି ପଦକ୍ଷେପ ଦ୍ୱାରା ପେସାଦାରଙ୍କ ସହ ସମ୍ପର୍କ ଯୋଡିବା ସହିତ ଭବିଷ୍ୟତର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ହିରୋ ମୋଟୋକର୍ପର ସିଇଓ ପୱନ ମୁଞ୍ଜାଲ କହିଛନ୍ତି।

## କ୍ୟାରିବ୍ୟାଗ୍ ପାଇଁ ବାଟା ଗଣିଲା ୯ ହଜାର




ନୂଆଦିଲ୍ଲୀ,୧୫-୪

ବାଟା ଇଣ୍ଡିଆ ମାତ୍ର ୩ ଟଙ୍କାର କ୍ୟାରି ବ୍ୟାଗ୍ ପାଇଁ ୯ ହଜାର ଟଙ୍କା ଜରିମାନା ଗଣିବାକୁ ବାଧ ହୋଇଛି। ଜଣେ ଗ୍ରାହକଙ୍କ ଅଭିଯୋଗକ୍ରମେ କମ୍ପାନୀଠାରୁ ଏହି ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଫେବୃୟାରୀ ୫ରେ ଚଣ୍ଡିଗଡ଼ ସେକ୍ଟର ୨୨ସ୍ଥିତ ବାଟା ଇଣ୍ଡିଆର ଏକ ଆଉଟଲେଟରେ ଦିନେଶ ପ୍ରସାଦ ରତୁଡି ନାମକ ଜଣେ ଗ୍ରାହକ ୩୯୯ ଟଙ୍କାର ସପିଂ କରିଥିଲେ। କିନ୍ତୁ ତାଙ୍କ ପାଇଁ ୪୦୨ ଟଙ୍କାର ବିଲ୍ ତିଆରି ହୋଇଥିଲା। ଏହି ବିଲ୍‌ରେ କ୍ୟାରି ବ୍ୟାଗ୍ ବାବଦରେ ୩ ଟଙ୍କା ଯୋଡି ଦିଆଯାଇଥିଲା। ଗ୍ରାହକ ଏହି କ୍ୟାରି ବ୍ୟାଗ୍ ନେବାକୁ ଚାହୁଁ ନ ଥିଲେ, କିନ୍ତୁ ତାଙ୍କୁ ଏଥିପାଇଁ ବାଧ କରାଯାଇଥିଲା ଏବଂ ଚାର୍ଜ ଅସୁଲ କରାଯାଇଥିଲା। ରତୁଡି କଞ୍ଜ୍ୟୁମର ଫୋରମ୍‌ରେ ଏହା ବିରୋଧରେ ଅଭିଯୋଗ କରିଥିଲେ। ତେବେ ବାଟା ପକ୍ଷରୁ ଯୁକ୍ତି ଦର୍ଶାଯାଇ କୁହାଯାଇଥିଲା ଯେ, ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଗ୍ରାହକଙ୍କଠାରୁ ଚାର୍ଜ ଅସୁଲ କରାଯାଇଥିଲା। କିନ୍ତୁ ଫୋରମ କମ୍ପାନୀର ଏହି ଦାବିକୁ ଖାରଜ କରିଦେଇଥିଲେ। ପରିବେଶ ସୁରକ୍ଷା ଚିନ୍ତା ଥିଲେ କମ୍ପାନୀ ମାଗଣାରେ କ୍ୟାରି ବ୍ୟାଗ୍ ବାଣ୍ଟି ପାରିଥାନ୍ତା ବୋଲି ଫୋରମ କହିଥିଲେ। ରତୁଡିଙ୍କଠାରୁ ଅନ୍ୟାୟ ଭାବେ ନିଆଯାଇଥିବା ୩ ଟଙ୍କା ଫେରାଇବା ସହ କ୍ଷତିପୂରଣ ବାବଦରେ ୩ ହଜାର ଟଙ୍କା ଏବଂ ମାମଲା ପରିଚାଳନା ଖର୍ଚ୍ଚ ବାବଦରେ ଆହୁରି ୧ ହଜାର ଟଙ୍କା ଦେବାକୁ ଫୋରମ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା କମ୍ପାନୀକୁ କଞ୍ଜ୍ୟୁମର ଲିଗଲ ଏଡ୍ ଆକାଉଣ୍ଟରେ ୫ ହଜାର ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବାଟା ଇଣ୍ଡିଆ ଏହାର ସମସ୍ତ ଗ୍ରାହକଙ୍କୁ ମାଗଣାରେ କ୍ୟାରି ବ୍ୟାଗ୍ ଦେବାକୁ ଫୋରମ ନିର୍ଦ୍ଦେଶ ଦେଇଛନ୍ତି।

## ବେଙ୍ଗାଲୁରୁ ଏୟାରପୋର୍ଟରୁ ଯାତ୍ରା ହେବ ମହଙ୍ଗା

ନୂଆଦିଲ୍ଲୀ,୧୫-୪



ଯାତ୍ରୀଙ୍କ ଲାଗି ବେଙ୍ଗାଲୁରୁ ଏୟାରପୋର୍ଟରୁ ବିମାନ ଯାତ୍ରା କରିବା ମହଙ୍ଗା ହେବାକୁ ଯାଉଛି। ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ(ଏଇଆର୍‌ଏ) ଏହି ବିମାନବନ୍ଦରରୁ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ଠାରୁ ଟିକଟ ମୂଲ୍ୟ ସହିତ ୟୁଜର ଡେଭଲପମେଣ୍ଟ ଫିସ(ୟୁଡିଏଫ୍) ବାବଦରେ ୧୨୦ ପ୍ରତିଶତ ଚାର୍ଜ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୪ ମାସ ପାଇଁ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ନୂଆଦିଲ୍ଲୀ ଓ ମୁମ୍ବାଇ ପରେ ଦେଶର ଏହା ତୃତୀୟ ସବୁଠାରୁ ବ୍ୟସ୍ତ ବିମାନବନ୍ଦର କୁହାଯାଉଛି। ବିମାନବନ୍ଦରର ସମ୍ପ୍ରସାରଣ ଓ ଆଧୁନିକୀକରଣ କାର୍ଯ୍ୟଲାଗି ଅର୍ଥ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା ଆପଣାଯାଇଛି। ବେଙ୍ଗାଲୁରୁ ବିମାନବନ୍ଦର କର୍ତ୍ତୃପକ୍ଷ ସୋମବାର ଏକ ବୟାନ ଜାରି କରି ଘରୋଇ ଉଡ଼ାଣ ଲାଗି ୟୁଡିଏଫ୍‌କୁ ୧୩୯ରୁ ୩୦୬ ଟଙ୍କାକୁ ବୃଦ୍ଧି କରାଯାଇଥିବା କହିଛି। ସେହିପରି ଅନ୍ତଃରାଷ୍ଟ୍ରୀୟ ଉଡ଼ାଣ ପାଇଁ ଏହା ୫୫୮ ଟଙ୍କା ବଦଳରେ ୧୨୨୬ ଟଙ୍କା ହେବ ବୋଲି କୁହାଯାଇଛି। ନୂଆ ଦର ମଙ୍ଗଳବାରଠାରୁ ଲାଗୁ ହେବ। ବିବୃତିରେ କୁହାଯାଇଛି ଯେ, ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ଯାତ୍ରାରେ ନୂଆ ଶୁଳ୍କ ଯଥାକ୍ରମେ ୧୨୦ ପ୍ରତିଶତ ଏବଂ ୧୧୯ ପ୍ରତିଶତ ବୃଦ୍ଧି କରାଯାଇଛି।

## ଫିଟ୍‌ଜୀ କ୍ୟୁରେଟ ଆଡମିଶନ ଟେଷ୍ଟ ୨୧ରେ

FIITJEE

ଭୁବନେଶ୍ୱର, ୧୫-୪

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ପକ୍ଷରୁ ଏହାର କ୍ୟୁରେଟ କାର୍ଯ୍ୟକ୍ରମରେ ନାମଲେଖା ନିମନ୍ତେ ମେଧାବୃତ୍ତି ତଥା ଆଡମିଶନ ଟେଷ୍ଟ ଚଳିତ ମାସ ୨୧ରେ ଅନୁଷ୍ଠିତ ହେବ। ଏଥିପାଇଁ ପଞ୍ଜୀକରଣର ସମୟ ଏପ୍ରିଲ୍ ୨୦ ପର୍ଯ୍ୟନ୍ତ ରହିଛି। ଏଥିପାଇଁ ଆଗ୍ରହୀ ଛାତ୍ରୀଛାତ୍ର ନିକଟସ୍ଥ ଫିଟଜୀ ସେଣ୍ଟରରୁ କିମ୍ବା ଅନ୍‌ଲାଇନ୍ ମାଧ୍ୟମରେ ଲଗ୍‌ଅନ୍ କରି ପାଇପାରିବେ। ଏହି ଅବସରରେ ଫିଟ୍‌ଜୀ ନିର୍ଦ୍ଦେଶକ ଆର୍‌ଏଲ୍ ତ୍ରିଖା କହିଛନ୍ତି ଯେ, ୨୦୨୧ରେ ଆଇଆଇଟି ପାଇଁ ନିଜର ସ୍ୱପ୍ନ ପୂରଣ କରିବା ନିମନ୍ତେ କ୍ୟୁରେଟ୍ ହେଉଛି ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ସଠିକ୍ ମାର୍ଗ।

**PARADIP PORT TRUST**

**CORRIGENDUM - I TO E-TENDER CALL NOTICE NO. EM/MM/PE/04/2019/ 1903TDR52, Dt.19.03.2019 FOR SUPPLY OF PORTABLE DG SET & BATTERY CHARGER**

The due date of submission of Tender & opening of EMD Bid is hereby further extended as below. 1. Last Date of Submission of tender up to **5:00 PM** of **Dt.02.05.2019. 2.** Opening of EMD Bid at **3:30 PM** of **Dt.03.05.2019.** All other terms and conditions in the original tender remained unaltered. For details, log on to our Website: https://eprocure.gov.in/eprocure/app or contact the office of the undersigned.

Sd/- Dy. Materials Manager

PPT/PR/13/19-20 Dt.12.04.2019

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. : AIIMS/BBSR/Engg./ 492 & 479 /2019-20 Dated : 11th Apr 2019

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Comprehensive Maintenance of Civil Works of all the Buildings of Hospital Complex, Medical College Complex, Nursing College, Hostels & Residential Complex at AIIMS, Bhubaneswar."** *(NIT No. : AIIMS/BBSR/Engg./ 002 /2019-20)* and **"Connecting the Rain Water Pipes of all the Buildings to nearby Drain at Hospital Complex, AIIMS, Bhubaneswar"** *(NIT No. : AIIMS/BBSR/Engg./ 003 /2019-20).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
**Executive Engineer (Civil)**
**AIIMS, Bhubaneswar**

**OFFICE OF THE DEPUTY DIRECTOR OF MINES, KOIRA CIRCLE, KOIRA, DISTRICT : SUNDARGARH**

**E-mail: ddm.koira@orissaminerals.gov.in**

No.1536 **NOTICE** Date: 06.04.2019

**Loss of e-Transit Passes**

No.01-G:- This is to inform that the following e-Transit Passes in From M1/G1 issued for transportation of minerals from different mining lease holders/ plant (Licensee holders) under Koira mining Circle are lost during transit by the mineral carrying vehicles. These lost e-TPs are not to be re-used by treating as an authentic Govt. document in support of carrying minerals. Any use of such lost Transit Passes will be treated as unlawful / illegal and such act is punishable under Law.

| Sl No. | e-Pass No. (G1/ M1) / Date of issue | Vehicle No. | Source of Mineral | Destination | Remarks |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | M1 L21902272/85 dt.12.02.2019 | OD04H8085 | Jindal Steel & Power Ltd. (TRB Iron Mines) | JSPL, Barbil, Pellet Plant | Lost at Tensa near Bana Durga Temple enroute to JSPL, Barbil on dt.19.02.2019 loaded with 17.060 mt of Iron Ore fines of 60.23% Fe. |
| 2. | M1 L219038321/231 dt.10.03.2019 | OR23A0081 | AMTC (P) Ltd.- Narayanposhi Iron & Mn Mines | SMC Power & Generation Ltd. Jharsuguda | Lost at Badmal enroute to Jharsuguda on dt.11.03.2019 loaded with 18.600 mt of Iron Ore lumps of 61.07%Fe. |
| 3. | M1 L21902783/105 dt.10.03.2019 | OR04M6583 | Feegrde & Co. (P) Ltd.- Nadidihi Iron & Mn Mines | Feegrade & Co. (P) Ltd. Storing Plot at Paradeep Port | Lost at Kuakhia enroute to Paradeep Port on self A/c on dt.11.03.2019 loaded with 18.880 mt of Iron Ore Sc. fines of 56.63%Fe. |

It is hereby requested that, if any of the above transit Passes traced / found anywhere by any body, the said e-TP may please be returned generously to the Deputy Director of Mines-cum-Competent Authority, Koira 'or' in any of the circle office of Deputy Director of Mines / O/o the mining Officer of Steel & Mines Department, Odisha to prevent from illegal use of such e-Transit Passes.

30016/11/0001/1920 **Sd./- Deputy Director of Mines-cum-Competent Authority, Koira**

“ ଆଇପିଏଲ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ ଦଳର ନିଷ୍ପତ୍ତି ପ୍ରକ୍ରିୟାରେ ମୁଁ ଆଉ ଅଂଶବିଶେଷ ହୋଇ ରହିନାହିଁ ।

–ଡେଭିଡ ୱାର୍ନର, ଅଷ୍ଟ୍ରେଲୀୟ ଓପନର



“ ସନରାଇଜର୍ସ ହାଇଦ୍ରାବାଦକୁ ହରାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ପରେ ଆମର ଟାଇଟଲ ଜିତିବା ଆଶା ସଞ୍ଚାର ହୋଇଛି ।

–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ



# କାର୍ତ୍ତିକ, ବିଜୟ ଶଙ୍କରଙ୍କୁ ସୁଯୋଗ

କ୍ରିକେଟ ମହାକୁମ୍ଭ ଆଇସିସି ବିଶ୍ୱକପ କ୍ରମେ ପାଖେଇ ଆସିଛି। ମେ ୩୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଇଂଲଣ୍ଡରେ ଆୟୋଜନ ହେବ ଏହି ମେଗା ଇଭେଣ୍ଟ। ୧୦ ଦଳକୁ ନେଇ ହେବାକୁ ଯାଉଥିବା କ୍ରିକେଟର ଏହା ମେଗା ପ୍ରତିଯୋଗିତା ପାଇଁ ସୋମବାର ଭାରତୀୟ ଦଳ ଘୋଷଣା ହୋଇଛି। ଏଥିସହିତ ଖେଳାଳି ଚୟନକୁ ନେଇ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଏଥର ପଡ଼ିଆକୁ ଓହ୍ଲାଇବ ଟିମ୍ ଇଣ୍ଡିଆ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ରୋମାଞ୍ଚ ମଧ୍ୟରେ ବିଶ୍ୱକପ ଦଳ ଘୋଷଣା କ୍ରିକେଟ ପ୍ରେମୀଙ୍କ ମନରେ ଉଷ୍ମତା ଭରିଛି। ଏଣିକି ଆଇପିଏଲ ସହିତ ଆଇସିସି ବିଶ୍ୱକପକୁ ନେଇ ଚାଲିବ ଆଲୋଚନା ପର୍ଯ୍ୟାଲୋଚନା। ଏପରି ଏକ ସନ୍ଧିକ୍ଷଣରେ ଧରିତ୍ରୀ ପକ୍ଷରୁ ଆରମ୍ଭ ହୋଇଛି ଅବଗଣନା।




ମୁମ୍ବାଇ/ନୂଆଦିଲ୍ଲୀ, ୧୫।୪(ପି.ଟି.)

ମେ ୩୦ରୁ ଇଂଲଣ୍ଡରେ ହେବ ଆଇସିସି(ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ) ବିଶ୍ୱକପର ଦ୍ୱାଦଶ ସଂସ୍କରଣ। ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ମେଗା ଇଭେଣ୍ଟ ପାଇଁ ସୋମବାର ଭାରତୀୟ ଦଳ ଘୋଷିତ ହୋଇଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ଦଳରେ ରୋହିତ ଶର୍ମାଙ୍କୁ ଉପ-ଅଧିନାୟକ କରାଯାଇଛି। ମହେନ୍ଦ୍ର ସିଂ ଧୋନୀ ପ୍ରଥମ ପସନ୍ଦ ଉଇକେଟ କିପରଭାବେ ଦଳରେ ସ୍ଥାନ ନେଇଥିବାବେଳେ ଦ୍ୱିତୀୟ ଉଇକେଟ କିପରଭାବେ ସାମିଲ ହୋଇଛନ୍ତି ଦୀନେଶ କାର୍ତ୍ତିକ। ଦୀର୍ଘ ୧୨ ବର୍ଷ ବ୍ୟବଧାନରେ କାର୍ତ୍ତିକ ବିଶ୍ୱକପ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୀର୍ଘଦିନଧରି ଆଲୋଚନାର କେନ୍ଦ୍ରରେ ରହିଥିବା ଯୁବ ଉଇକେଟ କିପର ରିଷଭ ପନ୍ତ ଶେଷରେ ବାଦ୍ ପଡ଼ିଛନ୍ତି। ୩୩ ବର୍ଷୀୟ କାର୍ତ୍ତିକ ୯୧ଟି ଦିନିକିଆ ଖେଳିବାର ଅଭିଜ୍ଞତା ରଖିଛନ୍ତି। ତେଣୁ ୨୧ ବର୍ଷୀୟ ରିଷଭଙ୍କ ତୁଳନାରେଅଭିଜ୍ଞ କାର୍ତ୍ତିକଙ୍କୁ ଦଳରେ ନେବାକୁ ଏମଏସକେ ପ୍ରସାଦଙ୍କ ନେତୃତ୍ୱାଧୀନଚୟନକମିଟିନିଷ୍ପତ୍ତିନେଇଛି। ସବୁଠାରୁ ପୁରୁଣା ଖେଳାଳିଭାବେ କାର୍ତ୍ତିକ ବିଶ୍ୱକପ ଦଳରେ ସ୍ଥାନ ପାଇଛନ୍ତି। ୨୦୦୪ରେ ମହେନ୍ଦ୍ର ସିଂ ଧୋନୀ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବାର ୩ ମାସ ପୂର୍ବରୁ କାର୍ତ୍ତିକଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା। କାର୍ତ୍ତିକ ୨୦୦୭ ଭାରତୀୟ ବିଶ୍ୱକପ ଦଳରେ ସାମିଲ ହୋଇଥିଲେ। ମାତ୍ର ୨୦୧୧ ଓ ୨୦୧୫ ସଂସ୍କରଣରେ ସେ ବାଦ୍ ପଡ଼ିଥିଲେ। ସୋମବାର ଘୋଷିତ ଖେଳାଳି ତାଲିକା ଅନୁସାରେ ଧୋନୀ କ୍ୟାରିୟରର ୪ର୍ଥ ଦିନିକିଆ ବିଶ୍ୱକପ ଖେଳିବାକୁ ଯାଉଛନ୍ତି। ଏହା ତାଙ୍କ କ୍ୟାରିୟର ଅନ୍ତିମ ବିଶ୍ୱକପ ବୋଲି କୁହା ଯାଉଛି। କୋହଲି କ୍ୟାରିୟରର ତୃତୀୟ ବିଶ୍ୱକପ ଖେଳିବାକୁ ଯାଉଥିବାବେଳେ ରୋହିତ ଶର୍ମା, ଶିଖର ଧାୱନ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି ଓ ଭୁବନେଶ୍ୱର କୁମାର ୨୦୧୫ ବିଶ୍ୱକପ ଦଳରେ ସାମିଲ ଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଦର୍ଶନ ଭାରତୀୟ ଦଳ ଚୟନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କ୍ୟାପ୍ଟେନ କୋହଲି ପୂର୍ବରୁ ସ୍ପଷ୍ଟ କରି ସାରିଥିଲେ। ଏହା ସତ ପ୍ରମାଣିତ ହୋଇଛି। ରିଷଭ ଚଳିତ ଆଇପିଏଲରେ ୨୪୫ ରନ କରି ସାରିଥିଲେ ମଧ୍ୟ ୧୧୧ ରନ କରିଥିବା କାର୍ତ୍ତିକଙ୍କୁ ଅଗ୍ରାଧିକାର ଦିଆ ଯାଇଛି। ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଯାଇ ଚୟନ କମିଟି ମୁଖ୍ୟ ଏମଏସକେ କହିଛନ୍ତି ଯେ, ‘‘କାର୍ତ୍ତିକ ଓ ପନ୍ତଙ୍କ ସାମିଲକୁ ନେଇ ଦୀର୍ଘ ସମୟ ଆଲୋଚନା ଚାଲିଥିଲା। ମହେନ୍ଦ୍ର ସିଂ ଧୋନୀ ଆହତ ହେଲେ ଯାଇ ଦ୍ୱିତୀୟ ଉଇକେଟ କିପର ପଡ଼ିଆକୁ ଓହ୍ଲାଇବେ। ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ, କ୍ୱାର୍ଟର ଫାଇନାଲ କିମ୍ବା ସେମିଫାଇନାଲ ହୋଇପାରେ। ତେଣୁ ପନ୍ତ ପ୍ରବଳ ଦାବିଦାର ସତ୍ତ୍ୱେ ଆମେ ଅଭିଜ୍ଞ କାର୍ତ୍ତିକଙ୍କୁ ଚୟନ କଲୁ’’। ୧୫ ଜଣିଆ ଦଳରେ ତାମିଲନାଡୁର ସିମ୍ ବୋଲିଂ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ସାମିଲ କରାଯାଇଛି। ତାଙ୍କୁ ବ୍ୟାଟିଂ ଅର୍ଡରର ୪ ନମ୍ବର ସ୍ଥାନର ବ୍ୟବହାର କରାଯାଇପାରେ। ଏ କ୍ଷେତ୍ରରେ ସେ ଅମ୍ବାତି ରାୟୁଡୁଙ୍କୁ ପଛରେ ପକାଇ ଦେଇଥିଲେ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରେ ଆମେ ଏହାକୁ ନେଇ ଯୋଜନା କରିଥିଲୁ। ଗତ କିଛି ମାସ ମଧ୍ୟରେ ବିଜୟ ଶଙ୍କରଙ୍କ ପ୍ରଦର୍ଶନ ପ୍ରଭାବୀ ରହି ଆସିଥିଲା ବୋଲି ପ୍ରସାଦ କହିଛନ୍ତି। ଲୋକେଶ ରାହୁଲଙ୍କ ସାମିଲକୁ ନେଇ କୌଣସି ବିବାଦ ନାହିଁ। ସେ ତୃତୀୟ ଓପନର ଭାବେ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ସେ ବିଜୟ ଶଙ୍କରଙ୍କ ସହିତ ମିଡଲ ଅର୍ଡର ପାଇଁ ମଧ୍ୟ ଦାବିଦାର ରହିବେ। ୪ ନମ୍ବର ସ୍ଥାନ ପାଇଁ ବିଜୟ ଶଙ୍କର, କେଦାର ଯାଦବ ଓ ଲୋକେଶ ରାହୁଲ ଦାବିଦାର ରହିବେ। ପରିବେଶ ଓ ପରିସ୍ଥିତି ଅନୁସାରେ ଟିମ୍ ମ୍ୟାନେଜମେଣ୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ପ୍ରସାଦ କହିଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ଦକ୍ଷତା ଏବଂ ଡ୍ରାଏ ଉଇକେଟରେ ବୋଲିଂ ଦକ୍ଷତାକୁ ବିଚାରକୁ ନିଆ ଯାଇ ତାଙ୍କୁ ୧୫ ଜଣିଆ ଦଳରେ ସାମିଲ କରାଯାଇଛି। ‘‘ଗତ ଦେଢ଼ ବର୍ଷ ଧରି ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଆମପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇ ଆସିଛନ୍ତି। ମାତ୍ର ପରିସ୍ଥିତି ଅନୁସାରେ ଚୂଡ଼ାନ୍ତ ଏକାଦଶରେ ଜଣେ ଅତିରିକ୍ତ ଅଲରାଉଣ୍ଡର ଆବଶ୍ୟକ ପଡ଼ିପାରେ। ତାକୁ ଦୃଷ୍ଟିରେ ରଖି ଜାଡେଜାଙ୍କୁ ନିଆ ଯାଇଛି’’ ବୋଲି ପ୍ରସାଦ ବର୍ଣ୍ଣନା କରିଛନ୍ତି। ଟୁର୍ନାମେଣ୍ଟର ଦ୍ୱିତୀୟଭାଗରେ ଉଇକେଟ ଅଧିକ ଡ୍ରାଏ ହେଲେ ଜାଡେଜା ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ସେ କହିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ବିଜୟ ଶଙ୍କର ମିଳିତଭାବେ ୪ର୍ଥ ପେସର ଦାୟିତ୍ୱ ତୁଲାଇବାକୁଥିବାରୁ ଜଣେ ଅତିରିକ୍ତ ସ୍ପିଡଷ୍ଟରଙ୍କ ଆବଶ୍ୟକ ଅନୁଭବ ହୋଇ ନାହିଁ। ଫିଟ୍ ରହିଲେ ଯଶପ୍ରୀତ ବୁମରା ଓ ମହମ୍ମଦ ସାମି ପ୍ରଥମ ପସନ୍ଦ ଦୁଇ ପେସର ରହିବେ। ଭୁବନେଶ୍ୱର କୁମାର ତୃତୀୟ ଦ୍ରୁତ ବୋଲରଭାବେ ଚୟନ ପାଇଁ ଉପଲବ୍ଧ ହେବେ। ଏହି ଅବସରରେ ନଭଦୀପ ସଇନି ଓ ଖଲିଲ ଅହମଦଙ୍କ ନାମ ମଧ୍ୟ ବିଚାରକୁ ନିଆ ଯାଇଥିଲା ବୋଲି ପ୍ରସାଦ କହିଛନ୍ତି। ତେବେ ଏହି ଦୁଇ ଯୁବ ବୋଲର ଭାରତୀୟ ଦଳ ସହ ଇଂଲଣ୍ଡ ଯିବା ସମ୍ଭାବନା ରହିଛି। ଯଦି ବୁମ୍‌ରା, ସାମି କିମ୍ବା ଭୁବନେଶ୍ୱର କୁମାରଙ୍କ ମଧ୍ୟରୁ କେହି ଆହତ ହୁଅନ୍ତି ତେବେ ସେମାନେ ତାଙ୍କ ସ୍ଥାନ ନେବେ।

## ‘ପନ୍ତଙ୍କୁ ସ୍ଥାନ ନ ମିଳିବା ଆଶ୍ଚର୍ଯ୍ୟ କରିଛି’

**ନୂଆଦିଲ୍ଲୀ, ୧୫।୪ (ପି.ଟି.):** ଆଇସିସି ବିଶ୍ୱକପ୍ ଲାଗି ସୋମବାର ଘୋଷିତ ଭାରତୀୟ ଦଳରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ସ୍ଥାନ ନ ମିଳିବା ନେଇ ପ୍ରାକ୍ତନ ଅଧିନାୟକ ସୁନୀଲ ଗାଭାସ୍କର ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଭଲ ବ୍ୟାଟିଂ ଫର୍ମ ଓ ଉଇକେଟ୍ ରକ୍ଷଣରେ ଉନ୍ନତି କରୁଥିବା ସତ୍ତ୍ୱେ ପନ୍ତଙ୍କ ସ୍ଥାନରେ ଅଭିଜ୍ଞତା ଦୃଷ୍ଟିରୁ ୩୩ ବର୍ଷୀୟ ଦୀନେଶ କାର୍ତ୍ତିକଙ୍କୁ ବିଶ୍ୱକପ୍ ଟିକେଟ୍ ମିଳିଛି। ଚୟନକର୍ତ୍ତାଙ୍କ ନିଷ୍ପତ୍ତି ସାମାନ୍ୟ ଆଶ୍ଚର୍ଯ୍ୟ କରିଥିଲେ ମଧ୍ୟ କାର୍ତ୍ତିକ ଜଣେ ଶ୍ରେଷ୍ଠ ଉଇକେଟ୍‌କିପର ବୋଲି ଗାଭାସ୍କର ଏକ ସାକ୍ଷାତକାର ଅବସରରେ କହିଛନ୍ତି। ‘ପନ୍ତଙ୍କ ଫର୍ମକୁ ଦେଖିଲେ ଏହି ନିଷ୍ପତ୍ତି ସାମାନ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ସେ କେବଳ ଆଇପିଏଲ୍ ନୁହେଁ ଏଥିପୂର୍ବରୁ ମଧ୍ୟ ପ୍ରଭାବୀ ବ୍ୟାଟିଂ ପ୍ରଦର୍ଶନ କରିସାରିଛନ୍ତି। ଉଇକେଟ ରକ୍ଷଣରେ ମଧ୍ୟ ଦିନକୁ ଦିନ ସେ ଉନ୍ନତି କରୁଛନ୍ତି। ସେହିଭଳି ସେ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ହୋଇଥିବାରୁ ଟପ୍-୬ରେ ବୋଲରଙ୍କୁ ଅଡୁଆରେ ପକାଇବାର ବିକଳ୍ପ ମଧ୍ୟ ରହିଛି’ ବୋଲି ଗାଭାସ୍କର କହିଛନ୍ତି। ଚଳିତ ଆଇପିଏଲ୍‌ରେ କାର୍ତ୍ତିକ (୧୧୧ ରନ)ଙ୍କ ଅପେକ୍ଷା ପନ୍ତ (୨୪୫)ଙ୍କ ବ୍ୟାଟିଂ ଭଲ ରହିଥିଲେ ମଧ୍ୟ ତାଙ୍କୁ ବାଦ୍ ଦିଆଯିବାର ଯଥାର୍ଥତା ରହିଛି ବୋଲି ଗାଭାସ୍କର ଏକ ଜାତୀୟ ଖବରକାଗଜକୁ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। ‘ଯେତେବେଳେ ଏମ୍‌ଏସ୍‌ଡି (ମହେନ୍ଦ୍ର ସିଂ ଧୋନୀ) ଅସୁସ୍ଥ ହୋଇ ଖେଳିପାରିବେ ନାହିଁ ସେତେବେଳେ ବିକଳ୍ପ ଭାବେ ଜଣେ ଭଲ ଉଇକେଟ୍‌କିପରଙ୍କୁ ନିଆଯିବ। ଏହି କ୍ଷେତ୍ରରେ ଅନ୍ୟମାନଙ୍କ ଅପେକ୍ଷା କାର୍ତ୍ତିକଙ୍କ ଉଇକେଟ୍-କିପିଂ ଦକ୍ଷତା ସର୍ବାଗ୍ରେ ରହିବ, ଯାହାକି ତାଙ୍କୁ ବିଶ୍ୱକପ୍‌ରେ ସ୍ଥାନ ମିଳିବାରେ ସହାୟତା କରିଛି’ ବୋଲି ଏହି ମହାନ ବ୍ୟାଟ୍ସମ୍ୟାନ କହିଛନ୍ତି। ଅନ୍ୟତମ ପ୍ରାକ୍ତନ ଭାରତୀୟ କ୍ରିକେଟର୍ ସଞ୍ଜୟ ମଞ୍ଜରେକର ମଧ୍ୟ କାର୍ତ୍ତିକଙ୍କୁ ସ୍ଥାନ ମିଳିବା ନେଇ ସାମାନ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ‘ଟିମ୍ ଚୟନବେଳେ ସମସ୍ତଙ୍କୁ ଖୁସି ରଖିବା ଅସମ୍ଭବ। କିନ୍ତୁ କାର୍ତ୍ତିକଙ୍କ ଚୟନ ଆଶ୍ଚର୍ଯ୍ୟ କରିଛି। କାର୍ତ୍ତିକଙ୍କ ପ୍ରଦର୍ଶନରେ ସ୍ଥିରତା ନ ଥିବା ସହ ଚଳିତବର୍ଷ ଜାନୁୟାରୀରୁ ସେ ଦଳରୁ ବାହାରେ ରହିଆସିଛନ୍ତି। ଏହାସତ୍ତ୍ୱେ ତାଙ୍କୁ ସିଧାସଳଖ ବିଶ୍ୱକପ୍ ଟିକେଟ୍ ଦିଆଯାଇଛି’ ବୋଲି ମଞ୍ଜରେକର ପ୍ରକାଶ କରିଛନ୍ତି। ଇଂଲଣ୍ଡର ପ୍ରାକ୍ତନ ଅଧିନାୟକ ମାଇକେଲ ଭନ ମଧ୍ୟ ପନ୍ତଙ୍କୁ ସ୍ଥାନ ନ ମିଳିବାକୁ ନେଇ ଟୁଇଟର୍‌ରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସେହିଭଳି ବିଶ୍ୱକପ୍ ଦଳରେ ଦିଲ୍ଲୀର ଯୁବ ଉଇକେଟ୍‌କିପର ପନ୍ତଙ୍କୁ ସ୍ଥାନ ମିଳିବାର ଥିଲା ବୋଲି ଆକାଶ ଚୋପ୍ରା କହିଥିବାବେଳେ ଭେଟେରାନ ଦ୍ରୁତ ବୋଲର ଆର୍‌ପି ସିଂ କିନ୍ତୁ ବିଶ୍ୱକପ୍‌ରେ ଅଭିଜ୍ଞତା ଦଳକୁ ସହାୟତା କରିବ ବୋଲି କହିଛନ୍ତି।



# ବିରାଟ ବାହିନୀ

**ବିରାଟ କୋହଲି**



ଟପ୍ ଅର୍ଡର ଓ ଅଧିନାୟକ
ବୟସ: ୩୦
ମ୍ୟାଚ୍: ୨୨୭
ରନ:୧୦,୮୪୩
ସର୍ବୋଚ୍ଚ ସ୍କୋର: ୧୮୩
ଆଭରେଜ: ୫୯.୫୭
ଷ୍ଟ୍ରାଇକ ରେଟ: ୯୨.୯୬
ଶତକ: ୪୧
ଅର୍ଦ୍ଧ ଶତକ: ୪୯
ବିଶ୍ୱକପ୍ ଖେଳିଛନ୍ତି: ୨୦୧୧,୨୦୧୫

**ରୋହିତ ଶର୍ମା**



ଓପନିଂ ବ୍ୟାଟ୍ସମ୍ୟାନ
ବୟସ: ୩୧
ମ୍ୟାଚ୍: ୨୦୬
ରନ: ୮୦୧୦
ସର୍ବୋଚ୍ଚ ସ୍କୋର: ୨୬୪
ଆଭରେଜ: ୪୭.୩୯
ଷ୍ଟ୍ରାଇକ ରେଟ୍: ୮୭.୯୫
ଶତକ: ୨୨
ଅର୍ଦ୍ଧଶତକ: ୪୧
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

**ମହେନ୍ଦ୍ର ସିଂ ଧୋନୀ**



ଉଇକେଟକିପର ବ୍ୟାଟ୍ସମ୍ୟାନ
ବୟସ: ୩୭
ମ୍ୟାଚ୍ ; ୩୪୧
ରନ:୧୦, ୫୦୦
ସର୍ବୋଚ୍ଚ ସ୍କୋର: ୧୮୩*
ଆଭରେଜ: ୫୦.୭୨
ଷ୍ଟ୍ରାଇକ ରେଟ୍: ୮୭.୫୫
ଶତକ: ୧୦
ଅର୍ଦ୍ଧଶତକ: ୭୧
କ୍ୟାଚ୍: ୩୧୪
ଷ୍ଟମ୍ପିଂ: ୧୨୦
ବିଶ୍ୱକପ୍ ଖେଳିଛନ୍ତି: ୨୦୦୭, ୨୦୧୧, ୨୦୧୫

**ଶିଖର ଧାୱନ**



ଓପନିଂ ବ୍ୟାଟ୍ସମ୍ୟାନ
ବୟସ: ୩୩
ମ୍ୟାଚ୍: ୧୨୮
ରନ:୫,୩୫୫
ସର୍ବୋଚ୍ଚ ସ୍କୋର: ୧୪୩
ଆଭରେଜ: ୪୪.୬୨
ଷ୍ଟ୍ରାଇକ ରେଟ୍: ୯୩.୭୯
ଶତକ: ୧୬
ଅର୍ଦ୍ଧଶତକ: ୨୭
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

**ହାର୍ଦ୍ଦିକ ପାଣ୍ଡ୍ୟା**



ଅଲରାଉଣ୍ଡର
ବୟସ: ୨୫
ମ୍ୟାଚ୍: ୪୫
ରନ: ୭୩୧
ସର୍ବୋଚ୍ଚ ସ୍କୋର: ୮୩
ଆଭରେଜ: ୨୯.୨୪
ଷ୍ଟ୍ରାଇକ ରେଟ୍: ୧୧୬.୫୮
ଶତକ: ୦
ଅର୍ଦ୍ଧଶତକ: ୪
ଉଇକେଟ: ୪୪
ଶ୍ରେଷ୍ଠ ବୋଲିଂ: ୩/୩୧
ଇକୋନୋମି: ୫.୫୩

**ଲୋକେଶ ରାହୁଲ**



ଟପ୍‌ଅର୍ଡର ବ୍ୟାଟ୍ସମ୍ୟାନ
ବୟସ: ୨୬
ମ୍ୟାଚ୍: ୧୪
ରନ: ୩୪୩
ସର୍ବୋଚ୍ଚ ସ୍କୋର: ୧୦୦*
ଆଭରେଜ: ୩୪.୩୦
ଷ୍ଟ୍ରାଇକ ରେଟ୍: ୮୦.୮୯
ଶତକ: ୧
ଅର୍ଦ୍ଧଶତକ: ୨

**ଦୀନେଶ କାର୍ତ୍ତିକ**



ଉଇକେଟକିପର ବ୍ୟାଟ୍ସମ୍ୟାନ
ବୟସ: ୩୩
ମ୍ୟାଚ୍: ୯୧
ରନ: ୧୭୩୮
ସର୍ବୋଚ୍ଚ ସ୍କୋର: ୭୯
ଆଭରେଜ: ୩୧.୦୩
ଷ୍ଟ୍ରାଇକ୍‌ରେଟ୍: ୭୩.୭୦
ଶତକ: ୦
ଅର୍ଦ୍ଧଶତକ: ୯
କ୍ୟାଚ୍: ୬୧
ଷ୍ଟମ୍ପିଂ: ୭
ବିଶ୍ୱକପ୍ ଖେଳିଛନ୍ତି: ୨୦୦୭

**ରବୀନ୍ଦ୍ର ଜାଡେଜା**



ଅଲରାଉଣ୍ଡର
ବୟସ: ୩୦
ମ୍ୟାଚ୍: ୧୫୧
ରନ: ୨୦୩୫
ସର୍ବୋଚ୍ଚ ସ୍କୋର: ୮୭
ଆଭରେଜ: ୨୯.୯୨
ଷ୍ଟ୍ରାଇକରେଟ୍: ୮୪.୨୩
ଶତକ: ୦
ଅର୍ଦ୍ଧଶତକ: ୧୦
ଉଇକେଟ: ୧୭୪
ଶ୍ରେଷ୍ଠ ବୋଲିଂ: ୫/୩୬
ଇକୋନୋମି: ୪.୮୮
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

**ବିଜୟ ଶଙ୍କର**



ବୋଲିଂ ଅଲରାଉଣ୍ଡର
ବୟସ: ୨୮
ମ୍ୟାଚ୍:୯
ରନ: ୧୬୫
ସର୍ବୋଚ୍ଚ ସ୍କୋର: ୪୬
ଆଭରେଜ: ୩୩.୦୦
ଷ୍ଟ୍ରାଇକ ରେଟ୍: ୯୬.୪୯
ଶତକ:୦
ଅର୍ଦ୍ଧଶତକ:୦
ଉଇକେଟ: ୨
ଶ୍ରେଷ୍ଠ ବୋଲିଂ: ୨/୧୫
ଇକୋନୋମି: ୫.୬୧

**କେଦାର ଯାଦବ**



ବ୍ୟାଟିଂ ଅଲରାଉଣ୍ଡର
ବୟସ: ୩୪
ମ୍ୟାଚ୍: ୫୯
ରନ:୧୧୭୪
ସର୍ବୋଚ୍ଚ ସ୍କୋର: ୧୨୦
ଆଭରେଜ: ୪୩.୪୮
ଷ୍ଟ୍ରାଇକ ରେଟ୍: ୧୦୨.୫୩
ଶତକ: ୨
ଅର୍ଦ୍ଧଶତକ: ୫
ଉଇକେଟ: ୨୭
ଶ୍ରେଷ୍ଠ ବୋଲିଂ: ୩/୨୩
ଇକୋନୋମି: ୫.୧୫

**ଯୁଜବେନ୍ଦ୍ର ଚହଲ**



ସ୍ପିନର
ବୟସ: ୨୮
ମ୍ୟାଚ୍: ୪୧
ରନ୍: ୩୪
ଉଇକେଟ: ୭୨
ଶ୍ରେଷ୍ଠ ବୋଲିଂ: ୬/୪୨
ଆଭରେଜ: ୨୪.୬୧
ଇକୋନୋମି: ୪.୮୯
୫ ଉଇକେଟ ସଫଳତା: ୨ଥର

**ଯଶପ୍ରୀତ ବୁମ୍‌ରା**



ଦ୍ରୁତ ବୋଲର
ବୟସ: ୨୫
ମ୍ୟାଚ୍: ୪୯
ଉଇକେଟ: ୮୫
ଶ୍ରେଷ୍ଠ ବୋଲିଂ: ୫/୨୭
ଆଭରେଜ: ୨୨.୧୫
ଇକୋନୋମି: ୪.୫୧
୫ ଉଇକେଟ ସଫଳତା: ଥରେ

**କୁଲଦୀପ ଯାଦବ**



ସ୍ପିନର
ବୟସ: ୨୪
ମ୍ୟାଚ୍: ୪୪
ଉଇକେଟ: ୮୭
ଶ୍ରେଷ୍ଠ ପ୍ରଦର୍ଶନ: ୬/୨୫
ଆଭରେଜ: ୨୧.୭୪
ଇକୋନୋମି: ୪.୯୩
୫ ଉଇକେଟ ସଫଳତା: ଥରେ

**ଭୁବନେଶ୍ୱର କୁମାର**



ଦ୍ରୁତ ବୋଲର
ବୟସ: ୨୯
ମ୍ୟାଚ୍: ୧୦୫
ଉଇକେଟ: ୧୧୮
ଶ୍ରେଷ୍ଠ ପ୍ରଦର୍ଶନ: ୫/୪୨
ଆଭରେଜ: ୩୫.୬୬
୫ ଉଇକେଟ ସଫଳତା: ଥରେ
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

**ମହମ୍ମଦ ସାମି**



ଦ୍ରୁତ ବୋଲର
ବୟସ: ୨୮
ଉଇକେଟ: ୧୧୩
ଶ୍ରେଷ୍ଠ ବୋଲିଂ: ୪/୩୫
ଆଭରେଜ: ୨୬.୧୧
ଇକୋନୋମି: ୫.୪୮

# ଉଇକେଟ୍-କିପିଂ ଦକ୍ଷତା କାର୍ତ୍ତିକଙ୍କୁ ସହାୟତା କଲା

**ମୁମ୍ବାଇ, ୧୫।୪(ପି.ଟି.):** ଇଂଲଣ୍ଡରେ ହେବାକୁ ଥିବା ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ସୋମବାର ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଭାରତୀୟ ଦଳରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ସ୍ଥାନ ମିଳିନାହିଁ। ଭେଟେରାନ ମହେନ୍ଦ୍ର ସିଂ ଧୋନୀ ପ୍ରଥମ ପସନ୍ଦର ଉଇକେଟ୍‌କିପର ରହିଥିବାବେଳେ ରିଭର୍ଜ ପାଇଁ ଅଭିଜ୍ଞ ଦୀନେଶ କାର୍ତ୍ତିକ ଓ ପନ୍ତଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। କିନ୍ତୁ ଉଇକେଟ୍-କିପିଂ ଦକ୍ଷତା ଦୃଷ୍ଟିରୁ ଶେଷରେ ଚୟନକର୍ତ୍ତାମାନେ କାର୍ତ୍ତିକଙ୍କ ନାମରେ ମୋହର ମାରିଥିଲେ। ଏଥିପୂର୍ବରୁ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ପନ୍ତଙ୍କୁ ଷ୍ଟାଣ୍ଡ-ବାଏରେ ରଖାଯାଇଥିଲା। ପନ୍ତ କିନ୍ତୁ ‘ପାଖାପାଖି ପହଞ୍ଚି ଯାଇଥିଲେ’ ବୋଲି ଚୟନ କମିଟିର ଅଧ୍ୟକ୍ଷ ଏମ୍‌ଏସ୍‌କେ ପ୍ରସାଦ କହିଛନ୍ତି। ‘ପନ୍ତ ଓ କାର୍ତ୍ତିକଙ୍କୁ ନେଇ ଆମେ ବହୁ ଆଲୋଚନା କରିଥିଲୁ। ଯଦି ଧୋନୀ ଆଘାତପ୍ରାପ୍ତ ହୁଅନ୍ତି ତେବେ ପନ୍ତ କିମ୍ବା କାର୍ତ୍ତିକ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ। ତେବେ ଏହା ଯଦି କ୍ୱାର୍ଟର ଫାଇନାଲ କିମ୍ବା ସେମିଫାଇନାଲ ପରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ହୋଇଥାଏ ସେଠାରେ ଉଇକେଟ୍-କିପିଂ ମଧ୍ୟ ସମାନ ଗୁରୁତ୍ୱ ବହନ କରିଥାଏ। କେବଳ ଏହି କାରଣ ଲାଗି ଆମେ ପନ୍ତଙ୍କ ବଦଳରେ କାର୍ତ୍ତିକଙ୍କୁ ନେବାକୁ ବାଧ୍ୟ ହେଲୁ ଏବଂ ପନ୍ତ ଅଳ୍ପକେ ସୁଯୋଗ ହରାଇଲେ’ ବୋଲି ପ୍ରସାଦ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଥମ ଭାରତୀୟ ଉଇକେଟ୍‌କିପର ଭାବେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ଶତକ ହାସଲ କରିବାର କୀର୍ତ୍ତିମାନ ପନ୍ତଙ୍କ ନାମରେ ରହିଛି। ଗତ ବର୍ଷ ଓଭାଲରେ ଖେଳାଯାଇଥିବା ୫ମ ଟେଷ୍ଟ ମ୍ୟାଚ୍‌ରେ ସେ ୧୧୪ ରନର ଶତକୀୟ ଇନିଂସ ଖେଳିଥିଲେ। ଏହାପରେ ଅଷ୍ଟ୍ରେଲିଆର ସିଡ୍‌ନୀ ଟେଷ୍ଟରେ ପନ୍ତ ଖେଳିଥିବା ୧୫୯ ରନର ମାରାଥନ ଇନିଂସ ଆଜିବି ଦର୍ଶକଙ୍କ ମନରେ ଉଜ୍ଜୀବିତ ରହିଛି।



ଏମ୍‌ଏସ୍‌କେ ପ୍ରସାଦ

# ଚୟନକର୍ତ୍ତାଙ୍କୁ ଡାଟା ଆନାଲିଟିକ୍ସ ପ୍ରେଜେଣ୍ଟେଶନ

**ନୂଆଦିଲ୍ଲୀ,୧୫।୪(ପି.ଟି.):** ବିଶ୍ୱକପ୍ ଦଳ ଚୟନ ପୂର୍ବରୁ ଚୟନକର୍ତ୍ତାମାନେ ପ୍ରଥମଥର ପାଇଁ ଭିନ୍ନ ଶୈଳୀ ଆପଣାଇଥିଲେ। ଚୟନକର୍ତ୍ତାମାନେ ଭାବପ୍ରବଣତାକୁ ପଛରେ ପକାଇ ଏକ ସନ୍ତୁଳିତ ଦଳ ଚୟନ କରିବାକୁ ପ୍ରୟାସ କରିଛନ୍ତି। ଦଳ ଚୟନର ଗୋଟିଏ ଦିନ ପୂର୍ବରୁ ୫ଜଣିଆ ଚୟନକମିଟିକୁ ଏକ ସାଢେ ୩ ଘଣ୍ଟିଆ ଡାଟା ଆନାଲିଟିକ୍ସ ପ୍ରେଜେଣ୍ଟେଶନ ପ୍ରଦାନ କରାଯାଇଥିଲା। ଇଂଲଣ୍ଡ ପରିବେଶକୁ ଦୃଷ୍ଟିରେ ରଖି ଦଳ ଚୟନ କରାଯାଇଥିଲା। ଟିମ୍ ଇଣ୍ଡିଆ ଡାଟା ଆନାଲିଷ୍ଟ ସି.କେ.ଏମ. ଧନଞ୍ଜୟ ଏକ ସ୍ୱତନ୍ତ୍ର ଡାଟା ଆନାଲିଟିକ୍ସ ପ୍ୟାକେଜ ପ୍ରସ୍ତୁତ କରି ଚୟନକର୍ତ୍ତାଙ୍କୁ ଅବଗତ କରାଇଥିଲେ। ବିଶ୍ୱକପ୍ ଆଶାୟୀ ଭାରତୀୟ ଖେଳାଳିଙ୍କ ସମେତ ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରର ପ୍ରତିପକ୍ଷ ଦଳଗୁଡ଼ିକର ସବଳତା, ଦୁର୍ବଳତା ଓ ବିଭିନ୍ନ ଦିଗ ନେଇ ସେ ଚୟନକମିଟି ସମ୍ମୁଖରେ ଏକ ପ୍ରସ୍ତୁତି ଉପସ୍ଥାପନା କରିଥିଲେ। ମୋଟାମୋଟି ଉପରେ ଚୟନକର୍ତ୍ତାଙ୍କୁ ମ୍ୟାଚ୍, ରନ, ଷ୍ଟ୍ରାଇକ୍ ରେଟ ଓ ଉଇକେଟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଦଳ ଚୟନପୂର୍ବରୁ ବିଭିନ୍ନ ଦୃଷ୍ଟିକୋଣକୁ ନେଇ ବିଚାର କରାଯାଇଥିଲା। ଏପରିକି ଚୟନକର୍ତ୍ତାଙ୍କୁ ଏବେ ଖେଳୁଥିବା ଇଂଲଣ୍ଡ ଏକାଦଶ ବିଭିନ୍ନ ପରିବେଶ (ଘରୋଇ ଓ ବାହାର)ରେ କିଭଳି ପ୍ରଦର୍ଶନ କରିଛି ଓ ଏଥିପାଇଁ କେଉଁ ଖେଳାଳି ଓ ନିଷ୍ପତ୍ତି ଦଳ ସପକ୍ଷ ଓ ବିପକ୍ଷରେ ଯାଇଛନ୍ତି ଦର୍ଶାଯାଇଥିଲା। ବିଭିନ୍ନ ସ୍ୱତନ୍ତ୍ର ବୋଲରଙ୍କ ବିପକ୍ଷରେ କେଉଁ ଭାରତୀୟ ଖେଳାଳିମାନେ ସଫଳ ହୋଇପାରିବେ ସେନେଇ ଆଲୋଚନା ହୋଇଥିଲା। ଇଂଲଣ୍ଡର ପ୍ରତ୍ୟେକ ଭେନ୍ୟୁରେ କେତେ ପରିମାଣରେ ରନ୍ ସଂଗ୍ରହ ହୋଇଛି ସେନେଇ ମଧ୍ୟ ସବିଶେଷ ଆଲୋଚନା କରାଯାଇଥିଲା।



ଆମ ଦଳକୁ ୯ ଦିନରେ ୫ଟି ଗେମ୍ ଖେଳିବାକୁ ପଡ଼ିଥିବାରୁ କ୍ଲାନ୍ତ ପାଇଁ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ହାରିଗଲୁ ।

–ଜ୍ୟାକ୍ସ କାଲିସ୍, ନାଇଟ ରାଇଡର୍ସ କୋଚ୍



ହୋମ୍ ୱାର୍କ ଠିକ୍ ନ ଥିବାରୁ ରବିବାର ଚାଇନା ଫର୍ମୁଲା ୱାନ ଗ୍ରାଁ ପ୍ରିରେ ଆମ ଟିମ୍‌ର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା ।

–ସେବାଷ୍ଟିଆନ ଭେଟେଲ, ଫେରାରି ଡ୍ରାଇଭର

## ଆଜିର ମ୍ୟାଚ



କିଙ୍ଗ୍ସ ଇଲେଭେନ ପଞ୍ଜାବ
ବନାମ
ରାଜସ୍ଥାନ ରୟାଲ୍ସ


ପ୍ରସାରଣ
ସ୍ଥାନ : ମୋହାଲି
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ତୃତୀୟ ସ୍ଥାନରେ ମୁମ୍ବାଇ

ମୁମ୍ବାଇ,୧୫।୪ (ପି.ଟି.)

ଡେଥ୍ ଓଭର ସ୍ପେଶାଲିଷ୍ଟ ଲସିଥ ମାଲିଙ୍ଗା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୩୧ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୫ ଉଇକେଟରେ ପରାସ୍ତ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଙ୍ଗାଲୋର ୭ ଉଇକେଟ ହରାଇ ୧୭୧ ରନ କରିଥିଲା। ଜବାବରେ ମୁମ୍ବାଇ ୧୯ ଓଭରରେ ୫ ଉଇକେଟ ହରାଇ ୧୭୨ ରନ କରି ବିଜୟୀ ହୋଇଥିଲା। ମୁମ୍ବାଇ ୮ ମ୍ୟାଚ୍ ଖେଳି ୫ ବିଜୟ ଓ ୩ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ବାଙ୍ଗାଲୋର ୮ ମ୍ୟାଚରୁ ଗୋଟିଏ ବିଜୟ, ୭ଟି ପରାଜୟ ସହ ୨ ପଏଣ୍ଟରେ ସ୍ଥିର ରହି ତାଲିକାର ନିମ୍ନରେ ରହିଛି। ୩୧ ରନ ବ୍ୟୟ କରି ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରିଥିବା ମୁମ୍ବାଇ ଅଭିଜ୍ଞ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୭୨ ରନ ଟାର୍ଗେଟର ପିଛା କରିଥିବା ମୁମ୍ବାଇ ପକ୍ଷରୁ ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ଉଇକେଟକିପର କ୍ୱିଣ୍ଟନ ଡି'କକ୍ ୭୦ ରନର ଓପନିଂ ପାର୍ଟନରଶିପ୍ ସ୍ଥାପନ କରିଥିଲେ। ରୋହିତ ୧୯ ବଲରୁ ୨ ଚୌକା ଓ ୨ ଛକା ସହ ୨୮ ଓ ଡି'କକ୍ ୨୬ ବଲରୁ ୫ ଚୌକା ଓ ୨ ଛକା ସହ୪୦ ରନ କରି ମୋଇନ ଅଲିଙ୍କ ଦ୍ୱାରା ଆଉଟ ହୋଇଥିଲେ। ୯ ବଲରୁ ୩ ଛକା ସହ ୨୧ ରନ କରି ଇଶାନ କିଷନ ଓ ୨୩ ବଲରୁ ୨ ଚୌକା ଓ ୧ ଛକା ସହ ୨୯ ରନ କରି ସୂର୍ଯ୍ୟକୁମାର ଯାଦବ ୟୁଜବେନ୍ଦ୍ର ଚହଲଙ୍କ ଶିକାର ହୋଇଥିଲେ। ଏହାପରେ କ୍ରୁନାଲ ପାଣ୍ଡ୍ୟା ମାତ୍ର ୧୧ ରନକରି ମହମ୍ମଦ ସିରାଜଙ୍କ ଦ୍ୱାର ଆଉଟ ହେବା ପରେ ଭାଇ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ୩୭ ରନ (୧୬ବଲ, ୫ ଚୌକା, ୨ ଛକା)କରି ଦଳକୁ ବିଜୟୀ କରାଇଥିଲେ।। ୧୯ ତମ ଓଭରରେ ହାର୍ଦ୍ଦିକ ପବନ ନେଗୀଙ୍କୁ ନିର୍ଦ୍ଧୁମ ପ୍ରହାର କରି ୨୧ ରନ କରି ଦଳକୁ ଜିତାଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲସିଥ୍ ମାଲିଙ୍ଗା।

ପ୍ରଥମେ ବ୍ୟାଟିଂ କରିଥିବା ବାଙ୍ଗାଲୋର ଚମକହୀନ ପ୍ରଦର୍ଶନ କରିଥିଲା। ଓପନର ପାର୍ଥିବ ପଟେଲ, ଅଭିଜ୍ଞ ଡିଭିଲର୍ସ ଓ ମୋଇନ ଅଲିଙ୍କୁ ବାଦ୍ ଦେଲେ ଅନ୍ୟମାନେ ବିଫଳ ହୋଇଥିଲେ। ଅଧିନାୟକ ବିରାଟଙ୍କୁ ହରାଇ ବାଙ୍ଗାଲୋର ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ୮ ରନ କରିଥିବା ବେଳେ କୋହଲି ଜାସନ ବେହରେନଡର୍ଫଙ୍କ ବଲ୍‌ରେ ଉଇକେଟ କିପର କ୍ୱିଣ୍ଟନ ଡି'କକ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୫୧ଟି ବଲର ସମ୍ମୁଖୀନ ହୋଇ ଡିଭିଲର୍ସ ୬ ଚୌକା ଓ ୪ ଛକା ସହ ୭୫ ରନ କରି ପୁଣି ଥରେ ନିଜର ଦକ୍ଷତା ପ୍ରମାଣିତ କରିଥିଲେ। ତେବେ ସେ କିରନ ପୋଲାର୍ଡଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ମୋଇନ୍ ୩୨ଟି ବଲ ଖେଳି ୧ ଚୌକା, ୫ ଛକା ସହ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତୃତୀୟ ଉଇକେଟ ଯୋଡିରେ ଡିଭିଲର୍ସ ଓ ମୋଇନ ୬୧ ବଲରୁ ୯୫ ରନ ସଂଗ୍ରହ କରିଥିଲେ। ପାର୍ଥିବ ଦ୍ରୁତ ୨୮ (୨୦ ବଲ, ୪ ଚୌକା, ୧ ଛକା) ରନ ସଂଗ୍ରହ କରି ଆଉଟ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

- ବାଙ୍ଗାଲୋର ୨୦ ଓଭରରେ ୧୭୧/୭ (ଡି' ଭିଲର୍ସ- ୭୫, ମୋଇନ- ୫୦, ପାର୍ଥିବ- ୨୮, ମାଲିଙ୍ଗା- ୪/୩୧ )।
- ମୁମ୍ବାଇ ଇଣ୍ଡିଆନ୍ସ ୧୯ ଓଭରରେ ୧୭୨/୫ (ଡିକକ୍- ୪୦, ହାର୍ଦ୍ଦିକ- ୩୭*, ସୂର୍ଯ୍ୟକୁମାର- ୨୯, ରୋହିତ- ୨୮, ଇଶାନ- ୨୧, ଚହଲ- ୨/୨୭, ମୋଇନ- ୨/୧୮, ସିରାଜ- ୧/୨୧)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | ୦.୨୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୫ | ୩ | ୧୦ | ୦.୪୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୫ | ୩ | ୧୦ | ୦.୨୪୪ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | ୦.୩୫୦ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | -୦.୦୯୩ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | ୦.୪୦୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୧ | ୭ | ୨ | -୧.୧୧୪ |

## ଅଲ୍‌ଜାରି ଯୋଶେଫ୍ ଆଇପିଏଲ୍‌ରୁ ଆଉଟ୍

ମୁମ୍ବାଇ, ୧୫।୪ (ପି.ଟି.): କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଅଲଜାରି ଯୋଶେଫ୍ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଫଳରେ ମୁମ୍ବାଇ ଇଣ୍ଡିଆନ୍ସକୁ ଶକ୍ତ ଧକ୍କା ଲାଗିଛି। ଆଣ୍ଟିଗୁଆର ଏହି ୟଙ୍ଗଷ୍ଟାର ଏପ୍ରିଲ ୧୩ରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ମୁମ୍ବାଇ ଦଳ ତରଫରୁ ଫିଲ୍ଡିଂ କରୁଥିବାବେଳେ ବଲ୍‌କୁ ଏକ ବାଉଣ୍ଡାରୀରୁ ରୋକିବାକୁ ଚେଷ୍ଟା କରୁଥିବା ବେଳେ ଆହତ ହୋଇଥିଲେ। ସୂଚନାଯୋଗ୍ୟ, ନ୍ୟୁଜିଲାଣ୍ଡର ଆଡାମ ମିଲ୍‌ନେ ଆଘାତପ୍ରାପ୍ତ ହେବାରୁ ଯୋଶେଫଙ୍କୁ ମୁମ୍ବାଇ ଦଳରେ ସ୍ଥାନ ମିଳିଥିଲା। ଏପ୍ରିଲ ୬ରେ ଆୟୋଜକ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ତାଙ୍କର ସେ ଆଇପିଏଲ ପଦାର୍ପଣ କରିଥିଲେ। ଏଥିରେ ସେ ମାତ୍ର ୧୨ ରନ ବିନିମୟରେ ୬ଟି ଉଇକେଟ ଅକ୍ତିଆର କରି ଲିଗ୍ ରେକର୍ଡ କରିଥିଲେ। ମାତ୍ର ତାଙ୍କର ଏହି ଖୁସି କ୍ଷଣ ସ୍ଥାୟୀ ଥିଲା। ଆହତ ହେବାପୂର୍ବରୁ ସେ ରାଜସ୍ଥାନ ବିପକ୍ଷ ମ୍ୟାଚରେ ୩ ଓଭରରେ ୫୩ ରନ ଦେଇଥିଲେ। କାନ୍ଧରେ ଗୁରୁତର ଆଘାତ ଯୋଗୁ ତାଙ୍କୁ ଶେଷରେ ପଡ଼ିଆ ଛାଡ଼ିବାକୁ ହୋଇଥିଲା।

## ସୌଦି ଆରବରେ ହେବ ଡାକାର ରାଲି

ପ୍ୟାରିସ, ୧୫।୪ (ଏଏଫ୍‌ପି): ୨୦୨୦ରୁ ସୌଦି ଆରବରେ ହେବ ଡାକାର ରାଲି। ଆୟୋଜକଙ୍କ ତରଫରୁ ସୋମବାର ଏ ବିଷୟରେ ଘୋଷଣା କରାଯାଇଛି। ଦେଶର କେଉଁ ଅଞ୍ଚଳରେ ଏହି ରେସ୍ ହେବ ସେ ସମ୍ପର୍କରେ ବର୍ତ୍ତମାନ କହି ହେବ ନାହିଁ ବୋଲି ଡାକାର ନିର୍ଦ୍ଦେଶକ ଡେଭିଡ କାଷ୍ଟେରା ପ୍ରକାଶ କରିଛନ୍ତି। ଡାକାର ରାଲି ୩୦ ବର୍ଷ ଧରି ଦକ୍ଷିଣ ଆଫ୍ରିକାରେ ଏବଂ ପରେ ଏକ ଦଶନ୍ଧି ଧରି ଦକ୍ଷିଣ ଆମେରିକାରେ ଏହି ଅନୁଷ୍ଠିତ ହୋଇ ଆସୁଥିଲା।

## ଗାରିନଙ୍କୁ ସଫଳତା

ଲସ୍ ଏଞ୍ଜେଲ୍ସ, ୧୫।୪(ଏଏଫ୍‌ପି): ୟୁଏସ୍ ପୁରୁଷ କ୍ଲେ କୋର୍ଟ ଟେନିସ ଚାମ୍ପିୟନଶିପ୍‌ରେ ଚିଲିର କ୍ରିଷ୍ଟିଆନ ଗାରିନ ଚାମ୍ପିୟନ ହୋଇଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ୨୨ ବର୍ଷୀୟ ଗାରିନ ୭-୬ (୭/୪), ୪-୬, ୬-୩ ସେଟ୍‌ରେ କାସପର ରଡ୍‌ଙ୍କୁ ପରାସ୍ତ କରିଥିଲେ। ଏଥିସହ ଗତ ଦଶନ୍ଧିରେ ପ୍ରଥମ ଚିଲି ଖେଳାଳି ଭାବେ ସେ ଏଟିପି ଟୁର୍ ଟାଇଟଲ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଶେଷଥର ପାଇଁ ୨୦୦୯ରେ ଫର୍ନାଣ୍ଡୋ ଗୋଞ୍ଜାଲେଜ ଚିଲି ପକ୍ଷରୁ ଏଟିପି ଟୁର୍ ଟାଇଟଲ ଜିତିଥିଲେ।

## ସେମିରେ ବାଲେଶ୍ୱରର ରାଣୀପାଟଣା ସ୍କୁଲ

କଟକ ଅଫିସ,୧୫।୪

ବିହାରର ମୁଜାଫରପୁରଠାରେ ପୂର୍ବାଞ୍ଚଳ ସ୍କୁଲ ସ୍ତରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି । ଏଥିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବାଲେଶ୍ୱରର ରାଣୀପାଟଣା ବିଦ୍ୟାଳୟ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ପଶ୍ଚିମବଙ୍ଗର ଆର୍.କେ.ଏମ ସ୍କୁଲକୁ ଓଡ଼ିଶାର ଏହି ଦଳ ଭେଟିବ । ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁଆହାଟୀ ଓ ଝାଡ଼ଖଣ୍ଡର ସ୍କୁଲ ମଧ୍ୟରେ ଖେଳାଯିବ । ୧୦ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳର ୧୨ଟି ସ୍କୁଲ ଦଳ ଅଂଶ ଗ୍ରହଣ କରିଛନ୍ତି । ଲିଗ୍ ପର୍ଯ୍ୟାୟର ମ୍ୟାଚ୍‌ରେ ରାଣୀପାଟଣା ଦଳ ପଶ୍ଚିମବଙ୍ଗର ନଦିଆ ସ୍କୁଲ ଫର ବ୍ଲାଇଣ୍ଡ ଓ ବିହାରର ପାଟନା ସ୍କୁଲ ଫର ବ୍ଲାଇଣ୍ଡକୁ ହରାଇକୁ ହରାଇଥିଲା । ନଦିଆ ଦଳ ବିପକ୍ଷରେ ରାଣୀପାଟଣା ଦଳ ପ୍ରଥମେ ବ୍ୟାଟିଂ କରି ବିନା ଉଇକେଟରେ ୨୧୬ରନ ସଂଗ୍ରହ କରିଥିଲା । ସିଙ୍ଗରାଇ ମାଝୀ ୧୦୯ରନର ଇନିଂସ ଖେଳିଥିଲେ । ଜବାବରେ ନଦିଆ ଦଳ ୭ ଉଇକେଟ ହରାଇ ୮୧ରନ କରିଥିଲା। ରାଣୀପାଟଣା ପକ୍ଷରୁ ଶେଖର ପ୍ରଧାନ ୨ଟି ଉଇକେଟ ଅକ୍ତିଆର କରିଥିଲେ । ପାଟଣା ବିପକ୍ଷ ମ୍ୟାଚ୍‌ରେ ରାଣୀପାଟଣା ଦଳ ୧୧୧ରନରେ ବିଜୟ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ବିନା ଉଇକେଟରେ ୧୨୦ରନ କରିଥିବା ବେଳେ ପାଟଣା ୭ ଉଇକେଟ ହରାଇ ମାତ୍ର ୯ରନ କରିଥିଲା । କାଭି ସଭାପତି ଜାଫର ଇକବାଲ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

### ପୂର୍ବାଞ୍ଚଳ ସ୍କୁଲ ସ୍ତରୀୟ ଦୃଷ୍ଟିହୀନ କ୍ରିକେଟ

## କୋଚ୍‌ଙ୍କ ବେତନ ନେଇ ବିଚାରବିମର୍ଶ

ନୂଆଦିଲ୍ଲୀ, ୧୫।୪ (ପି.ଟି.)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ଟେକ୍‌ନିକାଲ କମିଟିର ପ୍ରଥମ ବୈଠକ ଏଠାରେ ସୋମବାର ବସିଥିଲା। ଜାତୀୟ ଦଳ ପାଇଁ ଆବେଦନ କରିଥିବା ହାଇ ପ୍ରୋଫାଇଲ କୋଚ୍‌ଙ୍କ ବେତନ ସମ୍ପର୍କରେ ଆଲୋଚନା ହୋଇଥିଲା। ଷ୍ଟିଫେନ କନଷ୍ଟାଣ୍ଟିନ ପଦ ଛାଡ଼ିବା ପରେ ଜାତୀୟ ଫୁଟ୍‌ବଲ ଦଳର କୋଚ୍‌ପଦବୀ ଖାଲିପଡ଼ିଥିଲା। ଏହିପଦବୀ ପାଇଁ ଏଆଇଏଫ୍‌ଏଫକୁ ୨୫୦ ଜଣ ଆବେଦନ କରିଥିଲେ। ଆବେଦନକାରୀଙ୍କ ପାରଦର୍ଶିତା ଓ ଦକ୍ଷତାକୁ ବିଭିନ୍ନ ଦିଗରୁ ବିଚାର କରି ସେମାନଙ୍କ ମଧ୍ୟରୁ ୪୧ଜଣଙ୍କ ନାମ ଟେକ୍‌ନିକାଲ କମିଟିକୁ ସୁପାରିସ କରାଯାଇଥିଲା। ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଶ୍ୟାମ ଥାପ୍ପାଙ୍କ ଅଧକ୍ଷତାରେ ବସିଥିବା ଟେକ୍‌ନିକାଲ କମିଟି ବୈଠକରେ ୪୧ଜଣିଆ ସଂକ୍ଷିପ୍ତ ତାଲିକାକୁ ଦୁଇ ଭାଗ କରାଯାଇଥିଲା। ପ୍ରଥମ ତାଲିକାରେ ଫ୍ରାନ୍ସର ୱାର୍ଲ୍ଡ ବିଶ୍ୱକପ୍ ବିଜୟୀ କୋଚ୍ ରେମଣ୍ଡ ଡୋମେନେଚ୍, ପୂର୍ବତନ ଇଂଲଣ୍ଡ ମାନେଜର ସିଭେନ ଗୋରାନ ଏରିକ୍‌ସନ ଏବଂ ସାମ୍ ଆଲାର୍ଡିସ। ଏମାନେ ସମସ୍ତେ ହେଉଛନ୍ତି ଲାଇସେନ୍ସଧାରୀ। ବିଶ୍ୱକପ୍ ଭଳି ପ୍ରମୁଖ ଗ୍ଲୋବାଲ ଇଭେଣ୍ଟରେ ଜାତୀୟ ଦଳ ସହ ସେମାନଙ୍କର ଅଭିଜ୍ଞତା ରହିଛି। ଦ୍ୱିତୀୟ ତାଲିକାରେ ୨୪ ଜଣଙ୍କ ନାମ ସ୍ଥାନ ପାଇଛି। ଏଥିରେ ପୂର୍ବତନ ସଫଳ ବେଙ୍ଗାଲୁରୁଏଫ୍‌ସି ମ୍ୟାନେଜର ଆଲବର୍ଟ ରୋକା ରହିଛନ୍ତି। ଏହି ସମସ୍ତଙ୍କର ଯଦିଓ ଲାଇସେନ୍ସ ସହ ଜାତୀୟ ଦଳ ସହିତ ଅଭିଜ୍ଞତା ରହିଛି କିନ୍ତୁ ଗ୍ଲୋବାଲ ଇଭେଣ୍ଟ ନାହିଁ। ଟେକ୍‌ନିକାଲ କମିଟିର ପରବର୍ତ୍ତୀ ବୈଠକ ଏପ୍ରିଲ ୨୩ରେ ବସିବ। ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନଙ୍କର ଏହି ମାସ ଶେଷ ଭାଗରେ ହେବ। ଆସନ୍ତା ମାସ ପ୍ରାରମ୍ଭରେ ନୂଆ ଜାତୀୟ କୋଚ୍‌ଙ୍କ ନାମ ଚୂଡ଼ାନ୍ତ ହେବ। ପ୍ରଥମ ତାଲିକାରେ ସ୍ଥାନ ପାଇଥିବା ହାଇପ୍ରୋଫାଇଲ କୋଚ୍‌ଙ୍କ ଲାଗି ବେତନ ନିର୍ଦ୍ଧାରଣ ସବୁଠାରୁ ବଡ଼ ସମସ୍ୟା। ନାମୀ କୋଚ୍‌ଙ୍କୁ ଆଣିଲେ ଲୋଭନୀୟ ବେତନ ଦେବାକୁ ପଡ଼ିବ। ହାଇ ପ୍ରୋଫାଇଲ କୋଚ୍ ନିଜ ପସନ୍ଦ ମୁତାବକ ସହକାରୀ ଷ୍ଟାଫ୍ ଆଣିବାକୁ ଚାହିଁବେ। ଏଆଇଏଫ୍‌ଏଫ୍ କିନ୍ତୁ ଜଣେ ଭାରତୀୟଙ୍କୁ ଆସିଷ୍ଟାଣ୍ଟ କୋଚ ପଦବୀରେ ରଖିବାକୁ ଚାହିଁବ। ବିଶେଷ କରି କନଷ୍ଟାଣ୍ଟିନଙ୍କ ଅଧୀନରେ କାର୍ଯ୍ୟ କରିଥିବା ଭେଙ୍କଟେଶ ଶନମୁଗମଙ୍କୁ। ସୋମବାର ବୈଠକରେ ଯେଉଁମାନେ ଯୋଗଦାନ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ, ନ୍ୟାଶନାଲ ଟିମ୍ ନିର୍ଦ୍ଦେଶକ, ଅଭିଷେକ ଯାଦବ, ହେନ୍‌ରୀ ମେନିଞ୍ଜେସ, ଇସ୍‌ଫାକ ଅହମ୍ମଦ, ପ୍ରଦୀପ ଦତ୍ତ, ଜି.ପି. ପଲଗୁନା ଏବଂ ସୁନ୍ଦର ରମଣ(ଭିଡିଓ କନଫରେନ୍ସ ଜରିଆରେ)। ସେହିପରି ଆଇ-ଲିଗ୍ ସିଇଓ ସୁନନ୍ଦୋ ଧର୍, ଏଆଇଏଫଏଫ୍ ଜେନେରାଲ ମ୍ୟାନେଜର ସ୍ୱାତୀ କୋଠାରୀ ଏବଂ ଏହାର କାର୍ଯ୍ୟକାରୀ ନିର୍ଦ୍ଦେଶକ ସାଭିଓ ମେଡିରା ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ବୈଷୟିକ ନିର୍ଦ୍ଦେଶକ ପଦବୀ ପାଇଁ ଆବେଦନକାରୀଙ୍କ ସଂକ୍ଷିପ୍ତ ତାଲିକାରେ ୪ଜଣଙ୍କ ନାମ ସ୍ଥାନ ପାଇଛି। ସେମାନେ ହେଲେ ଅଷ୍ଟ୍ରେଲିଆର ସ୍କଟ ଓ'ଡୋନେଲ, ଜର୍ଜିଆର ଗେଓଜ୍ ଦାରସାଜେ ରୋମାନିଆର ଡୋରୁ ଆଇଜାକ୍ ଏବଂ ପର୍ତ୍ତୁଗାଲର ଜର୍ଜ କାଷ୍ଟିଲୋ।

### ଏଆଇଏଫ୍‌ଏଫ୍ ଟେକ୍‌ନିକାଲ କମିଟି ବୈଠକ

## ପ୍ରଜନେଶଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍



ନୂଆଦିଲ୍ଲୀ, ୧୫।୪(ପି.ଟି.)

ସ୍ଥିର ପ୍ରଦର୍ଶନ କରିଆସୁଥିବା ଭାରତୀୟ ଟେନିସ ତାରକା ପ୍ରଜନେଶ ଗୁଣେଶ୍ୱରନ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ଲାଭ କରିଛନ୍ତି। ସୋମବାର ସଦ୍ୟ ପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗ୍‌ରେ ୨୯ ବର୍ଷୀୟ ପ୍ରଜନେଶ ୨ଟି ପାହାଚ ଉପରକୁ ଉଠି ୮୦ତମ ସ୍ଥାନରେ ରହିଛନ୍ତି। ଗତ ଫେବ୍ରୁୟାରୀରେ ଟପ୍-୧୦୦ରେ ପ୍ରବେଶ କରିଥିବା ପ୍ରଜନେଶ ଏଥିସହ ଭାରତୀୟ ଟେନିସ ଇତିହାସରେ ୬ଷ୍ଠ ଶ୍ରେଷ୍ଠ ସିଙ୍ଗଲ୍ସ ମାନ୍ୟତା ହାସଲ କରିଛନ୍ତି। ଇଣ୍ଡିଆନ ୱେଲ୍ସ ଜରିଆରେ କ୍ୟାରିୟରର ପ୍ରଥମ ଏଟିପି ମାଷ୍ଟର୍ସ ଖେଳିଥିବା ପ୍ରଜନେଶ ଏହି ପ୍ରତିଯୋଗିତାର ୩ୟ ରାଉଣ୍ଡରେ ପ୍ରବେଶ କରିଥିଲେ। ସେହିଭଳି ବିଏନ୍‌ପି ପରିବାସ ଓପନ୍ ଟୁର୍ନାମେଣ୍ଟରେ ମଧ୍ୟ ସେ ୩ୟ ରାଉଣ୍ଡରେ ପହଞ୍ଚିଥିଲେ। ମିଆମି ଓପନ୍‌ର ମୁଖ୍ୟ ପର୍ଯ୍ୟାୟ ପ୍ରବେଶ କରିବାରେ ସେ ସଫଳ ହୋଇଥିଲେ। ଅନ୍ୟତମ ଭାରତୀୟ ଖେଳାଳି ରାମକୁମାର ରାମନାଥନ ୧୬ଟି ପାହାଚ ତଳକୁ ଖସି ୧୫୭ତମ ସ୍ଥାନରେ ରହିଛନ୍ତି।

## କ୍ରିକେଟ ଅଷ୍ଟ୍ରେଲିଆ ଚୁକ୍ତି ତାଲିକାରେ ପ୍ୟାଟିନସନ, ହାରିସ

ସିଡ୍‌ନୀ, ୧୫।୪ (ଏଏଫ୍‌ପି)

କ୍ରିକେଟ ଅଷ୍ଟ୍ରେଲିଆ (ସିଏ)ର ଜାତୀୟ ଚୁକ୍ତିରେ ସ୍ଥାନ ପାଇଥିବା ଖେଳାଳି ତାଲିକା ସୋମବାର ପ୍ରକାଶ ପାଇଛି। ଏଥିରେ କାମେରନ ବ୍ୟାଙ୍କ୍ରଫ୍ଟ, ପିଟର ସିଡଲେ କିମ୍ବା ମାର୍ନସ ଲବୁସ୍କାନେଙ୍କୁ ସ୍ଥାନ ମିଳି ନାହିଁ। ଗତ ୧୨ ମାସର ପ୍ରଦର୍ଶନକୁ ଭିତ୍ତି କରି ୨୦୧୯-୨୦୨୦ ସିଜନ ପାଇଁ ୨୦ଜଣ ଖେଳାଳିଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ବଲ୍ ଟ୍ୟାମ୍ପରିଂ ଅଭିଯୋଗରେ ବାସନ୍ଦ ଦଣ୍ଡ ଭୋଗୁଥିବାର ଏହି ସମୟକାଳରେ ଖେଳି ନ ଥିଲେ ମଧ୍ୟ ଷ୍ଟିଭ ସ୍ମିଥ ଓ ଡେଭିଡ ୱାର୍ନରଙ୍କୁ ସ୍ଥାନ ମିଳିଛି। ଜାତୀୟ ଚୁକ୍ତିରେ ଯେଉଁ ୨୦ଜଣ ଖେଳାଳି ସ୍ଥାନ ପାଇଛନ୍ତି, ସେମାନେ ଅଷ୍ଟ୍ରେଲିଆ ତରଫରୁ ସମସ୍ତ ତିନୋଟି ଫର୍ମାଟରେ ପ୍ରତିନିଧିତ୍ୱ କରିବା ସାମର୍ଥ୍ୟ ରହିଛି ବୋଲି ମୁଖ୍ୟ ଚୟନକର୍ତ୍ତା ଟ୍ରେଭର ହନ୍ସ ପ୍ରକାଶ କରିଛନ୍ତି।

# ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳରେ ସ୍ମିଥ୍, ୱାର୍ନର




ସିଡ୍‌ନୀ, ୧୫।୪(ଏଏଫ୍‌ପି)

ଆସନ୍ତା ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଲାଗି ସୋମବାର ଆରୋନ୍ ଫିଞ୍ଚଙ୍କ ନେତୃତ୍ୱରେ ୧୫ ଜଣିଆ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ଛନ୍ଦି ହୋଇପଡ଼ିଥିବା ଷ୍ଟିଭେନ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କୁ ଏହି ବିଶ୍ୱକପ୍ ଦଳରେ ସ୍ଥାନ ମିଳିଛି। ତେବେ ଜୋଶ୍ ହାଜେଲଉଡ୍ ଓ ପିଟର୍ ହ୍ୟାଣ୍ଡ୍ସକମ୍ବଙ୍କୁ ନିରାଶ ହେବାକୁ ପଡ଼ିଛି।

କେପ୍ ଟାଉନ୍ ବଲ୍ ଟ୍ୟାମ୍ପରିଂ ମାମଲାରେ ସ୍ମିଥ୍ ଓ ୱାର୍ନରଙ୍କୁ ଏକ ବର୍ଷ ଲେଖାଏ ବାସନ୍ଦ କରାଯାଇଥିଲା। ଯାହାର ଅବଧି ଗତ ମାସ ଶେଷ ଭାଗରେ ସମାପ୍ତ ହୋଇଥିଲା। ଏହାପରେ ଦୁହେଁ ସେତେବେଳେ ୟୁଏଇରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ସିରିଜ ଖେଳିବା ଲାଗି ଯୋଗ୍ୟ ହୋଇଥିଲେ ମଧ୍ୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସେମାନେ ଆଇପିଏଲ୍‌କୁ ବାଛିଥିଲେ। ଏଥିରେ ୱାର୍ନର ଶତପ୍ରତିଶତ ସଫଳ ହୋଇ ବେଶ୍ ପ୍ରଭାବୀ ବ୍ୟାଟିଂ କରିଥିଲେ। ଅଷ୍ଟ୍ରେଲିଆ ଏହାର ଶେଷ ୮ଟି ଦିନିକିଆରେ ଯଥାକ୍ରମେ ଭାରତ ଓ ପାକିସ୍ତାନକୁ ପରାସ୍ତ କରିଥିବାରୁ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ମନୋବଳ ମଧ୍ୟ ବିଶ୍ୱକପ୍ ପୂର୍ବରୁ ଦୃଢ଼ ରହିଛି।

ଅଷ୍ଟ୍ରେଲିଆ ଦଳରେ ଏକମାତ୍ର ଉଇକେଟ୍‌କିପର ଭାବେ ଆଲେକ୍ସ କେରୀ ରହିଥିବାବେଳେ ୱାର୍ନର, ଫିଞ୍ଚ୍ ଓ ଉସମାନ ଖ୍ୱାଜାଙ୍କ ଭାବେ ୩ ଜଣ ଓପନର୍ ରହିଛନ୍ତି। ସେହିଭଳି ସ୍ମିଥ୍‌ଙ୍କ ସମେତ ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ୍ ଓ ଅଲ୍‌ରାଉଣ୍ଡର ମାର୍କସ ଷ୍ଟୋଇନିସ ମିଡ୍‌ଲ ଅର୍ଡର ଦାୟିତ୍ୱ ସମ୍ଭାଳିବେ। ଚୟନକର୍ତ୍ତାମାନେ ଆଡାମ ଜାମ୍ପା ଓ ନାଥନ ଲିୟନଙ୍କ ରୂପରେ ୨ଜଣ ସ୍ପିନରଙ୍କୁ ଦଳରେ ସ୍ଥାନ ଦେଇଛନ୍ତି। ସେହିଭଳି ଦଳରେ ୫ଜଣ ସ୍ପେଶାଲିଷ୍ଟ ଦ୍ରୁତ ବୋଲରଙ୍କୁ ନିଆଯାଇଛି। ସେମାନେ ହେଲେ ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ଝେ ରିଚାର୍ଡଶନ, ଜାସନ ବେହରେନଡ୍ରଫ୍ ଓ ନାଥନ କୁଲ୍ଟର-ନିଲ। ପିଠି ଯନ୍ତ୍ରଣା ଲାଗି ଗତ ଜାନୁୟାରୀରୁ କ୍ରିକେଟରୁ ଦୂରେଇ ରହିଥିବା ହାଜେଲଉଡ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି।

**ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳ:** ଆରୋନ୍ ଫିଞ୍ଚ୍ (ଅଧିନାୟକ), ଉସମାନ ଖ୍ୱାଜା, ଡେଭିଡ୍ ୱାର୍ନର, ଷ୍ଟିଭ ସ୍ମିଥ୍, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ଆଲେକ୍ସ କେରୀ, ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, ଝେ ରିଚାର୍ଡଶନ, ନାଥନ କୁଲ୍ଟର-ନିଲ, ଜାସନ ବେହରେନଡ୍ରଫ୍, ନାଥନ ଲିୟନ ଓ ଆଡାମ ଜାମ୍ପା।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରାଧାନାଥ ପାତ୍ର
ପ୍ଲଟ ନଂ.୧୬, ମଧୁସୂଦନ ନଗର,
ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ: ୨୦।୧୨।୧୯୨୫
ତିରୋଧାନ: ୨୭।୦୩।୨୦୧୮

ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପୁଣ୍ୟତିଥିରେ ଆମର ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ଓ ରହିବ ମଧ୍ୟ। ଏ ପବିତ୍ର ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ: ପୁତ୍ର- ବିନୟ ଓ ବିଜୟ, ପୁତ୍ରବଧୂ- ସବିତା ଓ ସ୍ୱାଗତିକା, ଝିଅ- ଜୟନ୍ତୀ ଓ ଭାରତୀ, ଭାଇ- ପ୍ରକାଶ ଓ ଶୁଭେନ୍ଦୁ, ନାତି, ନାତୁଣୀ- ଦିନେଶ, ବିଜୟିନୀ, ଇଥେନ୍, ପିଙ୍କି, ବନ୍ଧୁ ଓ ପରିବାରବର୍ଗ। ଧ-୫୩୬୪୭

### ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଶରତ ମଞ୍ଜରୀ ରଥ
ଚାହୁଁଚାହୁଁ ପନ୍ଦର ବର୍ଷ ପୂରିଗଲା ତୁମେ ଆମକୁ ଛାଡି ଚାଲିଯିବାର । ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ । ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ । ପଞ୍ଚଦଶ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡ଼ଲି, ଡେନି, ରିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ
D-66216

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ୍ ୧୬/୨୦୧୯ Bhubaneswar, Tuesday, April 16/ 2019

# ସରକାରୀ କ୍ୱାର୍ଟର୍ସରେ ବନ୍ଧୁକ କାରଖାନା

- ଓୟୁଏଟିରେ କାର୍ଯ୍ୟରତ ସୁପରଭାଇଜର ଗିରଫ
- ୩ ଅର୍ଦ୍ଧ ନିର୍ମିତ ବନ୍ଧୁକ, ଗୁଳି ଓ ଅନ୍ୟ ସରଞ୍ଜାମ ଜବତ
- ୟୁଟ୍ୟୁବ୍‌ରୁ ବନ୍ଧୁକ ତିଆରି କୌଶଳ ଶିଖିଥିଲେ
- ବିସ୍ଫୋରଣ ଖବର ପାଇ ଚଢ଼ାଉ କରିଥିଲା ପୋଲିସ


ଜବତ ବନ୍ଧୁକ, ଗୁଳି, ବାରୁଦ ଓ ଅନ୍ୟ ସରଞ୍ଜାମ।


ଗିରଫ ଅଭିଯୁକ୍ତ ନୃସିଂହ ନାୟକ।

ଭୁବନେଶ୍ୱର,୧୫ା୪ (ବ୍ୟୁରୋ)

ରାଜଧାନୀରେ ବନ୍ଧୁକ କାରଖାନା। ପୁଣି କମିଶନରେଟ ପୋଲିସ ଇଲାକାର ଏକ ସରକାରୀ କ୍ୱାର୍ଟରରେ ଚାଲିଥିଲା ବନ୍ଧୁକ ତିଆରି। ରବିବାର ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଓୟୁଏଟି କଲୋନୀ ପ୍ଲଟ୍ ନଂ.ଓ୍ୱାନ୍‌ଆର୍ ୧/୬ରେ ପୋଲିସ ଚଢ଼ାଉ କରି ବନ୍ଧୁକ କାରଖାନା ଠାବ କରିଛି। ସେଠାରୁ ୩ଟି ଅର୍ଦ୍ଧ ନିର୍ମିତ ବନ୍ଧୁକ, ୩୫ ଗୁଳି, କିଛି ପୁରୁଣା ଅଫୁଟା ଗୁଳି, ଗୁଳି ତିଆରି ପାଇପ, ବାରୁଦ, ଖଣ୍ଡା ସହ ବନ୍ଧୁକ ତିଆରି ସରଞ୍ଜାମ ଜବତ କରିଛି। ଏଥିସହ ବନ୍ଧୁକ ତିଆରି କରୁଥିବା ଅଭିଯୋଗରେ ଓୟୁଏଟିରେ କାର୍ଯ୍ୟରତ ସୁପରଭାଇଜର ନୃସିଂହ ନାୟକଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନୃସିଂହଙ୍କ ଘର ଖଣ୍ଡଗିରି ସରକନ୍ତରା ଅଞ୍ଚଳରେ ହୋଇଥିବା ବେଳେ ସେ ପାଇଥିବା ଓୟୁଏଟି ସରକାରୀ କ୍ୱାର୍ଟର୍ସରେ ରହି ଏହି କାରଖାନା ଚଳାଇଥିଲେ। ତେବେ ନୃସିଂହଙ୍କ ଘରୁ ପୋଲିସ ଏକ ଡାଏରୀ ଜବତ କରିଛି। ସେଥିରେ ଏକାଧିକ ଅପରାଧୀ ଗ୍ୟାଙ୍ଗ୍ ସଦସ୍ୟଙ୍କ ସହ ବନ୍ଧୁକ ଗ୍ରାହକଙ୍କ ନାମ ରହିଛି। ସେ କଞ୍ଚାମାଲ କେଉଁଠୁ ଆଣୁଥିଲେ ଓ ପୂର୍ବରୁ କେଉଁମାନଙ୍କୁ ବନ୍ଧୁକ ବିକ୍ରି କରିଛନ୍ତି ତାହା ଉକ୍ତ ଡାଏରୀ ପର୍ଦ୍ଦାଫାଶ କରିବ। ଏ ନେଇ ଅଧିକ ଖୋଳତାଡ଼ ଚାଲିଥିବା ପୋଲିସ କହିଛି।

### ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣରୁ ପ୍ରେରଣା

ସେ ସରକାରୀ ଚାକିରି କରିଥିଲେ ମଧ ଅଧିକ ଟଙ୍କା ରୋଜଗାର ଆଶାରେ ବନ୍ଧୁକ ତିଆରି ଆରମ୍ଭ କରିଥିଲେ। ସେ ପ୍ରଥମେ ଏକ ଦେଶୀ କଟ୍ଟା ବନ୍ଧୁକ କିଣିଥିଲେ। ଏହାକୁ ସେ ବାରମ୍ବାର ଖୋଲି ଦେଖିବା ପରେ ବ୍ୟବହୃତ ଯନ୍ତ୍ରାଂଶ ବିଷୟରେ ଜାଣିବାକୁ ଚେଷ୍ଟା କରିଥିଲେ। ହେଲେ ବନ୍ଧୁକ ତିଆରିର ସମ୍ପୂର୍ଣ୍ଣ ଜ୍ଞାନ ପାଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ତାଙ୍କୁ ପ୍ରେରଣା ଦେଇଥିଲା। ଏହାର ମାଷ୍ଟରମାଇଣ୍ଡ ପୁଞ୍ଜିଲାଲ ୟୁଟ୍ୟୁବ୍‌ରୁ ପାର୍ସଲ ବୋମା ପ୍ରସ୍ତୁତି ଶିଖିଥିବା ଜାଣିବା ପରେ ସେ ବନ୍ଧୁକ ଓ ଗୁଳି ତିଆରି ପାଇଁ ୟୁଟ୍ୟୁବ୍‌ର ସାହାରା ନେଇଥିଲେ। ଗୁଳି ପାଇଁ ଖୋର୍ଦ୍ଧା ନିକଟ ତାପଙ୍ଗ ମୁଣ୍ଡିଆ, ବେଗୁନିଆ ଓ କଳାପଥର ଅଞ୍ଚଳରୁ ବିଭିନ୍ନ ପ୍ରକାର ବାରୁଦ ସଂଗ୍ରହ କରିଥିଲେ। ବନ୍ଧୁକ ନିର୍ମାଣ ବେଳେ ଯେଉଁଠି ଭୁଲି ଯାଉଥିଲେ ୟୁଟ୍ୟୁବ୍ ଦେଖୁଥିଲେ।

### ପାରିବାରିକ ବେଉସା ଥିଲା ବୋମା ତିଆରି

ତଦନ୍ତରୁ ମିଳିଥିବା ସୂଚନାନୁସାରେ, ନୃସିଂହଙ୍କ ବାପା ଗାଁ ଗଣ୍ଡଗୋଳ ପାଇଁ ବୋମା ତିଆରି କରନ୍ତି। ସେ ପୂର୍ବରୁ ଅସାମାଜିକ ଯୁବକ ଓ ଅପରାଧୀମାନଙ୍କୁ ବୋମା ବିକ୍ରି କରୁଥିଲେ। ଏଥିରେ ତାଙ୍କ ପରିବାର ସଦସ୍ୟ ସହଯୋଗ କରନ୍ତି। ୨୦୦୪ରେ ନୃସିଂହଙ୍କର ଜଣେ ଭାଇ ବୋମା ଭିଡୁଥିବାବେଳେ ବିସ୍ଫୋରଣ ଯୋଗୁ ପ୍ରାଣ ହରାଇଥିଲେ। ନୃସିଂହ ବାପାଙ୍କଠାରୁ ବୋମା ଭିଡ଼ିବା ଶିକ୍ଷା କରିବା ପରେ ନିଜେ ଏହାକୁ ପେସା କରିଦେଇଥିଲେ। ଏହାସହ ସରକନ୍ତରା ଅଞ୍ଚଳରେ ବୋମା ମାଡ଼ କରିଥିବା ନେଇ ମଧ ତାଙ୍କ ନାମରେ ଅଭିଯୋଗ ରହିଛି। ସେହିଭଳି ଖଣ୍ଡଗିରି ଥାନାରେ ୪ଟି ସଙ୍ଗିନ ମାମଲା ରହିଛି।

### ୫ ହଜାର ଟଙ୍କାରେ ବିକ୍ରି କରୁଥିଲେ

ପୂର୍ବରୁ ଅପରାଧୀଙ୍କ ସହ ସମ୍ପର୍କରେ ଥିବାରୁ ନୃସିଂହ ବନ୍ଧୁକ ତିଆରି କରିବା ପରେ ବିକ୍ରି କରିବାରେ ଅସୁବିଧା ହୋଇ ନ ଥିଲା। ବିଭିନ୍ନ ଗ୍ୟାଙ୍ଗ୍‌ର ଲିଡରଙ୍କୁ ୪ହଜାର ଟଙ୍କାରେ ବନ୍ଧୁକ ବିକ୍ରି କରୁଥିଲେ। ଗୁଳିର ଦାମ୍ ଅଲଗା ରହୁଥିଲା। ଏଥିରୁ ସେ ପ୍ରାୟ ମାସକୁ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରୋଜଗାର କରୁଥିଲେ। ଏପରିକି ବିଭିନ୍ନ ଜିଲାର ଅପରାଧୀ ଓ ବନ୍ଧୁକ ବ୍ୟବସାୟୀମାନେ ମଧ ନୃସିଂହଙ୍କ ସହିତ ଯୋଗାଯୋଗ କରି କାରବାର କରୁଥିଲେ। ଚାଉଳ ଓ ପରିବା ବ୍ୟାଗ୍ ଭିତରେ ବନ୍ଧୁକ ଚାଲାଣ ହେଉଥିଲା। ଏସବୁ କାରବାର ଅତି ଚତୁରତାର ସହ ହେଉଥିଲା। ବିଶେଷ କରି ସେ ରହୁଥିବା ସରକାରୀ କ୍ୱାର୍ଟର୍ସକୁ କାହାକୁ ଛାଡୁ ନ ଥିଲେ। ବିକ୍ରି ସମୟରେ ସେ ଓୟୁଏଟି କ୍ୟାମ୍ପସ ନିକଟରେ ଏକ ନିଛାଟିଆ ସ୍ଥାନରେ ଛିଡା ହୋଇ ବ୍ୟାଗ୍ ଭିତରେ ଦେଉଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।


ଅଭିଯୁକ୍ତ ନୃସିଂହ ରହୁଥିବା କ୍ୱାର୍ଟର୍ସ

### କେମିତି ଧରାପଡିଲେ

ନୃସିଂହ ଦୀର୍ଘଦିନ ହେବ ଉକ୍ତ ସରକାରୀ କ୍ୱାର୍ଟର୍ସରେ ବନ୍ଧୁକ କାରଖାନା ଚଳାଉଥିଲେ। ତାଙ୍କ ସ୍ତ୍ରୀ ଏସବୁ ଜାଣିବା ପରେ ତାଙ୍କୁ ବାରଣ କରିଥିଲେ ମଧ ସେ କିଛି ଶୁଣି ନ ଥିଲେ। ବନ୍ଧୁକ ନୁହେଁ, ବୋମା ତିଆରି କରୁଥିବା କହିଥିଲେ। ଯେଉଁ ଘରେ ସେ ବନ୍ଧୁକ ତିଆରି କରୁଥିଲେ ସେଥିରେ ସବୁବେଳେ ତାଲା ପକାଯାଉଥିଲା। ସବୁଦିନ ପରି ରବିବାର ରାତିରେ ସେ ଘର ଭିତରେ ବନ୍ଧୁକ ତିଆରି କରି ଯାଞ୍ଚ କରୁଥିବାବେଳେ ଅସାବଧାନତାବଶତଃ ଗୁଳି ଫୁଟି ଯାଇଥିଲା। ପ୍ରଚଣ୍ଡ ଶବ୍ଦ ହେବାରୁ ପଡୋଶୀ ଲୋକେ ଏହା ଶୁଣି ପୋଲିସକୁ ଖବର ଦେଇଥିଲେ। ଖଣ୍ଡଗିରି ପୋଲିସ ସେଠାରେ ଚଢ଼ାଉ କରି ବନ୍ଧୁକ କାରଖାନା ଠାବ କରିଥିଲା।

## ସଂକ୍ଷେପରେ

### ୧୦୯ଖଣ୍ଡ ସମ୍ବଲପୁରୀ ଶାଢ଼ି ଜବତ କଲା ସ୍କ୍ୱାଡ୍



ବାଲିଅନ୍ତା,୧୫ା୪(ଡି.ଏନ.ଏ.): ନିର୍ବାଚନକୁ ଦୃଷ୍ଟିରେ ରଖି ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ଅଞ୍ଚଳରେ ଫ୍ଲାଇଙ୍ଗ ସ୍କ୍ୱାଡ ଓ ଏସ୍ଏସ୍‌ଟି ଟିମ ପକ୍ଷରୁ ବିଭିନ୍ନ ଛକ ବଜାରରେ ଗାଡ଼ି ମୋଟର ଯାଞ୍ଚ କରାଯାଉଛି। ଏହି ସ୍କ୍ୱାର୍ଡ ଗତ ୭ତାରିଖରେ ଏକ କାର୍‌ରୁ ୯୫ହଜାର ଟଙ୍କା ଜବତ କରି ଛାଡ଼ିଥିବା ବେଳେ ସୋମବାର ସରଦେଇପୁର-ନିମାପଡ଼ା ରାସ୍ତାର ବାଲକାଟୀ ନିକଟ ଏକ ପେଟ୍ରୋଲପମ୍ପ ସମ୍ମୁଖରୁ ଉଭୟ ଟିମ ପକ୍ଷରୁ ଏକ କାର୍‌ରୁ ୧୦୯ ଖଣ୍ଡ ସମ୍ବଲପୁରୀ ଶାଢ଼ି ଜବତ କରିଛି। ସୂଚନାଯୋଗ୍ୟ, କାକଟପୁର ଅଞ୍ଚଳର ଅଶୋକ କୁମାର ମେହେର ତାଙ୍କ କାର(ନଂ ଓଡ଼ି ୩୩ଭି-୬୦୨୧)ରେ ବାଲକାଟୀରୁ ଫେରୁଥିବା ବେଳେ ସ୍କ୍ୱାଡ ତାଙ୍କ ଗାଡ଼ିକୁ ଅଟକାଇଥିଲା। ଯାଞ୍ଚ ବେଳେ କାର୍ ଭିତରୁ ୪ଟି ବ୍ୟାଗରେ ଭର୍ତ୍ତି ହୋଇଥିବା ୧୦୯ଖଣ୍ଡ ଦାମୀ ସମ୍ବଲପୁରୀ ଶାଢ଼ି ମିଳିଥିଲା। ଉଭୟ ଟିମ କାରଟିକୁ ବାଲିଅନ୍ତା ଥାନାକୁ ଆଣିଥିଲେ। ପରେ ଘଟଣା ସମ୍ପର୍କରେ ଗଠିତ ବରିଷ୍ଠ ଅଧିକାରୀଙ୍କୁ ଖବର ଦେଇଥିଲେ। ଖବରପାଇ ନୋଡାଲ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀ ଥାନାରେ ପହଞ୍ଚି ଶାଢ଼ିର ବିଲ୍ ବିଷୟରେ ଅଶୋକଙ୍କୁ ପଚରାଉଚୁରା କରିଥିଲେ। ତେବେ ସେ ଏହାର ବିଲ୍ ଦେଖାଇ ପାରି ନ ଥିଲେ। ଅଶୋକ ନିଜକୁ ଜଣେ ବ୍ୟବସାୟୀର ପରିଚୟ ଦେଇଥିବା ବେଳେ, ବରଗଡ଼ ଜିଲା ବରପାଲି ଓ ବିଜେପୁରର ଆଖପାଖ ଅଞ୍ଚଳରେ ଥିବା ହାଟରୁ ଶାଢ଼ି ଆଣି ଏଠାରେ ବ୍ୟବସାୟୀ କରୁଥିବା ତଦନ୍ତକାରୀ ଅଧିକାରୀଙ୍କୁ ଜଣାଇଥିଲେ। ତେବେ ଜବତ ଶାଢ଼ିର ପ୍ରମାଣ ଦେଇ ନ ଥିବାରୁ ଶାଢ଼ିଗୁଡ଼ିକୁ ରଖାଯିବା ସହ ଘଟଣାର ତଦନ୍ତ ଜାରି ରହିଛି ବୋଲି ନୋଡାଲ ଅଧିକାରୀ ଷଡଙ୍ଗୀ କହିଛନ୍ତି।

## ବ୍ୟବସାୟୀଙ୍କ ଗାଡ଼ିରୁ ୪୨ଲକ୍ଷ ଟଙ୍କା ଜବତ

### ଯାଞ୍ଚ ପରେ ଫେରାଇଲେ ଟଙ୍କା

ନିମାପଡ଼ା,୧୫ା୪(ଡି.ଏନ୍.ଏ.)

ରାଜ୍ୟରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ପୁରୀ ଜିଲା ନିମାପଡ଼ା ବିଧାନସଭା ଆସନ ଆସନ୍ତା ୨୯ ତାରିଖରେ ଭୋଟ୍ ଗ୍ରହଣ ହେବ। ଏନେଇ ନିର୍ବାଚନରେ ବେଆଇନ ଅର୍ଥ କାରବାର ରୋକିବା ପାଇଁ ପ୍ରଶାସନ ଗୁରୁତ୍ୱ ଦେଇଛି। ଯାଞ୍ଚ ପାଇଁ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ତେବେ ସୋମବାର ଯାଞ୍ଚ ବେଳେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ନିକଟରୁ ବ୍ୟବସାୟୀ ସୁବାସ ସାହୁଙ୍କ ଗାଡ଼ିରୁ ୪୨ଲକ୍ଷ ଟଙ୍କା ଜବତ ହୋଇଥିଲା। ଯାଞ୍ଚ ପରେ ଉକ୍ତ ଟଙ୍କାକୁ ବ୍ୟବସାୟୀଙ୍କୁ ଫେରାଇ ଦିଆଯାଇଥିବା ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢୀ କହିଛନ୍ତି। ସୂଚନା ଅନୁଯାୟୀ, କୋଣାର୍କ ଅଞ୍ଚଳର ବ୍ୟବସାୟୀ ସୁବାସ ଏହି ଟଙ୍କାକୁ ନିମାପଡ଼ାସ୍ଥିତ ୟୁକୋ ବ୍ୟାଙ୍କରେ ଜମା କରିବାକୁ ଯାଉଥିଲେ। ଦିଘାଲୋ ନିକଟରେ ଫ୍ଲାଇଂ ସ୍କ୍ୱାଡ୍‌ର ଏକ ଟିମ୍ ସୁବାସଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିବା ସହ ଏହି ଟଙ୍କାକୁ ଜବତ କରିଥିଲା। ମାତ୍ର ଫ୍ଲାଇଂ ସ୍କ୍ୱାଡ୍‌ର ଏକ ଟିମ୍ ଓ ଆଇଆଇସି ପାଢୀ ଉକ୍ତ ଟଙ୍କା ସମ୍ପର୍କରେ ଯାଞ୍ଚ କରିଥିଲେ। ସୁବାସଙ୍କ ବ୍ୟାଙ୍କ ଆଇଟିଜିଏସ, ଏନ୍‌ଇଏଫଟି ଆଦି କାଗଜପତ୍ର ଦେଖିବା ପରେ ଟଙ୍କା ସହ ତାଙ୍କୁ ଛାଡିଦେଇଥିଲେ। ଏହାପରେ ସେ ଏହି ଟଙ୍କାକୁ ବ୍ୟାଙ୍କରେ ଡିପୋଜିଟ କରିଥିଲେ ବୋଲି ପାଢୀ କହିଛନ୍ତି।

## ସ୍ୱଚ୍ଛ ନଦୀଜଳ ଛାଡ଼ିବା ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

ପୁରୁଣା ଭୁବନେଶ୍ୱର, ୧୫ା୪(ଡି.ଏନ୍.ଏ.)

ଦିନକୁ ଦିନ ସାରା ରାଜ୍ୟରେ ଗରମର ପ୍ରଭାବ ଅସମ୍ଭାଳ ହେଉଥିବାବେଳେ ସମ୍ପ୍ରତି ରାଜଧାନୀର ବିଭିନ୍ନ ଅଞ୍ଚଳରେ ଜଳକଷ୍ଟ ଦେଖାଦେଇଛି। ଇତିମଧ୍ୟରେ ସହରର ବିଭିନ୍ନ ବସ୍ତି ଓ କଲୋନୀ ଦେଇ ଯାଇଥିବା ଦୟା ୱେଷ୍ଟ କେନାଲରେ ସାମାନ୍ୟତମ ଜଳକଷ୍ଟ ଦୂରପାଇଁ ବିଭାଗ ପକ୍ଷରୁ ପାଣି ଛଡ଼ାଯାଇଛି। ତେବେ ପୂର୍ବରୁ କେନାଲଟି ଆବର୍ଜନାମୟ ହୋଇପଡ଼ିଥିବାରୁ ପାଣି ଦୂଷିତ ହେଉଥିବା ସ୍ୱାଭାବିକ ହୋଇପଡ଼ିଛି। ଯାହାଫଳରେ ନଦୀରୁ ଆସୁଥିବା ଜଳ ସମ୍ପୂର୍ଣ୍ଣ ଦୂଷିତ ହୋଇଯାଉଛି। ଯାହାଦ୍ୱାରା କୂଅ, ପୋଖରୀ, ଟ୍ୟୁବୱେଲ ଉପରେ ଜଳ ଝରମାଧ୍ୟମରେ ଭୂତଳ ପ୍ରବେଶ କରି ଜଳ ଉତ୍ସଗୁଡ଼ିକୁ ପରିତ୍ୟକ୍ତ କରୁଥିବା ଦାବି ହୋଇଛି। ତେଣୁ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଘଟଣାକୁ ଦୃଷ୍ଟିରେ ରଖି ସମସ୍ୟା ସମାଧାନ କରିବାପାଇଁ ସୋମବାର ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଖୋର୍ଦ୍ଧା ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ଆଜି ଭୁବନେଶ୍ୱରରେ ମୋଦିଙ୍କ ରୋଡ୍ ଶୋ'

- ସୁରକ୍ଷା ବ୍ୟବସ୍ଥାକୁ ନେଇ ପୋଲିସ ଡିଜି ଇନ୍‌ଚାର୍ଜଙ୍କ ବୈଠକ
- ନିୟୋଜିତ ହେବେ ୬୦ ପ୍ଲାଟୁନ ଫୋର୍ସ, ୧୩୦ ଅଫିସର
- ଅପରାହ୍ଣ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଟ୍ରାଫିକ କଟକଣା

ଭୁବନେଶ୍ୱର,୧୫ା୪ (ବ୍ୟୁରୋ)

ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ସମେତ ଅନ୍ୟ କେତେକ ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ମଙ୍ଗଳବାର ଓଡିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସକାଳ ପ୍ରାୟ ୧୧ଟାରେ ପ୍ରଧାନମନ୍ତ୍ରୀ ମୋଦି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସମ୍ବଲପୁର ଯିବେ। ସେଠାରେ ରୋଡ୍ ଶୋ' କରିବା ସହ ଦଳୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ। ଅପରାହ୍ଣ ପ୍ରାୟ ୫ଟାରେ ସେ ଭୁବନେଶ୍ୱର ଫେରିବେ। ଏୟାରପୋର୍ଟ ଛକରୁ ତାଙ୍କୁ ରୋଡ୍ ଶୋ'ରେ ବରମୁଣ୍ଡା ପଡିଆ ସଭାସ୍ଥଳ ପର୍ଯ୍ୟନ୍ତ ନିଆଯିବ। ସେଠାରେ ସେ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ମୋଦିଙ୍କ ଏହି ଗସ୍ତକୁ ନେଇ ପୋଲିସ ଡିଜି ଇନ୍‌ଚାର୍ଜ ବି. କେ. ଶର୍ମାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର କ୍ୟାମ୍ପ ଅଫିସରେ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ କେନ୍ଦ୍ରୀୟ ଏସ୍‌ପିଜି (ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ) ଆଇଜିଙ୍କ ସମେତ ରାଜ୍ୟ ପୋଲିସ ବରିଷ୍ଠ ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ରୋଡ୍ ଶୋ ଏବଂ ସଭାସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି ନେଇ ଆଲୋଚନା କରାଯାଇଛି।

ବୈଠକରୁ ମିଳିଥିବା ସୂଚନାନୁସାରେ, ବିମାନବନ୍ଦରରୁ ବରମୁଣ୍ଡା ପଡିଆ ପର୍ଯ୍ୟନ୍ତ ରୋଡ୍ ଶୋ ପାଇଁ ଅପରାହ୍ଣ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଟ୍ରାଫିକ ନିୟମରେ ପରିବର୍ତ୍ତନ କରାଯାଇଛି। ୧୬ ନମ୍ବର ଜାତୀୟ ରାଜପଥ ଦେଇ ଖୋର୍ଦ୍ଧା ପଟୁ ଭୁବନେଶ୍ୱର ଆସୁଥିବା ଭାରିଯାନଗୁଡିକ ପିତାପଲ୍ଲୀ ଛକ ଅଞ୍ଚଳରେ ପାର୍କିଂ କରାଯିବ। ସେହିପରି କଟକରୁ ଭୁବନେଶ୍ୱର ଆସୁଥିବା ଭାରିଯାନଗୁଡିକୁ ମଙ୍ଗୁଳି ଛକ ଅଞ୍ଚଳରେ ପାର୍କିଂ କରାଯିବ। କଟକରୁ ଭୁବନେଶ୍ୱର ଆଡକୁ ଆସୁଥିବା ଚାରି ଚକିଆ ଓ ଦୁଇ ଚକିଆ ଯାନଗୁଡିକ କଟକ ବାଲିକୁଦା ଛକରୁ ତ୍ରିଶୁଳିଆ, ବାରଙ୍ଗ, ଚନ୍ଦକା ଦେଇ ପିତାପଲ୍ଲୀ ଆସିବାକୁ କୁହାଯାଇଛି। ଅନ୍ୟପକ୍ଷରେ କଟକରୁ ଭୁବନେଶ୍ୱର ଆସୁଥିବା ଯାତ୍ରୀବାହି ବସ୍ ୧୬ ନମ୍ବର ଜାତୀୟ ରାଜପଥ ଫ୍ଲାଏ ଓଭର ଦେଇ ଖଣ୍ଡଗିରି ଛକରୁ ଡାହାଣକୁ ବୁଲି ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ପହଞ୍ଚିବାକୁ ସୂଚନା ଦିଆଯାଇଛି। ଏଥିସହ ଟ୍ରାଫିକ ସମସ୍ୟାରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଜରୁରୀ ଆବଶ୍ୟକତା ନ ଥିଲେ ଜାତୀୟ ରାଜପଥ ନଂ.୧୬କୁ ଅପରାହ୍ଣ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବ୍ୟବହାର ନ କରିବାକୁ କୁହାଯାଇଛି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ୬୦ ପ୍ଲାଟୁନ ପୋଲିସ ଫୋର୍ସ ଓ ୧୩୦ ଜଣ ପୋଲିସ ଅଫିସର ମୁତୟନ ହେବେ। ଏସ୍‌ପିଓ ଆଇଜି ଏବଂ ଭୁବନେଶ୍ୱର ଡିସିପିଙ୍କ ତତ୍ତ୍ୱାବଧାନରେ ୪ ଜଣ ଅତିରିକ୍ତ ଡିସିପି ର୍‍ୟାଙ୍କ୍‌ର ଅଫିସର ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବେ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ସୋମବାର ଅପରାହ୍ଣରେ ମକ୍‌ଡ୍ରିଲ ଓ କାର୍ କେଡ୍ ରିହଲସାଲ କରାଯାଇଥିବାବେଳେ ପୁନର୍ବାର ଏହା ମଙ୍ଗଳବାର ସକାଳେ କରାଯିବ। ଏଥିରେ ମେଡିକାଲ ଟିମ୍ ସହ ଅନ୍ୟ ଗାଡ଼ିଗୁଡିକ ରହିବ।

## ୨୦ ଫୁଟ ଉଚ୍ଚକୁ ଉଠିଲା କାର, ୩ ଆହତ



ପୁରୁଣା ଭୁବନେଶ୍ୱର, ୧୫ା୪ (ଡି.ଏନ୍.ଏ.)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଉତ୍ତରାଛକ ନିକଟରେ ସୋମବାର ରାତି ପ୍ରାୟ ୧୦ଟା୪୫ରେ ଏକ କାର (ଓଡି-୦୨ଏଜି-୮୨୯୯) ଦୁର୍ଘଟଣାଗ୍ରସ୍ତ ହୋଇଛି। ପୁରୀ ଆଡୁ ଆସୁଥିବା କାରଟି ଉତ୍ତରାଛକ ନିକଟରେ ଭାରସାମ୍ୟ ହରାଇ ପ୍ରାୟ ୨୦ଫୁଟ ଉଚ୍ଚକୁ ଉଠି ରାସ୍ତାକଡ଼କୁ ଓଲଟି ପଡିଥିଲା। କାରରେ ଥିବା ୫ଜଣ ଯାତ୍ରୀଙ୍କ ମଧ୍ୟରୁ ୩ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ନିକଟ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ନିର୍ବାଚନ ଲାଗି ଧଉଳି ଥାନା ପୋଲିସ ଉତ୍ତରାଛକ ନିକଟରେ ବ୍ୟାରିକେଡ୍ ପକାଇ ଗାଡିକୁ ଯାଞ୍ଚ କରୁଛି। ଏହି ସମୟରେ ଦ୍ରୁତଗତିରେ ଆସୁଥିବା କାରର ଚାଳକ ହଠାତ୍ ବ୍ୟାରିକେଡ ଦେଖି ବ୍ରେକ୍ ମାରିଦେଇଥିଲେ। ଫଳରେ ଗାଡିଟି ରାସ୍ତାମଝିରେ ଥିବା ଇଲେକ୍ଟ୍ରିକ୍ ପୋଲ୍‌ରେ ବାଡେଇ ହୋଇ ଓଲଟି ପଡ଼ିଥିଲା। ସେଠାରେ ଥିବା ପୋଲିସ କର୍ମଚାରୀମାନେ କାର ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ।

# ରାତିରେ ମନ୍ଦିରରେ ପଶିବାକୁ ଛଡ଼ାଯାଇଛି ସୁଯୋଗ

ପୁରୀ ଅଫିସ,୧୫ା୪

ପ୍ରହସନ ପାଲଟିଛି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ମାଳ ମାଳ ଓଡ଼ିଶା ପୋଲିସ, ଜେଟିପି ଏବଂ ସ୍ୱତନ୍ତ୍ର ସ୍କ୍ୱାଡ୍ ଜଗି ରହୁଛନ୍ତି। ଏହା ସତ୍ତ୍ୱେ ଶ୍ରୀମନ୍ଦିର ପରିସରରୁ ଚୋରି ହେଉଛି। ପରିସ୍ଥିତି ଏଭଳି ରହିଛି ଯେ, ରାତିରେ ମନ୍ଦିରରେ ପଶିବାକୁ ଯେପରି ସୁଯୋଗ ଛଡ଼ାଯାଇଛି। ପୂର୍ବରୁ ଶ୍ରୀମନ୍ଦିରକୁ ଏକ ସମ୍ବେଦନଶୀଳ ଅଞ୍ଚଳ ତାଲିକାରେ ରଖି ଏହାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲା ଏନ୍‌ଏସ୍‌ଜି। ସୁରକ୍ଷା ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ଦର୍ଶାଇ କେତେକ ସୁପାରିସ ମଧ କରିଥିଲା। ହେଲେ ଏପର୍ଯ୍ୟନ୍ତ ଏହି ସୁପାରିସ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିକଟରେ ଶ୍ରୀମନ୍ଦିର ପରିସରରୁ ୨ଥର ଚୋରି ହେବା ଘଟଣା ଏହାକୁ ସ୍ପଷ୍ଟ କରୁଛି।

ପୁରୀ ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ଗୋଇନ୍ଦା ବିଭାଗ ବହୁ ପୂର୍ବରୁ ରିପୋର୍ଟ ଦେଇଥିଲା। ତେଣୁ ଗତ କିଛିବର୍ଷ ହେଲା ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି) ଶ୍ରୀମନ୍ଦିରକୁ ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛି। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ କର୍ତ୍ତୃପକ୍ଷଙ୍କୁ ଏନ୍‌ଏସ୍‌ଜି କେତେକ ସୁପାରିସ କରିଥିଲା। ସେଗୁଡ଼ିକ ହେଲା ସେବାୟତ, ଅଣସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କୁ ଚିହ୍ନଟ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ କରାଯିବା, ପ୍ରବେଶ ପଥରେ ମେଟାଲ ଡିଟେକ୍ଟର, ସ୍କାନର ଲଗାଯିବା, ମନ୍ଦିର ଭିତରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା, ୪ଟି ୱାଚ୍ ଟାୱାର ସୁଦୃଢ଼ୀକରଣ କରାଯିବା, ପ୍ରବେଶ ଓ ପ୍ରସ୍ଥାନ ପଥ ଅଲଗା ହେବା, ମେଘନାଦ ପାଚେରିକୁ ଲାଗିରହିଥିବା ସମସ୍ତ ଦୋକାନ ଓ ଜୋତାଷ୍ଟାଣ୍ଡ ସ୍ଥାନାନ୍ତର କରାଯିବା। ଏହି ସୁପାରିସଗୁଡ଼ିକ ମଧ୍ୟରୁ କେତେକ ଧର୍ମକୁ ଆଖିଠାର ସଦୃଶ କାର୍ଯ୍ୟକାରୀ କରାଯାଇଥିବାବେଳେ ଅନ୍ୟ କେତେକ କାର୍ଯ୍ୟକାରୀ ହୋଇପାରିନାହିଁ। ଏପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କୁ ପରିଚୟପତ୍ର ମିଳିନାହିଁ। ସ୍କାନର ବ୍ୟବସ୍ଥା ଏବଂ ୱାଚ୍ ଟାୱାର ସୁଦୃଢ଼ୀକରଣ ହୋଇପାରିନାହିଁ। ମେଘନାଦ କଡ଼ ସମ୍ପୂର୍ଣ୍ଣ ଭାବେ ଅବରୋଧମୁକ୍ତ କରାଯାଇନାହିଁ। ଏହାର ଚାରିପଟେ ଉଠାଦୋକାନୀ ପସରା ମେଲାଉଛନ୍ତି। ପେଯନଳା ପାଖରେ ଆବର୍ଜନା ଗଦା ହୋଇଥିବାରୁ ମେଘନାଦ ପାଚେରିକୁ ଡେଇଁଯିବା ଭଳି ଏକପ୍ରକାର ସୁବିଧା ଛାଡ଼ିଦିଆଯାଇଛି। ଯେ କେହି ଚାହିଁଲେ ରାତିରେ ମନ୍ଦିର ଭିତରକୁ ପଶି ପାରିବେ। ଗତ ୧୧ଦିନ ମଧ୍ୟରେ ଶ୍ରୀମନ୍ଦିର ପରିସରରୁ ୨ଥର ହେବା ଚୋରି ଘଟଣାରେ ଦୁର୍ବୃତ୍ତମାନେ ପେଯନଳା ପାଖରେ ଗଦା ହୋଇଥିବା ଆବର୍ଜନା ଉପର ଦେଇ ଭିତରକୁ ପଶିଥିବା ଜଣାପଡ଼ିଛି।

ସେହିପରି ଅନ୍ୟ ଏକ ପ୍ରସଙ୍ଗ ହେଉଛି ଶ୍ରୀମନ୍ଦିରର ଶୋଧ ପ୍ରକ୍ରିୟା। ଏହାକୁ ନେଇ ଏବେ ଉଠିଛି ପ୍ରଶ୍ନ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଦୁଇଟି ବ୍ୟବସ୍ଥା ରହିଛି। ଗୋଟିଏ ସରକାରୀ ଏବଂ ଅନ୍ୟଟି ପାରମ୍ପରିକ। ପାରମ୍ପରିକ ବ୍ୟବସ୍ଥା ଅନୁଯାୟୀ, ରାତିରେ ଶ୍ରୀମନ୍ଦିର ବନ୍ଦ ହେବା ପୂର୍ବରୁ ପ୍ରଶାସନିକ କର୍ମଚାରୀ ମନ୍ଦିର ଭିତର ପ୍ରତିଟି କୋଣ ଅନୁକୋଣ ବୁଲି ଦେଖିବେ। ଯଦି କେହି କେଉଁଠାରେ ରହିଯାଇଥିବେ ତାଙ୍କୁ ବାହାର କରିବେ। ଏହାକୁ ଶ୍ରୀମନ୍ଦିର ଭାଷାରେ ଶୋଧ ବୋଲି କୁହାଯାଇଥାଏ। ମାତ୍ର ଏହି ପ୍ରକ୍ରିୟା ଏବେ ଠିକ୍ ଭାବେ ହେଉ ନ ଥିବା ଶୁଣିବାକୁ ମିଳୁଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ କର୍ମଚାରୀ କହିଛନ୍ତି ଯେ, ରାତିରେ ଅନେକ ଲୋକ ଶ୍ରୀମନ୍ଦିର ପରିସରରେ ରହୁଛନ୍ତି। ତେବେ କ'ଣ ପାଇଁ ଏମାନେ ଭିତରେ ରହୁଛନ୍ତି ତାହାର ତଦାରଖ କରାଯିବା ଦରକାର। ସୂଚନାଯୋଗ୍ୟ, ଗତ ୧ତାରିଖ ରାତିରେ ଦକ୍ଷିଣ ଦ୍ୱାର ନିକଟସ୍ଥ ରାମ ମନ୍ଦିର ଦାନବାକ୍ସ ଭଙ୍ଗାଯାଇ ଟଙ୍କା ଲୁଟ୍ ହୋଇଥିଲା। ସେହିପରି ଗତ ୧୦ତାରିଖ ବିଳମ୍ବିତ ରାତିରେ ସୁଆର ମହାସୁଆର ନିଯୋଗର ଅନ୍ନଦାନ ଆଟିକା କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ସିସିଟିଭି ଫୁଟେଜ ଆଧାରରେ ପୋଲିସ ଜଣେ ନାବାଳକଙ୍କୁ ଧରି ବାଳ ସୁଧାର ଗୃହକୁ ପଠାଇଛି। ସମ୍ପୃକ୍ତ ନାବାଳକ ଉପରୋକ୍ତ ଦୁଇଟି ଚୋରି ଘଟଣାରେ ସାମିଲ ଥିବା ପୋଲିସ କହିଛି। ଯଦି ଜଣେ ନାବାଳକ ରାତିରେ ଶ୍ରୀମନ୍ଦିର ଭିତରେ ପଶି ଚୋରି କରିପାରୁଛି ତେବେ ଅନ୍ୟ କେହି ବି ବଡ଼ ଦେଉଳରେ ବଡ଼ ଧରଣର ଅଘଟଣ ଘଟାଇବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ଏଭଳି ଚରମ ଅବହେଳାକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ଏବେ ଜେଟିପିଙ୍କ ସହ ଓଡ଼ିଶା ପୋଲିସ ରାତିରେ ମନ୍ଦିର ଭିତରେ ପାଟ୍ରୋଲିଂ କରିବା ଆରମ୍ଭ କରିଦେଇଛନ୍ତି। ମଝିରେ ମଝିରେ ସୁରକ୍ଷା ସଂକ୍ରାନ୍ତରେ ସମୀକ୍ଷା ହେଉଛି। ମେଘନାଦ ପାଚେରି ଚତୁଃପାର୍ଶ୍ୱ ମୁକ୍ତ ରଖିବା ଲାଗି ଖୁବଶୀଘ୍ର ପଦକ୍ଷେପ ଆରମ୍ଭ କରାଯିବ।

### ଶ୍ରୀମନ୍ଦିର ସୁରକ୍ଷା ପ୍ରତି ନିଘା ନାହିଁ

- ଏନ୍‌ଏସ୍‌ଜି ସୁପାରିସକୁ ଆଖିଠାର
- ମୁକ୍ତ ହୋଇପାରିନି ମେଘନାଦ ପାଚେରି କଡ଼
- ଶୋଧ ପ୍ରକ୍ରିୟା ନେଇ ପ୍ରଶ୍ନବାଚୀ





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



"ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### କବିତା ପାଠୋତ୍ସବ, ବିଷୁବ ମିଳନ ଉତ୍ସବ

**କଟକ ଅଫିସ, ୧୫।୪:** ଓଡ଼ିଆ ନବବର୍ଷ ଉପଲକ୍ଷେ ଚେତନାଚକ୍ର ପକ୍ଷରୁ ଚେତନା କାର୍ଯ୍ୟାଳୟ ଠାରେ କବିତା ପାଠ ଓ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ. ରଘୁନାଥ ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। କବିତା ପାଠୋତ୍ସବରେ କବି ମନୀଷା ରାୟ, ସାବିତ୍ରୀ ନାୟକ, ମଞ୍ଜୁଲତା ଜେନା, ମାଧବ ଚନ୍ଦ୍ର ବେହେରା, ନାରାୟଣ ପ୍ରସାଦ ମହାନ୍ତି, ପ୍ରତାପ କିଶୋର ମହାନ୍ତି, ନମିତା ମହାନ୍ତି ପ୍ରମୁଖ ଭାଗ ନେଇଥିଲେ। ସେହିପରି ବିଷୁବ ମିଳନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଜଗନ୍ନାଥ ଜେଠୀ ଓ ତାପସ କୁମାର ଦ୍ୱିବେଦୀ ଯୋଗଦେଇ ଓଡ଼ିଆ ଭାଷା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ମଞ୍ଜୁଲତା ଜେନା ଧନ୍ୟବାଦ ଦେଇଥିଲେ।

### ବିଷୁବ ମିଳନ ଉତ୍ସବ

**ଚୌଦ୍ୱାର, ୧୫।୪ (ଡି.ଏନ୍.ଏ.):** ଚୌଦ୍ୱାର ଗାନ୍ଧୀଛକସ୍ଥିତ ପୌର ଟାଉନ ହଲ୍‌ରେ ବିଷୁବ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଇଂ. ହରିହର ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଧରଣୀଧର ନାଥ, ଅନ୍ୟଅତିଥି ଭାବେ ଡ. ତ୍ରିଲୋଚନ ସାହୁ, ଶିକ୍ଷାବିତ୍ ସୁକାନ୍ତ କୁମାର ମହାନ୍ତି, ଶରତ ଖୁଣ୍ଟିଆ, ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ନରେଶ ମହାପାତ୍ର, ଜନାର୍ଦ୍ଦନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। କବି ଶ୍ରୀନିବାସ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଚୌଦ୍ୱାର ସାହିତ୍ୟ ସଂସଦର ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ହରିହର ରଣାଙ୍କ ସଂକଳିତ ପୁସ୍ତକ 'ସଂସାର ସାର' ଉନ୍ମୋଚିତ ହୋଇଥିଲା। କେ.ସି. ପ୍ରତାପସିଂହ ଧନ୍ୟବାଦ ଦେଇଥିଲେ।

### ବୋରିକ ମେଳଣ

**ଫୁଲନଖରା, ୧୫।୪ (ଡି.ଏନ୍.ଏ.):** କଟକ ସଦର ଥାନା କୋରକରା ଗ୍ରାମର ବଳିବାମନଙ୍କ ପୀଠରେ ରବିବାର ବୋରିକ ମେଳଣ ଅନୁଷ୍ଠିତ ହୋଇଛି। ଏହା ତିନିଦିନ ଧରି ଚାଲିବ। ଚାନ୍ଦୁଲିର ମହାବୀରଙ୍କ ଚଳନ୍ତି ପ୍ରତିମା ମେଳଣ ପଡିଆରେ ପହଞ୍ଚିବା ପରେ ମେଳଣ ଆରମ୍ଭ ହୋଇଥିଲା। ଏଥିରେ କୋରକରା, ଗୋପାଳପୁର, ଖଲର୍ଦ୍ଧା, ଶାବଳ ଓ ବାଙ୍କେଶ୍ୱର ଗ୍ରାମର ବିମାନ ସାମିଲ ହୋଇଥିଲା। ବୋରିକ ମେଳଣ ସାଂସ୍କୃତିକ ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହାକୁ ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଓ କଟକ ସଦର ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।

### ଅଧ୍ୟାପକ ରମାକାନ୍ତ ସାହୁଙ୍କ ପରଲୋକ

**ନରାଜ/କଟକ ଅଫିସ, ୧୫।୪:** ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ରମାକାନ୍ତ ସାହୁଙ୍କର ଶନିବାର ପରଲୋକ ଘଟିଛି। ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ଏହି ମୃତ୍ୟୁ ଖବର ପାଇ ଦାଢ଼ାପାଟଣାସ୍ଥିତ ରମାକାନ୍ତଙ୍କ ବାସଭବନରେ ଅନେକ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ପୁରୀ ମୁଖ୍ୟ କେନାଲ ନିକଟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେ ଜଣେ ଅମାୟିକ, ସ୍ପଷ୍ଟବାଦୀ ଓ ସରଳ ବ୍ୟକ୍ତି ଥିଲେ।

### ବାସନ୍ତିକ ଦୁର୍ଗାଙ୍କ ଭସାଣି ଉତ୍ସବ

**ଖୁଣ୍ଟୁଣୀ, ୧୫।୪ (ଡି.ଏନ୍.ଏ.):** ଗୁରୁଡିଝାଟିଆ ଓ କୋତର ଗ୍ରାମର ବାସନ୍ତିକ ଦୁର୍ଗାଙ୍କ ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କୁ ପୂଜା ମଣ୍ଡପରୁ ଶୋଭାଯାତ୍ରାରେ ପ୍ରାୟ ୨ କିମି ଦୂର ଛୋଟିଆନ୍ଧ ପୋଖରୀକୁ ନିଆଯାଇ ବିସର୍ଜନ କରାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ଶ୍ରଦ୍ଧାଳୁ ଓ ମାନସିକଧାରୀ ଏହି ଦୁଇ କିମି ରାସ୍ତା ଉପରେ ୨୦୦୦ରୁ ଊର୍ଦ୍ଧ୍ୱ ବସ୍ତ୍ର ପକାଇଥିଲେ ବୋଲି ମା' ବାସନ୍ତୀ ଦୁର୍ଗାପୂଜା କମିଟିର ସଦସ୍ୟ ଧ୍ରୁବଚରଣ ଷଣ୍ଢ କହିଛନ୍ତି। ଏହି ଶୋଭାଯାତ୍ରାରେ କମିଟି ସଭାପତି ବସନ୍ତ କୁମାର ସାହାଣୀ, ସମ୍ପାଦକ ଅମରେନ୍ଦ୍ର ଧଳ, ଶୃଙ୍ଖଳା କମିଟି ସଦସ୍ୟ ହୃଦାନନ୍ଦ ସାହାଣୀ, ଚନ୍ଦନ ବିଶ୍ୱାଳ, ମାନସ ପଣ୍ଡା ଓ ସୁର ଜେନା ପ୍ରମୁଖ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଗୁରୁଡିଝାଟିଆ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ସେହିପରି ଖୁଣ୍ଟୁଣୀ, କୁମାରପୁର ଓ ଗୋବରା ଗ୍ରାମରେ ମଧ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି।

# ହତ୍ୟାକାଣ୍ଡକୁ ନେଇ ତେଜିଲା ରାଜନୀତି

**ଖୋର୍ଦ୍ଧା ଅଫିସ, ୧୫।୪**

ନିର୍ବାଚନୀ ପରିକ୍ରମା

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୯ନଂ. ଜୋନ ଭାଜପା ମଣ୍ଡଳ ସଭାପତି ମଙ୍ଗୁଳି ଜେନାଙ୍କୁ ରବିବାର ରାତି ପ୍ରାୟ ୧୧ଟା ୪୫ରେ ଖୋର୍ଦ୍ଧା ଆଦର୍ଶଥାନାର ନବିନାବାଗରେ ହତ୍ୟା କରାଯାଇଛି। ଏହି ହତ୍ୟାକାଣ୍ଡରେ ବିଜେଡିର ହାତ ଥିବା ଭାଜପା ପକ୍ଷରୁ କୁହାଯାଇଥିବା ବେଳେ ସୋମବାର ଉଭୟ ବିଜେଡି ଓ ଭାଜପା ପ୍ରଚାର ବନ୍ଦ କରି ନିଜ ପକ୍ଷ ରଖିବାରେ ଲାଗି ପଡ଼ିଥିଲେ। ମଙ୍ଗୁଳିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲା। ସେହିପରି ଗୟାବନ୍ଧ ଠାରୁ ଓଳସିଂ, ଛଣଗିରି ଆଦି ୯ନଂ. ଜୋନର ଗାଁ ଗୁଡିକରେ ମୃତଦେହ ଶୋଭାଯାତ୍ରାରେ ପରିକ୍ରମା କରିଥିଲା। ମଙ୍ଗୁଳିଙ୍କ ମୃତ୍ୟୁରେ ବଡପୋଖରିଆ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଏଭଳିସ୍ଥଳେ ଭାଜପା ପ୍ରାର୍ଥୀ କାଲୁ ଚରଣ ଖଣ୍ଡେୟତରାଙ୍କ ନେତୃତ୍ୱରେ ହତ୍ୟାକରୀଙ୍କ ଗିରଫ ଦାବିରେ ଖୋର୍ଦ୍ଧାରେ ବନ୍ଦ ଡାକରା ଦିଆଯିବା ସହ ମୃତଦେହକୁ ଶୋଭାଯାତ୍ରାରେ ବୁଲାଯାଇଥିଲା। ସନ୍ଧ୍ୟାରେ ପୁଣି ଏକ ମଶାଲ ଶୋଭାଯାତ୍ରା ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରି ହତ୍ୟାକାରୀଙ୍କୁ ଗିରଫ ପାଇଁ ଦାବି କରିଥିଲେ। ହତ୍ୟାକାଣ୍ଡକୁ ରାଜନୀତିକରଣ କରା ନ ଯାଉ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। କିନ୍ତୁ ଭାଜପା ଏହାର ରାଜନୈତିକ ଫାଇଦା ଉଠାଇବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ ହେଉଛି। ହତ୍ୟା ପଛରେ ରାଜନୈତିକ ଶତ୍ରୁତା ନାଁ ଅନ୍ୟ କ'ଣ କାରଣ ରହିଛି ସେ ନେଇ ତଦନ୍ତ ଚାଲିଛି।

### ଡିଜେ ଶବ୍ଦରେ ଲୋକେ ଅତିଷ୍ଠ

ରାଜନୈତିକ ଦଳମାନେ ନିର୍ବାଚନୀ ପ୍ରଚାର ଶବ୍ଦ ପ୍ରଦୂଷଣ ନିୟମକୁ ଉଲ୍ଲଂଘନ କରୁଥିବା ଦେଖାଯାଇଛି। ସ୍କୁଲ, କଲେଜ, ଡାକ୍ତରଖାନା ଆଦି ସାଇଲେନ୍ସଜୋନରେ ମଧ କଟକଣାକୁ ଅଣଦେଖା କରାଯାଉଛି। ୬୫ ଡେସିବିଲ୍‌ରୁ ଅଧିକ ପରିମାଣର ଶବ୍ଦ ନ କରିବାକୁ ଅନୁମତି ନାହିଁ । ରାତିରେ ପ୍ରଚାର ମନା ଥିବା ସତ୍ତ୍ୱେ ପ୍ରଚାର ଚାଲିଛି। ହେଲେ ନିର୍ବାଚନ ଅଧିକାରୀ, ପର୍ଯ୍ୟବେକ୍ଷକ କିପରି ଜାଣିପାରୁ ନାହାନ୍ତି ତାହା ଆଲୋଚନାର ବିଷୟ ପାଲଟିଛି।

### ଭୋଟ ହାତେଇବା ପାଇଁ ବିଭିନ୍ନ ପ୍ରତିଶ୍ରୁତି

ଭୋଟ ହାତେଇବା ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ଦଳ ଦଳ ବିଭିନ୍ନ ପ୍ରତିଶ୍ରୁତି ଦେଇ ଭୋଟରଙ୍କ ମନ କିଣିବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି। କ୍ଷମତାକୁ ଆସିବାକୁ ୩ଦଳ ମଧ୍ୟରେ ଆରମ୍ଭ ହୋଇ ଯାଇଛି ନିର୍ବାଚନୀ ଯୁଦ୍ଧ। ପ୍ରତ୍ୟେକ ଦଳ ବିଭିନ୍ନ ପ୍ରସଙ୍ଗକୁ ଉପସ୍ଥାପନ କରୁଥିବାବେଳେ ଲଢ଼େଇ ତୀବ୍ର ହେଉଛି। ପୁଣି ଦଳୀୟ ପ୍ରାର୍ଥୀମାନେ ଭୋଟରଙ୍କ ନିକଟରେ ପହଞ୍ଚି ପ୍ରତିଶ୍ରୁତି ଦେଉଛନ୍ତି। ଗାଁ ଓ ସହରରେ ସଭା, ସମିତି, ରୋଡ୍ ଶୋ, ପଦଯାତ୍ରା କରି ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ବିଶେଷତଃ ଚାଷୀ ଓ ମହିଳାଙ୍କ ଭୋଟ ହାତେଇବା ପାଇଁ ସବୁ ଦଳ ଅଧିକ ପ୍ରୟାସ କରୁଛନ୍ତି ।



ଆଠଗଡ଼ ଟାଉନରେ ବିଭିନ୍ନ ଦଳର ପ୍ରଚାର ଯୋଗୁ ଟ୍ରାଫିକ ଜାମ୍ ହୋଇଛି।



ତିଗିରିଆ ବ୍ଲକ ଗଦାଧରପୁରସ୍ଥିତ ଶ୍ରୀରଘୁନାଥଜୀଉଙ୍କ ସୀତା ବିବାହ ଉତ୍ସବ।



ଭାଜପାରେ ସାମିଲ ହୋଇଥିବା ବିଭିନ୍ନ ଦଳର କର୍ମୀଙ୍କୁ ସ୍ୱାଗତ କରାଯାଉଛି।

## ବାଙ୍କୀ ଭାଜପାର ମିଶ୍ରଣ ପର୍ବ

**ବାଙ୍କୀ, ୧୫।୪(ସ୍ୱ.ପ୍ର.)**

ବାଙ୍କୀ ନିର୍ବାଚନମଣ୍ଡଳୀରେ ସୋମବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରପୁଟ ଏବଂ ବନ୍ଦାଳ ପଞ୍ଚାୟତରୁ ବିଭିନ୍ନ ଦଳର କର୍ମୀ ଆସି ଭାଜପାରେ ସାମିଲ ହୋଇଥିଲେ। ସେମାନେହେଲେ ବରପୁଟ ପଞ୍ଚାୟତ ପଥୁରୀପଡ଼ା ଗ୍ରାମର ସନ୍ତୋଷ ପରିଡା, ତ୍ରିନାଥ ଦେଉରୀ, ଅଭିମନ୍ୟୁ ଦେଉରୀ, ବାଦଲ ଦେଉରୀ, ପୂର୍ଣ୍ଣଚନ୍ଦ୍ର ଦେଉରୀ, ରିଲୁ ଦେଉରୀ, ବନ୍ଦାଳ ପଞ୍ଚାୟତ ଚାରିମାଢ଼ିଆ ଗ୍ରାମର ଈଶ୍ୱର ଖଟୁଆ, ଦୁଷ୍ମନ୍ତ ପତି, ପ୍ରସନ୍ନ ପାଲ ଓ ବିରଞ୍ଚି ପ୍ରଧାନ ପ୍ରମୁଖ। ଭାଜପା ବିଧାୟକ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢୀ ସମସ୍ତଙ୍କୁ ସ୍ୱାଗତ କରି ବାଙ୍କୀ ବିକାଶ ପାଇଁ ଏକାଠି ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ମିଶ୍ରଣ ପର୍ବରେ ଯଯାତି କେଶରୀ ପଟ୍ଟନାୟକ, ଉତ୍କଳମଣୀ ମନ୍ତ୍ରୀ, ସୁବଳ ବେହେରା ଓ ବାଙ୍କୀ ନିର୍ବାଚନମଣ୍ଡଳୀ ପ୍ରଭାରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଠଗଡ଼ରେ କଂଗ୍ରେସ, ଭାଜପା ପ୍ରାର୍ଥୀଙ୍କ ପ୍ରଚାର

**ଆଠଗଡ଼, ୧୫।୪(ସ୍ୱ.ପ୍ର.)**

ଆଠଗଡ଼ ନିର୍ବାଚନମଣ୍ଡଳୀରେ ସୋମବାର କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଜୋରଦାର ପ୍ରଚାର କରିଛନ୍ତି। କଟକ ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର ଓ ଆଠଗଡ଼ ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର କୁମାର ରାୟ କୁସପଙ୍ଗିଠାରୁ ପ୍ରଚାର ଆରମ୍ଭ କରି ଗୁରୁଡିଝାଟିଆ, ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ସମସ୍ତ ପଞ୍ଚାୟତ ପରିକ୍ରମା କରି ତିଗିରିଆ ନୂଆପାଟଣାଠାରେ ଶେଷ କରିଥିଲେ। ସେହିପରି କଂଗ୍ରେସ ଏମ୍‌ପି ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ ଓ ଆଠଗଡ଼ ବିଧାୟକ ପ୍ରାର୍ଥୀ ଉମାବଲ୍ଲଭ ରଥ ଆଠଗଡ଼ ବ୍ଲକ୍ ୧ ନମ୍ବର ଜୋନ୍‌ରେ ରୋଡ୍ ଶୋ କରିଛନ୍ତି। ଏହି ରୋଡ୍ ଶୋ ୧ ନମ୍ବର ଜୋନ୍ ଅନ୍ତର୍ଗତ କରିକୋଲ, ଯୋରନ୍ଦା, ତରଡିଙ୍ଗ, କୁଲାଇଲୋ, ସମସରପୁର, ସଠିଲୋ ଓ ଦୋରଡ ଆଦି ଅଞ୍ଚଳରେ ହୋଇଥିଲା। ଏଥିରେ ୧ ନମ୍ବର ଜୋନ୍ ସଭାପତି ଅକ୍ଷୟ ମହାରଣା, ପୂର୍ବତନ ବ୍ଲକ୍ ସଭାପତି ସଦାନନ୍ଦ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ୬ ପଞ୍ଚାୟତରେ ବିଜେଡିର ରୋଡ୍ ଶୋ

**ବାଙ୍କୀ, ୧୫।୪(ବି.ପ୍ର.)**

ବାଙ୍କୀ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ସୋମବାର ବ୍ରହ୍ମପୁରା, କିଆପଲ୍ଲା, ଅନୁଆରୀ, ଗୋଲାଗଣ୍ଡ, ବରପୁଟ ଓ ପୁଇଁଚା ପଞ୍ଚାୟତରେ ରୋଡ୍ ଶୋ ଅନୁଷ୍ଠିତ ହୋଇଯାଇଛି। ୫୦୦ରୁ ଊର୍ଦ୍ଧ୍ୱ ବାଇକ୍‌ରେ କର୍ମୀମାନେ ପ୍ରଚାର କରିଥିଲେ। ଏଥିରେ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ, ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଉପାଧ୍ୟକ୍ଷ ମଦନମୋହନ ନାୟକ, ଯୁବବିଜେଡି ସଭାପତି ସନ୍ତୋଷ ରଣା ପ୍ରମୁଖ ସାମିଲ ହୋଇଥିଲେ। କିଆପଲ୍ଲା ପଞ୍ଚାୟତର ମହାବୀର ମନ୍ଦିରରୁ ଶୋଭାଯାତ୍ରା ଆରମ୍ଭ ହୋଇ ପୁଇଁଚା ପଞ୍ଚାୟତରେ ଶେଷ ହୋଇଥିଲା। ବଳଭଦ୍ରପୁର ସରପଞ୍ଚ ବିଜନ ସାହୁ, ବ୍ରହ୍ମପୁରା ପୂର୍ବତନ ସରପଞ୍ଚ ବୈକୁଣ୍ଠ ମୁଦୁଲି, ଅନୁଆରୀ ସରପଞ୍ଚ ସଞ୍ଜୟ ପାତ୍ର, ଜିଲା ସାଧାରଣ ସମ୍ପାଦକ ସନାତନ ବେହେରା, ଅନୁପ ବଥୁଆଲ୍, ଜିଲାପରିଷଦ ସଦସ୍ୟ ପ୍ରଣବ ପଟ୍ଟେଲ, ପ୍ରତାପ ମହାପାତ୍ର, ପି.ଚିରଞ୍ଜୀବ ପାତ୍ର, ଅନନ୍ତ ଦାସ, କାଳିପୋଇ ସରପଞ୍ଚ ସୁବାଶ ସ୍ୱାଇଁ, ଜୟକୃଷ୍ଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ରାମ ଦାସଙ୍କ ଜୟନ୍ତୀ ପାଳିତ



ରାମଦାସଙ୍କ ଜୟନ୍ତୀ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା।

**ନେମାଳ, ୧୫।୪(ଡି.ଏନ.ଏ.)**

ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠସ୍ଥଳୀରେ ଅଚ୍ୟୁତାନନ୍ଦଙ୍କ ଶିଷ୍ୟ ରାମଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୀଠସ୍ଥଳରେ ପ୍ରଭାତରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ରାମ ଦାସଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବରିଷ୍ଠ ପୂଜକ ଧରଣୀଧର ପୂଝାରୀ, ଉତ୍ତମ ଚରଣ ପୂଝାରୀ, ପଦ୍ମନାଭ ପୂଝାରୀ, ତ୍ରିଲୋଚନ ପୂଝାରୀ, ପ୍ରମୋଦ ପୂଝାରୀ, ସୌରଭ ପୂଝାରୀ, ଶଶୀକାନ୍ତ ପୂଝାରୀ, ଅନନ୍ତ ପୂଝାରୀ, ବିଭୂତି ଭୂଷଣ ପୂଝାରୀ ପ୍ରମୁଖ ରାମ ଦାସଙ୍କ ମହିମା ସମ୍ପର୍କରେ ଆଲୋଚନା କରିଥିଲେ।

## କେନ୍ଦ୍ରୀୟ ଜୋନରେ କଂଗ୍ରେସର ଶୋଭାଯାତ୍ରା

**ବାଙ୍କୀ, ୧୫।୪(ସ୍ୱ.ପ୍ର.)**

ସୋମବାର ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେନ୍ଦ୍ରୀୟ ଜିଲାପରିଷଦ ଜୋନର ୬ ପଞ୍ଚାୟତରେ କଂଗ୍ରେସର ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବିଧାୟକ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ ପାଟପୁରସ୍ଥିତ ସିଂହନାଥ ଦେବଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ବାହାରିଥିଲେ। ଦୁଇ ହଜାରରୁ ଊର୍ଦ୍ଧ୍ୱ ଶୁଭେଚ୍ଛୁ ଏବଂ ସମର୍ଥକ ସ୍ୱତଃପ୍ରବୃତ୍ତ ଭାବେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ପରେ ହରିହର ଭେଟ ଛକଠାରେ କର୍ମୀ ଦେବାଶିଷଙ୍କୁ ସ୍ୱାଗତ କରିଥିଲେ। ଢଁସର, ତୁଳସୀପୁର, ନରଗାଙ୍ଗ, ଦୁର୍ଗାପୁର ଦେଇ ଶୋଭାଯାତ୍ରା ରଗଡି ପଞ୍ଚାୟତରେ ଶେଷ ହୋଇଥିଲା। ଶୋଭାଯାତ୍ରାର କଂଗ୍ରେସର କେନ୍ଦ୍ରୀୟ ଜୋନ ସଭାପତି ବିଜୟ ମହାନ୍ତି ନେତୃତ୍ୱ ନେଇଥିବା ବେଳେ ନଗର କଂଗ୍ରେସ ସଭାପତି ଭାଗିରଥି ବିଶ୍ୱାଳ, କ୍ଷେତ୍ରବାସୀ ଦାଶ, ଦେବୀପ୍ରସାଦ ମହାନ୍ତି, ବିଷ୍ଣୁ ପଟ୍ଟନାୟକ, ବାଙ୍କୀ ଉପଖଣ୍ଡ ଯୁବକଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପଣ୍ଡା, ରଗଡି ସରପଞ୍ଚ ଖଗେଶ୍ୱର ସେଠୀ, ପାର୍ଥ ସାରଥୀ ପାଣି, ଲକ୍ଷ୍ମୀକାନ୍ତ ସାହୁ ଓ ପୀତବାସ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟମାନେ ଯୋଗ ଦେଇଥିଲେ।

### ଅବକାରୀ ଚଢ଼ାଉ, ଜଣେ ଗିରଫ

**ଆଠଗଡ଼, ୧୫।୪(ସ୍ୱ.ପ୍ର.)**

ସୋମବାର ଆଠଗଡ଼ ଅବକାରୀ ବିଭାଗ, କଟକ ଭ୍ରାମ୍ୟମାଣ ଅବକାରୀ ବିଭାଗ ଓ ରାଜ୍ୟ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଖୁଣ୍ଟୁଣୀ ଥାନାର ଡାଲୁଆ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୨୬ ଶହ ଲିଟର ଗୁଡପୋଚ ନଷ୍ଟ କରାଯିବା ସହ ରନ୍ଧା ହୋଇ ଗଚ୍ଛିତ ଥିବା ୯୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଚୋରାମଦ କାରବାର କରୁଥିବା ଗୁରୁଡିଝାଟିଆ ଥାନାର ଅନ୍ତର୍ଯ୍ୟାମୀ ନାଏକଙ୍କଠାରୁ ୧୦ଲିଟର ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜିତ୍ ବାର୍ଲା, ଉପନିରୀକ୍ଷକ ବିଜୟ ଭଞ୍ଜ, ଭ୍ରାମ୍ୟମାଣ ନିରୀକ୍ଷକ ପ୍ରବୀର ସାମଲ ଓ ଗୁଇନ୍ଦା ବିଭାଗ ନିରୀକ୍ଷକ ଶରତ ଭଞ୍ଜ ପ୍ରମୁଖ ସାମିଲ ହୋଇଥିଲେ।

## ବିଏସପି ପ୍ରାର୍ଥୀଙ୍କ ନିଆରା ପ୍ରଚାର

**ଆଠଗଡ଼, ୧୫।୪(ସ୍ୱ.ପ୍ର.)**



ସୁବାସ କୁମାର ସାହୁ।

ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବହୁଜନ ସମାଜ ପାଟି(ବିଏସ୍‌ପି)ରୁ ବିଧାୟକ ପ୍ରାର୍ଥୀଭାବେ ସୁବାସ କୁମାର ସାହୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ଏବେ ନିର୍ବାଚନ ପ୍ରଚାର ବ୍ୟୟବହୁଳ ହୋଇଥିଲାବେଳେ ସୁବାସ ସୋମବାର ନିଆରା ଢଙ୍ଗରେ ହ୍ୟାଣ୍ଡ ସେଟ୍ ଧରି ଏକାକି ଦଳୀୟ ପ୍ରଚାର କରିଛନ୍ତି। ସେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଚାର କରି କଂଗ୍ରେସ୍, ଭାଜପା ଓ ବିଜେଡିକୁ ସମାଲୋଚନା କରିଥିଲେ। ଏହି ଦଳଙ୍କ ଦ୍ୱାରା ଦେଶ ଓ ରାଜ୍ୟ ରସାତଳଗାମି ହୋଇପଡିଥିଲା ବେଳେ ଆଗାମୀ ଦିନରେ ମାୟାବତୀଙ୍କ ନେତୃତ୍ୱହିଁ ଦେଶରେ ବିକାଶର ପଥ ଦେଖାଇବ ବୋଲି କହିଥିଲେ। ପ୍ରଚାର ସମୟରେ ବହୁ ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଜନତା ଉପସ୍ଥିତ ଥିଲେ।

## ଅନାଥ ଶିଶୁଙ୍କ ସାମୂହିକ ଜନ୍ମଦିନ ପାଳନ

**କଟକ ଅଫିସ, ୧୫।୪**

ସାମାଜିକ ସଙ୍ଗଠନ ଜୀବନ ପରିବର୍ତ୍ତନ ପକ୍ଷରୁ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମରେ ସୋମବାର ଅନାଥ ଶିଶୁମାନଙ୍କର ସାମୂହିକ ଜନ୍ମଦିନ ପାଳନ କରାଯାଇଥିଲା। କୁନିକୁନି ପିଲାମାନଙ୍କ ନିମନ୍ତେ ନୂତନ ବସ୍ତ୍ର ସହ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। କେକ୍ କଟାଯାଇ ସେମାନଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଯାଇଥିଲା। ସଙ୍ଗଠନ ପକ୍ଷରୁ ମନୋରଞ୍ଜନ ମୂଳକ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଥିଲା। ସଙ୍ଗଠନ ପକ୍ଷରୁ ରାକେଶ ଜେନା, ପ୍ରଦୀପ ଦାସ, ମନୋଜ ରାଉତ, ଦିବାକର ନାୟକ, ଆଶିଷ ମହାପାତ୍ର, ରବୀନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୈଜୟନ୍ତଙ୍କ ରୋଡ୍ ଶୋ

**ନିଶ୍ଚିନ୍ତକୋଇଲି, ୧୫।୪(ସ୍ୱ.ପ୍ର.)**

ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକର ୨୭ ପଞ୍ଚାୟତରେ ସୋମବାର କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ଭାଜପା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ରୋଡ୍ ଶୋ କରିଛନ୍ତି। ଏହି ସମୟରେ ସେ ବାଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ପ୍ରଣାମ କରୁଥିବା ଦେଖିବାକୁ ମିଳିଥିଲା। ରୋଡ ଶୋରେ ମାହାଙ୍ଗାବିଧାନସଭା କ୍ଷେତ୍ରର ଭାଜପା ବିଧାୟକ ପ୍ରାର୍ଥୀ ଶାରଦା ପ୍ରଧାନ ଅନୁପସ୍ଥିତ ଥିଲେ। ମାହାଙ୍ଗାର ପୂର୍ବତନ ଭାଜପା ପ୍ରାର୍ଥୀ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଯୋଗ ଦେଇଥିଲେ। ଏହାକୁ ନେଇ ରାଜନୈତିକ ମହଲରେ ନାନାକଥା ଚର୍ଚ୍ଚା ହେଉଛି। ବୈଜୟନ୍ତ ହେଲିକପ୍ଟର ଯୋଗେ ଆସି ନରେନ୍ଦ୍ରପୁର ପଞ୍ଚାୟତରେ ଅବତରଣ କରିଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ଓରତି, କେରିଲୋ, ତରତ ପର୍ଯ୍ୟନ୍ତ ଆସି ତରତ ହନୁମାନ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହିତ ସେଠାରେ ଉପସ୍ଥିତ ମହିଳା ଓ କୁନି ପିଲାଙ୍କ ସହ କିଛି ସମୟ ବିତାଇଥିଲେ। ଏହାପରେ ଅସୁରେଶ୍ୱର, କେଣ୍ଡାଳ, ଶୁକରପଡ଼ା ଓ କଟରପଡା ପଞ୍ଚାୟତରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ କର୍ମୀମାନେ ସ୍ୱାଗତ କରିଥିଲେ। ପରେ ନିଶ୍ଚିନ୍ତକୋଇଲି ବଜାର ଦେଇ ମେଡିକାଲ ଛକ ବାଟେ ବୁହାଳ ପଞ୍ଚୟତର ସୋମନାଥ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଉପସ୍ଥିତ କର୍ମୀଙ୍କୁ ଦୃଢ ମନୋବଳ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।



ବୈଜୟନ୍ତ ଓ କର୍ମୀ ରୋଡ୍ ଶୋ' କରୁଛନ୍ତି।

## ବିଜେଡିରେ ଯୋଗଦେଲେ ଭାଜପା, କଂଗ୍ରେସ କର୍ମୀ

**ନିଶ୍ଚିନ୍ତକୋଇଲି, ୧୫।୪(ସ୍ୱ.ପ୍ର.)**




ବିଜେଡିରେ ଯୋଗ ଦେଇଥିବା ଭାଜପା, କଂଗ୍ରେସ କର୍ମୀଙ୍କୁ ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ସ୍ୱାଗତ କରୁଛନ୍ତି।

ମାହାଙ୍ଗା ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ ସଙ୍ଗଠକ ଓ କର୍ମକର୍ତ୍ତା ଦଳରୁ ଇସ୍ତଫା ଦେଇଥିଲେ। ସେମାନେ କିଛିଦିନ ନୀରବ ରହିବା ପରେ ସୋମବାର ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ଭାଜପାର ମଧ ବହୁ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ନିଶ୍ଚନ୍ତକୋଇଲି ବଜାରସ୍ଥିତ ଦେବୀକୃପା ମଣ୍ଡପରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ ଦଳର ଆଭିମୁଖ୍ୟ ଓ ପ୍ରତାପଙ୍କ କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିବା ପରେ କଂଗ୍ରେସର ୨୭ କର୍ମୀ ସାମିଲ ହୋଇଥିଲେ। କଟିକଟା ପଞ୍ଚାୟତର ରଘୁନାଥ ସିଂଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ସାହୁ, ଭାଗବତ ଷଡ଼ଙ୍ଗୀ, ସେକ ମମତାଜ, ରମେଶ ସାମନ୍ତରାୟ, ଚକ୍ରଧର ମହାରଣା, ସେକ୍ ବାରଉଦ୍ଦିନ, ଶୁକରପଡା ପଞ୍ଚାୟତ ଆଇନଜୀବୀ ପ୍ରଭାକର ସେଠୀ, ସେକ୍ ସଲାଉଦ୍ଦିନ, ଅସୁରେଶ୍ୱର ପଞ୍ଚାୟତର ଗୌରାଙ୍ଗ ପାତ୍ର, ଜିତେନ୍ଦ୍ର ସାହୁ, ସେକ ଜୁମା, ସେକ ଲାଲୋ, କଟରପଡା ପଞ୍ଚାୟତର ଅଜୟ ଜେନା, ଶେଷଦେବ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ଓ ସେମାନଙ୍କ ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସୋସିଆଲ ମିଡିଆ କୋଡିନେଟର ଅଶୋକ ଓଝାଙ୍କ ଦ୍ୱାରା କେନ୍ଦୁପାଟଣାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଯୁବ କଂଗ୍ରେସ ସଭାପତି ଦୀପକ ବେହେରାଙ୍କ ନେତୃତ୍ୱରେ ନିରଞ୍ଜନ ଭୂୟାଁ, ଗିରିଜା ଶଙ୍କର ରାଉତ, ପ୍ରଦୀପ୍ତ ରାଉତ, ଦେବେନ୍ଦ୍ର ପାତ୍ର, ବିଭୂତି ଭୂଷଣ ରାଉତ, ଜିତେନ୍ଦ୍ର କୁମାର ସାହୁ, ଭାଜପା ନେତା ଗିରିଜା ଭୂଷଣ ରାଉତ, ଜିଗ୍ନିପୁରର ଭବାନୀ ଶଙ୍କର ସାହୁ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ମିଶ୍ରଣ ପର୍ବରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ରତ୍ନାକର ସାହୁ, ଜ୍ୟୋତି ପ୍ରକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସରେ ମିଶିଲେ ୨୦୦ ମହିଳା

**ବାଙ୍କୀ, ୧୫।୪(ସ୍ୱ.ପ୍ର.):** ସୋମବାର ଅପରାହ୍ନରେ ବାଙ୍କୀ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ୱାର୍ଡର ୨ଶହରୁ ଊର୍ଦ୍ଧ୍ୱ ମହିଳା ବିଧାୟକ ପ୍ରାର୍ଥୀ ଡ.ଦେବାଶିଷ ପଟ୍ଟନାୟକଙ୍କ ଉପରେ ଆସ୍ଥାପ୍ରକଟ କରି କଂଗ୍ରେସରେ ସାମିଲ ହୋଇଛନ୍ତି। ଡ.ପଟ୍ଟନାୟକ ଉପସ୍ଥିତ ରହି ସମସ୍ତ ମହିଳାଙ୍କୁ ସ୍ୱାଗତ କରିଥିଲେ। ବାନାମ୍ବର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ଭାଗିରଥି ବିଶ୍ୱାଳ, ବରିଷ୍ଠ ନେତା କ୍ଷେତ୍ରବାସୀ ଦାସ, ରଘୁନାଥ ପଣ୍ଡା ଏବଂ କେନ୍ଦ୍ରୀୟ ଜୋନ ସଭାପତି ବିଜୟ ମହାନ୍ତିଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ସନ୍ତୋଷ ହେଉଛି ପ୍ରକୃତି ଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
- ସକ୍ରେଟିସ୍

# 'ଭାରତୀୟ ପଞ୍ଜିକା ଗଣନା ଓଡ଼ିଶାରୁ ଆରମ୍ଭ'

**ପୁରୀ ଅଫିସ,୧୫।୪**

ସ୍ଥାନୀୟ ରାଣୀସତୀ ଭବନ ପରିସରରେ ରବିବାର ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ. କାର୍ତ୍ତିକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଦଇତାପତି ସେବକ ରଘୁନାଥ ଦାସ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ହରପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ଉତ୍କଳୀୟ ନବବର୍ଷ ଓ ଭାରତୀୟ ପଞ୍ଜିକା ଗଣନା ଓଡ଼ିଶାରୁ ଆରମ୍ଭ ହୋଇଥିଲା। ତେଣୁ ବିଷୁବ ସଂକ୍ରାନ୍ତି ତିଥିକୁ ଉତ୍କଳୀୟ ନବବର୍ଷ କୁହାଯାଏ। ବିଷୁବ ସଂକ୍ରାନ୍ତିରେ ସୂର୍ଯ୍ୟଙ୍କର ସଂକ୍ରମଣ ଆରମ୍ଭ ହୁଏ। ବିଷୁବରେଖାର ଆଦ୍ୟବିନ୍ଦୁ ମେଷ ସଂକ୍ରାନ୍ତି ହୋଇଥିବାବେଳେ ଅପରପାର୍ଶ୍ୱ ପ୍ରାନ୍ତବିନ୍ଦୁ ଜଳ ବିଷୁବ ବା ତୁଳା ସଂକ୍ରାନ୍ତି ଅଟେ। ମହାରାଷ୍ଟ୍ରରେ ଏହାକୁ ଗୁଡ଼ୁପଡୱା କୁହାଯାଉଥିବା ବେଳେ ଦାକ୍ଷିଣାତ୍ୟରେ ରାଷ୍ଟ୍ରୀୟ ନବବର୍ଷ କୁହାଯାଏ। ମୁଖ୍ୟ ଅତିଥି ଭାବେ ଚିକିତ୍ସକ ରବି ନାରାୟଣ ସାମନ୍ତ କହିଥିଲେ, ଶ୍ରୀକ୍ଷେତ୍ର ପଞ୍ଜିକା ଉଭୟ ସୂର୍ଯ୍ୟମାନ ଓ ତାରାମାନର ମିଳିତ କାଳଚକ୍ର। ତେଣୁ ଓଡ଼ିଆ ନବବର୍ଷ ଓ ଶ୍ରୀଜଗନ୍ନାଥଙ୍କ ପଞ୍ଜିକା ଗଣନାକୁ ଓଡ଼ିଶାରେ ଓଡ଼ିଆ ନବବର୍ଷ କୁହାଯାଉଥିବାବେଳେ ଉତ୍ତର ଭାରତରେ ରାଷ୍ଟ୍ରୀୟ ପଞ୍ଚାଙ୍ଗ କୁହାଯାଏ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପୁଷ୍କର ମହାପାତ୍ର, ସାହିତ୍ୟିକା ବିଜୟଲକ୍ଷ୍ମୀ ସାହୁ ଓ ସଂସଦର କାର୍ଯ୍ୟକାରୀ ସଭାପତି ଦୟାନିଧି ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ଆବାହକ ବଦ୍ରି ମିଶ୍ର ବୃହତ୍ ସଂହିତା ଓ ଭୃଗୁ ସଂହିତା ସମ୍ପର୍କରେ ଆଲୋକପାତ କରି ଉତ୍କଳୀୟ କାଳଗଣନା ଉପରେ ମତ ରଖିଥିବା ବେଳେ ସଦସ୍ୟ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗବେଷକ ମଦନ ମୋହନ ମହାପାତ୍ର, ରାଜଲକ୍ଷ୍ମୀ ତ୍ରିପାଠୀ, ପ୍ରତିଭା ତ୍ରିପାଠୀ, ପ୍ରଭାକର ମିଶ୍ର ଓ ବିଜୟଲକ୍ଷ୍ମୀ ସାହୁଙ୍କୁ ନବବର୍ଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବକୁ ସମ୍ପାଦିକା ହେମାଙ୍ଗିନୀ ମହାନ୍ତି, ଅଶୋକ କୁମାର ଆଢ୍ୟ ଓ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ପରିଚାଳନା କରିଥିଲେ। ଉତ୍ସବ ପୂର୍ବରୁ ଅପରାହ୍ଣରେ ଯୋଗେଶ୍ୱର ପ୍ରହରାଜ ଓ ଦୟାନିଧି ତ୍ରିପାଠୀଙ୍କ ସଂଯୋଜନାରେ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା।




## ସଂକ୍ଷେପରେ

### ନିର୍ବାଚନ ତାଲିମକୁ ଆସିଲେନି ୩୨ଜଣଙ୍କ ବିରୋଧରେ ପରୱାନା ଜାରି

**ପୁରୀ ଅଫିସ,୧୫।୪:** ସାଧାରଣ ନିର୍ବାଚନ ସୁପରିଚାଳନା ଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଥ୍‌ଗୁଡ଼ିକୁ ଯିବା ଲାଗି ପୋଲିଂ ଅଫିସରମାନଙ୍କୁ ତାଲିମ ଦିଆଯାଉଛି। ତେବେ ଏହି ତାଲିମରେ ଅନୁପସ୍ଥିତ ଥିବା ୩୨ଜଣଙ୍କ ବିରୋଧରେ ସୋମବାର ପରୱାନା ଜାରି କରାଯାଇଛି। ସେମାନଙ୍କ ମଧ୍ୟରେ ପୁରୀ ସଦର, ସମୁଦ୍ରକୂଳ, କୁମ୍ଭାରପଡ଼ା ଏବଂ ଟାଉନ ଥାନା ଅଞ୍ଚଳରୁ ଜଣେ ଲେଖାଏ, କୃଷ୍ଣପ୍ରସାଦ, କାକଟପୁର, ଅସ୍ତରଙ୍ଗ, କଣାସରୁ ଜଣେ ଲେଖାଏ, କୋଣାର୍କ, ବ୍ରହ୍ମଗିରି ଓ ଡେଲାଙ୍ଗରୁ ୨ଜଣ ଲେଖାଏ, ନିମାପଡ଼ାରୁ ୫, ପିପିଲିରୁ ୬ ଏବଂ ଖୋର୍ଦ୍ଧା ଜିଲାରୁ ୭ଜଣ ରହିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଏହି ପରୱାନା ଜାରି କରିଛନ୍ତି। ଆସନ୍ତା ୧୭ତାରିଖ ପୂର୍ବାହ୍ଣ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୮ତାରିଖ ସକାଳ ସାଢେ ୮ଟାରେ ପୁରୀ ଜିଲା ସ୍କୁଲରେ ଆୟୋଜିତ ତାଲିମ ଶିବିରରେ ଯୋଗଦେବାକୁ ଜିଲାପାଳ ଏମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହା ସତ୍ତ୍ୱେ ଯଦି କୌଣସି ଅଧିକାରୀ ତାଲିମରେ ଅନୁପସ୍ଥିତ ରୁହନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

# ଓଡ଼ିଶାର ଗ୍ରାମାଞ୍ଚଳ ବୁଲିବା ବିଦେଶୀଙ୍କ ପସନ୍ଦ

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୧୫।୪**

ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ନେଇ କେବଳ ଭାରତୀୟ ଉତ୍ସାହୀ ନୁହନ୍ତି, ସମଗ୍ର ବିଶ୍ୱ ଏହି 'ସେଲିବ୍ରେଶନ ଅଫ୍ ଡେମୋକ୍ରାସି'ର ଅନୁଭବ ନେବାକୁ ଆଗ୍ରହୀ। ଦେଶରେ ବଢୁଥିବା ବିଦେଶୀ ପର୍ଯ୍ୟଟକଙ୍କ ଆଗମନରୁ ଏହା ସ୍ପଷ୍ଟ ବାରିହୋଇ ପଡୁଛି। ଭାରତର ନିର୍ବାଚନ ପ୍ରକ୍ରିୟା ଦେଖିବାକୁ ବିଦେଶୀ ପର୍ଯ୍ୟଟକଙ୍କ ସୁଅ ଛୁଟିଛି। ଗାଁଗହଳିରେ ନେତାଙ୍କ ଭୋଟ ପ୍ରଚାରରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ସଭା ପର୍ଯ୍ୟନ୍ତ, ସବୁକିଛି ସେମାନଙ୍କ ପାଇଁ ଆକର୍ଷଣ ସାଜୁଛି। ଏଜୁକେଶନ, ମେଡିକାଲ ଓ କ୍ରୁଜ୍ ଟୁରିଜମ୍ ଭଳି ନୂଆ କନ୍‌ସେପ୍ଟ ପରେ ଏବେ ଭାରତରେ 'ଇଲେକ୍ସନ ଟୁରିଜମ୍' ଆରମ୍ଭ ହୋଇଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ ଭଳି ରାଜ୍ୟ ସହ ଦକ୍ଷିଣ ଭାରତ ଏବଂ ଓଡ଼ିଶାରେ ମଧ୍ୟ ଇଲେକ୍ସନ ଟୁରିଜମ୍‌କୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି।

୨୦୧୮ ନଭେମ୍ବରରେ ହୋଇଥିବା ପୁରୁଷ ହକି ବିଶ୍ୱକପ୍ ଓଡ଼ିଶାକୁ ଆଖିଦୃଶିଆ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ମିଶାଇ ପ୍ରାୟ ୬୦% ଅଧିକ ପର୍ଯ୍ୟଟକ ଓଡ଼ିଶା ଆସିଥିଲେ। ହେଲେ ପ୍ରାୟ ୧୫ ହଜାର ଅଧିକ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା। ସାଧାରଣତଃ ଟ୍ରାଇବାଲ୍ ଓ ରୁରାଲ୍ ଟୁରିଜମ୍ ପାଇଁ ଓଡ଼ିଶା ବିଦେଶୀଙ୍କ ପ୍ରମୁଖ ପସନ୍ଦର ଅଞ୍ଚଳ। ଏବେ ନିର୍ବାଚନ ସମୟରେ ଓଡ଼ିଶାର ଗ୍ରାମାଞ୍ଚଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିଛି। ଗାଁ ଗାଁ ବୁଲୁଥିବା ନିର୍ବାଚନୀ ଗାଡ଼ି, ଭଳିକି ଭଳି ଗୀତ, ନେତାଙ୍କ ଡୋର୍ ଟୁ ଡୋର୍ କ୍ୟାମ୍ପେନ୍ ଓ ଘନ ଘନ ସଭାସମିତିର ମଜାନେବାକୁ ବିଦେଶୀ ପର୍ଯ୍ୟଟକ ବିଶେଷ ଉତ୍ସାହ ଦେଖାଉଛନ୍ତି।

'ଦି ବିଗ୍ ଫ୍ୟାଟ୍ ଇଣ୍ଡିଆନ୍ ଇଲେକ୍ସନ' କ୍ୟାମ୍ପେନ୍ ମାଧ୍ୟମରେ ଟୁର୍ ଅପରେଟରମାନେ ବିଦେଶୀଙ୍କୁ ଆକୃଷ୍ଟ କରୁଛନ୍ତି। ହନିମୁନ୍ ପ୍ୟାକେଜ୍ ଭଳି ଏଥିପାଇଁ ସ୍ୱତନ୍ତ୍ର ଇଲେକ୍ସନ ଟୁର୍ ପ୍ୟାକେଜ୍ ରହିଛି। ରାଜନୀତି ଓ ପର୍ଯ୍ୟଟନର ଏହି ଅପୂର୍ବ ସମାହାର ଟୁର୍ ଅପରେଟରମାନଙ୍କ ପାଇଁ ବିଶେଷ ଲାଭଦାୟକ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ପ୍ରାୟ ୩ ହଜାର ବିଦେଶୀ ପର୍ଯ୍ୟଟକ ଉପଭୋଗ କରିଛନ୍ତି। ଶତାଧିକ ଟୁର୍ ଅପରେଟର୍ସ ସଂସ୍ଥା ଏଥର ଇଲେକ୍ସନ ଟୁରିଜମ୍ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ କରିଥିବା ବେଳେ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ବିଦେଶୀଙ୍କୁ ଭାରତକୁ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ପର୍ଯ୍ୟଟନ ପାଇଁ ଖରାଦିନ ଏକ ଡାଉନ୍ ସିଜନ୍ ହୋଇଥିଲେ ମଧ୍ୟ ଏପ୍ରିଲ ପହିଲାରୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ଆଶାତୀତ ବୃଦ୍ଧିହୋଇଛି। ମିଳିଥିବା ସୂଚନା ଅନୁସାରେ, ମୋଦିଙ୍କୁ ନେଇ ବିଦେଶୀଙ୍କ ମଧ୍ୟରେ ଅଧିକ କ୍ରେଜ୍ ରହିଥିବା ବେଳେ ଏଥିପାଇଁ ଗୁଜରାଟ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି ରାଜ୍ୟରେ ଇଲେକ୍ସନ ଟୁରିଜମ୍‌ର ବହୁଳ ଲୋକପ୍ରିୟତା ରହିଛି।

ଓଡ଼ିଶାରେ ପୁରୀ, ଭୁବନେଶ୍ୱର ସମେତ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳ ବୁଲିବାକୁ ବିଦେଶୀ ପର୍ଯ୍ୟଟକ ଆଗ୍ରହ ଦେଖାଉଥିବା ଓଡ଼ିଶା ଟୁର୍ ଅପରେଟରମାନେ କହିଛନ୍ତି। ରାଜ୍ୟର ଜଣାଶୁଣା ଟୁର୍ ଅପରେଟର ତଥା ଟ୍ରାଭେଲ୍ ଇଣ୍ଡଷ୍ଟ୍ରୀ ଏକ୍ସପର୍ଟ ବେଞ୍ଜାମିନ୍ ସାଇମନ୍‌ଙ୍କ କହିବାନୁଯାୟୀ, ସମର ସିଜନ୍ ଆମ ପାଇଁ ଲୋ ଫୁଟ୍‌ଫଲ୍ ସିଜନ୍ ହୋଇଥିଲେ ବି ଏପ୍ରିଲ ଆରମ୍ଭରୁ ୨୦୦ରୁ ୩୦୦ ବିଦେଶୀ ପର୍ଯ୍ୟଟକ ଓଡ଼ିଶାର ଗ୍ରାମାଞ୍ଚଳ ବୁଲିବାକୁ ଆସିଛନ୍ତି। ଅଧିକାଂଶ ପର୍ଯ୍ୟଟକ ଗ୍ରାମାଞ୍ଚଳ ଯାଇ ସେଠାରେ କ୍ୟାମ୍ପେନ୍ ଦେଖିବା, ଲୋକଙ୍କ ସହ କଥାହେବା ଓ ନିର୍ବାଚନ ପ୍ରକ୍ରିୟା ଦେଖିବାକୁ ପସନ୍ଦ କରୁଛନ୍ତି। କେବେ ଭୋଟ ଦେଉ ନ ଥିବା ଲୋକଙ୍କ ପାଇଁ ଭାରତର ନିର୍ବାଚନ ଏକପ୍ରକାର ପ୍ରେରଣା ସାଜିଛି। ସେମାନେ ଏଠାରୁ ଯାଇ ନିଜ ପରିବାର ଓ ଜଣାଶୁଣା ଲୋକଙ୍କ ସହ ଅନୁଭୂତି ବାଣ୍ଟୁଛନ୍ତି। ଏହା ଏକ ଭିନ୍ନ କନ୍‌ସେପ୍ଟ ଓ ଭଲ ଭାବେ ପ୍ରମୋଟ କରାଗଲେ ପର୍ଯ୍ୟଟନ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସାଇମନ୍ କହିଛନ୍ତି।



'ଇଲେକ୍ସନ ଟୁରିଜମ୍'



# ଝାମୁଯାତ୍ରା ଶୋଭାଯାତ୍ରାକୁ ନେଇ ଗଣ୍ଡଗୋଳ, ୧୦ ଗୁରୁତର

**ବାଲକାଟୀ,୧୫।୪(ଡି.ଏନ.ଏ.)**

ବାଲିଅନ୍ତା ଥାନା ଅଧୀନ ବାଲକାଟୀ ଫାଣ୍ଡି ଅଞ୍ଚଳରେ ରବିବାର ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଝାମୁଯାତ୍ରାର ଶୋଭାଯାତ୍ରାକୁ ନେଇ ଅଞ୍ଚଳର ଦୁଇ ସାହି ମଧ୍ୟରେ ଗଣ୍ଡଗୋଳ ହେବାରୁ ଉଭୟ ପକ୍ଷରୁ ୧୦ଜଣ ଗୁରୁତର ହୋଇଥିବା ବେଳେ ୧୫ଜଣ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ରବିବାର ଅପରାହ୍ଣ ୫ଟା ସମୟରେ ଝାମୁଯାତ୍ରା ଅବସରରେ ମାଳଭୋଇ ସାହି ଓ ଚାରିମାଣିଆ ଭୋଇ ସାହିର ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ସମୟରେ ଡିଜେ ବଜାଇବାକୁ ନେଇ ହଠାତ ଉଭୟପକ୍ଷ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ପରେ ହାତାହାତି ହୋଇଥିଲା। ମାତ୍ର ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତି ପଡ଼ିଥିଲା। ଉଭୟ ସାହିର ମୁରବୀ ବସାଇ ଆପୋସ ସମାଧାନ କରିବା ପାଇଁ ପୋଲିସ ପରାମର୍ଶ ଦେଇଥିଲା। ରାତି ମଧ୍ୟରେ ସମାଧାନ ନ ହେବାରୁ ଉଭୟେ ମଧ୍ୟରେ ଅସନ୍ତୋଷ କୁହୁଳି ସୋମବାର ଅଣାୟତ୍ତ ଅବସ୍ଥା ସୃଷ୍ଟି ହୋଇଥିଲା। ସକାଳ ୯ଟା ସମୟରେ ଚାରିମାଣିଆ ଭୋଇ ସାହିର କେତେଜଣ ଯୁବକ ମାଳଭୋଇ ସାହି ନିକଟରେ ପ୍ରବାହିତ ପୁରୀ ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଇଥିବାବେଳେ କାଲିର ଘଟଣାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କରୁ ପରିସ୍ଥିତି ଜଟିଳ ହୋଇ ପରସ୍ପର ମଧ୍ୟରେ ଗଣ୍ଡଗୋଳ ହୋଇ ଟେକା ଓ ପଥର ମାଡ଼ କରିଥିଲେ। ମାଡ଼ରେ ଉଭୟ ପକ୍ଷରୁ ୧୫ଜଣ ଆହତ ହୋଇଥିବା ବେଳେ ୧୦ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ସମସ୍ତଙ୍କୁ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। କିନ୍ତୁ ଗୁରୁତରମାନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଉଭୟପକ୍ଷରୁ ଅଭିଯୋଗକ୍ରମେ ବାଲିଅନ୍ତା ଥାନାରେ ୧୦୭/୧୯ ନଂରେ ମାମଲା ରୁଜୁ କରିଛି।

# ରୁଦ୍ରନାଥ ଖୋର୍ଦ୍ଧା ଜିଲା ଯୁବ ବିଜେଡି ଉପସଭାପତି ନିଯୁକ୍ତ

**ଖୋର୍ଦ୍ଧା ଅଫିସ,୧୫।୪**

ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଅମରେଶ ପଟ୍ଟିଙ୍କ ଅନୁମୋଦନକ୍ରମେ ଖୋର୍ଦ୍ଧା ଜିଲା ବିଜେଡିର ପରିବର୍ତ୍ତିତ କମିଟି କର୍ମକର୍ତ୍ତାଙ୍କ ନାମ ପ୍ରକାଶ ପାଇଛି। ରୁଦ୍ରନାଥ ଦତ୍ତଙ୍କୁ ଜିଲା ଯୁବ ବିଜେଡି ଉପ-ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ତୁଷାରନାଥ ଦତ୍ତ ଓ ଅମିତ କୁମାର ପ୍ରଧାନଙ୍କୁ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଜିଲା ଯୁବ ବିଜେଡି ସଭାପତି ବିଷ୍ଣୁ ପ୍ରସାଦ ଡେଙ୍ଗ ଏକ ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛନ୍ତି।



# ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ମାଉସୀ ମା' ନିକଟରେ ପହଞ୍ଚିଲା ରଥ

**ପୁରୁଣା ଭୁବନେଶ୍ୱର,୧୫।୪(ଡି.ଏନ.ଏ.)**

ବହୁ ରୀତିନୀତି ତଥା ବିଳମ୍ବ ସତ୍ତ୍ୱେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାରେ ବାହାରି ୩ଦିନ ପରେ ସୋମବାର ଶ୍ରୀ ରାମେଶ୍ୱର ମନ୍ଦିର ମାଉସୀ ମା ମନ୍ଦିରରେ ପହଞ୍ଚିଛନ୍ତି। ୧୩ ତାରିଖରୁ ବାହାରି ଥିବା ରୁକୁଣାରଥ ରବିବାର ସୂର୍ଯ୍ୟାସ୍ତ ହୋଇଯିବାରୁ ରଥଟଣା ବନ୍ଦ ହୋଇଯିବାରୁ ରଥଦାଣ୍ଡର ଅସୁର କିଆରୀ ନିକଟରେ ଅଟକି ରହିଥିଲା। ସୋମବାର ଅପରାହ୍ଣ ୩ଟା ୧୫ମିରୁ ପୁନଃ ରଥଟଣା ଆରମ୍ଭ ହୋଇଥିଲା। ମାତ୍ର ୪୦ମିନିଟ୍‌ରେ ରଥ ମାଉସୀ ମା' ନିକଟରେ ପହଞ୍ଚି ଯାଇଥିଲା। ସେଠାରୁ ସେବାୟତମାନେ ଶ୍ରୀ ଜୀଉଙ୍କୁ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପହଣ୍ଡି କରାଇଥିଲେ। ଅପରାହ୍ଣ ୫ଟାରେ ପହଣ୍ଡିରେ ଆସି ଠାକୁର ଶ୍ରୀରାମେଶ୍ୱର ମନ୍ଦିରରେ ଥିବା ସ୍ୱତନ୍ତ୍ର ସିଂହାସନରେ ଅବସ୍ଥାନ କରିଥିଲେ। ପରେ ଠାକୁରଙ୍କୁ ଦର୍ଶନ କରିବାପାଇଁ ଶ୍ରଦ୍ଧାଳୁମାନଙ୍କ ଲମ୍ବାଧାଡ଼ି ଲାଗିରହିଥିଲା। ଅନ୍ୟପଟେ ରାମେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିର ପରିସରରେ ଅଷ୍ଟପ୍ରହରୀ, ଯଜ୍ଞ, କୀର୍ତ୍ତନ ଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମନ୍ଦିର ପରିସର ଭକ୍ତିମୟ ହୋଇ ଉଠିଥିଲା।

### ଅଭିମାନିନୀ ମା' ପାର୍ବତୀ ରୋଷରେ ଭାଙ୍ଗିଲେ ରଥ

ଶ୍ରୀଲିଙ୍ଗରାଜ ମହାପ୍ରଭୁ ରୁକୁଣା ରଥଯାତ୍ରାରେ ଭଉଣୀ ରୁକୁଣାଦେବୀଙ୍କ ଧରି ରାମେଶ୍ୱର ଆସିଥିଲେ। ସୋମବାର ମନ୍ଦିରରେ ସନ୍ଧ୍ୟା ଦୀପ ପରେ ଅଭିମାନିନୀ ମା' ପାର୍ବତୀ ରାଗ ତମ ତମ ହୋଇ ରମେଶ୍ୱର ବାହାରି ଥିଲେ। ପୌରାଣିକ କଥାବସ୍ତୁ ଅନୁଯାୟୀ ମା' ପାର୍ବତୀ ସୁସଜ୍ଜିତ ପାଲିଙ୍କିରେ ନିଜକୁ ଲୁଚାଇ ରାମେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ପାଲିଙ୍କିରେ ଅବସ୍ଥାନ ସମୟରେ ଲିଙ୍ଗରାଜଙ୍କ ପକ୍ଷରୁ ଜଣୈକ ସେବାୟତ ଏବଂ ମା' ପାର୍ବତୀଙ୍କ ପକ୍ଷରୁ ଜଣୈକ ସେବାୟତଙ୍କ ମଧ୍ୟରେ ହୋଇଥିଲା ବଚନୀକା। କାହିଁକି ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ତାଙ୍କୁ ରଥରେ ଆଣି ନ ଥିଲେ ତାହାର କୈଫିୟତ ସେ ମାଗିଥିଲେ। ତେବେ ମହାପ୍ରଭୁ କହିଥିଲେ, ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସହ ଦେବତାମାନେ ରହିଥିବାରୁ ତୁମକୁ ନେବାପାଇଁ ଉଚିତ୍ ମନେକଲି ନାହିଁ। ଆସନ୍ତା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେବାକୁ ଥିବା ମୋର ୨୨ଦିନିଆ ଚନ୍ଦନଯାତ୍ରାରେ ତୁମକୁ ସାଙ୍ଗରେ ନେବି। ପରେ ମା' ପାର୍ବତୀ ରାଗରେ ସେଠାରୁ ଫେରି ଆସିଥିଲେ। ବାଟରେ ରହିଥିବା ରୁକୁଣା ରଥରୁ ପଟା ଖଣ୍ଡେ ଭାଙ୍ଗି ଦେଇ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

# ମହିଳା ଡାକ୍ତରଙ୍କଠାରୁ ୩୦ହଜାର ଟଙ୍କା ଲୁଟ୍

### ସିସିଟିଭି ଫୁଟେଜରେ ଅଭିଯୁକ୍ତଙ୍କ ଫଟୋ

**କଟକ ରୋଡ,୧୫।୪(ଡି.ଏନ୍.ଏ.)**

ରାଜଧାନୀରେ ମାତିଛନ୍ତି ଲୁଟେରା ଗ୍ୟାଙ୍ଗ। କମିଶନରେଟ ପୋଲିସର ଅପରାଧ ଦମନ ବ୍ୟବସ୍ଥାକୁ ବାରମ୍ବାର ଆଖିଠାର ମାରି ଉଡାଇ ଦେଉଛନ୍ତି ଅପରାଧି। ଏଭଳି ଘଟଣାକ୍ରମେ ସୋମବାର ବଡ଼ଗଡ଼ ଥାନା ଅଞ୍ଚଳରେ ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ସେ ହେଲେ ଡା. ପଦ୍ମଜା ମିଶ୍ର। ପୂର୍ବାହ୍ଣ ପ୍ରାୟ ୧୧ଟା ରେ ପଦ୍ମଜା ତାଙ୍କ ପୁଅର ରାମ ମନ୍ଦିର ନିକଟରେ ଥିବା ଏକ କୋଚିଂ ସେଣ୍ଟରରେ ନାମ ଲେଖାଇବାକୁ ଯାଇଥିଲେ। ସେଣ୍ଟର କର୍ତ୍ତୃପକ୍ଷ ତାଙ୍କୁ ଏକ ଟାବଲେଟ କିଣିବା ପାଇଁ ପରାମର୍ଶ ଦେବା ପରେ ସେ ବଡ଼ଗଡ଼ ଥାନା ଅଧୀନ କେଦାରଗୌରୀ ଆପାର୍ଟମେଣ୍ଟସ୍ଥିତ ଘରକୁ ଫେରିଥିଲେ। ପରେ ପଦ୍ମଜା ଏକ ସ୍କୁଟି (ଓଆର ୦୨ପି ୯୭୪୬)ରେ ଘରୁ ୩୦ହଜାର ଟଙ୍କା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରନେଇ ଯାଉଥିବା ବେଳେ ରବି ଟକିଜ ଛକ-ଭୁବନେଶ୍ୱର କୋର୍ଟ ମଝି ରାସ୍ତାରେ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଡାକ୍ତରାଣୀଙ୍କ ଟଙ୍କା ବ୍ୟାଗ ନେଇ ଚମ୍ପଟ ମାରିଥିଲେ। ଲୁଟେରା ଦ୍ୱୟ ବଡ଼ଗଡ଼ ଥାନା ଅଧୀନ ଗଧିଆଖାଲ ବସ୍ତି ଆଡକୁ ପଳାଇଥିବା ପଦ୍ମଜା ପୋଲିସକୁ କହିଛନ୍ତି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତଙ୍କ ଫେରାର ସମୟର ଏକ ସିସିଟିଭି ଫୁଟେଜ ସଂଗ୍ରହ କରି ସେମାନଙ୍କୁ ଚିହ୍ନଟ କରିବା ଆରମ୍ଭ କରିଛି। ଏନେଇ ଥାନାରେ ମାମଲା(ନଂ.୧୦୦/୧୯)ରୁଜୁ ହୋଇଛି।



# ୧୮ରେ ନୀତି ସବ୍ କମିଟି ବୈଠକ

### ଚୂଡ଼ାନ୍ତ ହେବ ଚନ୍ଦନ ଯାତ୍ରା ନୀତି

**ପୁରୀ ଅଫିସ,୧୫।୪**

ଆସନ୍ତା ମେ ୭ତାରିଖରେ ଅକ୍ଷୟ ତୃତୀୟା। ଏହି ପବିତ୍ର ତିଥିରୁ ଆରମ୍ଭ ହେବ ଚନ୍ଦନ ଯାତ୍ରା। ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ତେଣୁ ଆସନ୍ତା ୧୮ତାରିଖରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ନୀତି ସବ୍ କମିଟି ବୈଠକରେ ଚନ୍ଦନ ଯାତ୍ରାର ନୀତିନିର୍ଘଣ୍ଟ କରାଯିବ। ଏଥିରେ ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିବେ। ନୀତି ସବ୍ କମିଟି ବୈଠକ ପରେ ମହାରଣା ସେବକଙ୍କ ସହ ମୁଖ୍ୟ ପ୍ରଶାସକ ଆଲୋଚନା କରିବେ। ଏଥିସହ ଏହିଦିନ ବଢ଼ୁ ସୁଆର, ବିମାନ ବଢ଼ୁ ଓ ମହାଜନ ସେବକଙ୍କ ସହ ମୁଖ୍ୟ ପ୍ରଶାସକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ଚନ୍ଦନ ଯାତ୍ରାକୁ ଠିକ୍ ସମୟରେ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ବୈଠକରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ପିୟୁ ପେଣ୍ଟିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ନଂ.୧୧୦-୦୬-ପିୟୁ ପେଣ୍ଟ-ଏଚ୍‌ଏଚ୍‌ପି ତାରିଖ: ୧୧।୦୪।୨୦୧୯

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର୍ ଡିଏମ୍‌ଇ (ଡି)/ଡିଏଲ୍‌ଏସ୍/ରାୟପୁର ନିମ୍ନଲିଖିତ କାର୍ଯ୍ୟର ନିର୍ବାହ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି।

ଟେଣ୍ଡର ବିଜ୍ଞପ୍ତି ନଂ.: ୧୧୦-୦୬-ପିୟୁ-ପେଣ୍ଟ-ଏଚ୍‌ଏଚ୍‌ପି

କାର୍ଯ୍ୟର ନାମ: ଡିଏଲ୍‌ଏସ୍/ରାୟପୁରର ୪୬ ଗୋଟି ଏଚ୍‌ଏଚ୍‌ପି ଲୋକୋମୋଟିଭ୍‌ର ପଲି ୟୁରିଥେନ୍ ପେଣ୍ଟିଂ (ପିୟୁ ପେଣ୍ଟିଂ)।

ଟେଣ୍ଡର ମୂଲ୍ୟ: ₹୭୪,୪୪,୮୨୪/-,

ଇଏମ୍‌ଡି: ₹୧,୪୮,୯୦୦/-,

ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୫,୦୦୦/-

ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୧୦।୦୫।୨୦୧୯ରିଖ ୧୫.୩୦ ଘଟିକା।

ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫର୍‌କୁ ନାକଚ କରିଦିଆଯିବ। ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର୍ ଡିଏମ୍‌ଇ (ଡି)/ଡିଏଲ୍‌ଏସ୍/ଏସ୍‌ଇସିଆର୍/ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର୍ (ଡି)
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁର
PR/R/(DLS/R)/HL/05
ସ୍ୱଚ୍ଛ ଭାରତ ଅଭିଯାନ

**ପୂର୍ବ ତଟ ରେଳପଥ**

**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONHQBBS2019015, ତା: 11.04.2019

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ନୂତନ B.G. ରେଳ ଲିଙ୍କ ପ୍ରକଳ୍ପର କି.ମି. 237.200 ରୁ କି.ମି. 238.400 ମଧ୍ୟରେ ଥିବା ତେଲ୍ ନଦୀ ଉପରେ ବ୍ରିଜ୍ ସଂ. 677 (17 x 45.70 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର) ଏବଂ SH-41 ଉପରେ ବଡ଼ ବ୍ରିଜ୍ ସଂ. 675 (1x30.50 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର)ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2326.09ଲକ୍ଷ, EMD : ₹ 13,13,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 24(ଚବିଶି)ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା 03.05.2019ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-08/CC/19-20

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MCSW/TECH/Sale-Zero Value Scrap/2019-20/04, ତା: 10.04.2019

କାର୍ଯ୍ୟର ନାମ : ରେଳ ଡ୍ୱବା ମରାମତି କାରଖାନା, ମଞ୍ଚେଶ୍ୱରର ମନୋନୀତ ଅଞ୍ଚଳରୁ ଅଳ୍ପ ମୂଲ୍ୟ / ଶୂନ୍ୟ ମୂଲ୍ୟର ସ୍କ୍ରାପ୍ ସହିତ ମିଶିଯାଇଥିବା ଆବର୍ଜନାକୁ ବିକ୍ରୟ ଭିତ୍ତିରେ ଶ୍ରେଣୀଭୁକ୍ତ କରିବା / ପୃଥକ୍କୀକରଣ ଏବଂ ଅପସାରଣ।

ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹34,27,543.00, EMD (ଟଙ୍କାରେ) : ₹ 68,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): ₹ 3,000.00, ଠିକା ଅବଧି: କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 01 (ଏକ) ବର୍ଷ

ଟେଣ୍ଡର କାଗଜପତ୍ର ବିକ୍ରୟ ହେବାର ତାରିଖ ଓ ସମୟ : ତା 18.04.2019 ରିଖ ଠାରୁ ତା 20.05.2019 ରିଖ 1200 ଘ. ପର୍ଯ୍ୟନ୍ତ, ଟେଣ୍ଡର ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ସମୟ : ତା 20.05.2019 ରିଖ 1500 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ : ତା 20.05.2019 ର 1530 ଘ.ରେ

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ମୁଖ୍ୟ କାରଖାନା ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ରେଳଡ୍ୱବା ମରାମତି କାରଖାନା, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର -751017


ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.eastcoastrail.indianrailways.gov.in । ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ତଥା ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।

ଡେପୁଟି ଚିଫ୍ ମେକାନିକାଲ୍ ଇଞ୍ଜିନିୟର (POH), ରେଳଡ୍ୱବା ମରାମତି କାରଖାନା, ମଞ୍ଚେଶ୍ୱର
PR-31/K/19-20

CLASSIFIED DISPLAY

ORANE INTERNATIONAL SCHOOL OF BEAUTY & WELLNESS
ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ବିୟୁଟି ସ୍କୁଲର ଶିକ୍ଷାରମ୍ଭ
ଆଡଭାନ୍ସ ଡିପ୍ଲୋମା
ହେୟାର • ବିୟୁଟି • ମେକ୍‌ଅପ୍
କମ୍ପାନୀ ଦ୍ୱାରା ୪୦% ପର୍ଯ୍ୟନ୍ତ ରିହାତି (For limited seats only)
UK ର ସବୁଠାରୁ ବଡ ବିୟୁଟି ସଂସ୍ଥା CIBTAC ତଥା CIDESCO, ଜ୍ୟୁରିକ୍ ସୁଇଜରଲାଣ୍ଡରୁ ମାନ୍ୟତାପ୍ରାପ୍ତ
Awarded WORLD's GREATEST BRANDS & LEADERS in Skill Training
*Conditions apply
Call: 73288-24255 / 73288-24260
Santosh Plaza, 3rd Floor, Plot No.5, Janapath, Satya Nagar, Bhubaneswar

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଧାନ ମନ୍ଦିର ଅନ୍ନପୂର୍ଣ୍ଣା ଉତ୍ସବ

ପୁରୀ ଅଫିସ,୧୫।୪ : ପୁରୀସ୍ଥିତ ଧାନ ମନ୍ଦିର ଆନୁକୂଲ୍ୟରେ ଚାଲିଥିବା ଅନ୍ନପୂର୍ଣ୍ଣା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଜଜ୍ ଅମ୍ବୁଜ ମୋହନ ଦାଶ, ସମ୍ମାନିତ ଅତିଥି ଭାବେ ପ୍ରଫେସର ହରିହର ହୋତା, ଟାଟା କ୍ରିଟିକାଲ କେୟାର ମେଡିକାଲର ମୁଖ୍ୟ ଡା. ଜଗନ୍ନାଥ ଆଚାର୍ଯ୍ୟ ଯୋଗଦେଇ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଚାରୁନର୍ତ୍ତନ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ତିନିଦିନିଆ ଉତ୍ସବର ପ୍ରଥମ ଦିବସରେ ଶିକ୍ଷାବ୍ରତ, ଦ୍ୱିତୀୟ ଦିବସରେ ନରନାରାୟଣ ସେବା ଓ ଶେଷ ଦିନରେ ଅନ୍ନପୂର୍ଣ୍ଣା ପୂଜା ହୋଇଥିଲା। ଧାନ ମନ୍ଦିରର ସଭାପତି କନକ ଦତ୍ତ, ସମ୍ପାଦକ ଦେବବ୍ରତ ସରକାର, ଉପସଭାପତି ଦୀନେଶ ସାକସେରିଆ, ଇଂ. ଦିଲୀପ କୁମାର ପଟ୍ଟନାୟକ, ସାମାଜିକ କର୍ମୀ ଲଳିତେନ୍ଦୁ ଦାସ, ସୁମନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁଚରଣ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୮ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

### ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ଭାଜପାର ଆହ୍ୱାନ

କଣାସ, ୧୫।୪(ଡି.ଏନ୍.ଏ./ସ୍ୱ.ପ୍ର.): କଣାସ ମଣ୍ଡଳ ଭାଜପା ପକ୍ଷରୁ ଜଙ୍କିଆ ମେଳଣ ପଡ଼ିଆରେ ସୋମବାର ଖବରଦାତା ସମ୍ମିଳନୀ କରାଯାଇଥିଲା। ବରିଷ୍ଠ ଭାଜପା ନେତା କୃଷ୍ଣଚନ୍ଦ୍ର ଜଗଦ୍ଦେବ ଚଳିତ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରାଯିବା ଉପରେ ଗଣମାଧ୍ୟମ ଜରିଆରେ ନିର୍ବାଚନ କମିଶନରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଶାସକ ଦଳ ପ୍ରଶାସନକୁ ପ୍ରଭାବିତ କରିବାର ସେ ଆଶଙ୍କା କରିଛନ୍ତି । ଏହି ଅବସରରେ ରାଜ୍ୟର ଲୋକମାନେ ସରକାରଙ୍କୁ ପରିବର୍ତ୍ତନ କରିବା ପାଇଁ ସ୍ଥିର କରିଥିବା କହିଥିଲେ। ଭାଜପାର ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ଯୋଗ ଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଗୋବିନ୍ଦ ଚନ୍ଦ୍ର ସାହୁ, ଶୁଶୀଲକାନ୍ତ ରାଉତ, ନିରଞ୍ଜନ ମଙ୍ଗରାଜ, ବିଶ୍ୱଜିତ ବଡଜେନା, କଣାସ ମଣ୍ଡଳ ସଭାପତି ପ୍ରତାପ ଦାସ, ଭଗବାନ ସୁବୁଦ୍ଧି, ଲତାମଣି ଜଗଦ୍ଦେବ ଓ ବ୍ରଜେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ।

### ବିଦ୍ୟାଳୟସ୍ତରୀୟ ଚେସ୍

ପୁରୀ ଅଫିସ, ୧୫।୪: ପୁରୀ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୭ତମ ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ସେବା ସମିତି ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମିନି ଗ୍ରୁପ୍ (୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ)ର ଗାୟତ୍ରୀ ସାହୁ ୬ପଏଣ୍ଟ ପାଇ ଚାମ୍ପିୟନ ଏବଂ ସୌମ୍ୟାଶ୍ରୀ ସାହୁ ୫ପଏଣ୍ଟ ପାଇ ରନର୍ସ ଅପ୍ ଟାଇଟଲ ହାସଲ କରିଛନ୍ତି। ସେହିପରି ସବ୍ ଜୁନିୟର ଗ୍ରୁପ୍ (୬ଷ୍ଠରୁ ୮ମ)ରେ ୫.୧ ପଏଣ୍ଟ ପାଇ ଶୁଭମ ପରିଡ଼ା ଚାମ୍ପିୟନ ଏବଂ ପ୍ରଶାନ୍ତ ମଲିକ ୫ପଏଣ୍ଟ ପାଇ ରନର୍ସ ଅପ୍ ହୋଇଛନ୍ତି। ଜୁନିୟର ଗ୍ରୁପ୍ (୮ମରୁ ୧୦ମ)ରେ ୪.୫ ପଏଣ୍ଟ ପାଇ ସାଇସ୍ୱଦେଶ ମହାନ୍ତି ଚାମ୍ପିୟନ ଏବଂ ୪ପଏଣ୍ଟ ପାଇ ଆଲୋକଜିତ ସାହୁ ରନର୍ସ ଅପ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ଉପସଭାପତି ଡ. ଶ୍ରୀନିବାସ ଆଚାର୍ଯ୍ୟ ମୁଖ୍ୟ ଅତିଥି, କ୍ରୀଡ଼ାବିତ୍ ଅନିଲ ଗୋଛିକାର, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ, ଇଂ. ହରିନାରାୟଣ ପ୍ରତିହାରୀ, ପୁରୀ ସେବା ସମିତି ସମ୍ପାଦକ ଇପ୍‌ସିତ ପ୍ରତିହାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିମଳ ପ୍ରସାଦ ମହାନ୍ତି, ଶ୍ୟାମଲ କୁଣ୍ଡୁ, ଆର୍ବିଟର ଜ୍ୟୋତି ନନ୍ଦ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ବିଭାଗ ମଧ୍ୟରେ ରହୁନି ସମନ୍ୱୟ

- ହଇରାଣ ହେଉଛନ୍ତି ଲୋକେ
- ରାସ୍ତାରୁ ଫୁଟେ ଉଚ୍ଚରେ ମ୍ୟାନ୍‌ହୋଲ
- କାମ ବନ୍ଦ କଲା ସ୍ୱେରେଜ ବୋର୍ଡ

ପୁରୀ ଅଫିସ,୧୫।୪:

ପୁରୀ ଜିଲାରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁନି। ଗୋଟିଏ ବିଭାଗର କୌଣସି କାମ ସହ ଅନ୍ୟ ଏକ ବିଭାଗର ଲିଙ୍କ୍ ରହୁଥିଲେ ମଧ୍ୟ ଉଭୟ ବିଭାଗ ମଧ୍ୟରେ ଆଲୋଚନା ହେଉନାହିଁ। ଏପରିକି ଗୋଟିଏ ବିଭାଗ କାମ କଲେ ଅନ୍ୟ ବିଭାଗର କ'ଣ କ୍ଷତି ଘଟିବ ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଫଳରେ ଏକାଧିକ ପ୍ରକଳ୍ପ ଭଙ୍ଗାଗଢା ଚାଲିଛି। ବିଗତ ଦିନରେ ଏମିତି ଅନେକ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ପରିଲକ୍ଷିତ ହୋଇଥିବାବେଳେ ସୋମବାର ପୁଣି ଏକ କାମକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ପାର୍ଶ୍ୱରେ ସ୍ୱେରେଜ ବୋର୍ଡ ରାସ୍ତାଠୁ ପ୍ରାୟ ୧ଫୁଟ ଉଚ୍ଚରେ ମ୍ୟାନହୋଲ ତିଆରି କରୁଥିବାବେଳେ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ କାମ ବନ୍ଦ କରି ଦିଆଯାଇଛି।

ନବକଳେବରର ସମୟରେ ପୁରୀ ସହରର ବିଭିନ୍ନ ରାସ୍ତାଘାଟ କାମ କରାଯାଇଥିଲା। ତେବେ ବିଭାଗଗୁଡ଼ିକ ମଧ୍ୟରେ ଆବଶ୍ୟକ ସମନ୍ୱୟ ଅଭାବରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ ହୋଇଥିବା ରାସ୍ତାକୁ ଏବେ ଖୋଳିବାକୁ ପଡୁଛି। ପ୍ରଶାସନିକ ଅପାରଗତା ଯୋଗୁ ରାସ୍ତା ତଳେ ସ୍ୱେରେଜ ମ୍ୟାନହୋଲଗୁଡ଼ିକ ପୋତି ହୋଇଯାଇଥିଲା। ପୂର୍ତ୍ତ ବିଭାଗ ଏବଂ ପୌରସଂସ୍ଥା ତରଫରୁ ମ୍ୟାନହୋଲ ଉପରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ଫଳରେ ପରବର୍ତ୍ତୀ ସମୟରେ ଜଳ ନିଷ୍କାସନ ଠିକ୍ ଭାବେ ହୋଇପାରି ନ ଥିଲା। ଏ ନେଇ ସ୍ୱେରେଜ ବୋର୍ଡକୁ ସମାଲୋଚନା ହେବାକୁ ପଡ଼ିବାରୁ ଏବେ ରାସ୍ତା ଖୋଳାଯାଇ ମ୍ୟାନହୋଲଗୁଡ଼ିକ ଚିହ୍ନଟ କରାଯିବା ସହ ସେଗୁଡ଼ିକୁ ଉଚ୍ଚା କରାଯାଉଛି। ରାସ୍ତା ଖୋଳା ହେବା ଯୋଗୁ ସହରବାସୀ ହଇରାଣ ହେବା ସହ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ ହେଉଛି। ପିକେଡିଏ ଛକରୁ ଟାଉନହଲ୍ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତା ପାର୍ଶ୍ୱରେ ସ୍ୱେରେଜ ବୋର୍ଡ ପକ୍ଷରୁ ସୋମବାର ଅପରାହ୍ନରେ ମ୍ୟାନହୋଲଗୁଡ଼ିକୁ ପ୍ରାୟ ୧ଫୁଟରୁ ଅଧିକ ଉଚ୍ଚା କରାଯାଉଥିବା ଦେଖିବାକୁ ମିଳିଥିଲା। ଏଭଳି ଭାବେ ୭/୮ଟି ମ୍ୟାନହୋଲ ଉଚ୍ଚା କରାଯାଇଛି। ଏହା ଗାଡ଼ି ଚଳାଚଳରେ ବାଧା ସୃଷ୍ଟି କରିବା ସହ ଦୁର୍ଘଟଣା ଘଟିବାର ଆଶଙ୍କା କରି ସହରର କିଛି ବୁଦ୍ଧିଜୀବୀ ସ୍ୱେରେଜ ବୋର୍ଡକୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ସ୍ୱେରେଜ ବୋର୍ଡ ନିର୍ବାହୀ ଅଧିକାରୀ ପି. କେ. ଦେଓ କହିଛନ୍ତି, ପୂର୍ତ୍ତ ବିଭାଗ ରାସ୍ତା ଉଚ୍ଚା କରିବ ବୋଲି କହିବାରୁ ଆମେ ଏହି କାମ ଆରମ୍ଭ କରିଥିଲୁ। କିନ୍ତୁ ଏହାଦ୍ୱାରା ଲୋକଙ୍କ ଯାତାୟାତରେ ଅସୁବିଧା ହେବ ବୋଲି ଜଣାପଡିବା ପରେ ବର୍ତ୍ତମାନ କାମ ବନ୍ଦ କରିଦିଆଯାଇଛି। ରାସ୍ତା ଉଚ୍ଚା ହେବା ପରେ ଏହି କାମ କରାଯିବ। ତେବେ ପୂର୍ତ୍ତ ବିଭାଗ ଓ ପୌରସଂସ୍ଥା ରାତାରାତି ରାସ୍ତା କାମ କରି ମ୍ୟାନହୋଲକୁ ପୋତି ଦେଉଛନ୍ତି। ପାଣି ନିଷ୍କାସନ ନ ହୋଇ ଭାସିଲେ ଲୋକେ ପାଟି କରୁଛନ୍ତି। ଏଥିରେ ଆମେ କଣ କରିବୁ। ଏ ନେଇ ଉଭୟ ପୂର୍ତ୍ତ ବିଭାଗ ଏବଂ ପୌରସଂସ୍ଥା ସହ ଆଲୋଚନା ହୋଇଛି। ସେମାନେ କୌଣସି ରାସ୍ତା ମରାମତି କରିବା ପୂର୍ବରୁ ଆମ ସହ ଆଲୋଚନା କରିବେ। ଫଳରେ ମ୍ୟାନହୋଲକୁ ଠିକ୍ ଭାବେ ରଖାଯାଇପାରିବ ବୋଲି ଦେଓ ପ୍ରକାଶ କରିଛନ୍ତି।



କଲେଜ ରୋଡ୍‌ରେ ମ୍ୟାନ୍‌ହୋଲ୍ ।

# ହିଙ୍ଗୁଳାଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ବ୍ରହ୍ମଗିରି, ୧୫।୪(ଡି.ଏନ୍.ଏ.)

ବ୍ରହ୍ମଗିରି ସ୍ଥିତ ମାତଲାପୁର ଗ୍ରାମରେ ଅଗ୍ନି ସ୍ୱରୂପିଣୀ ମା'ହିଙ୍ଗୁଳାଙ୍କ ପୀଠରେ ହିଙ୍ଗୁଳା ଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ରବିବାରଠାରୁ ଆରମ୍ଭ ହୋଇଛି। ଏହା ୬ ଦିନ ଧରି ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ୨୦ଜଣ ବୈଦିକ ପଣ୍ଡିତଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପାଦିତ ହେବ। ପ୍ରତ୍ୟହ ନାମ ସଂକୀର୍ତ୍ତନ ସହ ଚଣ୍ଡୀପାଠ ଓ ଷୋଡ଼ଶ ଉପଚାରରେ ଅନ୍ୟାନ୍ୟ ରୀତି ନୀତି ସମ୍ପାଦିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଓଡ଼ିଶାର କଳା ସଂସ୍କୃତିକୁ ନେଇ ଭକ୍ତି ଭଜନ, ଲୋକନୃତ୍ୟ, ସଙ୍ଗୀତ ପରିବେଷଣର କାର୍ଯ୍ୟକ୍ରମ ରହିଛି । ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି । ପୂର୍ଣ୍ଣାହୁତି ଦିନ ଭକ୍ତମାନଙ୍କ ପକ୍ଷରୁ ଅଗ୍ନି ସ୍ୱରୂପିଣୀ ମା' ହିଙ୍ଗୁଳାଙ୍କ ଶୁଭାଶିଷ ଓ ମାନସିକ ପୂରଣ ପାଇଁ ପ୍ରତିବର୍ଷ ପରି ଚଳିତ ବର୍ଷ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସମସ୍ତ ସୁରକ୍ଷା ସହ ବାଣ ଫୁଟିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେ ସମୟରେ ଅଞ୍ଚଳ ବିପଦ ମୁକ୍ତ ରଖିବା ପାଇଁ ଅଗ୍ନିଶମ ବିଭାଗ ଓ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ପୋଲିସ ପ୍ରଶାସନ ସ୍ୱତନ୍ତ୍ର ଭାବେ ନଜର ରଖିବା ବ୍ୟବସ୍ଥା କରାଯାଇଛି। ଏହା ସହ ଭକ୍ତଙ୍କ ସୁବିଧା ଦର୍ଶନ, ପ୍ରସାଦ ସେବନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଠିକ ରହିବ ସେ ନେଇ ବ୍ୟବସ୍ଥା ହୋଇଥିବା ଗ୍ରାମ୍ୟ କମିଟି ମୁଖ୍ୟ କାଶୀନାଥ ନାୟକ, ରାଜେନ୍ଦ୍ର କୁମାର ପଲାଇ, ସଚ୍ଚିକାନ୍ତ ମହାନ୍ତି, ଭାସ୍କର ସାହୁ, ଦୁଖୀଶ୍ୟାମ ସାହୁ, ମନୋରଞ୍ଜନ ରାୟ ପ୍ରମୁଖ ଜଣାଇଛନ୍ତି।

# ଚୋରା ବାଇକ୍ ସହ ଯୁବକ ଅଟକ

ବ୍ରହ୍ମଗିରି, ୧୫।୪(ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ଗଡକୋଲ ଗ୍ରାମରୁ ରବିବାର ରାତିରେ ପୋଲିସ ଏକ ଚୋରା ବାଇକ୍ ସହ ଚାଳକଙ୍କୁ ଆଣି ଥାନାରେ ଅଟକ ରଖିଛି । ଗଡକୋଲ ଗ୍ରାମରେ ଏକ ଗଣ୍ଡଗୋଳ ହୋଇଥିଲା । ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ପହଞ୍ଚି ଗଣ୍ଡଗୋଳରେ ସଂପୃକ୍ତ ଥିବା ଯୁବକ ଏବଂ ବାଇକକୁ ଜବତ କରିଥିଲା । ଗାଡିର କୌଣସି କାଗଜ ପତ୍ର ନ ଥିବାରୁ ଯୁବକ ସହ ଗାଡିଟିକୁ ଥାନାରେ ଅଟକ ରଖାଯାଇଛି। ଏ ନେଇ ଥାନାଧିକାରୀ ମନୋଜ କୁମାର ଶତପଥୀ କୁହନ୍ତି, ଗାଡି କାଗଜପତ୍ର ଯାଞ୍ଚ କରାଯାଉଛି। ତଥ୍ୟ ମିଳିନି। ତଥ୍ୟ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

■ ଶ୍ରୀମନ୍ଦିର ପାରମ୍ପରିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ପାରମ୍ପରିକ ସଙ୍ଗୀତରେ ଝୁମିଲେ ଦର୍ଶକ



ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ।

ପୁରୀ ଅଫିସ,୧୫।୪:

ଶ୍ରୀକ୍ଷେତ୍ର ହନୁମାନ ଜୟନ୍ତୀ କମିଟି ଆନୁକୂଲ୍ୟରେ ସିଂହଦ୍ୱାର ନିକଟରେ ଚାଲିଥିବା ଶ୍ରୀମନ୍ଦିର ପାରମ୍ପରିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସୋମବାର ପାରମ୍ପରିକ ସଙ୍ଗୀତରେ ଝୁମିଥିଲେ ଦର୍ଶକ। ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ପ୍ରଶାସକ (ଉନ୍ନୟନ) ବିଶ୍ୱନାଥ ସାହୁ ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର କଳା ପରିଷଦ ଅଧ୍ୟକ୍ଷ ପ୍ରଫେସର ରାମହରି ଦାସ ଯୋଗଦେଇ ପାରମ୍ପରିକ କଳା, ସଂସ୍କୃତି ଉଜ୍ଜୀବିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। କଣ୍ଠଶିଳ୍ପୀମାନେ ଶ୍ରୀମନ୍ଦିରର ବିଲୁପ୍ତ ସ୍ନାନ ଗୀତ, ଝୁଲଣ ଗୀତ, ମାଳଶ୍ରୀ, ଚନ୍ଦନ ଗୀତ, ବିବାହ ଗୀତ ପ୍ରଭୃତି ପରିବେଷଣ କରିଥିଲେ। ଏହି ଅବସରରେ ସଙ୍ଗୀତରେ ଉଲ୍ଲେଖନୀୟ ଅବଦାନ ପାଇଁ ରବୀନ୍ଦ୍ରନାଥ ମିଶ୍ରଙ୍କୁ ଶ୍ରୀକ୍ଷେତ୍ର କଣ୍ଠ, ମର୍ଦ୍ଦଳରେ ରବିନାରାୟଣ ଦାଶଙ୍କୁ ଶ୍ରୀକ୍ଷେତ୍ର ସୁରମଣି ଏବଂ ନୃତ୍ୟରେ ଅଭିରାମ ନନ୍ଦଙ୍କୁ ଶ୍ରୀକ୍ଷେତ୍ର ନୃତ୍ୟଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଇଂ. ବଳଦେବ ସିଂହାରୀ, ଚନ୍ଦ୍ରମାଧମ ପୂଜାପଣ୍ଡା, ଅମିତ କୁମାର ଦାସମହାପାତ୍ର ଓ ସୁଦର୍ଶନ ପୂଜାପଣ୍ଡା ସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଣାସ ୩ ନଂ ଜୋନରେ ବିଜେଡିର ପ୍ରଚାର

କଣାସ, ୧୫।୪(ଡି.ଏନ୍.ଏ.)

କଣାସରେ ଜମୁଛି ଭୋଟ ପ୍ରଚାର। ଗାଡି ସାଙ୍ଗକୁ ବାଇକ ରାଲି ଭୋଟରଙ୍କୁ ପ୍ରଭାବିତ କରୁଛି। ବିଜୁଜନତା ଦଳର ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ ୩ ନଂ ଜିଲାପରିଷଦ ଜୋନରେ ସୋମବାର ନିର୍ବାଚନ ପ୍ରଚାର କରିଛନ୍ତି। ନିଜ ସମର୍ଥକମାନଙ୍କ ସହ ବାଇକ ରାଲିରେ ଯାଇ ଭୋଟ ଭିକ୍ଷା କରିଛନ୍ତି। ନବୀନ ସରକାରଙ୍କ ସଫଳ ଯୋଜନାକୁ ବଖାଣିବା ସହ କାଳିଆ ଯୋଜନା ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ସ୍ଲୋଗାନ ଦେଇଥିଲେ। ବିଜୁଜନତା ଦଳର ବ୍ଲକ ସଭାପତି ସୁରେଶ କୁମାର ସାହୁଙ୍କ ନେତୃତ୍ୱରେ ସାହୁପଡା ପଞ୍ଚାୟତର ବାଲିପଡା ବଜାରଠାରୁ ବାଇକ ରାଲି ବାହାରିଥିଲା। ସାହୁପଡା, କାଦୁଆ, ଗୋପୀନାଥପୁର, ବଡାଲ, ଦେଇପୁର, ଗଡ ଖାରଦ, ବକୁ , ଶ୍ରୀ ମକୁନ୍ଦପୁରଠାରେ ରାଲି ଶେଷ ହୋଇଥିଲା। ଏମ୍‌ପି ପ୍ରାର୍ଥୀ ପିନାକୀ ମିଶ୍ର ଓ ବିଧାୟକ ପ୍ରାର୍ଥୀ ଉମା ସାମନ୍ତରାୟଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ।

■ ଜାତିଆଣ ଆକ୍ଷେପ, କାମରୁ ଛଟେଇ ଅଭିଯୋଗ

# ଥାନାରେ ଠିକା କର୍ମଚାରୀଙ୍କ ଏତଲା

ପୁରୀ ଅଫିସ, ୧୫।୪:

ଜାତିଆଣ ଆକ୍ଷେପ ଓ ବିନା କାରଣରେ କାମରୁ ଛଟେଇ କରାଯିବା ପ୍ରତିବାଦରେ ସୋମବାର ଠିକା ସଫେଇ କର୍ମଚାରୀମାନେ କୁମ୍ଭାରପଡା ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଜାଗୃତି ଠିକା ସଂସ୍ଥା ଅଧୀନରେ ୧୫ଜଣ ଠିକା କର୍ମଚାରୀ ନିୟୋଜିତ ଥିଲେ। ରାତିରେ ସେମାନେ ବଡଶଙ୍ଖଠାରୁ ମାଟିଆପଡା ଛକ ପର୍ଯ୍ୟନ୍ତ ସଫେଇ କରୁଥିଲେ। ଧାର୍ଯ୍ୟ ଦରମା ୧୦ହଜାର ଟଙ୍କା ଚୁକ୍ତି ଥିବା ସତ୍ତ୍ୱେ ସମ୍ପୃକ୍ତ ସଂସ୍ଥାର ଅଧିକାରୀ ବିଭିନ୍ନ ଆଳ ଦେଖାଇ ପ୍ରତି ମାସରେ ୭୫୦୦ଟଙ୍କା ଦେଇ ଅବଶିଷ୍ଟ ୨୫ଶହ ଟଙ୍କା ଲେଖାଏ ରଖି ଦେଉଥିଲେ। ଗତ ଦେଢ ମାସ ହେବ ସେ ମଜୁରି ଦେଇନାହାନ୍ତି। ରବିବାର ବିଳମ୍ବିତ ରାତିରେ ହଠାତ୍ ସଂସ୍ଥାର ମ୍ୟାନେଜର ମୋବାଇଲରୁ କଲ୍ କରି ଆମଙ୍କୁ କାମକୁ ବାହାର କରିଦେଇଛନ୍ତି। ଏହାର ପ୍ରତିବାଦ କରିବାରୁ ଜାତିଆଣ ଆକ୍ଷେପ କରିବା ସହ ଜେଲ ପୁରାଇଦେବାର ଧମକ ଦେଇଛନ୍ତି। ଏ ନେଇ ସଂସ୍ଥାର ମ୍ୟାନେଜର ସନ୍ତୋଷ ମହାନ୍ତିଙ୍କୁ ପଚାରିବାରେ ସେ ଜାତିଆଣ ଆକ୍ଷେପ ଓ ଧମକ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଅଣାଯାଇଥିବା କହିଛନ୍ତି। ସେହି ଠିକା କର୍ମଚାରୀମାନଙ୍କ କାମ ସନ୍ତୋଷଜନକ ନ ଥିଲା। ଏଣୁ ସେମାନଙ୍କୁ କାମରୁ ଛଟେଇ କରିବାକୁ କହିଥିଲି। ବଳକା ଟଙ୍କା ହିସାବ କରି ପରବର୍ତ୍ତୀ ସମୟରେ ଦିଆଯିବା ନେଇ ପ୍ରତିଶ୍ରୁତି ମଧ୍ୟ ଦେଇଥିଲି ବୋଲି ମହାନ୍ତି ପ୍ରକାଶ କରିଛନ୍ତି।



ଏତଲା ଦେବାକୁ ଆସିଥିବା ସଫେଇ ଠିକାକର୍ମଚାରୀମାନେ ।

# ୨୫ଗ୍ରାମରେ ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

ନିମାପଡ଼ା,୧୫।୪(ଡି.ଏନ୍.ଏ.):

ନିମାପଡ଼ାର ବିଧାୟକ ତଥା ବିଜେଡି ପ୍ରାର୍ଥୀ ସମୀର ରଞ୍ଜନ ଦାଶ ସୋମବାର ନିମାପଡ଼ା ବ୍ଲକର ଧନୁଆଁ, ଶାଇଁସଶାସନ ପଞ୍ଚାୟତର ଦେଖେତା, ଭୁଆଁ, ଗରପଦା, ହରିଶ୍ପୁର, ଶୁନୁଗୋରଡ, ବରିହାପଡ଼ା, ବଉଲପଦା, ଇଚ୍ଛାପୁର, ରଡବଜାର, ମଠସାହି, ଲୋକେଇ ଗୋରଡା, ବଣିଆସାହି, ଡିହସାହି, କଅଁରପୁର, ଭଗବତୀପୁର, ଶାଇଁସଶାସନ, ଦୁର୍ଗାପୁର, କାଶିପୁର, ତୋଟାପଡା, ତୋରିଆବନ୍ଧ ଆଦି ୨୫ଟି ଗ୍ରାମରେ ପ୍ରାୟ ୫ଶହ କର୍ମୀଙ୍କ ସହ ନିର୍ବାଚନ ପ୍ରଚାର କରିଛନ୍ତି। ଏହାସହ ବିଜେଡିକୁ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାକୁ ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମୀଙ୍କୁ ଦାଶ ଆହ୍ୱାନ ଦେଇଥିଲେ। ଏହି ନିର୍ବାଚନ ପ୍ରଚାରରେ ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ପରିଡା, ରାମଚନ୍ଦ୍ର ମିଶ୍ର, ବିଷ୍ଣୁଚରଣ ମହାନ୍ତି, ଏନଏସି ପୂର୍ବତନ ଅଧ୍ୟକ୍ଷ ସନାତନ ପ୍ରଧାନ, ବିଜେଡି ନେତା ଆମୁନି ରଥ, ଗଗନ ରଥଙ୍କ ସମେତ ଶତାଧିକ ମହିଳା ସାମିଲ ହୋଇ ପ୍ରାର୍ଥୀ ଦାଶଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ଦୁଇ ପଞ୍ଚାୟତର ୨୫ଟି ଗ୍ରାମରେ ପ୍ରାୟ ୩ଶହ ଦଳୀୟ କର୍ମୀଙ୍କ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଗ୍ରାମରେ ପ୍ରାର୍ଥୀ ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ବିଜେଡି ପ୍ରାର୍ଥୀ ସମୀର ରଞ୍ଜନ ଦାଶ ନିର୍ବାଚନ ପ୍ରଚାର କରୁଛନ୍ତି ।

■ ବ୍ୟାଙ୍କ କର୍ମଚାରୀଙ୍କ ଦୁର୍ବ୍ୟବହାର ପ୍ରତିବାଦ

# ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଲେ ମହିଳା

କୋଣାର୍କ, ୧୫।୪(ଡି.ଏନ୍.ଏ.)

କୋଣାର୍କ ଅର୍ବାନ ହାଟ ପରିସରରେ ଥିବା ୟୁକୋ ବ୍ୟାଙ୍କ ଶାଖାର ଜନୈକ ମହିଳା କର୍ମଚାରୀଙ୍କ ମହିଳାମାନଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ସୋମବାର ମହିଳାମାନେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ଦୀର୍ଘ ୫ଘଣ୍ଟା ପର୍ଯ୍ୟନ୍ତ ଅର୍କକ୍ଷେତ୍ର ବହୁମୁଖୀ ସମବାୟ ସମିତିର ଶତାଧିକ ମହିଳା ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିଥିଲେ। ସମିତିର ସମ୍ପାଦିକା ମିନର୍ଭା ରାଉତ ଏହାର ନେତୃତ୍ୱନେଇଥିଲେ। ୟୁକୋ ବ୍ୟାଙ୍କ କୋଣାର୍କ ଶାଖାରେ ସମିତିର ସଭ୍ୟାମାନେ ଜମାଖାତା ଖୋଲିବା ପାଇଁ ବାରମ୍ବାର ଆସି ନିରାଶ ହେବା ସହ ସେଠାରେ କାର୍ଯ୍ୟରତ ମହିଳା କ୍ଷେତ୍ର କର୍ମଚାରୀ ଓ ଶାଖା ପରିଚାଳକ ସେମାନଙ୍କୁ ଦୁର୍ବ୍ୟବହାର କରିବାରୁ ଏପରି ସ୍ଥିତି ଉପୁଜିଥିଲା। ଏ ସମ୍ପର୍କରେ ପୁରୀସ୍ଥିତ ବ୍ୟାଙ୍କର ପରିଚାଳକ, ୟୁକୋ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ, ପୁରୀ ଜିଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

ଖବର ପାଇ ଭୁବନେଶ୍ୱର ସ୍ଥିତ ୟୁକୋବ୍ୟାଙ୍କର ଆଞ୍ଚଳିକ ଶାଖା ପରିଚାଳକ ବିଜୟ କୁମାର ଜେନା, ୟୁକୋବ୍ୟାଙ୍କ କର୍ମଚାରୀ ସଂଘର ଓଡ଼ିଶା ଶାଖା ସମ୍ପାଦକ ଅଶୋକ କୁମାର ଦାଶ, ପୁରୀ ଅଗ୍ରଣୀ ବ୍ୟାଙ୍କର ପରିଚାଳକ ବ୍ରଜକିଶୋର ମହାନ୍ତି, ସିକ୍ୟୁରିଟି ଅଫିସର ଗୋବିନ୍ଦ ଚନ୍ଦ୍ର ସାହୁ ଓ କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ବ୍ୟାଙ୍କର ଶାଖା ପରିଚାଳକ ଓ ମହିଳା କ୍ଷେତ୍ର ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସାତଦିନ ମଧ୍ୟରେ ମହିଳା ସଦସ୍ୟାମାନଙ୍କ ଜମାଖାତା ଖୋଲାଯାଇ ନିୟମ ମୁତାବକ ଋଣ ପ୍ରଦାନ କରାଯିବ ବୋଲି ୟୁକୋ ବ୍ୟାଙ୍କର ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଶାଖା ପରିଚାଳକ ଜେନା ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।



ବ୍ୟାଙ୍କ ସମ୍ମୁଖରେ ମହିଳାମାନେ ଧାରଣାରେ ବସିଛନ୍ତି ।


**FORMAT C-1**

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011) (Public Interest Foundation & Ors. Vs. Union of India & Anr.)

Name and Address of candidate : **Sambit Patra**
Name of political party : **Bhartiya Janta Party**
(Independent candidates should write "Independent" here)
Name of Election : **Lok Sabha General Election, 2019**
*Name of Constituency : **Puri, Odisha**

I, **Sambit Patra** (Name of candidate), a candidate for the above mentioned election, declare for public information the following details about my criminal antecedents:

| Sl. No. | Pending criminal cases | | | Details about cases of conviction for criminal offences | |
|---|---|---|---|---|---|
| | Name of Court | Case No. and status of case | Section(s) of Acts concerned and brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | Chief Judicial Magistrate, Bhopal | Regular Trial No. 17734/18 Summon issued for appearance Case posted on 13.05.2019 | Under section 188 of I.P.C. (Disobedience to order duly promulgated by public servant) | N.A. | N.A |
| | Note: Proceeding in RT No. 17734/ 2018 has been stayed by the Hon'ble High Court at Jabalpur vide order dated 20.03.2019 passed in MCRC No. 5629/19 titled as Sambit Patra Vs. State of M.P. | | | | |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd/- Sambit Patra**